# ଧରିତ୍ରୀ DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୨୪/୨୦୨୪ (୧୨+୪=୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, March 24/2024 Page 16 ₹ 7.00 | SAMBALPUR

୫୦ଶ ଭାଗ ୧୨୧ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 50 ISSUE 121 ମୂଲ୍ୟ₹୭/-





ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ପକ୍ଷରୁ ଶନିବାର ଭୁବନେଶ୍ୱର ସ୍ୱସ୍ତି ପ୍ରିମିୟମଠାରେ ଆୟୋଜିତ 'ବିଜ୍‌ନେସ୍ ଏମିନେନ୍ସ ଆୱାର୍ଡ' ପ୍ରଦାନ କାର୍ଯ୍ୟକ୍ରମରେ ଉପସ୍ଥିତ ମୁଖ୍ୟ ଅତିଥି ତଥା ଆତିଥେୟତା ଶିଳ୍ପରେ ଅନ୍ତର୍ଜାତୀୟ ସ୍ତରର ବିଶିଷ୍ଟ ବ୍ୟକ୍ତିତ୍ୱ ସଲିଳ ପାଣିଗ୍ରାହୀ (ମଝି), ମୁଖ୍ୟ ବକ୍ତା ତଥା ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ମନୋଜ କୁମାର ମିଶ୍ର, ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀ। **(ଅଧିକ ଫଟୋ: ପୃଷ୍ଠା- ୧୪/୧୫)**

# ରାଷ୍ଟ୍ରପତିଙ୍କ ବିରୋଧରେ ସୁପ୍ରିମକୋର୍ଟ ଗଲା କେରଳ

**କେରଳ ବିଧାନସଭାରେ ୨୦୨୧ ଓ ୨୦୨୨ରେ ବିଭିନ୍ନ ବିଭାଗର ୭ଟି ବିଲ୍ ଗୃହୀତ ହୋଇଥିଲା। ରାଜ୍ୟପାଳ ଆରିଫ ମହମ୍ମଦ ଖାନ୍ ସେଗୁଡ଼ିକୁ ମଞ୍ଜୁରୀ ନ ଦେଇ ଅଟକାଇ ରଖିଛନ୍ତି। ସେଥିରୁ ୪ ବିଧେୟକକୁ ସେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ନିକଟକୁ ବିଚାର ପାଇଁ ପଠାଇଥିବାବେଳେ ସେଗୁଡ଼ିକ ମଧ୍ୟ ଅଟକିରହିଛି। ରାଜ୍ୟର ସିପିଆଇଏମ୍ ନେତୃତ୍ୱାଧୀନ ବାମ ଗଣତାନ୍ତ୍ରିକ ସାମ୍ମୁଖ୍ୟ (ଏଲ୍‌ଡିଏଫ୍) ସରକାର ଏହା ବିରୋଧରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ରାଷ୍ଟ୍ରପତି କୌଣସି କାରଣ ନ ଦର୍ଶାଇ ବିଲ୍‌ଗୁଡ଼ିକୁ ପକାଇ ରଖିବାକୁ ଅସାମ୍ବିଧାନିକ ଘୋଷଣା କରାଯାଉ ବୋଲି ରାଜ୍ୟ ସରକାର ଶୀର୍ଷ ଅଦାଲତଙ୍କୁ ନିବେଦନ କରିଛନ୍ତି।**

## ବିଲ୍‌କୁ ମଞ୍ଜୁରୀ ଦେବାରେ ବିଳମ୍ବ

**ନୂଆଦିଲ୍ଲୀ,୨୩।୩(ପି.ଟି.)**

କେରଳ ବିଧାନସଭାରେ ଗୃହୀତ ୪ ବିଲ୍‌କୁ ମଞ୍ଜୁରୀ ନ ଦେଇ ପକାଇରଖିଥିବାରୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ବିରୋଧରେ ରାଜ୍ୟ ସରକାର ସୁପ୍ରିମକୋର୍ଟରେ ପିଟିଶନ ଦାଏର କରିଛନ୍ତି। କେରଳର ସିପିଆଇ(ଏମ୍) ନେତୃତ୍ୱାଧୀନ ଏଲ୍‌ଡିଏଫ୍ ସରକାର ଏହି ମାମଲାରେ କେନ୍ଦ୍ର ସରକାର, ରାଷ୍ଟ୍ରପତିଙ୍କ ସଚିବ, କେରଳ ରାଜ୍ୟପାଳ ଅରିଫ ମହମ୍ମଦ ଖାନ୍ ଏବଂ ତାଙ୍କ ଅତିରିକ୍ତ ସଚିବଙ୍କୁ ପକ୍ଷଭୁକ୍ତ କରିଛନ୍ତି। ଆଇନଜୀବୀ ସି.କେ. ଶଶୀଙ୍କ ଜରିଆରେ ଦାଖଲ ହୋଇଥିବା ପିଟିଶନରେ କୁହାଯାଇଛି, କେରଳ ରାଜ୍ୟପାଳ ଖାନ୍ ୭ଟି ବିଲ୍‌କୁ ଅଟକାଇ ରଖିଛନ୍ତି। ୭ ବିଲ୍‌ରୁ କୌଣସି ଗୋଟିଏ ବି କେନ୍ଦ୍ର-ରାଜ୍ୟ ସମ୍ପର୍କ ସହ ଜଡ଼ିତ ନୁହେଁ। ରାଜ୍ୟପାଳ ବିଲ୍‌ଗୁଡ଼ିକୁ ୨ ବର୍ଷ ହେଲା ଅଟକାଇ ରଖିଥିବାରୁ ରାଜ୍ୟ ବିଧାନସଭା କାର୍ଯ୍ୟଧାରାକୁ ବିକୃତ କରିଛି ଏବଂ ଏହାର ଉପସ୍ଥିତି ପ୍ରଭାବହୀନ ହୋଇପଡ଼ିଛି। ସେଥିପାଇଁ ରାଜ୍ୟପାଳଙ୍କୁ ବେଆଇନ ଘୋଷଣା କରାଯାଉ ବୋଲି କେରଳ ସରକାର ପିଟିଶନରେ ନିବେଦନ କରିଛନ୍ତି।

ବିଲ୍‌ଗୁଡ଼ିକ ଜନସ୍ୱାର୍ଥ ସମ୍ବଳିତ, ଯାହା କାର୍ଯ୍ୟକାରୀ ହୋଇଥିଲେ ଲୋକଙ୍କ ମଙ୍ଗଳ ହୋଇଥାନ୍ତା। ତେବେ ରାଜ୍ୟପାଳ ସେଗୁଡ଼ିକୁ ଚାପିରଖି ଅପ୍ରଭାବୀ କରିଦେଇଛନ୍ତି। ଅନୁଚ୍ଛେଦ ୨୦୦ର ବ୍ୟବସ୍ଥା ଅନୁଯାୟୀ ଉକ୍ତ ବିଲ୍‌ଗୁଡ଼ିକ ଯଥାସମ୍ଭବ ଶୀଘ୍ର ମଞ୍ଜୁରୀ ପାଇବା ଆବଶ୍ୟକ। ୭ ବିଲ୍ ମଧ୍ୟରୁ ରାଷ୍ଟ୍ରପତିଙ୍କ ପାଖରେ ୪ଟି ବିଲ୍ ପଡ଼ିରହିଥିବା ଗତ ଫେବୃଆରୀ ୨୩ ଏବଂ ୨୯ରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଜଣାଇଥିଲା। ସେହି ବିଲ୍‌ଗୁଡ଼ିକ ହେଲା, ବିଶ୍ୱବିଦ୍ୟାଳୟ ଆଇନ(ସଂଶୋଧନ)(୨ ନମ୍ବର) ବିଲ୍, ୨୦୨୧, କେରଳ କୋ-ଅପରେଟିଭ୍ ସୋସାଇଟିଜ୍ (ସଂଶୋଧନ) ବିଲ୍, ୨୦୨୨, ବିଶ୍ୱବିଦ୍ୟାଳୟ ଆଇନ (ସଂଶୋଧନ) ବିଲ୍, ୨୦୨୨ ଏବଂ ବିଶ୍ୱବିଦ୍ୟାଳୟ ଆଇନ (ସଂଶୋଧନ) (୩ ନମ୍ବର) ବିଲ୍, ୨୦୨୨। କୌଣସି କାରଣ ନ ଦର୍ଶାଇ ବିଲ୍‌ଗୁଡ଼ିକୁ ☞ପୃଷ୍ଠା-୫

# ବିଶ୍ୱାସଭାଜନ ହେବା ଜରୁରୀ

**ଭୁବନେଶ୍ୱର, ୨୩।୩ (ଅସମାପିକା ସାହୁ)**

ବ୍ୟବସାୟରେ ସ୍ୱଚ୍ଛତା ଗୁରୁତ୍ୱ ବହନ କରେ। ସମସ୍ତଙ୍କର ବିଶ୍ୱାସଭାଜନ ହେବା ଜରୁରୀ। ଯଦି ଆମ ଚିନ୍ତାଧାରା ଠିକ୍ ଥିବ, ସମସ୍ତେ ଆମକୁ ପସନ୍ଦ କରିବେ। ନିରନ୍ତରତା ହେଉଛି ସର୍ବୋଚ୍ଚ ପ୍ରାଥମିକତା। ଏହାକୁ ବଜାୟ ରଖିଲେ ଆମେ ସଫଳତା ପାଇପାରିବା ବୋଲି କହିଛନ୍ତି ଆତିଥେୟତା ଶିଳ୍ପରେ ଅନ୍ତର୍ଜାତୀୟ ସ୍ତରର ବିଶିଷ୍ଟ ବ୍ୟକ୍ତିତ୍ୱ ସଲିଳ ପାଣିଗ୍ରାହୀ। ଭୁବନେଶ୍ୱରସ୍ଥିତ ସ୍ୱସ୍ତି ପ୍ରିମିୟମ୍‌ରେ ଶନିବାର 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ପକ୍ଷରୁ ଆୟୋଜିତ 'ବିଜ୍‌ନେସ୍ ଏମିନେନ୍ସ ଆୱାର୍ଡ ୨୦୨୪'ରେ ମୁଖ୍ୟଅତିଥି ଭାବେ ପାଣିଗ୍ରାହୀ ଯୋଗଦେଇ ଉପରୋକ୍ତ ବକ୍ତବ୍ୟ ଦେଇଛନ୍ତି। 'ବିଜ୍‌ନେସ୍ ଏମିନେନ୍ସ ଆୱାର୍ଡ'ର ଏହି ଚତୁର୍ଥ ସଂସ୍କରଣରେ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ସ୍ୱାଗତ ଭାଷଣ ଦେବା ସହ କାର୍ଯ୍ୟକ୍ରମ ଉଦ୍ଦେଶ୍ୟରେ ଆଲୋକପାତ କରିଛନ୍ତି।

କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ମନୋଜ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଛନ୍ତି, ଟେକ୍ନୋଲୋଜି ଏବେ ସବୁଠି ରହିଛି। ଯୁକ୍ତରାଷ୍ଟ୍ର ଆମେରିକା, ୟୁରୋପ, ସିଙ୍ଗାପୁର ଭଳି ଦେଶଗୁଡ଼ିକ ଶୀଘ୍ର ଟେକ୍ନୋଲୋଜିକୁ ଆପଣେଇ ପାରୁଛନ୍ତି। କିନ୍ତୁ ଚାଇନା ଏବଂ ଭାରତ ଭଳି ଦେଶ ପ୍ରତି ମୁହୂର୍ତ୍ତରେ ଜନସଂଖ୍ୟା ଭଳି ସମସ୍ୟା ପାଇଁ ଶୀଘ୍ର ପହଞ୍ଚିପାରୁ ନାହାନ୍ତି। ବ୍ୟବସାୟ କ୍ଷେତ୍ରରେ ସରକାର କାନ୍‌ଭାସ୍ ହେଲେ ପ୍ରାଇଭେଟ୍ ସେକ୍ଟରଗୁଡ଼ିକୁ ପେଣ୍ଟିଂ କରିବାକୁ ପଡ଼ିବ। ଶିକ୍ଷା, ସ୍ୱାସ୍ଥ୍ୟ ଓ ପ୍ରତିରକ୍ଷା ଭଳି ତିନୋଟି ଦିଗପ୍ରତି ସରକାର ପ୍ରାଧାନ୍ୟ ଦେଇପାରିବେ। କିନ୍ତୁ ବାକି କ୍ଷେତ୍ରଗୁଡ଼ିକୁ ଘରୋଇ ଅନୁଷ୍ଠାନ ଦେଖିବାକୁ ପଡ଼ିବ ବୋଲି ମନୋଜ ମିଶ୍ର କହିଛନ୍ତି। ଏଥିସହ ସେ ଗୁଗଲ୍ ଏବଂ ଚାଟ୍‌ଜିପିଟି ଭିତରେ ଥିବା ପାର୍ଥକ୍ୟ ଦର୍ଶାଇଛନ୍ତି।

ମୁଖ୍ୟ ଅତିଥି ସଲିଳ ପାଣିଗ୍ରାହୀ ନିଜର ବ୍ୟବସାୟିକ ଅନୁଭୂତି କହିବା ସହିତ ସଫଳ ଉଦ୍ୟୋଗପତି କିପରି ହୋଇପାରିବ ସେ ସମ୍ପର୍କରେ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି, କୌଣସି ବ୍ୟବସାୟ ଆରମ୍ଭ କରିବା ପୂର୍ବରୁ ହୋମ୍‌ୱାର୍କ ପ୍ରଥମେ କରିବା ଆବଶ୍ୟକ। ଉପରଠାଉରିଆ କଥା ଉପରେ ବିଶ୍ୱାସ କର ନାହିଁ। ଯାହା ଉପରେ କାମ କରିବାକୁ ତୁମେ ଚାହୁଁଛ ତା' ଉପରେ ଭଲଭାବେ ଜ୍ଞାନ ଆହରଣ କର। ତୁମ ଷ୍ଟାର୍ଟଅପ୍‌ରେ ତୁମେ ଲିଡର। ତେଣୁ ତୁମ ଷ୍ଟାର୍ଟଅପ୍ ଉପରେ ଦକ୍ଷତା ବୃଦ୍ଧି କରିବା ଆବଶ୍ୟକ। ଷ୍ଟାର୍ଟଅପ୍ ପ୍ରକ୍ରିୟାରେ ଆମକୁ ଅନେକ ସମୟରେ ବହୁତ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼େ। ତେଣୁ ଧୈର୍ଯ୍ୟ ଓ ଆଶା ନ ହରାଇବା ଉଚିତ। କାରଣ ତାହା ହେଉଛି ତୁମ ପରୀକ୍ଷାର ସମୟ ବୋଲି ପାଣିଗ୍ରାହୀ କହିଛନ୍ତି। ☞ପୃଷ୍ଠା-୫

## 'ବିଜ୍‌ନେସ୍ ଏମିନେନ୍ସ ଆୱାର୍ଡ' ୪ର୍ଥ ସଂସ୍କରଣର ସମ୍ବର୍ଦ୍ଧିତ ଉଦ୍ୟୋଗୀ

| | |
|---|---|
| ଅନେଶ ଅଗ୍ରୱାଲ | ପ୍ରୋପ୍ରାଇଟର, ସନ୍ ଅଟୋମୋବାଇଲ୍ସ |
| ଅନୁପ କୁମାର ବଗାଇ | ମ୍ୟାନେଜିଂ ଡାଇରେକ୍ଟର, ଖଟା ମିଠା |
| ଜୟନ୍ତୀ ମହାପାତ୍ର | ଡାଇରେକ୍ଟର, ମାଣିକେସ୍ତୁ ଆଗ୍ରୋ |
| ଡା. କାମାକ୍ଷା ଦାସ | କୋ ଫାଉଣ୍ଡର, କୃତି କଫି |
| କୌଶଲ୍ ପୋଦ୍ଦାର | ମ୍ୟାନେଜିଂ ଡାଇରେକ୍ଟର, ଓଡ଼ିଶା ପ୍ଲାଷ୍ଟୋ ପାଇପ୍ସ ପ୍ରା.ଲି. |
| କୋଟନି ତିରୁମଲ କୁମାର | ମ୍ୟାନେଜିଂ ଡାଇରେକ୍ଟର, ଶ୍ରୀଦୁର୍ଗା ରିଟେଲ୍ ପ୍ରା.ଲି. |
| ମନୋଜ କୁମାର ଦାଶ | ଚେୟାରମ୍ୟାନ, ଦଧୀଚି ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନ |
| ନିରଞ୍ଜନ ଦାଶ | ମ୍ୟାନେଜିଂ ପାର୍ଟନର, ଟରେଣ୍ଟ ଆଡଭାର୍ଟାଇଜର୍ସ |
| ଡା. ପ୍ରଜ୍ଞା ପାରମିତା ମିଶ୍ର | ଡାଇରେକ୍ଟର, କାର୍ସିନୋଭା କ୍ୟାନ୍‌ସର ହସ୍ପିଟାଲ |
| ରାମ ଅବତାର ଅଗ୍ରୱାଲା | ମ୍ୟାନେଜିଂ ଡାଇରେକ୍ଟର, ଶ୍ରୀବାଲାଜୀ ଇନ୍‌ସେନ୍ସ ଇଣ୍ଡଷ୍ଟ୍ରିଜ୍ |
| ସନ୍ତୋଷ କୁମାର ପାଢ଼ୀ | ପ୍ରୋପ୍ରାଇଟର, ନିର୍ମାଲ୍ୟ ଗ୍ରୁପ୍ |
| ସରୋଜ କୁମାର ପାତ୍ର | ମ୍ୟାନେଜିଂ ଡାଇରେକ୍ଟର, ସୌକିନ୍ ଇଣ୍ଡଷ୍ଟ୍ରିଜ୍ ପ୍ରା. ଲି. |
| ଶରତ କୁମାର ସାହୁ | ମ୍ୟାନେଜିଂ ଡାଇରେକ୍ଟର, ଷ୍ଟଲ୍‌ୱାର୍ଟ ପ୍ରୋଜେକ୍ଟ ପ୍ରା. ଲି. |
| ସୀତାରାମ ଅଗ୍ରୱାଲ | ମ୍ୟାନେଜିଂ ଡାଇରେକ୍ଟର, ସିଦ୍ଧାର୍ଥ ଟିଭି ନେଟ୍‌ୱର୍କ |
| ସୌମେନ୍ଦ୍ର ମିଶ୍ର | ମ୍ୟାନେଜିଂ ଡାଇରେକ୍ଟର, ଓଭୋ ଫାର୍ମ ପ୍ରା. ଲି. |
| ଶୁଭ୍ରଜିତ୍ ସାହୁ | ମ୍ୟାନେଜିଂ ଡାଇରେକ୍ଟର, ଇଷ୍ଟର୍ନ ଫୁଡ୍‌ସ ପ୍ରା. ଲି. |
| ଡ.ସୁକାନ୍ତ କିଶୋର ମହାପାତ୍ର | ଫାଉଣ୍ଡର ଚେୟାରମ୍ୟାନ, ନିଷ୍ଟ ୟୁନିଭର୍ସିଟି |
| ସୁରେଶ ଚନ୍ଦ୍ର ପାତ୍ର | ଫାଉଣ୍ଡର ଆଣ୍ଡ ଡାଇରେକ୍ଟର, କସ୍ତୁରୀ ଫ୍ଲୋର୍ ମିଲ୍ ପ୍ରା. ଲି. |
| ତ୍ରିନୟନ ରଥ | ପ୍ରୋପ୍ରାଇଟର, ଫାଷ୍ଟ କମ୍ୟୁନିକେଶନ |
| ବିଜୟ ଦୁଗାର | ଫାଉଣ୍ଡର ଡାଇରେକ୍ଟର, ଆଇଡେଷ୍ଟିନି |

**ଆଜିର ସମ୍ପାଦକୀୟ**

**ସଂଘୀୟବାଦକୁ ବିରୋଧ**

**ଚଢ଼ାଉ ବେଳେ ଅବକାରୀ ଟିମ୍‌କୁ ଆକ୍ରମଣ** ୩

# ମସ୍କୋ ଆତଙ୍କବାଦୀ ଆକ୍ରମଣ: ୧୧୫ ନିହତ

**ମସ୍କୋ,୨୩।୩**

ରୁଷିଆ ରାଜଧାନୀ ମସ୍କୋସ୍ଥିତ ଏକ ସିଟି ହଲ୍‌ରେ ଶୁକ୍ରବାର ରାତିରେ ଆତଙ୍କବାଦୀ ଆକ୍ରମଣ ହୋଇଥିଲା। ଏଥିରେ ଶତାଧିକ ନିହତ ହୋଇଥିବାବେଳେ ଆକ୍ରମଣ ପାଇଁ ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍) ନିଜକୁ ଦାୟୀ କରିଛି। ତେବେ ଆକ୍ରମଣ ପାଇଁ ରୁଷିଆ ୟୁକ୍ରେନ୍‌କୁ

## ୟୁକ୍ରେନ୍ ଉପରେ ରୁଷିଆର ମିଶାଇଲ ମାଡ଼

ଦାୟୀ କରି ୧୫୦ରୁ ଅଧିକ ମିଶାଇଲ ଓ ଡ୍ରୋନ୍ ମାଡ଼ କରିଛି। ଏଥିରେ ୫ ୟୁକ୍ରେନୀୟ ନିହତ ହୋଇଥିବାବେଳେ ଅନେକ ଶକ୍ତି ପ୍ରକଳ୍ପ ଧ୍ୱସ୍ତ ହୋଇଯାଇଛି। ଫଳରେ ବହୁ ୟୁକ୍ରେନୀୟ ଅନ୍ଧାରରେ ଜୀବନ ବିତାଇବାକୁ ବାଧ୍ୟ ହୋଇଛନ୍ତି।



ରୁଷିଆ ସେନାର ମିଶାଇଲ ମାଡ଼ରେ ୟୁକ୍ରେନ୍‌ର ଏକ ଶକ୍ତି ପ୍ରକଳ୍ପ ଜଳିଯାଇଛି।

ମସ୍କୋର ଏକ କନ୍‌ସର୍ଟ ହଲ୍‌ରେ ଆତଙ୍କବାଦୀମାନେ ଶୁକ୍ରବାର ରାତିରେ ପ୍ରବେଶ କରି ଆଖିବୁଜା ଗୁଳି ଚଳାଇବାରୁ ଅନ୍ୟୂନ ୧୧୫ ଜଣଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୧୪୫ ଜଣ ଆହତ ହୋଇଛନ୍ତି। ଆକ୍ରମଣ ସହ ସିଧାସଳଖ ସମ୍ପୃକ୍ତ ୪ ବନ୍ଧୁକଧାରୀଙ୍କ ସମେତ ୧୧ ଜଣଙ୍କୁ ରୁଷିଆ ସୁରକ୍ଷା ଏଜେନ୍ସି ଗିରଫ କରିଛି। ଆକ୍ରମଣ ସହ ୟୁକ୍ରେନ୍ ସମ୍ପୃକ୍ତ ଥିବା ରୁଷିଆ ଅଭିଯୋଗ କରିଛି। ଆକ୍ରମଣକାରୀମାନେ ୟୁକ୍ରେନ୍ ସୀମାରୁ ଆସିଥିଲେ। ଆକ୍ରମଣ ପରେ ସେମାନେ ରୁଷିଆ-ୟୁକ୍ରେନ ସୀମା ଅତିକ୍ରମ କରି ପଳାଇବାକୁ ଉଦ୍ୟମ କରିଥିଲେ। ୟୁକ୍ରେନ୍ ପକ୍ଷଙ୍କ ସହ ସେମାନଙ୍କର ଉପଯୁକ୍ତ ଯୋଗାଯୋଗ ରହିଥିଲା ☞ପୃଷ୍ଠା-୫




**ଏଏପି ବିଧାୟକଙ୍କ ଘରେ ଆଇଟି ଚଢ଼ାଉ**

ଟିକସ ଫାଙ୍କି ଅଭିଯୋଗର ତଦନ୍ତ କରୁଥିବା ଆୟକର (ଆଇଟି) ବିଭାଗ ଦିଲ୍ଲୀ ଏଏପି ବିଧାୟକ ଗୁଲାବ ସିଂ ଯାଦବ ଓ ଅନ୍ୟମାନଙ୍କ ଘରେ ଶନିବାର ଚଢ଼ାଉ କରିଛି। ମାଟିଆଲା ଆସନରୁ ଦୁଇଥର ବିଧାୟକ ଥିବା ଯାଦବଙ୍କର ଦିଲ୍ଲୀର ଘୁମନହେଦା ଗ୍ରାମରେ ଚଢ଼ାଉ ବେଳେ ଦସ୍ତାବିଜ ଜବତ ହୋଇଛି।

## ସଂକ୍ଷେପରେ

### ଏଏପିର ଦିଲ୍ଲୀ ଅଫିସ ସିଲ୍

**ନୂଆଦିଲ୍ଲୀ,୨୩।୩:** ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗିରଫ କରିଥିବାବେଳେ ଆମ୍ ଆଦ୍‌ମୀ ପାର୍ଟି(ଏଏପି)ର ଦିଲ୍ଲୀ କାର୍ଯ୍ୟାଳୟକୁ ଚାରିପଟୁ ସିଲ୍ କରିଦିଆଯାଇଥିବା ଏହାର ବରିଷ୍ଠ ନେତ୍ରୀ ଅତିଶୀ ଶନିବାର ଅଭିଯୋଗ କରିଛନ୍ତି। ଏନେଇ ଦଳ ନିର୍ବାଚନ କମିଶନଙ୍କ ଦ୍ୱାରସ୍ଥ ହେବ ବୋଲି ସେ କହିଛନ୍ତି। ନିର୍ବାଚନ ସମୟରେ ଏକ ରାଜନୈତିକ ଦଳର କାର୍ଯ୍ୟାଳୟକୁ ସିଲ୍ କରାଯିବା ସମସ୍ତଙ୍କୁ ସମାନ ସୁଯୋଗର ବିରୁଦ୍ଧାଚରଣ କରୁଛି। ଲୋକ ସଭା ନିର୍ବାଚନ ବେଳେ ଏକ ଜାତୀୟ ଦଳର କାର୍ଯ୍ୟାଳୟକୁ ପ୍ରବେଶରୁ ବନ୍ଦ କରାଯିବ କିପରି ବୋଲି ଅତିଶୀ ପ୍ରଶ୍ନ କରିଛନ୍ତି।

### ମହୁଆଙ୍କ ଘରେ ସିବିଆଇ ଚଢ଼ାଉ

**ନୂଆଦିଲ୍ଲୀ,୨୩।୩(ପି.ଟି.):** ଲୋକ ସଭାରେ ପ୍ରଶ୍ନ ପଚାରିବାକୁ ଲାଞ୍ଚ ନେବା ଅଭିଯୋଗରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଶନିବାର ପୂର୍ବତନ ଟିଏମ୍‌ସି ଏମ୍‌ପି ମହୁଆ ମୋଇତ୍ରଙ୍କ ଘରେ ଚଢ଼ାଉ କରିଛି। ତାଙ୍କ କୋଲକାତା ସମେତ ବିଭିନ୍ନ ସ୍ଥାନରେ ଥିବା ଘର ଉପରେ ଏକସଙ୍ଗେ ଚଢ଼ାଉ ହୋଇଛି। ମହୁଆଙ୍କ ବିରୋଧରେ ଅଭିଯୋଗର ତଦନ୍ତ କରି ୬ ମାସ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ଲୋକପାଳ ସିବିଆଇକୁ ନିର୍ଦ୍ଦେଶ ଦେଇଥିଲେ। ସିବିଆଇ ଗୁରୁବାର ମହୁଆଙ୍କ ବିରୋଧରେ ଏତଲା ଦାଏର କରିଥିଲା। ଶିଳ୍ପପତି ଗୌତମ ଆଦାନୀଙ୍କ ବିରୋଧରେ ଲୋକ ସଭାରେ ପ୍ରଶ୍ନ କରିବା ପାଇଁ ମହୁଆ ଦୁବାଇର ବ୍ୟବସାୟୀ ଦର୍ଶନ ହୀରାନନ୍ଦାନୀଙ୍କଠାରୁ ଲାଞ୍ଚ ନେଇଥିବା ନେଇ ଭାଜପା ଏମ୍‌ପି ନିଶିକାନ୍ତ ଦୁବେ ଅଭିଯୋଗ କରିଥିଲେ। ଅନୈତିକ ଆଚରଣ ପାଇଁ ମହୁଆଙ୍କୁ ଗତ ଡିସେମ୍ବରରେ ଲୋକ ସଭାରୁ ବହିଷ୍କାର କରାଯାଇଥିଲା। ସେ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ଆଗାମୀ ଲୋକ ସଭା ନିର୍ବାଚନରେ ମହୁଆ ପଶ୍ଚିମବଙ୍ଗର କିଶନନଗରରୁ ଟିଏମ୍‌ସି ପ୍ରାର୍ଥୀ ହୋଇଥିବାବେଳେ ସିବିଆଇ ତଦନ୍ତ ଯୋଗୁ ସେ ପୁଣିଥରେ ଅଡୁଆରେ ପଡ଼ିଛନ୍ତି।


ମହୁଆ ମୋଇତ୍ର


ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ଗିରଫଦାରି ପ୍ରତିବାଦରେ ଶନିବାର ଆମ୍ ଆଦମୀ ପାର୍ଟି କର୍ମୀମାନେ ରାଜଧାନୀରେ ବିକ୍ଷୋଭ କରୁଛନ୍ତି।

# କେଜ୍‌ରିୱାଲଙ୍କ ଗିରଫଦାରିକୁ ନେଇ ବର୍ଲିନ୍‌ର ମନ୍ତବ୍ୟ

**ନୂଆଦିଲ୍ଲୀ,୨୩।୩**

### ଜର୍ମାନ ରାଷ୍ଟ୍ରଦୂତଙ୍କୁ ଭାରତର ସମନ



ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ଗିରଫଦାରି ଉପରେ ଜର୍ମାନ୍ ବହିର୍ବ୍ୟାପାର ମନ୍ତ୍ରଣାଳୟର ମନ୍ତବ୍ୟକୁ ନେଇ ଭାରତ ପ୍ରତିବାଦ ଜଣାଇଛି। ନୂଆଦିଲ୍ଲୀରେ ଅବସ୍ଥାପିତ ଜର୍ମାନୀର ଉପରାଷ୍ଟ୍ରଦୂତ ଜର୍ଜ ଏଞ୍ଜୱିଲରଙ୍କୁ ଭାରତ ଶନିବାର ସମନ ଜାରି କରି ଏହାର ବହିର୍ବ୍ୟାପାର ମନ୍ତ୍ରଣାଳୟର ମନ୍ତବ୍ୟ ଭାରତୀୟ ନ୍ୟାୟିକ ପ୍ରକ୍ରିୟା ଉପରେ ହସ୍ତକ୍ଷେପ ବୋଲି କହିଛି। କୌଣସି ପକ୍ଷପାତପୂର୍ଣ୍ଣ ଚିନ୍ତାଧାରା ଗ୍ରହଣୀୟ ନୁହେଁ ବୋଲି ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି। ସୂଚନାଯୋଗ୍ୟ, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦିଲ୍ଲୀ ମୁଖ୍ୟମନ୍ତ୍ରୀ କେଜ୍‌ରିୱାଲଙ୍କୁ ଗିରଫ କରିବା ପରେ ସ୍ୱଚ୍ଛ ଓ ନିରପେକ୍ଷ ବିଚାରର ଅଧିକାର ତାଙ୍କୁ ମିଳିବା ଆବଶ୍ୟକ ବୋଲି ପ୍ରଥମ ବୃହତ୍ ବୈଶ୍ୱିକ ଶକ୍ତି ଜର୍ମାନ ସ୍ମରଣ କରାଇଦେଇଥିଲା। ଭାରତ ଏକ ଗଣତାନ୍ତ୍ରିକ ରାଷ୍ଟ୍ର। ତେଣୁ ଏହି ମାମଲାରେ ନ୍ୟାୟପାଳିକାର ନିରପେକ୍ଷତା ଏବଂ ମୌଳିକ ଗଣତାନ୍ତ୍ରିକ ସିଦ୍ଧାନ୍ତ ସମ୍ପର୍କିତ ମାନ ବଜାୟ ରହିବା ଆମେ ଆଶା କରୁଛୁ। କେଜ୍‌ରିୱାଲ ସ୍ୱଚ୍ଛ ଓ ନିରପେକ୍ଷ ବିଚାର ପାଇବାକୁ ହକ୍‌ଦାର। ତାଙ୍କୁ ବିନା କଟକଣାରେ ସମସ୍ତ ଆଇନଗତ ମାର୍ଗ ମିଳିବା ଆବଶ୍ୟକ ବୋଲି ଜର୍ମାନ ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର କହିଥିଲେ।

# ଇଲେକ୍ଟୋରାଲ ବଣ୍ଡର ଏସ୍‌ଆଇଟି ତଦନ୍ତ ଦାବି

**ନୂଆଦିଲ୍ଲୀ,୨୩।୩(ପି.ଟି.)**

### ଲାଞ୍ଚ ସଂଗ୍ରହ ପାଇଁ ଯୋଜନାକୁ ବ୍ୟବହାର କରାଯାଉଥିଲା: କଂଗ୍ରେସ


SBI
भारतीय स्टेट बैंक STATE BANK OF INDIA
(भारतीय स्टेट बैंक अधिनियम, 1955 के तहत गठित/Constituted under the State Bank of India Act, 1955)
कॉर्पोरेट केन्द्र, स्टेट बैंक भवन, मादाम कामा रोड, नरीमन पॉइंट, मुंबई - 400021
Corporate Centre, State Bank Bhavan, Madame Cama Road, Nariman Point, Mumbai - 400021

इलेक्टोरल बॉण्ड / ELECTORAL BOND
(प्रोमेसरी नोट के स्वरूप में / IN THE FORM OF PROMISSORY NOTE)

जारी करने की तिथि / DATE OF ISSUE : 10 APR 2018
जारी करने की तिथि से 15 दिनों तक वैध / VALID UPTO 15 DAYS FROM THE DATE OF ISSUE
लिखत की राशि / VALUE OF THE INSTRUMENT : ₹ 1,000/- (रुपये एक हजार मात्र / Rupees One Thousand only)

प्राप्त की गई राशि के लिए, बैंक एतदद्वारा पात्र आदाता को जो इस लिखत का धारक है, मांग करने पर पात्र राजनीतिक पार्टी के नामित बैंक खाते में यह मूल लिखत जमा करने पर इस लिखत की राशि ₹ 1,000/- (रुपये एक हजार मात्र) का भुगतान करने का वचन देता है जो कि केन्द्र सरकार की गजट अधिसूचना क्रमांक 20 दिनांक 2 जनवरी 2018 द्वारा अधिसूचित इलेक्टोरल बॉण्ड स्कीम, 2018 के अनुसार है।

उक्त राशि का भुगतान करने के उपरांत बैंक की देयता पूर्ण रूप से समाप्त हो जाएगी।

For value received, the Bank hereby promises to pay on demand to the eligible Payee which is holding this instrument, upon surrender of the original instrument in the Designated Account of the eligible Political Party with the Bank, the sum representing the value of this instrument of ₹ 1,000/- (Rupees One Thousand only) in accordance with the Scheme called 'The Electoral Bond Scheme, 2018', notified by the Central Government

ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଇଲେକ୍ଟୋରାଲ ବଣ୍ଡ ପ୍ରସଙ୍ଗର ତଦନ୍ତ କରୁ ବୋଲି କଂଗ୍ରେସ ଦାବି କରିଛି। ଏହି ତ୍ରୁଟିପୂର୍ଣ୍ଣ ଯୋଜନା ପ୍ରିପେଡ୍ ଏବଂ ପୋଷ୍ଟପେଡ୍ ଲାଞ୍ଚକୁ ସୁନିଶ୍ଚିତ କରିଥିଲା। ଏପରିକି ଚଢ଼ାଉ ପରେ ବ୍ୟାଙ୍କିଙ୍ଗ ଚ୍ୟାନେଲ ଦେଇ ଶାସକ ଦଳକୁ ଲାଞ୍ଚ ପହଞ୍ଚିପାରୁଥିଲା ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କଡ଼ା ସମାଲୋଚନା କରି ସେ କହିଛନ୍ତି, ଯେଉଁ ଲୋକ ବିଦେଶରୁ କଳାଧନ ଫେରାଇ ଆଣିବାର ଗ୍ୟାରେଣ୍ଟି ଦେଇଥିଲେ, ଏହା ବଦଳରେ ସେ ଦୁର୍ନୀତିକୁ ଆଇନସମ୍ମତ କରିବା ସହ ଏହାକୁ ଲୁଚାଇବା ପାଇଁ ଜୋର୍‌ଦାର ଉଦ୍ୟମ ଚଳାଇଥିଲେ। ମାତ୍ର ୧୫ ସେକେଣ୍ଡରୁ କମ୍ ସମୟ ମଧ୍ୟରେ ଦାତାମାନଙ୍କୁ ରାଜନୈତିକ ଦଳଗୁଡ଼ିକ ସହ ମେଳ କରାଯାଇପାରୁଥିବାବେଳେ ଏସ୍‌ବିଆଇ ଏଥିପାଇଁ ୩ ମାସ ସମୟ ନେବା ନିମନ୍ତେ ସୁପ୍ରିମକୋର୍ଟରେ ଆବେଦନ କରିବା ହାସ୍ୟାସ୍ପଦ ବୋଲି ଜୟରାମ କହିଛନ୍ତି। କଂଗ୍ରେସ ଇଲେକ୍ଟୋରାଲ ବଣ୍ଡରେ ଜବରଦସ୍ତ ଦୁର୍ନୀତିର ୪ଟି ଢାଞ୍ଚା ସମ୍ପର୍କରେ କହିଛି। ତାହା ହେଲା– ଚାନ୍ଦା ଦିଅ, ଧନ୍ଦା ନିଅ (ପ୍ରିପେଡ୍ ଲାଞ୍ଚ) ଏବଂ ଠିକା ନିଅ, ଲାଞ୍ଚ ଦିଅ (ପୋଷ୍ଟପେଡ୍ ଲାଞ୍ଚ, ବଟି ଅସୁଲି ଏବଂ ଜାଲ୍ ବା ଶେଲ୍ କମ୍ପାନୀ)। କେନ୍ଦ୍ର ସରକାର ଏବଂ ଭାଜପାଶାସିତ ରାଜ୍ୟ ସରକାରଙ୍କଠାରୁ ୧୭୯ଟି ବୃହତ୍ ଠିକା କାମ ଏବଂ ପ୍ରୋଜେକ୍ଟର ଅନୁମୋଦନ ହାସଲ କରିଥିବା ୩୮ କର୍ପୋରେଟ୍ ଗ୍ରୁପ୍ ଇଲେକ୍ଟୋରାଲ ବଣ୍ଡରେ ଚାନ୍ଦା ଦେଇଥିବା କୋଡ୍ ଅନୁଧ୍ୟାନ ପରେ ଜଣାପଡ଼ିଛି। ସେମାନେ ବଣ୍ଡ ଜରିଆରେ ଭାଜପାକୁ ୨,୦୦୪ କୋଟି ଟଙ୍କା ଚାନ୍ଦା ଦେଇ ମୋଟ ୩.୮ ଲକ୍ଷ କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟ ପାଇଥିବା ଜୟରାମ ଅଭିଯୋଗ କରିଛନ୍ତି। ଭାଜପା ୫୫୧ କୋଟି ଟଙ୍କା ଚାନ୍ଦା ପାଇବାର ୩ ମାସ ମଧ୍ୟରେ କେନ୍ଦ୍ର ଏବଂ ଭାଜପା ଶାସିତ ରାଜ୍ୟ ସରକାର ୧.୩୨ ଲକ୍ଷ କୋଟି ଟଙ୍କାର ଠିକା/ପ୍ରକଳ୍ପକୁ ଅନୁମୋଦନ କରିଥିଲେ। ସେହିପରି କେନ୍ଦ୍ର ଏବଂ ଭାଜପା ଶାସିତ ରାଜ୍ୟ ସରକାର ୬୨,୦୦୦ କୋଟି ଟଙ୍କାର ଠିକା/ପ୍ରକଳ୍ପକୁ ଅନୁମୋଦନ କରିବା ପରେ ଇଲେକ୍ଟୋରାଲ ବଣ୍ଡ ଜରିଆରେ ୫୮୦ କୋଟି ଟଙ୍କାର ପୋଷ୍ଟପେଡ୍ ଲାଞ୍ଚ ପାଇଥିଲା ବୋଲି ଜୟରାମ କହିଛନ୍ତି। ସେ ଆହୁରି କହିଛନ୍ତି, ୪୧ଟି କର୍ପୋରେଟ୍ ଗ୍ରୁପ୍ ୫୬ ଥର ଇଡି, ସିବିଆଇ କିମ୍ବା ଆୟକର ବିଭାଗ ଚଢ଼ାଉର ସମ୍ମୁଖୀନ ହୋଇଥିଲେ। ସେମାନେ ଭାଜପାକୁ ୨,୫୯୨ କୋଟି ଟଙ୍କା ଚାନ୍ଦା ଦେଇଛନ୍ତି। ସେଥିରୁ ୧,୮୫୩ କୋଟି ଟଙ୍କା ଚଢ଼ାଉ ପରେ ମିଳିଛି। ସେଲ୍ କମ୍ପାନୀଗୁଡ଼ିକ ମୋଟ ୫୪୩ କୋଟି ଟଙ୍କା ଚାନ୍ଦା ଦେଇଥିବାବେଳେ ସେଥିରୁ ୧୬ଟି କମ୍ପାନୀ ଭାଜପାକୁ ୪୧୯ କୋଟି ଟଙ୍କା ଦେଇଛନ୍ତି। ଇଣ୍ଡିଆ ବ୍ଲକ୍ କ୍ଷମତାକୁ ଆସିଲେ ଇଲେକ୍ଟୋରାଲ ବଣ୍ଡ ଦୁର୍ନୀତିର ଏସ୍‌ଆଇଟି ତଦନ୍ତ ହେବ। ସେହିପରି ଆଦାନି ପ୍ରସଙ୍ଗର ତଦନ୍ତ ପାଇଁ ଯୁଗ୍ମ ସଂସଦୀୟ କମିଟି (ଜେପିସି) ଗଠନ ହେବା ସହ ପିଏମ୍–କେୟାର ପାଣ୍ଠିର ତଦନ୍ତ ନିମନ୍ତେ ଏସ୍‌ଆଇଟି ଗଠନ ହେବ ବୋଲି କଂଗ୍ରେସ ନେତା କହିଛନ୍ତି।

### କବିତାଙ୍କ ହାଜତ ମିଆଦ ୨୬ ଯାଏ ବଢ଼ିଲା

**ନୂଆଦିଲ୍ଲୀ,୨୩।୩(ପି.ଟି.)**

ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ସହ ଜଡ଼ିତ ମନିଲଣ୍ଡରିଂ ମାମଲାରେ ଗିରଫ ହୋଇଥିବା ବିଆର୍‌ଏସ୍ ନେତ୍ରୀ କେ. କବିତାଙ୍କ ଇଡି ହାଜତ ମିଆଦକୁ ଦିଲ୍ଲୀର ଏକ ଅଦାଲତ ମାର୍ଚ୍ଚ ୨୬ ପର୍ଯ୍ୟନ୍ତ ବଢ଼ାଇଦେଇଛନ୍ତି। ମଦ ଲାଇସେନ୍ସ ପାଇଁ ଏଏପିକୁ ୧୦୦ କୋଟି ଟଙ୍କା ଲାଞ୍ଚ ଅଭିଯୋଗରେ ତେଲଙ୍ଗାନାର ପୂର୍ବତନ ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓଙ୍କ ଝିଅ କବିତା ଦକ୍ଷିଣ ଗୋଷ୍ଠୀର ମୁଖ୍ୟ ଅଭିଯୁକ୍ତ ବୋଲି ଇଡି ଦର୍ଶାଇଛି। ଅଧିକ ତଦନ୍ତ ଏବଂ ଅନ୍ୟ ୪ ଅଭିଯୁକ୍ତମାନଙ୍କ ସହ ମୁହାଁମୁହିଁ ଜେରା ପାଇଁ ଇଡି ୫ ଦିନ ରିମାଣ୍ଡ ବଢ଼ାଇବାକୁ ଅଦାଲତଙ୍କୁ ନିବେଦନ କରିଥିଲା। କବିତାଙ୍କ ମୋବାଇଲ ଫୋନ୍ ଡେଟା ଫର୍ମାଟିଂ ନେଇ ଫୋରେନ୍‌ସିକ ରିପୋର୍ଟ ଉପରେ ତାଙ୍କୁ ଜେରା କରାଯାଇଛି। ଗତ ୧୫ ତାରିଖରେ କବିତାଙ୍କ ଘରେ ଇଡି ଚଢ଼ାଉ ବେଳେ ତାଙ୍କ ପୁତୁରା ମେକା ସରନଙ୍କ ମୋବାଇଲ ଫୋନ୍ ଜବତ କରିଥିଲା। ତାଙ୍କୁ ଜେରା ପାଇଁ ୨ ଥର ଡକାଯାଇଥିଲେ ମଧ୍ୟ ସେ ହାଜର ହୋଇନାହାନ୍ତି।




### ପଞ୍ଜାବରେ ମଦ ପିଇ ୨୧ ମୃତ

**ଚଣ୍ଡିଗଡ଼,୨୩।୩**

ପଞ୍ଜାବର ସଙ୍ଗରୁର ଜିଲାରେ ଅପମିଶ୍ରିତ ମଦ ପିଇ ୨୧ ଜଣଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୪୦ ଜଣ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ମଦମୃତ୍ୟୁର ତଦନ୍ତ ପାଇଁ ପଞ୍ଜାବ ସରକାର ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗଠନ କରିଛନ୍ତି। ଭାରତର ନିର୍ବାଚନ କମିଶନ (ଇସିଆଇ) ପଞ୍ଜାବ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଜରିଆରେ ରାଜ୍ୟର ମୁଖ୍ୟ ଶାସନ ସଚିବ ଏବଂ ପୋଲିସ ମହାନିର୍ଦ୍ଦେଶକ(ଡିଜିପି)ଙ୍କୁ ମଦମୃତ୍ୟୁ ସମ୍ପର୍କିତ ରିପୋର୍ଟ ମାଗିଛନ୍ତି।

### ଭାଜପାର ୨ ପ୍ରାର୍ଥୀ ନିର୍ବାଚନରୁ ଓହରିଲେ

**ଅହମଦାବାଦ,୨୩।୩**

ଲୋକ ସଭା ପାଇଁ ଗୁଜରାଟର ବଡ଼ଦୋରା ଏବଂ ସବରକଣ୍ଠା ଆସନରୁ ଭାଜପା ପ୍ରାର୍ଥୀ ହୋଇଥିବା ରଞ୍ଜନବେନ୍ ଭଟ୍ଟ ଏବଂ ଭିଖାଜୀ ଠାକୁର ଲଢ଼େଇରୁ ଓହରିଯାଇଛନ୍ତି। ବର୍ତ୍ତମାନର ଏମ୍‌ପି ରଞ୍ଜନଙ୍କୁ ଭାଜପା ବଡ଼ଦୋରାରୁ ପ୍ରାର୍ଥୀ କରିଥିଲା। ତେବେ ବ୍ୟକ୍ତିଗତ କାରଣରୁ ସେ ନିର୍ବାଚନ ଲଢ଼ିବାକୁ ଆଗ୍ରହୀ ନ ଥିବା କହିଛନ୍ତି। ଦଳର କେତେକ ମହଲରୁ ସେ ତୀବ୍ର ବିରୋଧର ସମ୍ମୁଖୀନ ହୋଇଥିଲେ। ସେହିପରି ଭିଖାଜୀ ମଧ୍ୟ ନିର୍ବାଚନ ଲଢ଼ିବା ପାଇଁ ଅନିଚ୍ଛା ପ୍ରକାଶ କରିଛନ୍ତି। ଉଭୟ ସୋସିଆଲ ମିଡିଆ ଜରିଆରେ ସେମାନଙ୍କ ମତାମତ ଜଣାଇଛନ୍ତି।


ରଞ୍ଜନବେନ୍ ଭଟ୍ଟ


ଭିଖାଜୀ ଠାକୁର

# ୬୦% ପିଲା ଡିଜିଟାଲ ଆସକ୍ତ: ସର୍ଭେ

**ନୂଆଦିଲ୍ଲୀ,୨୩।୩(ପି.ଟି.)**



୫ରୁ ୧୬ ବର୍ଷ ବୟସର ୬୦ ପ୍ରତିଶତ ପିଲାଙ୍କଠାରେ ଡିଜିଟାଲ ଆସକ୍ତି ସେମାନଙ୍କ ବ୍ୟବହାରରୁ ସୂଚନା ମିଳିଥିବା ସଦ୍ୟ ଅଧ୍ୟୟନରୁ ଜଣାପଡ଼ିଛି। ଏଭଳି ନକାରାତ୍ମକ ପ୍ରଭାବରୁ ସେମାନଙ୍କୁ ମୁକୁଳାଇବାକୁ ହେଲେ ତୁରନ୍ତ ପ୍ରଭାବୀ ନୀତି ଆପଣାଇବା ଜରୁରୀ ବୋଲି ସର୍ଭେରେ କୁହାଯାଇଛି। ସ୍ମାର୍ଟ ପ୍ୟାରେଣ୍ଟସ୍ ସଲ୍ୟୁଶନ କମ୍ପାନୀ ବାଟୁ ଟେକ୍ ପକ୍ଷରୁ ୧,୦୦୦ ମାତାପିତାଙ୍କ ଉପରେ ଏହି ନମୁନା ସର୍ଭେ କରାଯାଇଥିଲା। ଘଣ୍ଟା ଘଣ୍ଟା ଧରି କମ୍ପ୍ୟୁଟର ଏବଂ ସ୍ମାର୍ଟ ଫୋନ୍ ସ୍କ୍ରିନ୍‌କୁ ଚାହିଁ ରହିବା ଦ୍ୱାରା କମ୍ ନିଦ ହେବା, ଶାରୀରିକ କାର୍ଯ୍ୟ ହ୍ରାସ ପାଇବା, ସାମାଜିକ କାର୍ଯ୍ୟରୁ ଦୂରେଇ ରହିବା ଏବଂ ଶୈକ୍ଷିକ ପ୍ରଦର୍ଶନ କମିଯିବା ଆଦି ବିଭିନ୍ନ ବିପଦକୁ ପଦାକୁ ଆଣିବା ଏହି ସର୍ଭେର ଲକ୍ଷ୍ୟ। ଅନ୍‌ଲାଇନ କଣ୍ଟେଣ୍ଟ ବ୍ୟବହାରରୁ ପିଲାମାନଙ୍କୁ ଦୂରେଇ ରଖିବାରେ ୮୫ ପ୍ରତିଶତ ମାତାପିତା ଅସୁବିଧାର ସମ୍ମୁଖୀନ ହୋଇଥିବା ସର୍ଭେରେ କୁହାଯାଇଛି। ପିଲାମାନେ ଅଧିକାଂଶ ସମୟରେ ସ୍କ୍ରିନ୍ ସହ ଯୋଡ଼ିହୋଇ ରହୁଥିବାରୁ ଏହାକୁ ନେଇ ଉଦ୍‌ବେଗ ପ୍ରକାଶ କରାଯାଇଛି। ୭୦ରୁ ୮୦ ପ୍ରତିଶତ ପିଲା ଦୈନିକ ସ୍କ୍ରିନ୍ ବ୍ୟବହାର ପାଇଁ ଅନୁମୋଦନ ସମୟଠାରୁ ଅଧିକ ଏଥିରେ ଦେଉଥିବା ଜଣାପଡ଼ିଛି। ପିଲାମାନେ ମୁଖ୍ୟତଃ ଗେମିଂ ଏବଂ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ବାରମ୍ବାର ବ୍ୟବହାର କରିବା ଚିନ୍ତାର ବିଷୟ। ବାରମ୍ବାର ସ୍କ୍ରିନ୍ ବ୍ୟବହାର ଯୋଗୁ ସେମାନେ ଅନୁପଯୁକ୍ତ କଣ୍ଟେଣ୍ଟର ସଂସ୍ପର୍ଶରେ ଆସିବା ସହ ଏହାକୁ କାର୍ଯ୍ୟକାରିତାରେ ନିଜକୁ ସାମିଲ କରିପାରନ୍ତି ବୋଲି ଆଶଙ୍କା କରାଯାଇଛି। ବର୍ତ୍ତମାନ ମାତ୍ର ୧୦ ପ୍ରତିଶତ ଅଭିଭାବକ ପ୍ୟାରେଣ୍ଟାଲ କଣ୍ଟ୍ରୋଲ ଫିଚରର ଉପଯୋଗ କରୁଛନ୍ତି। ପିଲାମାନଙ୍କ ସ୍କ୍ରିନ୍ ସମୟ କମାଇବା ପାଇଁ ଡିଜାଇନ୍ ହୋଇଥିବା ଏହି ଫିଚର ଭଲ ଫଳାଫଳ ଦେଉଥିବା ସର୍ଭେ ରିପୋର୍ଟରେ କୁହାଯାଇଛି।




# ବ୍ରାଉନସୁଗାର ର୍ୟାକେଟରେ ଶିକ୍ଷିତା ଯୁବତୀ

- ୨ ଗିରଫ, କିଙ୍ଗପିନ୍ ଫେରାର
- ୨୬ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ

ଭୁବନେଶ୍ୱର,୨୩।୩ (ସୂର୍ଯ୍ୟକାନ୍ତ ବେହେରା)

ରାଜଧାନୀ ଭୁବନେଶ୍ୱରରେ ଘର ଭଡା ନେଇ ଚଳାଇଥିଲେ ବ୍ରାଉନସୁଗାର ବେପାର। ଏଥିରେ ସାମିଲ ଥିଲେ ଶିକ୍ଷିତା ଯୁବତୀ। ମାଷ୍ଟରମାଇଣ୍ଡ ବ୍ରାଉନସୁଗାର ପହଞ୍ଚାଇବା ପରେ ଏହି ଯୁବତୀମାନେ ତାହାକୁ ପୁଡ଼ିଆ କରି ସହରର ବିଭିନ୍ନ ଅଞ୍ଚଳରେ ବିକ୍ରି କରୁଥିଲେ। ଖଣ୍ଡଗିରି ଥାନା ଅନ୍ତର୍ଗତ ଯଦୁପୁର ଗାଁରେ ଥିବା ଏକ ଘରେ ଗତ ଏକବର୍ଷ ଧରି ଚାଲିଥିବା ଏହି ର୍ୟାକେଟକୁ କମିଶନରେଟ ପୋଲିସର ସ୍ପେଶାଲ କ୍ରାଇମ୍ ୟୁନିଟ୍ ଧରିବା ସହ ଏଥିରେ ସମ୍ପୃକ୍ତ ୨ ଯୁବତୀଙ୍କୁ ଗିରଫ କରିଛି। ସେମାନେ ହେଲେ ପୁରୀ ଜିଲା କୋଣାର୍କ ଅଞ୍ଚଳର ପ୍ରଜ୍ଞା ପ୍ରିୟା ସ୍ୱାଇଁ (୨୩) ଓ ବାଲେଶ୍ୱର ବସ୍ତା ଅଞ୍ଚଳର କରିସ୍ମା ରାଉତ(୩୦)। ଉଭୟ ରହୁଥିବା ଘରେ ପୋଲିସ ଚଢାଉ ବେଳେ ୨୬୫ ଗ୍ରାମ ବ୍ରାଉନସୁଗାର, ୩ଟି ମୋବାଇଲ ଫୋନ୍ ଓ ଗୋଟିଏ ଲାପ୍‌ଟପ୍ ଜବତ କରିଛି। ଜବତ ନିଶାଦ୍ରବ୍ୟର ଆନୁମାନିକ ମୂଲ୍ୟ ୨୬ ଲକ୍ଷ ଟଙ୍କା ହେବ। ଗିରଫ କରିସ୍ମା ଯୁକ୍ତ୨ ପାସ କରି ଏକ ପ୍ରାଇଭେଟ୍ ଫାର୍ମରେ ଆକାଉଣ୍ଟାଣ୍ଟ ଭାବେ କାର୍ଯ୍ୟ କରୁଥିବାବେଳେ ପ୍ରଜ୍ଞା କମ୍ପ୍ୟୁଟର ଆପ୍ଲିକେଶନରେ ପିଜି କରିଥିବା ପୋଲିସ କମିଶନର ସଞ୍ଜୀବ ପଣ୍ଡା ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହାସହ ସେମାନଙ୍କୁ ବ୍ରାଉନସୁଗାର ଯୋଗାଉଥିବା କିଙ୍ଗପିନ୍ ଉପରେ ନଜର ରଖାଯାଇଛି। ତାଙ୍କୁ ଧରିବା ପାଇଁ ଉଦ୍ୟମ କରାଯାଉଛି। ତେବେ ଅଧିକ ଟଙ୍କା ଲୋଭରେ ପଡି ଯୁବତୀଦ୍ୱୟ କିଙ୍ଗପିନ୍‌ଙ୍କ ନିର୍ଦ୍ଦେଶରେ ପାର୍ଟଟାଇମ୍ ଭାବେ ଏହି ବେଆଇନ କାରବାର କରି ବିଭିନ୍ନ ଅଞ୍ଚଳକୁ ବ୍ରାଉନସୁଗାର ଯୋଗାଉଥିଲେ। ପୁଡିଆ ପିଛା ୬ଶହରୁ ୧୨ଶହ ଟଙ୍କାରେ ବିକ୍ରି କରୁଥିଲେ ବୋଲି କମିଶନର ପଣ୍ଡା କହିଛନ୍ତି।


ଗିରଫ ଦୁଇ ଅଭିଯୁକ୍ତ ଯୁବତୀ

ସୂଚନାନୁସାରେ, ଯଦୁପୁର ଗାଁରେ ଏକ ଭଡାଘରେ ଯୁବତୀଦ୍ୱୟ ରହି ନିଶା ବେପାର କରୁଥିବା ନେଇ କୌଣସି ସୂତ୍ରରୁ ପୋଲିସ ଜାଣିବା ପରେ ଚଢ଼ାଉ ପାଇଁ ଯୋଜନା ହୋଇଥିଲା। କମିଶନରେଟ ପୋଲିସର ସ୍ପେଶାଲ କ୍ରାଇମ୍ ୟୁନିଟ୍ ଶୁକ୍ରବାର ରାତିରେ ଉକ୍ତ ଘରେ ଚଢାଉ କରି ଯାଞ୍ଚ କରିବାରୁ ସେଠାରୁ ବ୍ରାଉନସୁଗାର ମିଳିଥିଲା। ଏହାପରେ ଉଭୟଙ୍କ ନାମରେ ଏକ ମାମଲା ରୁଜୁ କରାଯାଇ ଶନିବାର ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜାମିନ ନ ମିଳିବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟପଟେ ରାଜଧାନୀରେ ମହିଳା ଓ ଯୁବତୀଙ୍କୁ ମୋହରା ବନାଇ ନିଶା ବେପାର କରାଯାଉଥିବା ଘଟଣା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ସେହିପରି ଚଳିତବର୍ଷରୁ ଆଜି ସୁଦ୍ଧା କମିଶନରେଟ ପୋଲିସ ଓ ସ୍ପେଶାଲ କ୍ରାଇମ୍ ୟୁନିଟ ଭୁବନେଶ୍ୱର ଅଞ୍ଚଳରୁ ୯୮୪ ଗ୍ରାମ ବ୍ରାଉନସୁଗାର ଓ ୫୪୩ କେଜି ଗଞ୍ଜେଇ ଜବତ କରିଥିବା ସୂଚନା ଦିଆଯାଇଛି।

# ହୀରାକୁଦରେ ଝାଡ଼ାବାନ୍ତି: ଜଣେ ମୃତ

- ୩ ଦିନରେ ୧୦୦ରୁ ଅଧିକ ଆକ୍ରାନ୍ତ
- ଦୂଷିତ ପାନୀୟ ଜଳକୁ ଦାୟୀକଲେ ଲୋକେ

ସମ୍ବଲପୁର,୨୩।୩ (ପ୍ରମୋଦ ବହିଦାର)

ସମ୍ବଲପୁରର ଶିଳ୍ପନଗରୀ ଭାବେ ପରିଚିତ ହୀରାକୁଦ ସହରରେ ଝାଡ଼ାବାନ୍ତି ବ୍ୟାପିବାରେ ଲାଗିଛି। ବିଗତ ତିନିଦିନ ମଧ୍ୟରେ ଏଠାରେ ଶହେରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଗୁରୁତର ଥିବା କେତେଜଣ ରୋଗୀଙ୍କୁ ବୁର୍ଲା ଭିମ୍‌ସାରକୁ ସ୍ଥାନାନ୍ତର କରାଯାଇଛି। ତେବେ ଭିମ୍‌ସାର୍‌ରେ ଚିକିତ୍ସାଧୀନ ଅବସ୍ଥାରେ ଜଣେ ରୋଗୀଙ୍କ ମୃତ୍ୟୁ ଘଟିଛି। ବିଶେଷ କରି ହୀରାକୁଦ ସହରର କାଳୁପଡ଼ା, ଗୁରୁଦ୍ୱାରପଡ଼ା, ଗୌଡ଼ପଡ଼ା, ନୂଆମାର୍କେଟ୍ ଆଦି ଅଞ୍ଚଳରେ ବସବାସ କରୁଥିବା ଅଧିବାସୀ ଝାଡ଼ାବାନ୍ତିର ଆକ୍ରାନ୍ତ ହୋଇଛନ୍ତି। ହୀରାକୁଦ ଡାକ୍ତରଖାନାରୁ ଅନେକ ରୋଗୀ ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ ବର୍ତ୍ତମାନ ୭ ଜଣ ଚିକିତ୍ସାଧୀନ ଅଛନ୍ତି। ଶନିବାର ହୀରାକୁଦ ଡାକ୍ତରଖାନାରେ ଗୋଟିଏ ଦିନରେ ୪୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ଭର୍ତ୍ତି ହୋଇଥିଲେ। ମାତ୍ର ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ଛାଡ଼ି ଦିଆଯାଇଛି। ସେହିପରି ବୁର୍ଲାରେ ପୂର୍ବରୁ ଭର୍ତ୍ତି ହୋଇ ଚିକିତ୍ସିତ ହେଉଥିବା ରୋଗୀ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଶନିବାର ୧୦ରୁ ଅଧିକ ରୋଗୀ ଭର୍ତ୍ତି ହୋଇଥିଲେ। ସେମାନଙ୍କ ମଧ୍ୟରୁ ବର୍ତ୍ତମାନ ମାତ୍ର ୩ଜଣ ଚିକିତ୍ସାଧୀନ ରହିଥିବା ବେଳେ ଅନ୍ୟମାନେ ସୁସ୍ଥ ହୋଇ ଘରକୁ ଫେରିଛନ୍ତି।

ହୀରାକୁଦରେ ବ୍ୟାପିଥିବା ଝାଡ଼ାବାନ୍ତି ପାଇଁ ରୋଗୀଙ୍କ ସମ୍ପର୍କୀୟ ଓ ସ୍ଥାନୀୟ ଲୋକେ ଦୂଷିତ ପାନୀୟ ଜଳକୁ ଦାୟୀ କରିଛନ୍ତି। ହୀରାକୁଦ ସହରରେ ଘରକୁ ଘର ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପାନୀୟ ଜଳ ଯୋଗାଣ ହେଉଥିବା ପାଇପ୍ ରକ୍ଷଣାବେକ୍ଷଣ ଅଭାବରୁ କେତେକ ସ୍ଥାନରେ ଫାଟିଯାଇଛି। ଫଳରେ ଉକ୍ତ ଫାଟରେ ରାସ୍ତାରେ ପ୍ରବାହିତ ନର୍ଦ୍ଦମା ବା ଆବର୍ଜନା ଜଳ ପାଇପ୍‌ର ଶୁଦ୍ଧ ପାନୀୟ ଜଳ ସହ ମିଶି ଏହାକୁ ଦୂଷିତ କରୁଛି। ଏହାକୁ ବ୍ୟବହାର କରିବା ଦ୍ୱାରା ରୋଗ ବ୍ୟାପୁଥିବା ସ୍ଥାନୀୟ ଲୋକେ କହିଛନ୍ତି। ପ୍ରଥମେ ରୋଗୀଙ୍କ ପେଟ ବ୍ୟଥା ପରେ ତରଳ ଝାଡ଼ା ଆରମ୍ଭ ହୋଇଯାଏ। ପରବର୍ତ୍ତୀ ସମୟରେ ଆକ୍ରାନ୍ତ ବ୍ୟକ୍ତିଙ୍କ ବାନ୍ତି ହୋଇଥାଏ। ଘନ ଘନ ତରଳ ଝାଡ଼ା ଓ ବାନ୍ତି ଫଳରେ ସମ୍ପୃକ୍ତ ବ୍ୟକ୍ତିଙ୍କ ଶରୀରରୁ ଜଳୀୟ ଅଂଶ ମାତ୍ରା ହ୍ରାସ ପାଇ ଗୁରୁତର ହୋଇ ପଡୁଥିବା କୁହାଯାଇଛି। ଶନିବାର ଉତ୍ତରାଞ୍ଚଳ ଆର୍‌ଡିସି ଶ୍ରୀକାନ୍ତ ପୃଷ୍ଟି, ସମ୍ବଲପୁର ଜିଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲଙ୍କ ସମେତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ) ଡା. ସୁଜାତା ରାଣୀ ମିଶ୍ର ହୀରାକୁଦ ଡାକ୍ତରଖାନା ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏଠାରେ ନିୟୋଜିତ ଚିକିତ୍ସକ ଓ ସ୍ୱାସ୍ଥ୍ୟକର୍ମୀଙ୍କ ସହ ଆଲୋଚନା ମଧ୍ୟ କରିଛନ୍ତି।


ହୀରାକୁଦ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଝାଡ଼ାବାନ୍ତି ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝୁଛନ୍ତି ଆର୍‌ଡିସି, ଜିଲାପାଳ ଓ ସିଡିଏମ୍‌ଓ।

## ସ୍ଥିତି ନିୟନ୍ତ୍ରଣାଧୀନ: ସିଡିଏମ୍‌ଓ

ହୀରାକୁଦରେ ଝାଡ଼ାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ସମ୍ପର୍କରେ ସମ୍ବଲପୁର ସିଡିଏମ୍‌ଓ ଡା. ସୁଜାତା ରାଣୀ ମିଶ୍ର କହିଛନ୍ତି, ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ହୀରାକୁଦ ଅଞ୍ଚଳରେ ଝାଡ଼ାବାନ୍ତି ନିୟନ୍ତ୍ରଣ ପାଇଁ ସମସ୍ତ ପ୍ରକାର ପ୍ରତିଷେଧକ ମୂଳକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ସେ ନିଜେ ଯାଇ ସ୍ଥିତି ଅନୁଧ୍ୟାନ କରୁଥିବା କହିଛନ୍ତି। ରୋଗ ଓ ରୋଗୀଙ୍କ ସଂଖ୍ୟାକୁ ଦେଖି ଅତିରିକ୍ତ ସ୍ୱାସ୍ଥ୍ୟକର୍ମୀଙ୍କ ସହିତ ଏକ ୩ ଜଣିଆ ଡାକ୍ତରୀ ଦଳକୁ ହୀରାକୁଦ ଡାକ୍ତରଖାନାକୁ ଡେପୁଟେଶନରେ ପ୍ରେରଣ କରାଯାଇଛି। ସ୍ୱାସ୍ଥ୍ୟସେବୀମାନେ ହୀରାକୁଦର ପ୍ରତ୍ୟେକ ପଡ଼ାରେ ଘର ଘର ବୁଲି ଲୋକଙ୍କୁ ହେଲୋଜିନ୍ ବଟିକା, ଓଆର୍‌ଏସ୍ ପ୍ୟାକେଟ୍ ବଣ୍ଟନ କରିବା ସହ ସ୍ୱାସ୍ଥ୍ୟଜନିତ ସଚେତନତା ସୃଷ୍ଟି କରୁଛନ୍ତି। ପାଇପ୍ ଜଳକୁ ସିଧାସଳଖ ପାନୀୟ ଭାବେ ଗ୍ରହଣ କରିବାକୁ ବାରଣ କରାଯାଇଛି। ପାଣିରେ ହେଲୋଜିନ ବଟିକା ପକାଇ କିମ୍ବା ଫୁଟାଇ ଥଣ୍ଡା କରି ପିଇବାକୁ ପରାମର୍ଶ ଦିଆଯାଇଛି। ଆବଶ୍ୟକ ସ୍ଥଳେ ପ୍ରଚୁର ପରିମାଣର ଓଆର୍‌ଏସ୍ ପିଇବାକୁ ମଧ୍ୟ ପରାମର୍ଶ ଦିଆଯାଉଛି। ବର୍ତ୍ତମାନ ସ୍ଥିତି ନିୟନ୍ତ୍ରଣାଧୀନ ରହିଛି। ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖାଯାଇଛି ବୋଲି ସିଡିଏମ୍‌ଓ ମିଶ୍ର କହିଛନ୍ତି।

# ଚଢ଼ାଉ ବେଳେ ଅବକାରୀ ଟିମ୍‌କୁ ଆକ୍ରମଣ

- ଦେଶୀମଦ ଜବତ, ବ୍ୟବସାୟୀ ଗିରଫ
- ଗାଡ଼ି ଭଙ୍ଗାରୁଜା, ୨ଆହତ

ଖୁଣ୍ଟୁଣୀ, ୨୩।୩ (ସଚ୍ଚିଦାନନ୍ଦ ପଣ୍ଡା)

କଟକ ଜିଲା ଖୁଣ୍ଟୁଣୀ ଥାନା ଅଧୀନ ଡାଲୁଆ ଗ୍ରାମରେ ଶନିବାର ଚଢ଼ାଉବେଳେ ଅବକାରୀ କର୍ମଚାରୀଙ୍କୁ ଆକ୍ରମଣ କରାଯାଇଛି। ଏଥିରେ ୨ ଜଣ କର୍ମଚାରୀ ଆହତ ହୋଇଛନ୍ତି। ସେମାନେ ହେଲେ ଅବକାରୀ ଏସ୍‌ଆଇ ଜ୍ୟୋତିର୍ମୟୀ ଦାସ ଓ ଶାଶ୍ୱତୀ ମହାନ୍ତି। ଚିକିତ୍ସା ଲାଗି ସେମାନଙ୍କୁ ଆଠଗଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏଥିସହ ଦୁର୍ବୃତ୍ତମାନେ କଟକ ଜିଲା ଅବକାରୀ ବିଭାଗ ଅଧୀକ୍ଷକ ଦେବାଶିଷ ପଟେଲଙ୍କ ସମେତ କର୍ମଚାରୀଙ୍କୁ ଅଟକ ରଖିବା ସହ ଅବକାରୀ ବିଭାଗର ଗୋଟିଏ ଗାଡି ଭଙ୍ଗାରୁଜା କରିଛନ୍ତି। ଖବରପାଇ ଖୁଣ୍ଟୁଣୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ସେମାନଙ୍କ କବଳରୁ ଅବକାରୀ କର୍ମଚାରୀଙ୍କୁ ଉଦ୍ଧାର କରିଥିଲେ। ଅପରପକ୍ଷରେ ମଦ ବ୍ୟବସାୟୀ ସୁରେନ୍ଦ୍ର ସ୍ୱାଇଁ ଓରଫ ଭୁଟୁରିଙ୍କୁ ଅବକାରୀ ବିଭାଗ ଗିରଫ କରିଛି।

ମିଳିଥିବା ସୂଚନା ଅନୁଯାୟୀ, ଡାଲୁଆ ଗ୍ରାମ ନିକଟ ଜଙ୍ଗଲରେ ଦୀର୍ଘଦିନ ହେବ ଚୋରା ମଦ କାରବାର ଚାଲିଥିଲା। ସୁରେନ୍ଦ୍ର ଏହି କାରବାର ଚଳାଉଥିବା ଖବର ପାଇବା ପରେ ଶନିବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ଅବକାରୀ ବିଭାଗ ଅଧୀକ୍ଷକ ପଟେଲଙ୍କ ନେତୃତ୍ୱରେ କଟକ ଜିଲା ଅବକାରୀ ମୋବାଇଲ ସ୍କ୍ୱାଡ୍ ଏବଂ ଆଠଗଡ ଅବକାରୀ ବିଭାଗର ଏକ ଟିମ୍ ଜଙ୍ଗଲରେ ଚଢାଉ କରିଥିଲା। ଚଢ଼ାଉବେଳେ ୫ ହଜାର ଲିଟର ଗୁଡ଼ ପୋଚ ନଷ୍ଟ କରିବା ସହିତ ୧୦୦୦ରୁ ଊର୍ଦ୍ଧ୍ୱ ଲିଟର ଦେଶୀ ରନ୍ଧା ମଦ ଜବତ କରିଥିଲା। ଏଥିସହ ସୁରେନ୍ଦ୍ରଙ୍କୁ ଗିରଫ କରିଥିଲା। ଏହି ଖବର ପାଇବା ପରେ ଡାଲୁଆ ଗ୍ରାମର ମଦ ମାଫିଆମାନେ କୌଶଳ କରି କେତେଜଣ ମହିଳାଙ୍କୁ ଅବକାରୀ ବିଭାଗ ଗାଡ଼ି ଆଗରେ ଛିଡା କରାଇବା ସହ ରାସ୍ତା ଅବରୋଧ କରିଥିଲେ। ପରେ ଅବକାରୀ କର୍ମଚାରୀଙ୍କୁ ଆକ୍ରମଣ କରିବା ସହ ଗାଡି ଭଙ୍ଗାରୁଜା କରିଥିଲେ। ଏ ସମ୍ପର୍କରେ ଗ୍ରାମର ୧୦ ଜଣ ମାଫିଆଙ୍କ ନାମରେ ଆଠଗଡ଼ ଅବକାରୀ ଇନ୍ସପେକ୍ଟର ହେମନ୍ତ କୁମାର ମହାନନ୍ଦିଆ ଖୁଣ୍ଟୁଣୀ ଥାନାରେ ଏତଲା ଦେଇଛନ୍ତି। ଏନେଇ ତଦନ୍ତ ଜାରି ରହିଥିବା ଆଇଆଇସି ଭବାନୀ ଶଙ୍କର ଖୁଣ୍ଟିଆ କହିଛନ୍ତି।

ସୂଚନାଯୋଗ୍ୟ, ୨୦୨୩ ଜୁଲାଇ ୨୭ ତାରିଖରେ ଅବକାରୀ ବିଭାଗ ଡାଲୁଆ ଗ୍ରାମରେ ଚଢ଼ାଉ କରିବାବେଳେ ମଦ ମାଫିଆମାନେ ଆକ୍ରମଣ କରିଥିଲେ। ଏଥିରେ ଅବକାରୀ ବିଭାଗ ୪ ଜଣ କର୍ମଚାରୀ ଆହତ ହୋଇଥିଲେ। ଏପରି କି ମଦ ମାଫିଆମାନେ ଅବକାରୀ ବିଭାଗର ୬ଟି ଗାଡ଼ି ଭଙ୍ଗାରୁଜା କରିଥିଲେ। ଏହି ଘଟଣାରେ ଖୁଣ୍ଟୁଣୀ ପୋଲିସ ୪ ଜଣଙ୍କୁ ଗିରଫ କରିଥିବାବେଳେ ମୁଖ୍ୟ ଅଭିଯୁକ୍ତ ସୁରେନ୍ଦ୍ର ଖୁଲମଖୁଲା ବୁଲିବା ସହ ଦେଶୀ ମଦ କାରବାର ଚଳାଇ ଆସୁଥିଲେ।


ଅବକାରୀ କର୍ମଚାରୀଙ୍କୁ ମହିଳାମାନେ ଅଟକ ରଖିଛନ୍ତି।

# ବିଏସ୍‌ଇଟି ସୋସାଇଟି ସଭାପତି ପଦ ଛାଡ଼ିଲେ ପ୍ରୟାସକାନ୍ତି

ଭଦ୍ରକ,୨୩।୩(ସନାତନ ରାଉତ)

ଦୀର୍ଘଦିନ ଧରି ବିବାଦରେ ଥିବା ଭଦ୍ରକ ବରପଦା ସ୍କୁଲ ଅଫ୍ ଇଞ୍ଜିନିୟରିଂ ଟେକ୍ନୋଲୋଜି (ବିଏସ୍‌ଇଟି) ସୋସାଇଟି ସଭାପତି ପଦରୁ ପ୍ରୟାସକାନ୍ତି ସାମଲ ଶନିବାର ସନ୍ଧ୍ୟାରେ ଇସ୍ତଫା ଦେଇଛନ୍ତି। ଏନେଇ ଏକ ଖବରଦାତା ସମ୍ମିଳନୀରେ ତାଙ୍କର ଇସ୍ତଫା ଘୋଷଣା କରିବା ସହ ଇସ୍ତଫାପତ୍ର ସୋସାଇଟିର ସମ୍ପାଦକଙ୍କ ପାଖକୁ ପଠାଇଥିବା କହିଛନ୍ତି। ବର୍ତ୍ତମାନର ପାରିପାର୍ଶ୍ୱିକ ପରିସ୍ଥିତିକୁ ଦୃଷ୍ଟିରେ ରଖି କଲେଜର ହିତ ପାଇଁ ସେ ଏହି ନିଷ୍ପତ୍ତି ନେଇଥିବା କହିଛନ୍ତି।

କଲେଜର କେତେଜଣ କର୍ମଚାରୀ ବକେୟା ଦରମା ଓ ବିଏସ୍‌ଇଟି ସୋସାଇଟିକୁ ଭଙ୍ଗ ଦାବିରେ ଆନ୍ଦୋଳନ କରିଆସୁଥିଲେ। ବରପଦା କଲେଜ ଫାଟକ ସାମ୍ନାରେ ସେମାନେ ଆନ୍ଦୋଳନ କରିବା ସହ ପରେ ବରପଦା ବନ୍ଦ ମଧ୍ୟ କରିଥିଲେ। ଏପରି କି ସ୍ଥିତି ନିୟନ୍ତ୍ରଣ ପାଇଁ ଗତ ୨୧ ତାରିଖରେ ଜିଲା ପ୍ରଶାସନ ପକ୍ଷରୁ କଲେଜ ଫାଟକରୁ ଶହେ ମିଟର ପରିଧି ମଧ୍ୟରେ ୧୪୪ ଧାରା ଜାରି କରାଯାଇଛି। ପ୍ରୟାସକାନ୍ତି ୨୦୧୦ରୁ ସଭାପତି ପଦରେ ରହିଆସିଥିବା ବେଳେ ସେ ସ୍ୱତଃପ୍ରବୃତ୍ତ ଭାବେ ଏହି ପଦରୁ ଇସ୍ତଫା ଦେଇଥିବା ଖବରଦାତା ସମ୍ମିଳନୀରେ ଘୋଷଣା କରିଛନ୍ତି। କଲେଜ, ଶିକ୍ଷା ଓ ଅଣଶିକ୍ଷା କର୍ମଚାରୀଙ୍କ ହିତକୁ ଦୃଷ୍ଟିରେ ରଖି ସେ ଇସ୍ତଫା ଦେଉଛନ୍ତି। ତେବେ ପ୍ରତି ୩ ମାସରେ ଥରେ ଜିଲାପାଳ ପରିଚାଳନା କମିଟି ସହ ବୈଠକ କରି ସମସ୍ତ ଆୟବ୍ୟୟର ତଦାରଖ କରିବାକୁ ସେ ଅନୁରୋଧ କରିଛନ୍ତି। କଲେଜର ସୁନାମ ଫେରିବା ସହ ଶୈକ୍ଷିକ ବାତାବରଣକୁ ଫେରାଇ ଆଣିବା ପାଇଁ ପରିଚାଳନା କମିଟି ଓ ଶିକ୍ଷା କର୍ମଚାରୀଙ୍କୁ ସେ ଅନୁରୋଧ କରିଛନ୍ତି। ସୂଚନାଥାଉ କି, ଏହି କଲେଜରେ ଦୁର୍ନୀତି ନେଇ ଗତ ଫେବୃଆରୀରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ପକ୍ଷରୁ ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ଘର ସମେତ ୧୦ଟି ସ୍ଥାନରେ ଚଢ଼ାଉ କରାଯାଇଥିଲା। ସେହିପରି ବିଧାୟକଙ୍କ ପୁଅ ପ୍ରୟାସକାନ୍ତିଙ୍କ ଭୁବନେଶ୍ୱରସ୍ଥିତ ବାସଭବନରେ ମଧ୍ୟ ଇଡି ଚଢ଼ାଉ କରିଥିଲା।


ପ୍ରୟାସକାନ୍ତି ସାମଲ



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ବିଜୁ ଛାତ୍ର ଜନତା ଦଳର ନିର୍ବାଚନୀ ପ୍ରସ୍ତୁତି ବୈଠକ, ସ୍ଥାନ: ଶଙ୍ଖ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ବାସନ୍ତୀ ପଟ୍ଟନାୟକଙ୍କ ଜନ୍ମଦିନ ଅବସରରେ ରକ୍ତଦାନ ଶିବିର, ସ୍ଥାନ: କ୍ୟାପିଟାଲ ହସ୍ପିଟାଲ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଦଳିତ ଅଧିକାର ସୁରକ୍ଷା ସମ୍ପର୍କିତ ଖବରଦାତା ସମ୍ମିଳନୀ, ସ୍ଥାନ: ହୋଟେଲ କେଶରୀ, ଷ୍ଟେଶନ ବଜାର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଇଣ୍ଡିଆନ୍ ଓମେନ୍ସ ଲିଗ୍- ଓଡ଼ିଶା ଏଫ୍ସି ବନାମ କିକ୍ଷ୍ଟାର୍ଟ ଏଫ୍ସି, ସ୍ଥାନ: କଳିଙ୍ଗ ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା ୩୦।
- ନେତାଜୀ ସ୍କୁଲ ଓ କଲେଜ ଅଫ ନର୍ସିଂର ବାର୍ଷିକୋତ୍ସବ, ସ୍ଥାନ: ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର ଅଡିଟୋରିୟମ୍, ସମୟ: ଅପରାହ୍ନ ୪ଟା।
- ସାହିତ୍ୟ ପିଣ୍ଡା ପକ୍ଷରୁ ସାହିତ୍ୟ ଆସର, ସ୍ଥାନ: ବନ୍ଧୁ ଘର, ସମ୍ ହସ୍ପିଟାଲ ଛକ, ସମୟ: ଅପରାହ୍ନ ୪ଟା।
- ଅଷ୍ଟମ ସହଯୋଗ ସହାୟତା ସମ୍ବର୍ଦ୍ଧନା ସମାରୋହ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ଅପରାହ୍ନ ୫ଟା।
- ବହି 'କନକବଟ' ଉନ୍ମୋଚନ, ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୫ଟା ୩୦।
- ବୃନ୍ଦାବନ ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ବିଶିଷ୍ଟ ଶିଳ୍ପୀଗୁରୁ ପଦ୍ମବିଭୂଷଣ ରଘୁନାଥ ମହାପାତ୍ରଙ୍କ ୮୧ତମ ଜୟନ୍ତୀ ଉତ୍ସବ, ସ୍ଥାନ: ନେତାଜୀ ଭବନ, ୟୁନିଟ୍-୬, ସମୟ: ସନ୍ଧ୍ୟା ୬ଟା।

## କଟକ

- ଆଇଏସ୍ ଚେସ୍ ସେଣ୍ଟର ଓ କେ.ଟି. ଗ୍ଲୋବାଲ୍ ସ୍କୁଲର ମିଳିତ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ସ୍କୁଲ ଚେସ୍ର ପୁରସ୍କାର ବିତରଣୀ ଉତ୍ସବ, ସ୍ଥାନ: କଟକ ସିଡିଏସ୍ଥିତ ଋଦ୍ଧିସିଦ୍ଧି କଲ୍ୟାଣ ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ବିଶ୍ୱ ନାଟ୍ୟ ସପ୍ତାହ ଉପଲକ୍ଷେ ଥିଏଟର ମାରାଥନ୍ ପକ୍ଷରୁ ନାଟକ ମହାପାପ ମଞ୍ଚସ୍ଥ, ସ୍ଥାନ: କଟକ କଳାବିକାଶ କେନ୍ଦ୍ର ପ୍ରେକ୍ଷାଳୟ, ସମୟ: ସନ୍ଧ୍ୟା ୭ଟା।

## ପୁରୀ

- ପରିବେଶ ପରିବର୍ତ୍ତନ ଓ ସୁରକ୍ଷା ସମ୍ପର୍କିତ କର୍ମଶାଳା, ସ୍ଥାନ: ଲାଇଟ୍ ହାଉସ ବେଳାଭୂମି, ସମୟ: ସକାଳ ୬ଟା ୩୦।
- ମହାବୀର କଳା ପରିଷଦ ପକ୍ଷରୁ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ, ସ୍ଥାନ: ଗଙ୍ଗୁଆ ଛକ, ନିମାପଡ଼ା ସମୟ: ପୂର୍ବାହ୍ନ ୧୦ଟା।
- ଜାଗୃତି ପ୍ରତିଭା ଅନ୍ୱେଷଣ ପ୍ରତିଯୋଗିତା ଏବଂ ଭଏସ୍ ଅଫ ଜାଗୃତି ଅଡ଼ିଶନ, ସ୍ଥାନ: ନୀଳକଣ୍ଠେଶ୍ୱର ମନ୍ଦିର ପରିସର, ପିପିଲି ବ୍ଲକ ପଦା ପଡ଼ିଆ ନିକଟ, ସମୟ: ପୂର୍ବାହ୍ନ ୧୦ଟା।
- ନାଟକ ଉତ୍ସବର ଚତୁର୍ଥ ରଜନୀରେ ନାଟକ 'କାନ୍ଧ ମାଷ୍ଟ୍ରେ', ସ୍ଥାନ: ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୭ଟା ୩୦।
- ଭାଣପୁର ପ୍ରିମିୟର ଲିଗ୍ ଦିବାରାତ୍ର କ୍ରିକେଟ୍ ଟୁର୍ନାମେଣ୍ଟ (୨୦୨୪) ଉଦ୍ଯାପନୀ ସମାରୋହ, ସ୍ଥାନ: ଭାଣପୁର ହାଇସ୍କୁଲ ପଡ଼ିଆ, ନିମାପଡ଼ା, ସମୟ: ରାତି ୮ଟା।
- ସାକ୍ଷୀଗୋପାଳ ଠାକୁରଙ୍କ ଗ୍ରାମ ପରିକ୍ରମା, ସ୍ଥାନ: ସେବକ ସାହି, ସମୟ: ରାତି ୯ଟା।
- ସାକ୍ଷୀଗୋପାଳ ଦୋଳ ପର୍ବ ଉପଲକ୍ଷେ ପାରମ୍ପରିକ ନୃତ୍ୟ ପରିବେଷଣ, ସ୍ଥାନ: ଶ୍ରୀରାମଚନ୍ଦ୍ରପୁର ଶାସନ, ସମୟ: ରାତି ୧୧ଟା।

## ଖୋର୍ଦ୍ଧା

- ତ୍ରିନାଥ ଦେବଙ୍କ ବାର୍ଷିକୋତ୍ସବ, ସ୍ଥାନ: କୋଲୁହାପାଟଣା, ବେଗୁନିଆ, ସମୟ: ସକାଳ ୮ଟା।
- ବୋଲଗଡ଼ ପ୍ରିମିୟର ଲିଗ, ସ୍ଥାନ: ପିଏନ୍ କଲେଜ ନିକଟ ଖେଳପଡ଼ିଆ, ବୋଲଗଡ଼, ଖୋର୍ଦ୍ଧା, ସମୟ: ଅପରାହ୍ନ ୩ଟା।
- ଅଷ୍ଟପ୍ରହର ହରିନାମ ଯଜ୍ଞ, ଶୁଭ ଅଧିବାସ, ସ୍ଥାନ: ରଘୁନାଥ ଦେବଙ୍କ ପୀଠ, ଗୋବିନ୍ଦପୁର, ବେଗୁନିଆ, ସମୟ: ଅପରାହ୍ନ ୫ଟା।
- ଚତୁର୍ଦ୍ଦଶ ବାର୍ଷିକ ଅଷ୍ଟପ୍ରହର ନାମଯଜ୍ଞ ଓ ଦୋଳ ଉତ୍ସବ, ସ୍ଥାନ: ଶ୍ରୀବାସୁଦେବଙ୍କ ବିଜେସ୍ଥଳୀ, ପଦ୍ମପୁର (ଖାରଡପଲ୍ଲୀ), ବୋଲଗଡ଼, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର

- ରାଜ୍ୟସ୍ତରୀୟ ଆଲୋଚନା ସଭା 'ଗଣତାନ୍ତ୍ରିକ ଆନ୍ଦୋଳନ ଓ ସରକାରୀ ଦମନ', ସ୍ଥାନ: ବାଲେଶ୍ୱର, ଓଡ଼େଶା ଭବନ, ଫକୀରମୋହନ ନଗର ଛକ, ସମୟ: ପୂର୍ବାହ୍ନ ୧୦ଟା।
- ୨୦୧କୁଣ୍ଡୀୟ ବିଶ୍ୱକଲ୍ୟାଣ ମହାଯଜ୍ଞ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ସଦର ବ୍ଲକ, ହଳଦୀପଦା ବଜାର, ରୂପସା, ସମୟ: ପୂର୍ବାହ୍ନ ୧୦ଟା।
- ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ୧୫ତମ ବାର୍ଷିକ ଉତ୍ସବ, ସ୍ଥାନ: ବସ୍ତା, ଗୋଠଗଡ଼ିଆ,ସମୟ: ପୂର୍ବାହ୍ନ ୧୦ଟା।
- ଖଇରା ବ୍ଲକର ଅଣ୍ଡାଇଲୋ ଗ୍ରାମରେ ଗୁରୁପୂଜା, ସ୍ଥାନ: ଖଇରାସ୍ଥିତ ଗଣେଶ ବଙ୍ଗଳା ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ମାଗଣା ଚକ୍ଷୁ ପରୀକ୍ଷା ଶିବିର, ସ୍ଥାନ: ବାଲିଆପାଳ ପଞ୍ଚାୟତ କାର୍ଯ୍ୟାଳୟ ଓ ଭୋଗରାଇ ବ୍ଲକର ବାଉଁଶଡ଼ିହା ପଞ୍ଚାୟତ କାର୍ଯ୍ୟାଳୟ,ସମୟ: ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୨ଟା।
- ପ୍ରାକ୍ ହୋଲି ମିଳନ 'ପ୍ରେମ ଫଗୁଣ', ସ୍ଥାନ: ବାଲେଶ୍ୱର, ଶାନ୍ତିକାନନ, ମଲ୍ଲିକାଶପୁର, ସମୟ: ଅପରାହ୍ନ ୫ଟା।
- ଜେଡ୍ଏସ୍ଏସ୍ ମାର୍କେଟ୍ କମ୍ପ୍ଲେକ୍ସ ବ୍ୟବସାୟୀ ସଂଘ ପକ୍ଷରୁ ଇଫ୍ତାର ପାର୍ଟି, ସ୍ଥାନ: ବ୍ରିଟ୍ କଲ୍ୟାଣ ମଣ୍ଡପ, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।
- ଶ୍ରୀ ଶ୍ରୀ ଅଭିରାମ ପରମହଂସ ଦେବଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବରେ ସନାତନ ଧର୍ମ ସମ୍ମିଳନୀ, ସ୍ଥାନ: ରୂପସା, ଶାନ୍ତି ଆନନ୍ଦାଶ୍ରମ, ବାଖରାବାଦ ଶାଖା, ସମୟ: ଅପରାହ୍ନ ୫ଟା।

## ମୟୂରଭଞ୍ଜ

- ଶ୍ରୀ ଶ୍ରୀ ରାଧାକୃଷ୍ଣ ମହାପ୍ରଭୁଙ୍କ ଷୋହଳ ପ୍ରହର ଅଖଣ୍ଡ ନାମାରମ୍ଭ, ସ୍ଥାନ: ବାରୁଣେଶ୍ୱର ଦୁର୍ଗାପୂଜା ମଣ୍ଡପ,ବାରିପଦା, ସମୟ: ସକାଳ ୬ଟା।
- ମା' ଶିତଳାଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଶାମାଖୁଣ୍ଟା ବ୍ଲକ୍ ଆନିଆଁପାଳ, ସମୟ: ସକାଳ ୮ଟା।
- ମୟୂରଭଞ୍ଜ ସାହିତ୍ୟ ପରିଷଦର ବାର୍ଷିକତ୍ସୋବ, ସ୍ଥାନ: ଶ୍ରୀମା ମହିଳା ମହାବିଦ୍ୟାଳୟ ସଭାଗୃହ ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଗ୍ରାମ୍ୟ ଦାନ୍ତାଳ ପୂଜା ନିମନ୍ତେ ପ୍ରସ୍ତୁତି ବୈଠକ, ସ୍ଥାନ: ଚିତ୍ରଡ଼ା ଶିବ ମନ୍ଦିର, ସମୟ: ଅପରାହ୍ନ ୫ଟା।
- ଝୁମର କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ହଳଦୀପାଳ ରାବଣ ପୋଡ଼ି ପଡ଼ିଆ, ମୋରଡ଼ା, ସମୟ: ସନ୍ଧ୍ୟା ୭ଟା।
- ସିପିଏଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ, ସ୍ଥାନ: କଲେଜ ପଡ଼ିଆ, ବାରିପଦା, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ

- ବିଜେଡିର ମିଶ୍ରଣ ପର୍ବ, ସ୍ଥାନ: ମଙ୍ଗଳପୁର ପଞ୍ଚାୟତ, ତିହିଡ଼ି, ସମୟ: ଅପରାହ୍ନ ୩ଟା।
- ମିରାକିଲ ପବ୍ଲିକ ସ୍କୁଲର ବାର୍ଷିକୋତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ବ୍ଲକରୋଡ୍,ବାସୁଦେବପୁର, ସମୟ: ଅପରାହ୍ନ ୫ଟା।
- ଆଗରପଡ଼ା ମହୋତ୍ସବର ୮ମ ସନ୍ଧ୍ୟା, ସ୍ଥାନ: ହେମପଦ୍ମ ଗାଲାକ୍ସି, ଆଗରପଡ଼ା, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର

- ଜାତୀୟ ରାଜପଥ ୨୦ ନଂ. ମସିଣାବିଲା ଗ୍ରାମରେ ମା' ଗୌରୀ ଫିଲିଙ୍ଗଷ୍ଟେସନର ଉଦ୍ଘାଟନ, ସ୍ଥାନ: ଢେଙ୍କିକୋଟ, ସମୟ: ସକାଳ ୮ଟା।
- ଆମ ଆଦମୀ ପାର୍ଟିର ଖବରଦାତା ସମ୍ମିଳନୀ, ସ୍ଥାନ: ବଳଦେବଜୀଉ କଲୋନୀ, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୧ ଟା।
- ଗଦାଧରପୁର କୁଡ଼ଟାଙ୍ଗରସ୍ଥିତ ଶ୍ରୀଗୁରୁକୁଳ ମଡେଲସ୍କୁଲ ଏବଂ ଶ୍ରୀଗୁରୁକୁଳ ଇଂଲିଶ ମିଡିୟମ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ଢେଙ୍କିକୋଟ, ସମୟ: ଅପରାହ୍ନ ୫ ଟା।
- ସୃଜନ ୨୪ର ବାର୍ଷିକ ଉତ୍ସବ, ସ୍ଥାନ: ଶ୍ରୀଗୁରୁ ବିହାର, ଘଟଗାଁ, ସମୟ: ଅପରାହ୍ନ ୫ ଟା।
- ଦୋଳ ମେଳଣ, ସ୍ଥାନ: ପାଟଣା ବ୍ଲକ୍ ସ୍ୱାମ ମେଳଣ ପଡ଼ିଆ, ସମୟ: ରାତି ୯ ଟା।

## ବ୍ରହ୍ମପୁର

- ଭାରତୀୟ ଜନତା ମହିଳା ମୋର୍ଚ୍ଚା ପକ୍ଷରୁ ହୋଲି ଉତ୍ସବ, ସ୍ଥାନ: ସଙ୍କଳ୍ପ ସ୍କୁଲ, କମାପଲି ପଡିଆ, ସମୟ: ସକାଳ ୮ଟା।
- ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ପାଠି ନିବାସ, ଅରବିନ୍ଦ ନଗର ପ୍ରଥମ ସର୍ଟ ଗଳି, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶ୍ରଦ୍ଧା ସମର୍ପଣ ଉତ୍ସବ, ସ୍ଥାନ: ଆଇଟିଆଇ ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ୧୦ଟା ୩୦।
- ଭାଜପାର ନିର୍ବାଚନୀ ପ୍ରସ୍ତୁତି ବୈଠକ, ସ୍ଥାନ: ହରିଡାଖଣ୍ଡି ଛକ ତ୍ରିଲୋକ ସେଲିବ୍ରେଶନ,ସମୟ: ମଧ୍ୟାହ୍ନ ୧୨ଟା ୩୦।
- ପିପୁଲ୍ସ ଟ୍ରଷ୍ଟର ବାର୍ଷିକ ଉତ୍ସବ,ସ୍ଥାନ: କ୍ଷୁଦ୍ର ଜଳସେଚନ ବିଭାଗ ସମ୍ମିଳନୀ କକ୍ଷ,ସମୟ: ଅପରାହ୍ନ ୨ଟା ୪୫।
- ଗଞ୍ଜାମ ରନ୍ୱେ ଶୋ', ସ୍ଥାନ: ଏସ୍ଏସ୍ବିଟି ହଲ୍,ସମୟ: ଅପରାହ୍ନ୫ଟା।

## ଗଞ୍ଜାମ

- ନାମଯଜ୍ଞ ଅଧିବାସ, କଳସ ଯାତ୍ରା,ସ୍ଥାନ: ବୁଗୁଡ଼ା ତାଳସାକର, ସମୟ: ସକାଳ ୮ଟା।
- ଚକ୍ଷୁ ଚିକିତ୍ସା ଶିବିର, ସ୍ଥାନ: ସାମନ୍ତିଆପଲ୍ଲୀ ଭରତପତି ମହାବିଦ୍ୟାଳୟ, ପାତ୍ରପୁର,ସମୟ: ପୂର୍ବାହ୍ନ ୧୦ଟା।
- ଗଣିତ ବିଭାଗର ପାଠଚକ୍ର, ସ୍ଥାନ: ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ, ସମୟ : ପୂର୍ବାହ୍ନ୧୧ଟା।
- ସତସଙ୍ଗ, ସ୍ଥାନ:ଭଞ୍ଜନଗର ବ୍ଲକ ବାଉଁଶଲୁଣ୍ଡି ଲକ୍ଷ୍ମୀ ବିହାର ଇସ୍କନମନ୍ଦିର,ସମୟ: ସନ୍ଧ୍ୟା ୬ଟା।
- ଅଷ୍ଟପ୍ରହର ଅଖଣ୍ଡ ନାମଯଜ୍ଞ, ସ୍ଥାନ: ଗୁଣ୍ଡପଲବା,ବେଲଗୁଣ୍ଠା, ସମୟ: ୭ଟା୧୫।

## କନ୍ଧମାଳ

- ମା' କନକଦୁର୍ଗା ଯୋଗାଶ୍ରମର ବାର୍ଷିକ ଉତ୍ସବ, ସ୍ଥାନ:ରେବିଙ୍ଗିଆ ଯୋଗାଶ୍ରମ ପରିସର,ସମୟ: ପୂର୍ବାହ୍ନ ୧୦ଟା।
- କୁଇସମାଜ ସେବା ସମିତି ଷଡ଼ମୁଠା ଶାଖାର ବାର୍ଷିକ ଅଧିବେଶନ,ସ୍ଥାନ: ଖଜୁରିପଡ଼ା ବ୍ଲକ ବାରିକୁମ୍ପା, ସମୟ: ପୂର୍ବାହ୍ନ ୧୧ଟା।
- ମା'ପାଟଖଣ୍ଡା କାନ୍ଦୁଲ ଭଜା ଯାତ୍ରା ଭେଟଘାଟ,ସ୍ଥାନ: ବାଲିଗୁଡା ପାଟଖଣ୍ଡା ମନ୍ଦିର ପରିସର,ସମୟ: ଅପରାହ୍ନ ୧ଟା।
- କଳସ ଯାତ୍ରା, ସ୍ଥାନ: ଜି.ଉଦୟଗିରି ଗୋଲାସାହି ତ୍ରିନାଥ ମନ୍ଦିର ପରିସର, ସମୟ:ଅପରାହ୍ନ ୨ଟା।

## ରାୟଗଡ଼ା

- ଭାଜପା ବିରୋଧରେ ଏଏପିର ଚାନ୍ଦା ଦିଅ ଧନ୍ଦା ଦିଅ କାର୍ଯ୍ୟକ୍ରମ, ସ୍ଥାନ: ରାୟଗଡ଼ା ଏଏପି ପାର୍ଟି ଅଫିସ, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ

- ମା' ଅଗ୍ନିଗଙ୍ଗାଙ୍କ ୩ ଦିନିଆ ଯାତ୍ରା ଆରମ୍ଭ, ସ୍ଥାନ: ବନ୍ଧୁଗାଁ ବ୍ଲକର ନିଳାବାଡ଼ି ପଞ୍ଚାୟତ ସଦର ମହକୁମା, ସମୟ: ସକାଳ ୭ଟା।
- ବିଜେଡି ବନ୍ଧୁମିଳନ, ସ୍ଥାନ: ସୁବାଇ ହାଟପଦା, ସେମିଳିଗୁଡା, ସମୟ: ପୂର୍ବାହ୍ନ ୧୧ଟା।

## ମାଲକାନଗିରି

- ମା ନାକଟିମାଙ୍କ ୩ ଦିନିଆ ଯାତ୍ରା ଆରମ୍ଭ ସ୍ଥାନ: ମାଲକାନଗିରି, ସମୟ: ରାତି ୧୦ଟା।

## ନବରଙ୍ଗପୁର

- ପୁସ୍ତକ ଉନ୍ମୋଚନ, କବିତା ଆସର, ସ୍ଥାନ: ଇନ୍ଦ୍ରାବତୀସ୍ଥିତ ଶ୍ରୀ ଅରବିନ୍ଦ ଆଶ୍ରମ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର

- ତିନିଦିନିଆ ହୋଲି ଶିବିର ଶୁଭାରମ୍ଭ, ସ୍ଥାନ: ଉଦୀୟମାନ ମାତୃକ୍ଷେତ୍ର ଦେବଦରନୁଆପାଲି, ସମୟ: ସକାଳ ୭ଟା।
- ବ୍ରହ୍ମାକୁମାରୀ ପକ୍ଷରୁ ହୋଲି ଉତ୍ସବ, ସ୍ଥାନ: ଦାନୀବନ୍ଧସ୍ଥିତ ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ, ସମୟ: ସକାଳ ୮ଟା।
- ଶ୍ରୀଚୈତନ୍ୟ ଅଷ୍ଟଧାତୁ ମୂର୍ତ୍ତି ପ୍ରତିଷ୍ଠା, ସ୍ଥାନ: ମୁରା ଜଗନ୍ନାଥ ମନ୍ଦିର ନିକଟ, ସମୟ: ସକାଳ ୮ଟା।
- ଚବିଶପ୍ରହର ନାମଯଜ୍ଞ, ସ୍ଥାନ: ମୁରା ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୯ଟା।
- ନୃସିଂହ ଗୁରୁ ସ୍ମୃତି କମିଟି ପକ୍ଷରୁ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ମନ୍ଦଳିଆସ୍ଥିତ ପ୍ରତିମୂର୍ତ୍ତି, ସମୟ: ସକାଳ: ୯ଟା।
- ଜଗନ୍ନାଥ ସଂସ୍କୃତିରେ ଶକ୍ତିତତ୍ତ୍ୱ ଶୀର୍ଷକ ଆଲୋଚନାଚକ୍ର, ବୁଢ଼ାରଜା ରାଧାକୃଷ୍ଣ ମନ୍ଦିର, ସମୟ: ପୂର୍ବାହ୍ନ୧୦ଟା ୩୦।
- ଚଷା ସମାଜର ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ଅପରାହ୍ନ ୫ଟା।
- ନୃସିଂହ ଗୁରୁ ଶୀର୍ଷକ ଆଲୋଚନାଚକ୍ର, ସ୍ଥାନ: ଶିଳା ଟାୱାର ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୫ଟା।
- ଜିଲା ଚେସ୍ ସଂଘ ଓ କୋଶଳ ଚେସ୍ ଏକାଡେମୀ ପକ୍ଷରୁ ଆନ୍ତଃ ବିଦ୍ୟାଳୟ ଚେସ୍ ପ୍ରତିଯୋଗିତା, ସ୍ଥାନ: ନନ୍ଦପଡା ବାଲୁଙ୍କେଶ୍ୱର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ହାସ୍ୟ କବି ସମ୍ମିଳନୀ, ସ୍ଥାନ: ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

## ବଲାଙ୍ଗୀର

- ଷୋହଳ ପ୍ରହର ନାମଯଜ୍ଞ, ସ୍ଥାନ: ଦେଓଗାଁ ବ୍ଲକ ଜରାସିଂହା ପଞ୍ଚାୟତ ଚନ୍ଦ୍ରପୁର ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୯ଟା।
- ଯାଦବ ସମାଜ ପକ୍ଷରୁ ଷୋହଳ ପ୍ରହର ନାମଯଜ୍ଞର ଶୁଭାରମ୍ଭ, ସ୍ଥାନ: ଖପ୍ରାଖୋଲ ବ୍ଲକ ରେଙ୍ଗାଲି ପଞ୍ଚାୟତ କୁଲିହାମୁଣ୍ଡା ଛକ, ସମୟ: ପୂର୍ବାହ୍ନ ୧୦ଟା।
- ପିରତି ଫଗୁନ କବିତା ଆସର-୨୦୨୪, ସ୍ଥାନ: ବଲାଙ୍ଗୀର ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ, ସମୟ: ଅପରାହ୍ନ ୧ଟା ୩୫।
- ଆଶୀର୍ବାଦ୍ ଭିକ୍ଷା ପଦଯାତ୍ରା, ସ୍ଥାନ: ତୁରେକେଲା ବ୍ଲକ ହଲନଭଟା ପଞ୍ଚାୟତ ଅନ୍ତର୍ଗତ ଖର୍ଲି ଗ୍ରାମ, ସମୟ: ଅପରାହ୍ନ ୨ଟା।

## ସୁବର୍ଣ୍ଣପୁର

- ଚବିଶ ପ୍ରହର ନାମଯଜ୍ଞର ଦ୍ୱିତୀୟ ଦିବସ, ସ୍ଥାନ: ବୀରମହାରାଜପୁର, ସମୟ: ସକାଳ ୬ଟା।
- ଅଷ୍ଟପ୍ରହର ନାମଯଜ୍ଞ ପାଇଁ କଳସ ଯାତ୍ରା, ସ୍ଥାନ: ଡୁଙ୍ଗୁରିପାଲି ବ୍ଲକ ଖୁଣ୍ଟପାଲି ଗ୍ରାମ, ସମୟ: ପୂର୍ବାହ୍ନ ୧୧ଟା।
- ଓସିଏ କମ୍ପ୍ୟୁଟର ଏକାଡେମୀର ଉଦ୍ଘାଟନୀ ଉତ୍ସବ, ସ୍ଥାନ: ସୋନପୁର ଏସ୍ବିଆଇ ରୋଡ, ସମୟ: ଅପରାହ୍ନ ୨ଟା।
- ଦେଶ୍ଫାଲ୍ ଲୋକକଳା ମହୋତ୍ସବର ତୃତୀୟ ସନ୍ଧ୍ୟା, ସ୍ଥାନ: ଉଲୁଣ୍ଡା ବ୍ଲକ ଧର୍ମଶାଳା ଦୋଳମଣ୍ଡପ ପଡିଆ, ସମୟ: ସନ୍ଧ୍ୟା ୬ଟା।
- ଚମ୍ପେଶ୍ୱର ବାବା ପଞ୍ଚଦୋଳ ମହୋତ୍ସବର ୩ୟ ଦିବସ, ସ୍ଥାନ: ବୀରମହାରାଜପୁର ବ୍ଲକ ଚମ୍ପାମାଳ ଗ୍ରାମ, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼

- ସଂଯୁକ୍ତ କୃଷକ ସଙ୍ଗଠନର ଧାରଣା, ସ୍ଥାନ: ମୁଖ୍ୟ ଜିଲା କୃଷି ଅଧିକାରୀଙ୍କ ଅଫିସ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ମାଉସୀ ମାଁ ମନ୍ଦିର ପ୍ରତିଷ୍ଠା ସମାରୋହ, ସ୍ଥାନ: କାଶିପାଲି, ସମୟ: ସକାଳ ୮ଟା।
- ବସନ୍ତ ମିଳନ ଓ ଫାଲ୍ଗୁନ ମହୋତ୍ସବ, ସ୍ଥାନ: ଶାନ୍ତି ତପୋବନ ଆଶ୍ରମ, ସମୟ: ସନ୍ଧ୍ୟା ୭ଟା।

## ସୁନ୍ଦରଗଡ଼

- ବଡ଼ଗାଁରେ ଅଷ୍ଟ ପ୍ରହର ନାମ ସଂକୀର୍ତ୍ତନ ପାଇଁ ଅଧିବାସ, ସ୍ଥାନ: ଦେବ ମଣ୍ଡପ, ସମୟ: ସନ୍ଧ୍ୟା ୬ ଟା।
- ବଡ଼ଗାଁ ବ୍ଲକ ଜାଙ୍ଗଲି ଗ୍ରାମରେ ଅଷ୍ଟ ପ୍ରହାର ନାମ ସଂକୀର୍ତ୍ତନ ପାଇଁ ଅଧିବାସ, ସ୍ଥାନ: କୀର୍ତ୍ତନ ମଣ୍ଡପ, ସମୟ: ସନ୍ଧ୍ୟା ୬ ଟା।
- ଅଷ୍ଟପ୍ରହରୀ ନାମ ସଂକୀର୍ତ୍ତନ ପାଇଁ ୧୦୮ କଳସ ଶୋଭାଯାତ୍ରା, ସ୍ଥାନ:ସବ୍ଡେଗା ଜଗନ୍ନାଥ ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ଅଷ୍ଟପ୍ରହରୀ ନାମଯଜ୍ଞ ଅଧିବାସ, ସ୍ଥାନ: ହେମଗିର କାଠଫାଳି ଗ୍ରାମ, ସମୟ: ସନ୍ଧ୍ୟା ୬ଟା।
- ଅଷ୍ଟପ୍ରହରୀ ନାମ ଯଜ୍ଞ ଅଧିବାସ: ସ୍ଥାନ: ହେମଗିରି ଚକାଡୋଲା ଛକ, ସମୟ: ସକାଳ ୬ଟା।

## ରାଉରକେଲା

- ବାବା ଆଖଣ୍ଡଳମଣି ପ୍ରଥମ ବାର୍ଷିକ ଉତ୍ସବ ଓ ପ୍ରତିଷ୍ଠା ଦିବସ, ସ୍ଥାନ: ସେକ୍ଟର-୧୪ ମାର୍କେଟ, ସମୟ: ସକାଳ ୭ଟା।
- ରଶ୍ମିପ୍ରଭାର ସପ୍ତମ ବାର୍ଷିକ ଉତ୍ସବ, ସ୍ଥାନ: ଗୋପବନ୍ଧୁପାଲୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ସମୟ: ସକାଳ ୯ଟା।
- ଉତ୍କଳ ସମ୍ମିଳନୀ ପକ୍ଷରୁ ବୈଠକ, ସ୍ଥାନ: ଛେଣ୍ଡ, ମଧୁସୂଦନ ପାଠାଗାର ସମୟ: ପୂର୍ବାହ୍ନ ୧୧ଟା।
- ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟରେ ଖବରଦାତା ସମ୍ମିଳନୀ, ସ୍ଥାନ: ସିଭିଲଟାଉସନଶିପ୍, ସମୟ: ପୂର୍ବାହ୍ନ ୧୧ଟା ୩୦।
- ହାପି ମୁମେଣ୍ଟ ପକ୍ଷରୁ ହୋଲି ମିଳନ, ସ୍ଥାନ: କୋଏଲନଗର, ସି ବ୍ଲକ , ସମୟ: ଅପରାହ୍ନ ୩ଟା ୩୦।
- ଜାତୀୟ ନାଟକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ମ୍ୟୁଜିକ ସର୍କଲ , ସମୟ: ସନ୍ଧ୍ୟା ୬ଟା ୩୦।

## ଦେବଗଡ଼

- ଶ୍ରୀପଦ ଅମୃତ ଶାନ୍ତି ଯଜ୍ଞ, ମଙ୍ଗଳ ଆରତୀ, ପ୍ରଭାତ ଫେରି, ସୂର୍ଯ୍ୟ ପୂଜା, ପାଦୁକା ସ୍ନାନ,ସ୍ଥାନ: ଦେବଗଡ଼ ବଲମ କେନ୍ଦ୍ର,ସମୟ : ପ୍ରାତଃ ୪ଟା୩୦।
- ବିଶ୍ୱ ଯକ୍ଷ୍ମା ଦିବସ ପାଳନ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ, ସମୟ: ପୂର୍ବାହ୍ନ୧୧ଟା।

## କଳାହାଣ୍ଡି

- ୧୬ ପ୍ରହର ଅଖଣ୍ଡ ନାମଯଜ୍ଞ, ସ୍ଥାନ: ଜୁନାଗଡ ରାଧାକୃଷ୍ଣ ମନ୍ଦିର, ସମୟ: ସକାଳ ୬ଟା।
- ଟୋକି ପର୍ବ ଓ ପୋଡ଼ମରା ଉତ୍ସବ, ଲାଞ୍ଜିଗଡ଼ ବ୍ଲକ ବେନଗାଁ ପଞ୍ଚାୟତର ପଦ୍ମଥୋପା ଗ୍ରାମ, ସମୟ: ପୂର୍ବାହ୍ନ ୧୧ଟା।
- ଶାସ୍ତ୍ରିଜୀ ଶିକ୍ଷା ନିକେତନର ଦ୍ୱାଦଶ ବାର୍ଷିକ ଉତ୍ସବ, ସ୍ଥାନ: ଭବାନୀପାଟଣା ଚକ୍ରଧର ନଗର, ସମୟ: ଅପରାହ୍ନ ୪ଟା ୩୦।
- ଶାସ୍ତ୍ରୀୟ ସଙ୍ଗୀତ ଓ ଲୋକସଙ୍ଗୀତର ଉତ୍ସବ'ସଙ୍ଗୀତୟନା' ଉଦ୍ଯାପନୀ, ସ୍ଥାନ: ଭବାନୀପାଟଣା ଟାଉନହଲ,ସମୟ: ସନ୍ଧ୍ୟା ୬ଟା ୩୦।

## ନୂଆପଡ଼ା

- ମିଶନ ଚର୍ଚ୍ଚ ପକ୍ଷରୁ ବିଜୟ ଯାତ୍ରା ପାଳନ, ସ୍ଥାନ: ଖଡ଼ିଆଳ ବ୍ଲକ ଅନ୍ତର୍ଗତ ମିଶନ ଚର୍ଚ୍ଚ ପରିସର, ସମୟ: ସକାଳ ୮ଟା ୩୦।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ନାମଧାରଣ କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ଦିଆମୁଣ୍ଡା ଗାଁ ଉପରପଡ଼ା, ସମୟ: ସକାଳ ୯ଟା ୪୫।

## ବୌଦ୍ଧ

- ମାତା ଘଟେକେଶ୍ୱରୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅବସରରେ କଳସ ଯାତ୍ରା,ସ୍ଥାନ: ଖଲିଆବଗିଚାସ୍ଥିତ ମାତାଙ୍କ ମନ୍ଦିର , ବୌଦ୍ଧ, ସମୟ : ପ୍ରାତଃ ୫ଟା।
- ଚବିଶ ପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କମିରା, ବୌଦ୍ଧ, ସମୟ: ସକାଳ ୬ଟା।
- ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ବୌଦ୍ଧ ବ୍ଲକ ପଦ୍ମନପୁର ପଞ୍ଚାୟତର ମୁକୁନ୍ଦପୁର ଗ୍ରାମ୍ୟମଣ୍ଡପ, ସମୟ: ସକାଳ ୬ଟା।
- କୃଷ୍ଣଗୁରୁ ନାମଯଜ୍ଞ, ସ୍ଥାନ: ହରଭଙ୍ଗା ବ୍ଲକ ସରସରା ଗ୍ରାମ ପଞ୍ଚାୟତର ନୂଆସାହି, ସମୟ: ସକାଳ ୬ଟା।
- ଶିବମନ୍ଦିରରେ ଚବିଶ ପ୍ରହର ନାମଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: କଣ୍ଟାମାଳ ବ୍ଲକ ଘଣ୍ଟାପଡା ପଞ୍ଚାୟତ ତବଡା ଗ୍ରାମସ୍ଥିତ ମନ୍ଦିର ପରିସର, ସମୟ: ସକାଳ ୯ଟା।
- ନାମଯଜ୍ଞ ଓ ମହିଳା ଦଣ୍ଡ ନୃତ୍ୟ,ସ୍ଥାନ: ଦହ୍ୟା, ବୌଦ୍ଧ, ସମୟ: ସକାଳ ୯ ଟା।
- ଅଷ୍ଟପ୍ରହର ନାମଯଜ୍ଞ ଅବସରରେ କଳସ ଯାତ୍ରା, ସ୍ଥାନ: ଉମା ହାଟପଦା, କଣ୍ଟାମାଳ, ସମୟ: ପୂର୍ବାହ୍ନ ୧୦ଟା।
- ଷୋହଳ ପ୍ରହର ନାମଯଜ୍ଞର ଦ୍ୱିତୀୟ ଦିବସ, ସ୍ଥାନ: କଣ୍ଟାମାଳ ବ୍ଲକ କୁଲତାଯୋର ପଞ୍ଚାୟତର ନୂଆଁପାଲି ଶିବମନ୍ଦିର ପ୍ରାଙ୍ଗଣ , ସମୟ : ଅହୋରାତ୍ର।
- ଷୋହଳ ପ୍ରହର ନାମଯଜ୍ଞ ଦ୍ୱିତୀୟ ଦିବସ, ସ୍ଥାନ: କଣ୍ଟାମାଳ ବ୍ଲକ ଘଣ୍ଟାପଡା ପଞ୍ଚାୟତ ଲଣ୍ଡାପଦର ଗ୍ରାମ୍ୟମଣ୍ଡପ , ସମୟ : ଅହୋରାତ୍ର।
- ଷୋହଳ ପ୍ରହର ନାମଯଜ୍ଞର ଦ୍ୱିତୀୟ ଦିବସ, ସ୍ଥାନ: କଣ୍ଟାମାଳ ବ୍ଲକ ଖମନମୁଣ୍ଡା ପଞ୍ଚାୟତର ଗୁଣ୍ଡିଚେରା ଗ୍ରାମ୍ୟମଣ୍ଡପ, ସମୟ: ଅହୋରାତ୍ର।
- ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ପଞ୍ଚମ ବାର୍ଷିକ ଉତ୍ସବ,ସ୍ଥାନ: ଶିକ୍ଷାକେନ୍ଦ୍ର ପରିସର, ଖଟଖଟିଆ, କଣ୍ଟାମାଳ,ସମୟ: ସନ୍ଧ୍ୟା ୭ଟା।
- ଧନୁଯାତ୍ରା ମହୋତ୍ସବ ଓ କଂସ ଦରବାରର ଷଷ୍ଠ ଦିବସ, ସ୍ଥାନ: ବୌଦ୍ଧ ବ୍ଲକର ଅଁଳାପାଲି ଓ ବହିରା ଉଚ୍ଚ ବିଦ୍ୟାଳୟ ପଡ଼ିଆ, ସମୟ: ସନ୍ଧ୍ୟା ୭ଟା।

## ଢେଙ୍କାନାଳ

- ଅଲଟରନେଟିଭ ରିଦିମ ଥିଏଟର ପକ୍ଷରୁ ନାଟକ ଦେବଦାସୀ, ସ୍ଥାନ: ଢେଙ୍କାନାଳ ଗୋପବନ୍ଧୁ ଟାଉନ ହଲ, ସମୟ: ସନ୍ଧ୍ୟା ୭ଟା।

## ଅନୁଗୋଳ

- ବ୍ରଜମୋହନ ଠାକୁରଙ୍କ ମନ୍ଦିର ପ୍ରତିଷ୍ଠା, ସ୍ଥାନ: ଖମାର, ସମୟ: ସକାଳ ୭ଟା
- ଜିଲା କଳାକାର ସାଙ୍ଖ୍ୟ ବ୍ଲକ ଶାଖାର ସାଧାରଣ ବୈଠକ, ସ୍ଥାନ: କଣିହାଁ ଶିବମନ୍ଦିର, ସମୟ: ପୂର୍ବାହ୍ନ ୧୦ ଟା।
- ବିଶ୍ୱଯକ୍ଷ୍ମା ଦିବସ ପାଳନ, ସ୍ଥାନ: ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଉପଖଣ୍ଡସ୍ତରୀୟ ଉତ୍କଳ ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ, ସ୍ଥାନ: ଉପ ଜିଲାପାଳଙ୍କ ପ୍ରକୋଷ୍ଠ ଆଠମଲ୍ଲିକ, ସମୟ: ପୂର୍ବାହ୍ନ ୧୧ଟା।
- ନିର୍ବାଚନ ଜନିତ ପ୍ରଶିକ୍ଷଣ, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା।
- ନିର୍ବାଚନ ଜନିତ ସମୀକ୍ଷା, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ ଟା।
- ବାର୍ଷିକ ଦୋଳ ମେଳଣ ଯାତ୍ରା ଉତ୍ସବ, ସ୍ଥାନ: କଣିହାଁ ବ୍ଲକ କାଟେଣି ଓ କରଡେଇ ଗ୍ରାମ ମିଳନ ଯାତ୍ରା ପଡିଆ, ସମୟ: ସନ୍ଧ୍ୟା ୭ଟା।
- ମା' ମାହେଶ୍ୱରୀ ଓ ଦୋଳ ଗୋବିନ୍ଦଙ୍କ ଦୋଳ ଯାତ୍ରା ଉପଲକ୍ଷେ ହୋଲି କା ଦହନ ଉତ୍ସବ, ସ୍ଥାନ: ମାନଜୋର ପଡ଼ିଆ ଆଠମଲ୍ଲିକ, ସମୟ: ରାତି ୮ଟା।

## ଜଗତ୍ସିଂହପୁର

- ନବନିର୍ମିତ ଜଗନ୍ନାଥ ମନ୍ଦିର ରତ୍ନମୁଦି ପୂର୍ଣ୍ଣଯଜ୍ଞ, ସ୍ଥାନ: ପାରାଦୀପ ଷଣ୍ଢକୁଦ, ସମୟ: ପ୍ରାତଃ ୫ଟା।
- ହୋଟେଲ ଏମ୍ପାୟର୍ସ ପକ୍ଷରୁ ଜଳଛତ୍ର ସେବା ଆରମ୍ଭ, ସ୍ଥାନ: ପାରାଦୀପ ନୂଆବଜାର, ସମୟ: ପୂର୍ବାହ୍ନ ୧୧ଟା।
- ବିଶ୍ୱ ଟିବି ଡେ ପାଳନ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ପରିସର ସମୟ: ପୂର୍ବାହ୍ନ ୧୧ଟା।
- ପଣ୍ଡିତ ରଘୁନାଥ ମୁର୍ମୁ ବନ୍ଧୁତ୍ୱପୂର୍ଣ୍ଣ ଫୁଟ୍ବଲ ମ୍ୟାଚ, ସ୍ଥାନ: ପାରାଦୀପ ମଧୁବନ ସବ୍ଷ୍ଟେଶନ ପଡ଼ିଆ, ସମୟ: ଅପରାହ୍ନ ୪ଟା।
- ଜାତୀୟ ନାଟକ ମହୋତ୍ସବର ସପ୍ତମ ସନ୍ଧ୍ୟା 'କ୍ୟା କରେଗା ପାଜି', ସ୍ଥାନ: ପାରାଦୀପ ବଡ଼ପଡିଆ, ଜୟଦେବ ଭବନ, ସମୟ: ସନ୍ଧ୍ୟା ୭ଟା।

## ନୟାଗଡ଼

- ବିଶ୍ୱଶାନ୍ତି ଯଜ୍ଞର ପୂଜା ଓ ଆହୁତି ପ୍ରଦାନ, ସ୍ଥାନ:ନୟାଗଡ଼ ବ୍ଲକ୍ ଭାଟସାହିର ସିଦ୍ଧେଶ୍ୱର ଜୀଉଙ୍କ ପୀଠ, ସମୟ:ସକାଳ ୮ଟା।
- ରାମଚରିତ ମାନସ ନବାହ୍ନ ପାରାୟଣର ନବମ ଦିବସ, ସ୍ଥାନ: ପଶ୍ଚିମମୁଖୀ ହନୁମାନ ମନ୍ଦିର, ଖଣ୍ଡପଡ଼ା, ସମୟ: ସକାଳ ୮ଟା।
- ତୃତୀୟ ବାର୍ଷିକ ମହୋତ୍ସବର ୩ୟ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ଚାଉପଲ୍ଲୀ ଗାଁ, ସମୟ:ସକାଳ ୮ଟା।
- କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଖଣ୍ଡପଡ଼ା ବ୍ଲକ୍ କଣ୍ଟିଲୋ ମିନି ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୧ଟା।
- ଦିବାରାତ୍ର ଭଲି ଟୁର୍ନାମେଣ୍ଟ, ସ୍ଥାନ: ଖଣ୍ଡପଡ଼ା ବ୍ଲକ୍ ଗାନ୍ଧୀ ପାର୍କ, କଣ୍ଟିଲୋ, ସମୟ: ଅପରାହ୍ନ ୪ଟା।
- ନୀଳମାଧବଙ୍କ ଚାଚେରୀ ଭୋଗ ଖିଆ, ସ୍ଥାନ: ଦୟଣାଚୋରି ବଗିଚା, ସମୟ: ସନ୍ଧ୍ୟା ୭ଟା୩୦।
- ନୀଳମାଧବଙ୍କ ମେଣ୍ଢାଶାଳ ପୋଡ଼ି, ସ୍ଥାନ: କଣ୍ଟିଲୋ ନୀଳମାଧବଙ୍କ ପୂର୍ବ ଦ୍ୱାର ଦୋଳ ବେଦି ନିକଟ, ସମୟ:ରାତି ୮ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ପରିବେଶ ସୁସ୍ଥ ପାଇଁ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ:ପୁରୁଣା ବସଷ୍ଟାଣ୍ଡ, କେନ୍ଦ୍ରାପଡ଼ା ସହର, ସମୟ:ସକାଳ ୬ଟା।
- ୩୧ତମ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ:ଶ୍ରୀ ରଘୁନାଥଜୀଉ ପୀଠ, ସଞ୍ଚପଡ଼ା ଓ ଗୋବିନ୍ଦପୁର, ରାଜନଗର, ସମୟ: ସକାଳ ୬ଟା।
- ଅଷ୍ଟମ ବାର୍ଷିକ ବିଶ୍ୱଶାନ୍ତି ମହାଗୁପ୍ତ ଯଜ୍ଞ, ସ୍ଥାନ:ତଳାତଳିପଡିଆ, ବେଲାର ନୂଆଗାଁ,ତେରଗାଁ, ସମୟ: ସକାଳ ୭ଟା।
- ବଟବାବା ସାଂସ୍କୃତିକ ସଙ୍ଗଠନ ପକ୍ଷରୁ ପୂଜ୍ୟ ପୂଜନ ସମାରୋହ ଓ ବାର୍ଷିକ ଅଷ୍ଟମ ପ୍ରହର ନାମଯଜ୍ଞ, ସ୍ଥାନ:ତୁଣପୁର, ବଗଡ଼ା, କେନ୍ଦ୍ରାପଡ଼ା, ସମୟ:ଅପରାହ୍ନ ୪ଟା।
- ଗୁପ୍ତକ୍ଷେତ୍ର ବଜରଙ୍ଗ ସଙ୍ଗଠନ ପକ୍ଷରୁ ଶ୍ରୀମହାବୀରଙ୍କ ଜୟନ୍ତୀ ଉତ୍ସବ, ସ୍ଥାନ- ସଖୀବଟ, ବିଲବଲରାମପୁର, ମାର୍ଶାଘାଇ, ସମୟ:ସନ୍ଧ୍ୟା ୬ଟା।
- ପଲ୍ଲିପ୍ରଗତି ଯୁବକ ସଂଘ ପକ୍ଷରୁ ମାଆ ବକ୍ରବୁଢ଼ୀ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା, ସ୍ଥାନ:ତେରଗାଁ, ମହାକାଳପଡ଼ା, ସମୟ:ସନ୍ଧ୍ୟା ୬ଟା।
- ପଞ୍ଚମ ବାର୍ଷିକ ଶ୍ରୀ ବାସୁଦେବ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ:ଡଅଁରମୁଣ୍ଡା, ଶିଳିପୁର, ମାର୍ଶାଘାଇ, ସମୟ:ରାତି ୮ଟା।

## ଯାଜପୁର

- ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ଧର୍ମଶାଳା ବ୍ଲକ୍ର କଣିପାଟିଆ ଅଷ୍ଟପ୍ରହର ମଣ୍ଡପ, ସମୟ: ସକାଳ ୬ଟା।
- ନବକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଆରମ୍ଭ, ସ୍ଥାନ: ଧର୍ମଶାଳା ବ୍ଲକ୍ର କାଏମା ଡିଗିରି ପଡ଼ିଆ, ସମୟ: ସକାଳ ୬ଟା।
- କଳିଙ୍ଗନଗର ଶିଳ୍ପାଞ୍ଚଳର ବିସ୍ଥାପିତମାନଙ୍କ ଧାରଣା, ସ୍ଥାନ: ନୀଳାଚଳ କାରଖାନା ମୁଖ୍ୟ ଫାଟକ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀରାଧାମାଧବ ପୀଠରେ ୪୦ତମ ଦୋଳୋତ୍ସବ ଓ ଶ୍ରୀମଦ୍ ଭାଗବତ ପାରାୟଣ, ସ୍ଥାନ: କୋରେଇ ବ୍ଲକର କିଆପଦା ଗ୍ରାମ, ସମୟ: ମଧ୍ୟାହ୍ନ ୧ଟା୩୦।
- ଏପିଜେ ଅବଦୁଲ କଲାମ ଇଣ୍ଟରନ୍ୟାଶନାଲ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ଧର୍ମଶାଳା ବ୍ଲକ୍ର ଜାମୁବଣିଆସ୍ଥିତ ସ୍କୁଲ ପରିସର, ସମୟ: ଅପରାହ୍ନ ୫ଟା।
- ଅଭିମାନର ତୃତୀୟ ବାର୍ଷିକ ଉତ୍ସବ। ସ୍ଥାନ: ଯାଜପୁର ରୋଡ ଉତ୍ସବ ପ୍ୟାଲେସ, ସମୟ: ଅପରାହ୍ନ ୫ଟା।
- ଭୀମ ଆର୍ମି ଓ ବିଭିନ୍ନ ସଂଗଠନ ପକ୍ଷରୁ ପ୍ରତୀକ ଧାରଣା, ସ୍ଥାନ: ଟାଟା ଷ୍ଟିଲ ମୁଖ୍ୟ ଫାଟକ ସମ୍ମୁଖ, ସମୟ: ଦିନରାତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ପାରିବାରିକ ଓ ସାମାଜିକ ସ୍ତରରେ ନିଜର ପ୍ରାଧାନ୍ୟ ବୃଦ୍ଧି କରିପାରିବେ। କର୍ମକ୍ଷେତ୍ର, ଆନୁଷ୍ଠାନିକ କାମ, ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ। କିନ୍ତୁ କୃତ୍ତିକା ନକ୍ଷତ୍ର ସକାଶେ ଅଫିସରେ ଅନ୍ୟମାନଙ୍କ କଥାଗୁଡ଼ିକ ଭଲ ଲାଗିବ ନାହିଁ। ସଭାସମିତି ଓ ସଙ୍ଗଠନ କ୍ଷେତ୍ରରୁ ପ୍ରଶଂସିତ ହେବେ।

**ବୃଷ**
ପରିସ୍ଥିତିର ଗୁରୁତ୍ୱ ଉପଲବ୍ଧି କରି ନିକଟସ୍ଥ ବ୍ୟକ୍ତିଙ୍କୁ ମନ ବୁଝିଲା ଭଳି କଥା କହି ଆପଣେଇନେବେ। ମୃଗଶିରା ନକ୍ଷତ୍ରର କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ। ବିବାଦୀୟ ଘଟଣାରେ କିମ୍ବା ରାଜନୀତିରେ ଦୃଢ଼ ପୃଷ୍ଠପୋଷକତା ଯୋଗୁ ଆଗେଇ ଯିବେ। ବାଣିଜ୍ୟ ସକାଶେ ମୋଟାଅଙ୍କର ଅର୍ଥ ଆବଶ୍ୟକ ହୋଇପାରେ।

**ମିଥୁନ**
ମନର ଅକୁହା କଥାକୁ ଅନ୍ତରଙ୍ଗ ବନ୍ଧୁଙ୍କ ନିକଟରେ ପ୍ରକାଶ କରିବାରେ ପଛେଇଯିବେ। ପୁନର୍ବସୁ ନକ୍ଷତ୍ରର ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁ ମନରେ ସରସତା ରହିବ ନାହିଁ। ଅସ୍ଥିର ମନର କ୍ରୋଧ ସକାଶରୁ ରୁକ୍ଷ ବ୍ୟବହାର ବନ୍ଧୁଙ୍କ ମନରେ ଆଘାତ ଦେଇପାରେ। ଅବଶ୍ୟ ଆରଦ୍ରା ନକ୍ଷତ୍ର ପାଇଁ ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ।

**କର୍କଟ**
ସତର୍କରେ କାମ ନ କଲେ ପରେ ଅନୁତାପ କରିବାକୁ ପଡ଼ିପାରେ। ଅଶ୍ଳେଷା ନକ୍ଷତ୍ର ପିଲାଙ୍କ କଳହକୁ କେନ୍ଦ୍ର କରି ଓ ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ଆର୍ଥିକ ସ୍ଥିତି ଉନ୍ନତ ନ ହେଲେ ମଧ୍ୟ ଦୈନନ୍ଦିନ ଆବଶ୍ୟକତା ପୂରଣରେ ଅସୁବିଧା ରହିବ ନାହିଁ। ବୃତ୍ତି, ବାଣିଜ୍ୟ, କଳା, ସାହିତ୍ୟ କ୍ଷେତ୍ରରେ ଆଶାନୁରୂପ ଫଳ ପାଇପାରିବେ।

**ସିଂହ**
ବନ୍ଧୁ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ କାମ କରିପାରନ୍ତି। ପୂର୍ବାଫାଲ୍ଗୁନୀ ନକ୍ଷତ୍ରର ବିବାଦୀୟ ଘଟଣା ଟିକିଏ ଜଟିଳ ଆଡ଼କୁ ଗତି କଲେ ମଧ୍ୟ ଜିତାପଟ ଆପଣଙ୍କର ହେବ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରିବେ। ପରିବାରରେ ପିଲାମାନଙ୍କ କାର୍ଯ୍ୟକଳାପ ନାପସନ୍ଦ କରିପାରନ୍ତି।

**କନ୍ୟା**
ଚିତ୍ରା ନକ୍ଷତ୍ର ବିବାଦୀୟ ପରିସ୍ଥିତିରେ ପକ୍ଷଭୁକ୍ତ ହୋଇ ମଧ୍ୟସ୍ଥତା କଲେ ସମାଲୋଚିତ ହେବେ। ଟେନ୍ସନ ଜନିତ ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ ସକାଶେ ପ୍ରତିକୂଳ ପ୍ରଭାବ ପକାଇପାରେ। ତର୍କବିତର୍କ କାରଣରୁ ଭାଙ୍ଗି ପଡ଼ିଥିବା ସମ୍ପର୍କ ଆଜି ପୁଣି ଯୋଡ଼ି ହୋଇଯିବ। ନିର୍ମାଣ, କର୍ମାରମ୍ଭ ତଥା ଗଠନମୂଳକ କାର୍ଯ୍ୟରେ ଗତି ମନ୍ଥର ହେବ।

**ତୁଳା**
ଅର୍ଥ ସମ୍ପର୍କକୁ କେନ୍ଦ୍ର କରି ତର୍କର ସମ୍ମୁଖୀନ ହେବାକୁ ପଡ଼ିପାରେ। ଚିତ୍ରା ନକ୍ଷତ୍ରର ପରିବାରରେ ପିଲାଙ୍କ ସ୍ୱାସ୍ଥ୍ୟହାନି, ବନ୍ଧୁଙ୍କ ଅଭିଯୋଗ ଓ ପାରିବାରିକ ଅସହଯୋଗରୁ ଚିନ୍ତିତ ହେବେ। ବନ୍ଧୁମାନଙ୍କ ସହ ଆଜିର ଭ୍ରମଣ ସୁଖ ବେଶ୍ ଉପଭୋଗ୍ୟ ହୋଇପାରେ। ସଭାସମିତିରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ।

**ବିଛା**
ବିଳମ୍ବରେ ଲକ୍ଷ୍ୟସ୍ଥଳକୁ ଯାତ୍ରା ପରିସ୍ଥିତିକୁ ଓଲଟ ପାଲଟ କରିଦେଇପାରେ। ସମସ୍ତ କାମ ଠିକ୍ରେ ଚାଲିବ, ମାତ୍ର ଅସାବଧାନତାରୁ ଦ୍ରବ୍ୟ ନଷ୍ଟ ହୋଇପାରେ। କର୍ମକ୍ଷେତ୍ରରେ କିମ୍ବା ପାରିବାରିକ ସ୍ତରରେ ଯାହା ଆଶଙ୍କା କରୁଛନ୍ତି, ସେମିତି କିଛି ହେବ ନାହିଁ। ଗୃହସୀମା କିମ୍ବା ଘରଭଡ଼ାକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହେବେ।

**ଧନୁ**
ପରିବାର ସଦସ୍ୟମାନଙ୍କ ମିଥ୍ୟା ଅଭିଯୋଗ ସକାଶେ ବିରକ୍ତି ପ୍ରକାଶ କରିପାରନ୍ତି। ବିଭିନ୍ନ ସମସ୍ୟା ମଧ୍ୟରେ ମନ ଅଶାନ୍ତ ରହିବ, କିନ୍ତୁ ଅନ୍ୟମାନଙ୍କ ସାହାଯ୍ୟର ପ୍ରତିଶ୍ରୁତିରୁ ମନ ହାଲୁକା ରହିପାରେ। ପୂର୍ବାଷାଢ଼ା ନକ୍ଷତ୍ର କେତେକ ନୂତନ କାମର ପରିକଳ୍ପନା କରି କୃତକାର୍ଯ୍ୟ ହେବେ। ସାମୟିକ ଭାବରେ ଖର୍ଚ୍ଚଭାର ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି।

**ମକର**
ଶ୍ରବଣା ନକ୍ଷତ୍ର ଆଜି ସକାଳୁ ସକାଳୁ କୌଣସି ଶୁଭ ଖବର ପାଇ ଖୁସି ରହିବେ। ପ୍ରତିଯୋଗିତା, ପ୍ରତିଦ୍ୱନ୍ଦ୍ୱିତା କିମ୍ବା ବିବାଦୀୟ ଘଟଣାରେ ବିଜୟୀ ହେବେ। ଅନ୍ୟମାନଙ୍କୁ ସୁହାଇଲା ଭଳି କଥା କହି ପରିସ୍ଥିତିକୁ ହାଲୁକା କରିବାରେ ସମର୍ଥ ହୋଇପାରନ୍ତି। ବୟସ୍କ ବ୍ୟକ୍ତିମାନଙ୍କ ନିକଟରୁ ଶ୍ରଦ୍ଧା ଓ ଗଠନମୂଳକ ପରାମର୍ଶ ପାଇ ଖୁସି ରହିବେ।

**କୁମ୍ଭ**
ମାନସିକ ଅବସାଦ ବୃଦ୍ଧି ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ଶତଭିଷା ନକ୍ଷତ୍ର ହଠାତ୍ ପ୍ରିୟ ବନ୍ଧୁଙ୍କର କୌଣସି ଘଟଣା ମନକୁ ବିବ୍ରତ କରିପାରେ। ପାରିବାରିକ ଶାନ୍ତି ଓ ସୁସ୍ଥତା ବ୍ୟାହତ ହେଲେ ମଧ୍ୟ ପରକ୍ଷଣରେ ସବୁ ଠିକ୍ ହୋଇଯିବ। ଯାନବାହନ, ବାଣିଜ୍ୟ ସମସ୍ୟା କ୍ରମଶଃ ଜଟିଳ ହେବାର ଆଶଙ୍କା ଦେଖାଦେବ।

**ମୀନ**
ନିକଟତମ ବନ୍ଧୁଙ୍କ ସାହାଯ୍ୟରୁ ପାରିବାରିକ କ୍ଷେତ୍ରରେ ସମସ୍ୟା ସମାଧାନ ହେବ। ରେବତୀ ନକ୍ଷତ୍ର କେତେକ କ୍ଷେତ୍ରରେ ଅଜଣା ଭୟରେ ଆତଙ୍କିତ ହୋଇ କୌଣସି କାର୍ଯ୍ୟାରମ୍ଭ କରିପାରିବେ ନାହିଁ। ମତଭେଦ କାରଣରୁ ପରିବାରରେ ଛୋଟ ଛୋଟ କଥାରୁ କଳହ ସୃଷ୍ଟି ହେବ। ସଭାସମିତିରେ ଗଠନମୂଳକ ପରାମର୍ଶ ଦେଇ ପ୍ରଶଂସିତ ହେବେ।

ଆଜି ମାର୍ଚ୍ଚ ୨୪ ତାରିଖ, ଫାଲ୍ଗୁନ ଶୁକ୍ଳ ଚତୁର୍ଦ୍ଦଶୀଯୁକ୍ତ ପୂର୍ଣ୍ଣମା ରବିବାର, ବିଶ୍ୱ ଯକ୍ଷ୍ମା ଦିବସ, ଶ୍ରୀମନ୍ଦିରରେ ରାଜାଗ୍ନି, ପୂର୍ଣ୍ଣମା ବିହିତ ଚନ୍ଦ୍ରୋପବାସ, ଆଜି (ଉପଛାୟାଜନିତ ଚନ୍ଦ୍ରଗ୍ରହଣ, କିନ୍ତୁ ପାଳନୀୟ ନୁହେଁ)- ରାଶିନକ୍ଷତ୍ର-ଉତ୍ତରାଫାଲ୍ଗୁନୀ/ସିଂହ ଦିବା ଘ.୦୨।୨୦ ଗତେ, କନ୍ୟାଚନ୍ଦ୍ର, ପୂର୍ଣ୍ଣମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୫୦ ଗତେ ଘ.୦୯।୫୨ ମଧ୍ୟେ, ଘ.୦୧।୨୩ ଗତେ ଘ.୦୧।୫୩ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୨୪ ଗତେ ଘ.୦୫।୫୫ ମଧ୍ୟେ ରାହୁକାଳ।

## ସଂକ୍ଷେପରେ

### ସ୍ତ୍ରୀ ମୃତ୍ୟୁ ପରେ ସ୍ୱାମୀଙ୍କ ଆତ୍ମହତ୍ୟା

ଟେନ୍‌ସା, ୨୩।୩(ସମୀର କୁମାର ପାଢୀ)

ସ୍ତ୍ରୀର ମୃତ୍ୟୁକୁ ଅତି ସହଜରେ ଗ୍ରହଣ କରି ପାରିଲେନି ସ୍ୱାମୀ। ସ୍ତ୍ରୀ ମୃତ୍ୟୁର ୩ ଦିନ ପରେ ଆତ୍ମହତ୍ୟା କଲେ ସ୍ୱାମୀ। ଏଭଳି ଘଟଣା ଘଟିଛି ସୁନ୍ଦରଗଡ ଜିଲା କୋଇଡା ବ୍ଲକ ଟେନ୍‌ସା ଫାଣ୍ଡି ଜିରୋ ପଏଣ୍ଟ ଅଞ୍ଚଳରେ। ତାଙ୍କର ୩ ମାସର ଏକ କୁନି ଝିଅ ମଧ୍ୟ ରହିଛି। ମିଳିଥିବା ସୂଚନା ଅନୁଯାୟୀ, ଜାନୁଆରୀ ୨୬ରେ ସ୍ତ୍ରୀ ଜିନେସ କାଣ୍ଡୁଲାନା ନିଆଁ ପୋଉଁଥିଲେ। ଅସାବଧାନତା ଯୋଗୁ ସେହି ନିଆଁରେ ପୋଡି ହୋଇ ରାଉରକେଲାର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଗତ ୨୦ ତାରିଖରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହାକୁ ସହ୍ୟ କରି ନ ପାରି ନନ୍ଦଲାଲ ଚାମ୍ପିଆ ଶନିବାର ଘର ପାଖ ଆମ୍ବ ଗଛରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡିଛି। ଏହି ଘଟଣା ଏବେ ପୁରା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

### ଲ୍ୟାଣ୍ଡମାଇନ୍ ବିସ୍ଫୋରଣ, ୨ ଯବାନ ଆହତ

ମାଲକାନଗିରି, ୨୩।୩(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ଦାନ୍ତେୱାଡା ଜିଲାରେ ମାଓବାଦୀଙ୍କ ଦ୍ୱାରା ଖଞ୍ଜାଯାଇଥିବା ଲ୍ୟାଣ୍ଡମାଇନ୍ ବିସ୍ଫୋରଣରେ ୨ ଯବାନ ଆହତ ହୋଇଛନ୍ତି। ସୂଚନାଯୋଗ୍ୟ, ଛତିଶଗଡ଼ ଦାନ୍ତେୱାଡା ଓ ବିଜାପୁର ଜିଲା ସୀମାନ୍ତ ଅଞ୍ଚଳରେ ସର୍ଚ୍ଚ ଅପରେଶନ ସମୟରେ ଏକ ଲ୍ୟାଣ୍ଡମାଇନ୍ ବିସ୍ଫୋରଣରୁ ୨ ଯବାନ ଆହତ ହୋଇଛନ୍ତି। କିରାଣ୍ଡୁଲ ବୋଡେପଲ୍ଲି, ପୁରଙ୍ଗେଲ, କୁବେମ ଓ ପିଡିଆ ଅଞ୍ଚଳରେ ଦାନ୍ତେୱାଡା ଓ ବିଜାପୁର ତଥା ସୁକ୍‌ମା ଡିଆର୍‌ଜି, ବସ୍ତର ଫାଇଟର ଓ ସିଆର୍‌ପିଏଫ୍, କୋବ୍ରା ବାହିନୀ ମିଳିତଭାବେ ସର୍ଚ୍ଚ ଅପରେଶନ କରିଥିଲେ। ରାତିରେ ପ୍ରେସର ବୋମା ଉପରେ ଗୋଡ଼ ବାଜିବା ଫଳରେ ବିସ୍ଫୋରଣ ହୋଇ ୨ ଯବାନ ଆହତ ହୋଇଛନ୍ତି। ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ପାଇଁ ହେଲିକପ୍ଟର ଯୋଗେ ରାୟପୁର ସ୍ଥାନାନ୍ତର କରାଯାଇଛି। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ମାଓବାଦୀ-ପୋଲିସ ମଧ୍ୟରେ ଗୁଳି ବିନିମୟ ଜାରି ରହିଥିବା ପୋଲିସ ସୂତ୍ରରୁ ପ୍ରକାଶ ।

### ଗଞ୍ଜେଇ ବେପାରରେ ପୂର୍ବତନ ଶିକ୍ଷକ, ୨ ଗିରଫ

ଭୁବନେଶ୍ୱର, ୨୩।୩ (ସୂର୍ଯ୍ୟକାନ୍ତ ବେହେରା)

କନ୍ଧମାଳରୁ ବେଆଇନ ଭାବେ ଗଞ୍ଜେଇ ଆଣି ଭୁବନେଶ୍ୱରରେ ସହଯୋଗୀଙ୍କ ଜରିଆରେ ବିକ୍ରି କରୁଥିଲେ ପୂର୍ବତନ ଶିକ୍ଷକ। ଚନ୍ଦ୍ରଶେଖରପୁର ନା ପୋଲିସ ଉଭୟଙ୍କୁ ଗିରଫ କରିବା ସହ ଘଟଣାର ପର୍ଦ୍ଦାଫାସ କରିଛି। ଗିରଫ ପୂର୍ବତନ ପ୍ରଧାନ ଶିକ୍ଷକ ହେଲେ ନୀଳାଦ୍ରିବିହାର ଇଶାଣେଶ୍ୱର ବସ୍ତିରେ ରହୁଥିବା କନ୍ଧମାଳର ବାଣେଶ୍ୱର ପ୍ରଧାନ ଓ ସହଯୋଗୀ ହେଲେ ଗଣେଶ ମଲ୍ଲିକ। ଉଭୟଙ୍କଠାରୁ ୧୫ କେଜି ଗଞ୍ଜେଇ ,୨ ମୋବାଇଲ ଫୋନ, ଆଧାର କାର୍ଡ ଏବଂ କିଛି ଟଙ୍କା ଜବତ ହୋଇଛି। ଜାମିନ ନ ମିଳିବାରୁ ଉଭୟଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ବାଣେଶ୍ୱର ୨୦୧୬-୧୯ରେ ଏକ ସ୍କୁଲରେ ସହକାରୀ ଶିକ୍ଷକ ଭାବେ କାର୍ଯ୍ୟ କରୁଥିଲେ। ସ୍କୁଲ ଟଙ୍କା ହେରଫେର ଅଭିଯୋଗରେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇ ଜେଲ ଯାଇଥିଲେ।

### ୫ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି, ୨୩।୩(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ ସୁକ୍‌ମା ଜିଲାରେ ୫ ସକ୍ରିୟ ମାଓବାଦୀ ସୁକ୍‌ମା ପୋଲିସ ପାଖରେ ଶନିବାର ଆତ୍ମସମର୍ପଣ କରିଛନ୍ତି । ସେମାନେ ହେଲେ ପୋଡିୟମ ମାସା, ମାଡକାମ ହୁଙ୍ଗା, କରତମ ମାଙ୍ଗା, ମାଡବି ଭୀମା ଓ ବଞ୍ଜାମ ପାଣ୍ଡୁ । ସୁକମା ପୋଲିସ ଦ୍ୱାରା ପରିଚାଳିତ ପୁନା ନାର୍କମ୍ ଅଭିଯାନରେ ଏମାନେ ପ୍ରଭାବିତ ହେବା ସହ ମାଓବାଦୀଙ୍କ ଅମାନବୀୟ, ଭିତ୍ତିହୀନ ଆଦର୍ଶ ଏବଂ ଶୋଷଣ, ଅତ୍ୟାଚାର ଓ ସ୍ଥାନୀୟ ଆଦିବାସୀଙ୍କ ପ୍ରତି ହିଂସାକୁ ବିରୋଧ କରି ଆତ୍ମସମର୍ପଣ କରିଛନ୍ତି। ଏମାନେ ସୁକମା ଜିଲା ମାଓବାଦୀ ଅପରେଶନ କାର୍ଯ୍ୟାଳୟରେ ସିଆରପିଏଫ ଦ୍ୱିତୀୟ କମାଣ୍ଡିଂ ଅଧିକାରୀ ସୁରେଶ ସିଂ ଏବଂ ସବ୍‌ଡିଭିଜନାଲ ଅଫିସର ପରମେଶ୍ୱର ତିଲକୱାରଙ୍କ ଉପସ୍ଥିତିରେ ଆତ୍ମସମର୍ପଣ କରିଥିବା ଜଣାପଡିଛି ।

# ଚିକିତ୍ସାଧୀନ ଅବସ୍ଥାରେ ବିଚାରାଧୀନ ବନ୍ଦୀଙ୍କ ମୃତ୍ୟୁ

## ଜେଲ ଭିତରେ ମାଡ଼ ହୋଇଥିବା ଅଭିଯୋଗ କଲେ ପରିବାର

କେନ୍ଦୁଝର(ନରେଶ ଚନ୍ଦ୍ର ପଟ୍ଟନାୟକ)/ କଟକ(ଶିଳ୍ପା ପ୍ରିୟଦର୍ଶିନୀ), ୨୩।୩

କେନ୍ଦୁଝର ଜିଲା କାରାଗାର ପରିସରରେ ଜଣେ ବିଚାରାଧୀନ ବନ୍ଦୀ ଶୁକ୍ରବାର ଆତ୍ମହତ୍ୟା ଉଦ୍ୟମ କରିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ କଟକ ଏସ୍‌ସିବି(ଶ୍ରୀରାମ ଚନ୍ଦ୍ର ଭଞ୍ଜ) ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। ଶନିବାର ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ହେଲେ ସଦର ଥାନା ଅନ୍ତର୍ଗତ କାଠବାରି ପଞ୍ଚାୟତର ବୋଧବାହାଳି ଗ୍ରାମର ଅଜୟ ଦାସ(୨୫)। ସେ ଏକ ନାବାଳିକା ଅସଦାଚରଣ ମାମଲାରେ ପୋକ୍‌ସୋ ଆଇନରେ ଗିରଫ ହୋଇ ଗତ ୧୧ ମାସ ହେବ କେନ୍ଦୁଝର ଜେଲରେ ବିଚାରାଧୀନ ବନ୍ଦୀ ଭାବେ ଥିଲେ।

ପ୍ରକାଶ ଯେ, ବନ୍ଦୀ ଜଣଙ୍କ ଶୁକ୍ରବାର ଅପରାହ୍ନରେ ଜେଲ ପରିସରରେ ଫାଇଖାନା ଟାଙ୍କିରେ ସଂଯୋଗ ଥିବା ଏକ ପାଇପରେ ଗାମୁଛା ବାନ୍ଧି ଫାଶୀ ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ସେଠାରେ ଉପସ୍ଥିତ ଜେଲ ୱାର୍ଡର ଦେଖି ଗୁରୁତର ଅବସ୍ଥାରେ ତାଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟ ପୁରୁଷ ଭେଷଜ ୱାର୍ଡରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ବିଳମ୍ବିତ ରାତିରେ ଏସ୍‌ସିବି ନ୍ୟୁ ମେଡିସିନ ବିଭାଗରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମୃତ୍ୟୁ ପରେ ଏସ୍‌ସିବିରେ ଶନିବାର ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ବ୍ୟବଚ୍ଛେଦ କରାଯାଇ ମୃତଦେହକୁ କେନ୍ଦୁଝର ପଠାଯାଇଥିବା ମେଡିକାଲ ପକ୍ଷରୁ ସୂଚନା ମିଳିଛି। ଅନ୍ୟପଟେ ଏସ୍‌ସିବିରେ ମୃତ ଅଜୟଙ୍କ ପରିବାର ଲୋକେ ପହଞ୍ଚିଛନ୍ତି। ମୃତ ଅଜୟଙ୍କ ଭାଇ ବିଜୟ ଅଭିଯୋଗ କରିଛନ୍ତି, ତାଙ୍କ ଭାଇଙ୍କ ଅବସ୍ଥା ସଙ୍କଟାପନ୍ନ ବୋଲି ଜେଲରୁ ଖବର ପାଇ ମା', ବାପା କେନ୍ଦୁଝର ମେଡିକାଲରେ ପହଞ୍ଚିଥିଲେ। ପରେ ଆତ୍ମହତ୍ୟା ଉଦ୍ୟମ କରିବା ନେଇ ଜେଲ କର୍ମଚାରୀ ସୂଚନା ଦେଇଥିଲେ। ଗୁରୁତର ଅବସ୍ଥାରେ କଟକ ପଠାଯାଇଥିବା ବେଳେ ଏଠାରେ ଭାଇଙ୍କ ମୃତ୍ୟୁ ଘଟିଛି। ଜେଲରେ ବନ୍ଦୀ ସୁରକ୍ଷିତ ରହିଥାନ୍ତି ଏବଂ ବନ୍ଦୀଙ୍କୁ ସୁରକ୍ଷା ଦେବା ଜେଲ କର୍ତ୍ତୃପକ୍ଷଙ୍କର ଦାୟିତ୍ୱ। କିନ୍ତୁ ଜେଲ କର୍ମଚାରୀଙ୍କ ପାଇଁ ତାଙ୍କ ଭାଇଙ୍କ ମୃତ୍ୟୁ ଘଟିଛି। ସେ ଆତ୍ମହତ୍ୟା କେବେ କରି ନ ଥିବେ, ଜେଲରେ ମୋ ଭାଇଙ୍କୁ ଅତ୍ୟାଚାର ଓ ମାଡ଼ ମରାଯାଇଛି ବୋଲି ଅଭିଯୋଗ କରିଥିଲେ। ଜେଲ ଭିତରେ ସୁରକ୍ଷାରେ ଅବହେଳା ପାଇଁ ଅଘଟଣ ଘଟିଛି ନା ଅନ୍ୟ କେଉଁ କାରଣରୁ ଏହା ଘଟିଛି ତାହା ତଦନ୍ତ ହେଲେ ଜଣାପଡ଼ିବ। ଜେଲ ପରିସରରେ ଲାଗିଥିବା ସିସିଟିଭି ଯାଞ୍ଚ କଲେ ଅଧିକ ତଥ୍ୟ ଲୋକଲୋଚନକୁ ଆସିପାରିବ ବୋଲି ପରିବାର ଲୋକେ ଆଶାପୋଷଣ କରିଛନ୍ତି।

# ଟ୍ରକ୍ ଧକ୍କାରେ ୩ ବାଇକ୍ ଆରୋହୀଙ୍କ ମୃତ୍ୟୁ


ମୃତକ ୨ ଭାଇ ଓ ତାଙ୍କ ସାଙ୍ଗ।

- ବ୍ୟାଙ୍କକୁ ଖାତା ଖୋଲିବାକୁ ଯିବାବେଳେ ଦୁର୍ଘଟଣା
- ମୃତକ ହେଲେ ୨ ଭାଇ ଓ ଜଣେ ସାଙ୍ଗ

କଳିଙ୍ଗନଗର, ୨୩।୩(ଶୁଭାଶିଷ ରାଉତ)

ଯାଜପୁର ଜିଲା କଳିଙ୍ଗନଗର ଥାନା ଅନ୍ତର୍ଗତ ଜିନ୍ଦଲ ଷ୍ଟେନ୍‌ଲେସ୍ କାରଖାନା ମୁଖ୍ୟ ଫାଟକ ନିକଟରେ ଶନିବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ୩ଜଣ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଏହି ଥାନା ଅନ୍ତର୍ଗତ ସୁଆଁଲ ଅଞ୍ଚଳର ଚକ୍ରଧର ସାୟାଁ(୨୮), ଟାଙ୍ଗିରିଆପାଳ ଗାଁର ଅନୀଲ ହାଁସଦା(୨୯) ଓ ସୁନୀଲ ହାଁସଦା(୧୭)।

ଅନୀଲ ତାଙ୍କ ସାନଭାଇ ସୁନୀଲ ଓ ସାଥୀ ଚକ୍ରଧରଙ୍କୁ ସାଙ୍ଗରେ ନେଇ ବାଇକ୍ ଯୋଗେ ବ୍ୟାଙ୍କରେ ଖାତା ଖୋଲିବା ନିମନ୍ତେ ଦାନଗଦି ଅଭିମୁଖେ ଯାଉଥିଲେ। ଏହି ସମୟରେ ହଠାତ ଭରସାମ୍ୟ ହରାଇ ଏକ ଟ୍ରକ୍ (ଓଡି-୦୫-ଡିଡି-୯୦୪୩) ଆସି ପଛ ପଟୁ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଚକ୍ରଧର ଓ ସୁନୀଲଙ୍କ ମୃତ୍ୟୁ ହୋଇଥିଲା। ଗୁରୁତର ଅନୀଲଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନୀଲ ଓ ସୁନୀଲ ୨ ଭାଇ ବୋଲି ଜଣାପଡ଼ିଛି। ଅନୀଲ ଓ ଚକ୍ରଧର ବିସ୍ଥାପିତ ପରିବାର ପକ୍ଷରୁ ଏବେ ନୂଆକରି ଜିନ୍ଦଲ କାରଖାନାରେ ଚାକିରି କରିଥିଲେ। ଏହି ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଛି। ଉତ୍ତେଜନା ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲା ପୋଲିସ ପକ୍ଷରୁ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଛି। ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ମାମଲା ନଂ.୬୭।୨୪ ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷରେ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ପୋଲିସ ଜବତ କରିବା ସହ ମୃତକଙ୍କ ପରିବାରକୁ ପ୍ରଶାସନ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି ହୋଇଛି।

# ଯୁବକଙ୍କ ମୃତ୍ୟୁକୁ ନେଇ ଡାକ୍ତରଖାନାରେ ଉତ୍ତେଜନା


ଚାନ୍ଦବାଲି ଡାକ୍ତରଖାନାରେ ପୋଲିସ ଡାକ୍ତର ଓ ମୃତକଙ୍କ ପରିବାର ଲୋକଙ୍କ ସହ ଆଲୋଚନା କରୁଛି।

ଚାନ୍ଦବାଲି, ୨୩।୩(କିଷାନ ପାତ୍ର)

## ଡାକ୍ତରଙ୍କ ଅବହେଳା ଅଭିଯୋଗ

ଭଦ୍ରକ ଜିଲା ଚାନ୍ଦବାଲି ଡାକ୍ତରଖାନାରେ ଚିକିତ୍ସାଧୀନ ଜଣେ ଯୁବକଙ୍କ ମୃତ୍ୟୁକୁ ନେଇ ଶୁକ୍ରବାର ରାତିରେ ଉତ୍ତେଜନା ଦେଖାଦେଇଥିଲା। ମୃତକ ହେଲେ ଚାନ୍ଦବାଲି ଥାନା ଅଧୀନ ଭାଟପଡ଼ା ପଞ୍ଚାୟତ ନାଉଗୋରଡ଼ା ଗାଁର କମଳାକାନ୍ତ ନାୟକଙ୍କ ପୁଅ ଆକାଶ(୧୯)। ସନ୍ଧ୍ୟାରେ ସେ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ରାତି ପ୍ରାୟ ୧୦ଟା ୩୦ବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ଡାକ୍ତରଙ୍କ ଅବହେଳା ଯୋଗୁ ତାଙ୍କ ପୁଅର ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ ଆଣିବା ସହ ହୋହଲ୍ଲା କରିଥିଲେ। ଖବରପାଇ ଚାନ୍ଦବାଲି ଥାନା ଆଇଆଇସି ପଞ୍ଚାନନ ମହାନ୍ତି ପହଞ୍ଚି ବୁଝାଶୁଝା କରିବା ପରେ ସ୍ଥିତି ଶାନ୍ତ ପଡ଼ିଥିଲା। ଏହି ଘଟଣାରେ ମୃତ ଆକାଶଙ୍କ ମା' ବାପା ଡାକ୍ତରଙ୍କୁ ଦୋଷ ଦେଉଥିବା ବେଳେ ଅନ୍ୟପଟେ କାର୍ଯ୍ୟରତ ଡା. ପ୍ରଦ୍ୟୁମ୍ନ ସାହୁ ଏହାକୁ ଖଣ୍ଡନ କରି କହିଛନ୍ତି, କୌଣସି କାରଣରୁ ଯୁବକ ଅତ୍ୟଧିକ ମଦ ସହ ବିଷ ପାନ କରିଥିଲେ। ଚିକିତ୍ସା ଆରମ୍ଭ କରାଯାଇଥିଲା। କୌଣସି ମୁହୂର୍ତ୍ତରେ କିଛି ବି ରୋଗୀର ଘଟିପାରେ ବୋଲି ପରିବାର ଲୋକଙ୍କୁ ଜଣାଇଥିଲେ। ରୋଗୀ ଭଲ ହେବା ପାଇଁ କୌଣସି ଗ୍ୟାରେଣ୍ଟି ଦେଇ ଚିକିତ୍ସା କରିହେବ ନାହିଁ ବୋଲି ଡାକ୍ତର ଯୁବକଙ୍କ ପରିବାରକୁ ଜଣାଇଥିଲେ। ପରେ ପୋଲିସ ଯୁବକଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

ସୂଚନାଥାଉ କି, ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ଡାକ୍ତର ନାହାନ୍ତି। ଆୟୁଷ ଡାକ୍ତରଙ୍କୁ ଆଣି ବିଭିନ୍ନ ସମୟରେ ରୋଗୀ ଚିକିତ୍ସାରେ ନିୟୋଜିତ କରାଯାଉଛି। ଏଥିପାଇଁ ବିଭିନ୍ନ ସମୟରେ ରୋଗୀମାନେ କଟକ, ଭଦ୍ରକ ରେଫର ହେବା ସହ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ଅଭିଯୋଗ ହେଉଛି।

# ଅବସରପ୍ରାପ୍ତ ରାଜସ୍ୱ ନିରୀକ୍ଷକଙ୍କୁ ୪ବର୍ଷ ଜେଲ

## ଜମି ମାପ ପାଇଁ ଲାଞ୍ଚ ମାମଲା

କେନ୍ଦୁଝର, ୨୩।୩ (ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ଏକ ଲାଞ୍ଚ ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ରଶ୍ମିତା ଦଳେଇ ତତ୍କାଳୀନ ରାଇସୁଆଁ ରାଜସ୍ୱ ନିରୀକ୍ଷକ ବାଞ୍ଛାନିଧି ଶତପଥୀଙ୍କୁ ଦୋଷୀ ସାବ୍ୟସ୍ତ କରି ୪ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୪ହଜାର ଟଙ୍କା ଜରିମାନା ଓ ଅନାଦେୟ ଅଧିକ ୨ ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି। ଦଣ୍ଡିତ ଅବସରପ୍ରାପ୍ତ ଆରଆଇଙ୍କ ଘର ଭଦ୍ରକ ଜିଲା ବାସୁଦେବପୁର ଗ୍ରାମରେ। ତତ୍କାଳୀନ ପିଅନ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି।ମାମଲାର ବିବରଣୀ ଅନୁଯାୟୀ, ସଦର ତହସିଲ ରାଇସୁଆଁ ଆର୍‌ଆଇ ସର୍କଲ ଅନ୍ତର୍ଗତ ରାଇସୁଆଁ ହର୍ଷପୁର ଗ୍ରାମର ଅଜିତ ନାଏକଙ୍କ ସହ ଗ୍ରାମର ଚିକେଶ୍ୱର ସାହୁଙ୍କ ଜମି ବିବାଦ ରହିଥିଲା। ଜମି ଚିହ୍ନଟ ପାଇଁ ଅଜିତ୍ ସଦର ଥାନାରେ ୨୦୧୭ ଏପ୍ରିଲ ୧୦ରେ ରିପୋର୍ଟ କରିଥିଲେ। ପୋଲିସ ପକ୍ଷରୁ ଜମି ଚିହ୍ନଟ ପାଇଁ ଆର୍‌ଆଇଙ୍କୁ ଚିଠି କରାଯାଇଥିଲା। ରାଜସ୍ୱ ନିରୀକ୍ଷକ ବାଞ୍ଛାନିଧି ଶତପଥୀଙ୍କୁ ଅଭିଯୋଗକାରୀ ଦେଖା କରିବାରୁ ୧୧ ଏପ୍ରିଲ ୨୦୧୭ ସୁଦ୍ଧା ୨ହଜାର ଟଙ୍କା ଏବଂ ସରକାରୀ ଫି' ୨ଶହ ଟଙ୍କା ଦେଲେ ମାପଚୁପ କରାଯିବ ବୋଲି କହିଥିଲେ। ଏ ନେଇ ଅଭିଯୋଗକାରୀ କେନ୍ଦୁଝର ଭିଜିଲାନ୍ସ ଡିଏସ୍‌ପିଙ୍କ ମାଧ୍ୟମରେ ବାଲେଶ୍ୱର ଭିଜିଲାନ୍ସ ଏସ୍‌ପିଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଭିଜିଲାନ୍ସ ପକ୍ଷରୁ ଏକ ଲାଞ୍ଚ ମାମଲା ରୁଜୁ କରାଯାଇଥିଲା। ଯୋଜନା ମୁତାବକ ଭିଜିଲାନ୍ସ ଟିମ୍ ୧୧ ଏପ୍ରିଲ ୨୦୧୭ରେ ରାଇସୁଆଁ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟରୁ ୨ ହଜାର ଟଙ୍କା ଲାଞ୍ଚ ଅର୍ଥ ଜବତ କରି ରାଜସ୍ୱ ନିରୀକ୍ଷକଙ୍କୁ ଗିରଫ କରିଥିଲା। ଭିଜିଲାନ୍ସ ବିଭାଗର ତଦନ୍ତ ରିପୋର୍ଟ ଓ ୧୨ ଜଣ ସାକ୍ଷୀଙ୍କ ବୟାନ ଆଧାରରେ ଜଜ୍ ଉପରୋକ୍ତ ଦଣ୍ଡାଦେଶ ଦେଇଛନ୍ତି। ଲାଞ୍ଚ ଅର୍ଥ ନେଇ ଅଫିସ ଡ୍ରରେ ରଖିଥିବା ତତ୍କାଳୀନ ପିଅନ ତରଣୀସେନ ପାତ୍ର ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ଦଣ୍ଡିତ ହୋଇଥିବା ଆର୍‌ଆଇଙ୍କ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲକୁ ପଠାଇ ଦିଆଯାଇଛି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଦେବଦତ୍ତ ବିଶ୍ୱାଳ ମାମଲା ପରିଚାଳନା କରୁଥିଲେ।

# ୨୭ରୁ ଦକ୍ଷତା କେନ୍ଦ୍ରରେ ସ୍ପଟ୍ ନାମଲେଖା

ଭୁବନେଶ୍ୱର, ୨୩।୩(ଶର୍ମିଷ୍ଠା ପାଣିଗ୍ରାହୀ)

ବିଶ୍ୱ ଦକ୍ଷତା କେନ୍ଦ୍ରରେ ୨୦୨୪-୨୫ ଶିକ୍ଷାବର୍ଷ ଲାଗି ବିଭିନ୍ନ ଅତ୍ୟାଧୁନିକ ବିଷୟରେ ସ୍ପଟ୍ ନାମଲେଖା କରାଯିବ। ଏହି ପ୍ରକ୍ରିୟା ମାର୍ଚ୍ଚ ୨୭ରୁ ଏପ୍ରିଲ ୬ ଯାଏ ଚାଲିବ। ଯୋଗ୍ୟ ତଥା ଆଗ୍ରହୀ ପ୍ରାର୍ଥୀମାନେ ଆବଶ୍ୟକ ପ୍ରମାଣପତ୍ର ସାଙ୍ଗରେ ଆଣି ନାମ ଲେଖାଇବାକୁ ବିଶ୍ୱ ଦକ୍ଷତା କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଏହି ସ୍ପଟ୍ ନାମଲେଖା ସ୍କୁଲ ଅଫ ଇଞ୍ଜିନିୟରିଂ ଏବଂ ସ୍କୁଲ ଅଫ୍ ସର୍ଭିସେସ ପାଠ୍ୟକ୍ରମ ଅଧୀନରେ ଥିବା ମୋଟ ୭ଟି ବିଷୟରେ କରାଯିବ। ନାମଲେଖା ପ୍ରକ୍ରିୟା ସକାଳ ୯ଟାରୁ ଅପରାହ୍ନ ୫ଟା ଯାଏ ଚାଲିବ।

# ଭିଜିଲାନ୍ସ ଜାଲରେ ଶହୀଦନଗର ଥାନା ଏସ୍‌ଆଇ

## ଡିଏଲ୍ ମୁକୁଳାଇବା ପାଇଁ ୨ ହଜାର ଲାଞ୍ଚ ନେଉଥିଲେ ପ୍ରିୟବ୍ରତ

ଭୁବନେଶ୍ୱର, ୨୩।୩ (ସୂର୍ଯ୍ୟକାନ୍ତ ବେହେରା)



କମିଶନରେଟ ପୋଲିସର ଆଉଜଣେ ଅଧିକାରୀ ଭିଜିଲାନ୍ସ ଜାଲରେ ପଡିଛନ୍ତି। ଡ୍ରାଇଭିଂ ଲାଇସେନ୍ସ ଫେରସ୍ତ ପାଇଁ ଜଣେ ବ୍ୟକ୍ତିଙ୍କଠାରୁ ଦ୍ୱିତୀୟ ପର୍ଯ୍ୟାୟରେ ୨ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଶହୀଦନଗର ଥାନାର ସବ୍‌ଇନ୍ସପେକ୍ଟର (ଏସଆଇ) ପ୍ରିୟବ୍ରତ ପ୍ରଧାନଙ୍କୁ ଭିଜିଲାନ୍ସ ଟିମ୍ ଧରିଛି। ତାଙ୍କ ଘର ପୁରୀ ଜିଲା ବ୍ରହ୍ମଗିରିର ରେବଣାନୂଆଗାଁରେ। ଏଥିସହ ତାଙ୍କଠାରୁ ଲାଞ୍ଚ ଟଙ୍କା ଜବତ କରାଯାଇଛି। ପରେ ପ୍ରିୟବ୍ରତଙ୍କୁ ଅଧିକ ପଚରାଉଚରା କରିବା ସହ ଭିଏସ୍‌ଏସ୍‌ନଗରସ୍ଥିତ ତାଙ୍କ ଭଡ଼ା ଘର ଓ ବ୍ରହ୍ମଗିରିସ୍ଥିତ ପୈତୃକ ଘରେ ଭିଜିଲାନ୍ସ ଟିମ୍ ଯାଞ୍ଚ କରୁଛି। ଏନେଇ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ.୮/୨୪) ରୁଜୁ କରାଯାଇ ଅଭିଯୁକ୍ତ ପୋଲିସ ଏସ୍‌ଆଇଙ୍କୁ ଗିରଫ କରିଛି। ଘଟଣାର ଅଧିକ ଖୋଲତାଡ଼ କରାଯାଉଥିବାବେଳେ ରବିବାର କୋର୍ଟ ଚାଲାଣ କରାଯିବ ବୋଲି ଜଣେ ଭିଜିଲାନ୍ସ ଅଧିକାରୀ ସୂଚନା ଦେଇଛନ୍ତି।

ସୂଚନାନୁସାରେ, ଗତ ୨୧ ତାରିଖରେ ଅଭିଯୋଗକାରୀ ମନୋରଞ୍ଜନ ପାତ୍ର ମଦ୍ୟପାନ କରି କାର୍ ଚଳାଇ ଯାଉଥିବାବେଳେ ଧରାପଡିଥିଲେ। ଟ୍ରାଫିକ ନିୟମ ଭାଙ୍ଗିବା ଅଭିଯୋଗରେ ଶହୀଦନଗର ଥାନା ପୋଲିସ ତାଙ୍କ ଡିଏଲ୍‌କୁ ଜବତ କରିବା ସହ ଏକ ମାମଲା ରୁଜୁ କରିଥିଲା। ଏହାପରେ ଅଭିଯୋଗକାରୀ ଡିଏଲ୍ ମୁକୁଳାଇବା ପାଇଁ ଥାନାକୁ ଯାଇଥିଲେ। ଏସ୍‌ଆଇ ପ୍ରିୟବ୍ରତ ଏଥିପାଇଁ ୫ ହଜାର ଟଙ୍କା ଦାବି କରିଥିଲେ। ଫଳରେ ଅଭିଯୋଗକାରୀ ପ୍ରଥମ ପର୍ଯ୍ୟାୟରେ ୩ ହଜାର ଟଙ୍କା ଦେଇଥିଲେ। ହେଲେ ପ୍ରିୟବ୍ରତ ବାକି ୨ ହଜାର ଦେଲେ ଡିଏଲ୍ ନେବେ ବୋଲି କହିଥିଲେ। ଏନେଇ ଅଭିଯୋଗକାରୀ ଭିଜିଲାନ୍ସ ଟିମ୍‌କୁ ଅବଗତ କରାଇ ଶନିବାର ବାକି ଟଙ୍କା ଦେବାକୁ ଥାନାକୁ ଆସିଥିଲେ। ଥାନାରେ ଏସ୍‌ଆଇ ପ୍ରଧାନ ଅଭିଯୋଗକାରୀ ମନୋରଞ୍ଜନଙ୍କଠାରୁ ୨ ହଜାର ଟଙ୍କା ନେଉଥିବାବେଳେ ପୂର୍ବରୁ ଛକି ରହିଥିବା ଭିଜିଲାନ୍ସ ଟିମ୍ ପ୍ରିୟବ୍ରତଙ୍କୁ ଟଙ୍କା ସହ ଧରିବାରେ ସକ୍ଷମ ହୋଇଥିଲା।

## ପ୍ରଥମ ପୃଷ୍ଠାରୁ....

### ବିଶ୍ୱାସଭାଜନ ହେବା ...

'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ କହିଛନ୍ତି, ଟେକ୍ନୋଲୋଜିର ଯେତେ ଅଭିବୃଦ୍ଧି ହେଲେ ବି ଯାହାର ଆବଶ୍ୟକତା ଯେମିତି ରହିଛି, ତାହା ସେମିତି ରହିବ। ମଣିଷର କ୍ଷମତା ରହିଛି ସବୁ ଟେକ୍ନୋଲୋଜିକୁ ସାମ୍ନା କରିପାରିବ। ଆମେ ଭାବୁଛୁ ଆମର ବୟସ ହୋଇଗଲାଣି, ଆମେ ଟେକ୍ନୋଲୋଜି ବ୍ୟବହାର କରିପାରିବା ନାହିଁ। ମାତ୍ର ଟେକ୍ନୋଲୋଜି ସବୁ ବର୍ଗ ପାଇଁ ଉଦ୍ଦିଷ୍ଟ ବୋଲି ତଥାଗତ କହିଛନ୍ତି।

ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୨୦ଜଣ ଉଦ୍ୟୋଗପତିଙ୍କୁ 'ବିଜ୍‌ନେସ୍ ଏମିନେନ୍ସ ଆୱାର୍ଡ ୨୦୨୪' ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମକୁ ଶୋଭନା ମିଶ୍ର ସଂଯୋଜନା କରିଛନ୍ତି। ଜେଏସ୍‌ଡବ୍ଲ୍ୟୁ, ଏମ୍‌ଜିଏମ୍ ମିନେରାଲ୍‌ସ ଲିମିଟେଡ୍, ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର, ଏଏମ୍/ଏନ୍‌ଏସ୍ ଇଣ୍ଡିଆ, ପାରାଦୀପ ଫସ୍‌ଫେଟ୍ସ ଲିମିଟେଡ୍, କାନାରା ବ୍ୟାଙ୍କ, ଇମ୍ଫା, ଏସ୍‌ବିଆଇ, ଗୁରୁକୁଳ, ଏସ୍‌ଏନ୍‌ଏମ୍ ଗ୍ରୁପ୍, ମେଟ୍ରୋ ଗ୍ରୁପ୍ କାର୍ଯ୍ୟକ୍ରମର ପ୍ରାୟୋଜକ ଥିବାବେଳେ 'ନ୍ୟୁଜ୍୧୮ ଓଡ଼ିଆ' ମିଡିଆ ପାର୍ଟନର୍, 'ୱିଫି ଇଣ୍ଟରନେଟ୍' ଇଣ୍ଟରନେଟ୍ ପାର୍ଟନର, 'ଅଜନ୍ତା ଆଡ୍‌ଭର୍ଟାଇଜର୍ସ' ଆଉଟ୍‌ଡୋର୍ ପାର୍ଟନର ଏବଂ 'ସମାଜବାଦୀ ସୋସାଇଟି' ପାର୍ଟନର ରହିଛନ୍ତି।

### ରାଷ୍ଟ୍ରପତିଙ୍କ ବିରୋଧରେ ...

ରାଷ୍ଟ୍ରପତି ମଞ୍ଜୁରୀ ପ୍ରଦାନ ନ କରିବାକୁ ଅସାମ୍ବିଧାନିକ ଘୋଷଣା କରାଯାଉ ବୋଲି ପିଟିଶନରେ ନିବେଦନ କରାଯାଇଛି। ତେବେ ରାଜ୍ୟ ବିଧାନସଭାରେ ଗୃହୀତ ବିଲ୍‌କୁ ମଞ୍ଜୁରୀ ପ୍ରଦାନ କରିବା ବା ମଞ୍ଜୁରୀ ଦେବାକୁ ମନା କରିବା ପାଇଁ ରାଷ୍ଟ୍ରପତି କେତେ ସମୟ ନେବେ ଏବଂ ରାଷ୍ଟ୍ରପତିଙ୍କ ବିଚାର ନିମନ୍ତେ ପଠାଯିବାକୁ କେତେ ସମୟ ଲାଗିବ, ସେ ନେଇ ସମ୍ବିଧାନରେ କିଛି କୁହାଯାଇ ନାହିଁ। ସମ୍ବିଧାନର ଅନୁଚ୍ଛେଦ ୩୬୧ ଅନୁଯାୟୀ ରାଷ୍ଟ୍ରପତି କିମ୍ବା ରାଜ୍ୟର ରାଜ୍ୟପାଳ ସେମାନଙ୍କ କ୍ଷମତାର ପ୍ରଦର୍ଶନ ଏବଂ କର୍ତ୍ତବ୍ୟ ସମ୍ପାଦନ ନେଇ କୌଣସି ଅଦାଲତଙ୍କ ନିକଟରେ ଉତ୍ତରଦାୟୀ ନୁହନ୍ତି। ୨୦୧୭ରେ ତତ୍କାଳୀନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କ ବିରୋଧରେ ଅନିନ୍ଦିତା ନାମ୍ନୀ ମହିଳାଙ୍କ ସମେତ ଅନ୍ୟମାନେ ଜନସ୍ୱାର୍ଥ ମାମଲା(ପିଆଇଏଲ୍) ଦାଏର କରିଥିଲେ। ରାଷ୍ଟ୍ରପତି ଉକ୍ତ ପଦବୀ ପାଇଁ ଯୋଗ୍ୟ ନୁହନ୍ତି ବୋଲି ଘୋଷଣା କରିବା ନିମନ୍ତେ ସୁପ୍ରିମକୋର୍ଟରେ ଆବେଦନ ହୋଇଥିଲା। ତତ୍କାଳୀନ ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ ଦୀପକ ମିଶ୍ର ଏବଂ ଆର୍. ଭାନୁମତୀ ପିଟିଶନରମାନଙ୍କୁ ଭର୍ତ୍ସନା କରିବା ସହ ରାଷ୍ଟ୍ରପତିଙ୍କୁ କୌଣସି ମାମଲାରେ ପକ୍ଷଭୁକ୍ତ କରାଯାଇପାରିବ ନାହିଁ ବୋଲି ତାଙ୍କ ରାୟରେ ସ୍ପଷ୍ଟ କରିଦେଇଥିଲେ।

### ମସ୍କୋ ଆତଙ୍କବାଦୀ ...

ବୋଲି ରୁଷିଆର ଫେଡେରାଲ ସିକ୍ୟୁରିଟି ସର୍ଭିସ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ କିଭ୍ ଅଭିଯୋଗକୁ ଖଣ୍ଡନ କରିଛି। ମସ୍କୋ ଆକ୍ରମଣରେ ୟୁକ୍ରେନର କୌଣସି ଭୂମିକା ନାହିଁ। ମସ୍କୋର ସ୍ପେଶାଲ ସର୍ଭିସ ଏହା ପଛରେ ଥିବା ୟୁକ୍ରେନ ସାମରିକ ଗୋଇନ୍ଦା ବିଭାଗ କହିଛି। ମସ୍କୋ ଆକ୍ରମଣ ପାଇଁ ଇସ୍‌ଲାମିକ ଷ୍ଟେଟ୍ (ଆଇଏସ୍) ସଂଗଠନ ନିଜକୁ ଦାୟୀ କରିଛି। ନିଜ ବେସ୍‌କୁ ସୁରକ୍ଷିତ ରଖିବା ପାଇଁ ଏହାର ଯୋଦ୍ଧାମାନେ ମସ୍କୋର ଜନଗହଳିପୂର୍ଣ୍ଣ କନ୍‌ସର୍ଟ ହଲ୍‌ରେ ଆକ୍ରମଣ କରିଥିଲେ ବୋଲି ଆଇଏସ୍ କହିଛି। ଆକ୍ରମଣକାରୀମାନେ ସେନା ପୋଷାକରେ ଆସି କନ୍‌ସର୍ଟ ହଲରେ ପ୍ରବେଶ କରିବା ପରେ ଗୁଳି ଚଳାଇବା ସହ ଗ୍ରେନେଡ୍ ଫିଙ୍ଗିଥିଲେ। ନିଆଁ ଲିଭାଇବାରେ ୩ଟି ହେଲିକପ୍ଟରକୁ ନିୟୋଜିତ କରାଯାଇଥିଲା। ଅନେକ ଲୋକ ନିଜକୁ ବଞ୍ଚାଇବା ପାଇଁ ସିଟ୍ ପଛରେ ଲୁଚି ଯାଇଥିଲେ କିମ୍ବା ବେସ୍‌ମେଣ୍ଟ ଅଥବା ଛାତକୁ ପଳାଇଥିଲେ। ମସ୍କୋ ଆକ୍ରମଣକୁ ଫ୍ରାନ୍ସ, ସ୍ପେନ୍, ଇଟାଲି ସମେତ ୟୁରୋପୀୟ ସଂଘ ନିନ୍ଦା କରିଛି। ଆମେରିକା ଏହାକୁ ଭୟଙ୍କର ଘଟଣା ବୋଲି କହିଥିବାବେଳ ଏହା ପଛରେ ୟୁକ୍ରେନ୍‌ର ହାତ ଥିବା ନେଇ କୌଣସି ସୂଚନା ମିଳି ନ ଥିବା କହିଛି। ମସ୍କୋର କନ୍‌ସର୍ଟ ସମେତ ଜନଗହଳିପୂର୍ଣ୍ଣ କାର୍ଯ୍ୟକ୍ରମକୁ ଆତଙ୍କବାଦୀମାନେ ଟାର୍ଗେଟ କରିବା ନେଇ ଆମେରିକା ଦୂତାବାସ ୨ ସପ୍ତାହ ପୂର୍ବରୁ ସତର୍କ କରାଇଥିଲା। ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଆକ୍ରମଣରେ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ମସ୍କୋରେ ଆତଙ୍କବାଦୀ ଆକ୍ରମଣକୁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୃଢ଼ ନିନ୍ଦା କରିଛନ୍ତି। ଆମର ଭାବନା ଏବଂ ପ୍ରାର୍ଥନା ମୃତାହତଙ୍କ ପରିବାର ସହିତ ରହିଛି ବୋଲି ମୋଦି କହିବା ସହ ଏଭଳି ଦୁଃଖଦ ସମୟରେ ଭାରତ ରୁଷିଆ ସରକାର ଓ ଜନସାଧାରଣଙ୍କ ସହ ରହିଥିବା କହିଛନ୍ତି।

ଆକ୍ରମଣକାରୀମାନେ ଆତଙ୍କ ସୃଷ୍ଟି କରିବା ପାଇଁ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଏବଂ ଦହନଶୀଳ ତରଳ ପଦାର୍ଥ ବ୍ୟବହାର କରିଥିଲେ ବୋଲି ରୁଷିଆ କହିଛି। ଆଖିବୁଜା ଗୁଳି ଚଳାଇବା ପରେ ସେମାନେ କନ୍‌ସର୍ଟ ହଲ୍‌ରେ ନିଆଁ ଲଗାଇ ଦେଇଥିଲେ। ୨୦୧୫ରେ ସିରିଆ ଗୃହଯୁଦ୍ଧରେ ରାଷ୍ଟ୍ରପତି ପୁଟିନ୍ ହସ୍ତକ୍ଷେପ କରିବା ପରେ ରୁଷିଆ ଏବଂ ଆଇଏସ୍ ସଂଗଠନ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା। ୨୦୨୨ରେ ଆଇଏସ୍ ଖୋରାସାନ୍ ଗୋଷ୍ଠୀ କାବୁଲସ୍ଥିତ ରୁଷିଆ ଦୂତାବାସକୁ ଟାର୍ଗେଟ କରି ଆକ୍ରମଣ କରିଥିଲା। ପୁଟିନ୍ ପଞ୍ଚମଥର ପାଇଁ ରୁଷିଆ ରାଷ୍ଟ୍ରପତି ନିର୍ବାଚିତ ହେବା ପରେ ଆଇଏସ୍ ଆତଙ୍କବାଦୀମାନେ ଆକ୍ରମଣ କରିଥିବା କୁହାଯାଉଛି।

# ଅପରେଶନ ହଣ୍ଟର: ଧରାପଡ଼ିଲେ ୨ ଶିକାରୀ

ନୀଳଗିରି, ୨୩।୩(ପ୍ରଶାନ୍ତ ବିଶ୍ୱାଳ)


ଗିରଫ ୨ ଶିକାରୀ ଓ ଜବତ ବନ୍ଧୁକ ସହ ସାମଗ୍ରୀ।

ବନ କର୍ମଚାରୀଙ୍କ ଉପରେ ଶିକାରୀଙ୍କ ଆକ୍ରମଣ ପରେ କୁଳଡ଼ିହା ଅଭୟାରଣ୍ୟର ପାଦଦେଶରେ ଚାଲିଛି ଅପରେଶନ ହଣ୍ଟର। ଏହି କୋମ୍ବିଂ ଅପରେଶନର ତୃତୀୟ ଦିନରେ କୁଳଡିହା ଅଭୟାରଣ୍ୟ ପାଦଦେଶ କେଶିପୁର ପଞ୍ଚାୟତ କେଳାମରା ନିକଟ ତଳ ଅଶକନାଳ ଓ କଇମହୁଡ଼ି ଗାଁରେ ରାତିଅଧିଆ ବନବିଭାଗ ପୋଲିସ ପକ୍ଷରୁ ମିଳିତ ଚଢାଉ କରାଯାଇଛି। ଏହି ଚଢାଉରେ ୨ଜଣ ଶିକାରୀଙ୍କୁ ଗିରଫ କରାଯିବା ସହ ସେମାନଙ୍କଠାରୁ ଗୋଟିଏ ବନ୍ଧୁକ, ହରିଣ ଶିଙ୍ଗ ଓ ଛାଲ ଜବତ ହୋଇଛି। ଫଳରେ ଗତ ୫ଦିନ ମଧ୍ୟରେ ୧୭ଟି ବନ୍ଧୁକ ଜବତ କରାଯିବା ସହ ୧୫ଜଣ ଶିକାରୀ ଏବଂ ଜଣେ ଦେଶୀ ବନ୍ଧୁକ ନିର୍ମାଣକାରୀ ଗିରଫ ହୋଇସାରିଲେଣି।

ସୂଚନାଥାଉ କି, ଗତ ସୋମବାର ମଧ୍ୟରାତିରେ ବନବିଭାଗର ସର୍ଚ୍ଚ ଅପରେଶନ ବେଳେ ଶିକାରୀଙ୍କ ଗୁଳିରେ ଦୁଇ ବନ କର୍ମଚାରୀ ଗୁରୁତର ହେବା ପରେ ବନବିଭାଗ ଆକ୍ସନ ମୋଡ଼ରେ ରହିବା ସହ କୋମ୍ବିଂ ଅପରେଶନକୁ ଜୋରଦାର କରିଛି। ତେବେ ଅଭୟାରଣ୍ୟ ପାଦଦେଶ ଅଞ୍ଚଳରେ ବହୁ ସଂଖ୍ୟାରେ ଦେଶୀ ବନ୍ଧୁକ ଥିବା ସୂଚନା ବନବିଭାଗ ପାଖରେ ଥିବାରୁ ବିଭିନ୍ନ ଅଞ୍ଚଳରେ ବନ୍ୟପ୍ରାଣୀ ପିସିସିଏଫ୍‌ଙ୍କ ନିର୍ଦ୍ଦେଶରେ ବାଲେଶ୍ୱର ଏସିଏଫ୍ ଶୋଭନ ଦିଗନ୍ତ ଚାନ୍ଦଙ୍କ ନେତୃତ୍ୱରେ କୁଳଡିହା ରେଞ୍ଜର ପ୍ରବୀର ମୁର୍ମୁ, ଫରେଷ୍ଟର, ଫରେଷ୍ଟ ଗାର୍ଡ଼, ସବୁଜବାହିନୀ, ଶିମିଳିପାଳ ଟାଇଗର ପ୍ରୋଟେକ୍ସନ୍ ଫୋର୍ସ ଓ ନୀଳଗିରି ଓ ବରହମପୁର ପୋଲିସର ମିଳିତ ସହଯୋଗରେ ଚାଲୁରହିଛି। ଅପରେଶନ ହଣ୍ଟର ତୃତୀୟ ଦିନରେ ୨ଜଣ ଶିକାରୀ ତଥା କଇମହୁଡ଼ି ଗାଁର ବାବୁରାମ ଟୁଡୁ(୩୯) ଓ ତଳ ଅଶକନାଳ ଗାଁର ବାବାଜି ମଢ଼େଇ(୪୫) ଗିରଫ ହୋଇଥିଲେ। ଗୋଟିଏ ବନ୍ଧୁକ ଜବତ ଘଟଣାରେ ବରହମପୁର ଥାନା ପକ୍ଷରୁ ମାମଲା (ନଂ.୫୫/୨୪) ଏବଂ ହରିଣ ଶିଙ୍ଗ ଓ ଛାଲ ରଖିଥିବା ଅଭିଯୋଗରେ କୁଳଡ଼ିହା ବନବିଭାଗ (ନଂ. ୩୦, କେ/୨୪) ରୁଜୁ କରାଯାଇ ଜେଲ ହାଜତକୁ ପଠାଇ ଦିଆଯାଇଛି।

ସେପଟେ ଗତ ଶୁକ୍ରବାର ବନବିଭାଗ ପକ୍ଷରୁ ଯେଉଁ ମିଳିତ ଚଢ଼ାଉ ହୋଇଥିଲା ସେଥିରେ କେଳାମରା ଗ୍ରାମର ନୂତନ ମଢ଼େଇ ଓ ତାଙ୍କ ପୁଅ ରଞ୍ଜନ ମଢ଼େଇଙ୍କୁ ମାଡ଼ ହୋଇଥିବା ଅଭିଯୋଗ ହୋଇଛି। ସେମାନଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଆଣି ଶୁକ୍ରବାର ଭୋର ନୀଳଗିରି ମେଡ଼ିକାଲରେ ଭର୍ତ୍ତି କରାଯାଇଛି।

ଏହା ସତ୍ୟ ଯେ, ଏହି ଜଗତ ଏକ ବିପଜ୍ଜନକ ସ୍ଥାନ, ଯେଉଁଠାରେ କି ମିଥ୍ୟା ଜୀବନ୍ତ ଭାବେ ତିଷ୍ଠି ରହିଛି। ଶ୍ରୀଅରବିନ୍ଦ କହନ୍ତି- କେବଳ ସେଇମାନେ ହିଁ ନିରାପଦ, ଯେଉଁମାନେ ଭଗବାନଙ୍କୁ ସେମାନଙ୍କ ହୃଦୟରେ ଧରି ରଖିଛନ୍ତି। ନିର୍ଭୟ ହୁଅ। ଠିକ୍ ରାସ୍ତା ଅନୁକରଣ କର। —ଶ୍ରୀମା

-ବରାହ
ଦୋଳ,
ଓଳକଣା
ମେଳଣ



# ସଂଘୀୟବାଦକୁ ବିରୋଧ



ଆକାର ପଟେଲ

ନିର୍ବାଚନ ପୂର୍ବରୁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କୁ ଗିରଫ କରାଯାଇଛି। ଏହାକୁ ଗଣତନ୍ତ୍ର ଉପରେ ଆକ୍ରମଣ, ଏଥିରେ କୌଣସି ସନ୍ଦେହ ନାହିଁ। ସଂଘୀୟବାଦ ଉପରେ ଭାଜପାର ଅବିଶ୍ୱାସର ଏହା ଏକ ଦୃଷ୍ଟାନ୍ତ। ଅତୀତରେ ବିଶେଷକରି ଭାଷାଭିତ୍ତିକ ରାଜ୍ୟ ଗଠନ ହେବା ପରେ ଭାଜପା ସଂଘୀୟବାଦ ଏବଂ ଭାରତରେ ରାଜ୍ୟଗୁଡ଼ିକର ସବୁ ବିଧାନସଭାକୁ ଏକକ ବିଧାନମଣ୍ଡଳ ସପକ୍ଷରେ ଛାଡ଼ିଦେବାକୁ ଚାହୁଁଥିଲା। ସେ ଦୃଷ୍ଟିରୁ ଆମେ ଏକ ସଂସଦୀୟ ବ୍ୟବସ୍ଥାରେ ତଥା ଏକକ ନେତୃତ୍ୱରେ ରହିଥିଲେ। ୧୯୫୬ରେ ଆର୍‌ଏସ୍‌ଏସ୍ ମୁଖ୍ୟ ଏମ୍.ଏସ୍. ଗୋଲୱାଲକର ଏକ ପ୍ରବନ୍ଧ ଲେଖିଥିଲେ, ଯାହା ତାଙ୍କ ପୁସ୍ତକ 'ବଞ୍ଚ ଅଫ୍ ଥଟ୍'ରେ ପୁନର୍ବାର ପ୍ରକାଶ ପାଇଥିଲା। ସେ ଲେଖିଛନ୍ତି- 'ସେତେବେଳେ ଆମ ଦେଶକୁ ପ୍ରାୟ ଏକ ଭିନ୍ନ ୟୁନିଟ୍‌ରେ ପରିଣତ କରାଯାଇ ଆମର ବର୍ତ୍ତମାନର ସମ୍ବିଧାନ ଅଣାଗଲା ଓ ପ୍ରତ୍ୟେକର ନିଜସ୍ୱ ବ୍ୟବସ୍ଥା ରହିଲା ଏବଂ ସମସ୍ତଙ୍କୁ ଗୋଟିଏ 'ୟୁନିୟନ' (କେନ୍ଦ୍ର)ରେ ସମ୍ମିଳିତ କରାଗଲା...। ସମ୍ବିଧାନର ପ୍ରଣେତାମାନେ ଯେତେବେଳେ ଏହାକୁ ପ୍ରଣୟନ କରିଥିଲେ ସେତେବେଳେ ସେମାନେ କେଉଁ ସ୍ଥିତିରେ ରହିଥିଲେ ତାହାକୁ ଭଲ ଭାବେ ବିଚାର କଲେ ଜଣେ ଦେଖିବ ଯେ, ସେ ସମୟରେ ଏକ ବ୍ୟବସ୍ଥା- ଗୋଟିଏ ଦେଶ, ଗୋଟିଏ ବିଧାନସଭା, ଗୋଟିଏ କାର୍ଯ୍ୟନିର୍ବାହୀ କେନ୍ଦ୍ରର ଗଠନ ଏବଂ ବିବର୍ତ୍ତନ ପାଇଁ ପରିବେଶ ଅତ୍ୟନ୍ତ ସୌହାର୍ଦ୍ଦ୍ୟପୂର୍ଣ୍ଣ ଥିଲା। ଏହା ମଧ୍ୟ ଥିଲା ଭାରତରେ ଏକ ସମାନ୍ତରାଳ ଦୃଢ଼ ରାଷ୍ଟ୍ରର ଅଭିବ୍ୟକ୍ତି। କିନ୍ତୁ ନେତାଙ୍କ ମନ ଏବଂ ଯୁକ୍ତି 'ଫେଡେରେଶନ ଅଫ ଷ୍ଟେଟ୍ସ' ପ୍ରତି ଅନୁକୂଳ ଥିଲା ; ଯେଉଁଠାରେ ପ୍ରତ୍ୟେକ ଭାଷାଭିତ୍ତିକ ଗୋଷ୍ଠୀ ନିଜର ପୃଥକ ଭାଷା ଏବଂ ସଂସ୍କୃତି ସହିତ' 'ଜଣେ ବ୍ୟକ୍ତି' ଭାବେ ଏକ 'ବ୍ୟାପକ ସ୍ୱାଧୀନତା' ଉପଭୋଗ କରିଥିଲେ। ସେ ମଧ୍ୟ 'ଏହାର ପ୍ରତିକାର ଅଛି' ଶୀର୍ଷକରେ ଲେଖିଛନ୍ତି ଯେ,ଏହି ଉଦ୍ଦେଶ୍ୟରେ ଆମ ଦେଶର ସମ୍ବିଧାନର ଏକ ସଂଘୀୟ ଢାଞ୍ଚାର ଆଲୋଚନା ବନ୍ଦ କରି ଗୋଟିଏ ଦେଶ ମଧ୍ୟରେ ସମସ୍ତ 'ସ୍ୱୟଂଶାସିତ' ବା ଅର୍ଦ୍ଧ-ସ୍ୱୟଂଶାସିତ 'ବ୍ୟବସ୍ଥା'ର ଅସ୍ତିତ୍ୱକୁ ଦୂର କରିବା ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଏବଂ ପ୍ରଭାବଶାଳୀ ପଦକ୍ଷେପ। ବିଭାଜିତ, ଆଞ୍ଚଳିକ, ସାମ୍ପ୍ରଦାୟିକ, ଭାଷାଭିତ୍ତିକର କୌଣସି ସଙ୍କେତ ନ ଥିବା 'ଏକ ଦେଶ, ଏକ ରାଜ୍ୟ, ଏକ ବିଧାନସଭା, ଏକ କାର୍ଯ୍ୟନିର୍ବାହୀ' ବୋଲି ଯାହା ପ୍ରଚାର କରାଯାଉଛି ତାହା ଆମର ସମନ୍ୱିତ ସୌହାର୍ଦ୍ଦ୍ୟକୁ ବିନାଶ ପାଇଁ ସୁଯୋଗ ଦେଉଛି। ସମ୍ବିଧାନର ପୁନଃ ଯାଞ୍ଚ ଏବଂ ପୁନଃ ପ୍ରସ୍ତୁତ କରାଯାଉ, ଯାହାଦ୍ୱାରା ସରକାରଙ୍କ ଏହି ଏକକ ଢାଞ୍ଚା ପ୍ରତିଷ୍ଠା କରାଯାଇପାରିବ।

ଏହା ବ୍ୟତୀତ ସଂଘୀୟବାଦ ଏବଂ ସମ୍ବିଧାନର ଧାରା ୧ ପ୍ରତି ଉଗ୍ର ଭାବନାର ଉତ୍ସ ଦୀନଦୟାଲ ଉପାଧ୍ୟାୟଙ୍କଠାରୁ ମିଳେ। ୧୯୬୫ ଏପ୍ରିଲ ୨୨-୨୫ ମଧ୍ୟରେ ମୁମ୍ବାଇରେ ଉପାଧ୍ୟାୟ ଦେଇଥିବା ୪ଟି ଅଭିଭାଷଣ ଅବିଭାଜ୍ୟ ମାନବବାଦକୁ ସୂଚିତ କରେ। ତାଙ୍କ ତୃତୀୟ ବକ୍ତବ୍ୟର ଏକ ଶୀର୍ଷକ ହେଉଛି 'ସମ୍ବିଧାନ ମନମୁଖୀ ହୋଇପାରିବ ନାହିଁ'। ଏଥିରେ ଉପାଧ୍ୟାୟ ଲେଖିଛନ୍ତି, ଆମେ ଏକ ସମ୍ବିଧାନ ଲେଖିଛୁ। କିନ୍ତୁ ଏହା ଦେଶର ସିଦ୍ଧାନ୍ତ ବା ବିଚାର ବିପରୀତରେ ଯାଇପାରିବ ନାହିଁ। ଏହା ଆମ ସିଦ୍ଧାନ୍ତ ବିରୋଧରେ ଅଧିକ ଯାଉଥିବାରୁ ତାହା ତା' ଧର୍ମ ନିଭାଇ ପାରୁନାହିଁ। ସେହି ସମ୍ବିଧାନ ଯାହା ଆମ ଦେଶକୁ ସମ୍ଭାଳିଛି ତାହାର ଧର୍ମ ସହିତ ସମ୍ପର୍କ ରହିଛି। ଆମ ଲୋକଙ୍କ ହୃଦୟରେ ଯେଭଳି ପବିତ୍ର ମାତୃଭୂମି ଭାବନା ରହିଛି ସେଭଳି ଭାରତ ମାତାର ଧାରଣାର ସ୍ୱୀକୃତି ନାହିଁ। ସମ୍ବିଧାନର ପ୍ରଥମ ପାରା ଅନୁଯାୟୀ, ଇଣ୍ଡିଆ, ଯାହା ଭାରତ ତାହା ରାଜ୍ୟଗୁଡ଼ିକର ଏକ ସଂଘ। ଅର୍ଥାତ୍ ବିହାର ମାତା, ବଙ୍ଗ ମାତା, ପଞ୍ଜାବ ମାତା, କନ୍ନଡ ମାତା, ତାମିଲ ମାତା ସମସ୍ତେ ଏକାଠି ହୋଇ ଭାରତ ମାତା ତିଆରି କରନ୍ତି। ଏହା ହାସ୍ୟାସ୍ପଦ। ଆମେ ପ୍ରଦେଶଗୁଡ଼ିକୁ ଭାରତ ମାତାର ଅଙ୍ଗ ବୋଲି ଭାବିଛୁ ଏବଂ ଏକାକୀ ମାତା ଭାବରେ ନୁହେଁ। ତେଣୁ ସଂଘୀୟ ବଦଳରେ ଆମର ସମ୍ବିଧାନ ୟୁନିଟାରି ହେବା ଉଚିତ। ପ୍ରକୃତରେ ପ୍ରଦେଶଗୁଡ଼ିକ ପ୍ରତି ଏପରି ବିରୋଧ ଉପରେ ଧ୍ୟାନ ଦିଆଯାଇନାହିଁ। ମୁଖ୍ୟମନ୍ତ୍ରୀମାନେ ନିର୍ବାଚିତ ହୋଇଥିଲେ ନ୍ୟାୟସଙ୍ଗତ ବୋଲି ବିଚାର କରାଯାଉନାହିଁ। ଆମେ ଏକ ଗଣତନ୍ତ୍ର ଏବଂ ନିର୍ବାଚିତ ମୁଖ୍ୟମନ୍ତ୍ରୀମାନଙ୍କୁ ବିନା ଦୋଷରେ ଜେଲରେ ରଖିବାକୁ ଯୁକ୍ତିଯୁକ୍ତ ଦର୍ଶାଇ ଭାଜପା କ୍ଷମତାକୁ ବଜାୟ ରଖିପାରେ। ୨୦୧୪ ପରେ ସଂଘୀୟବାଦ ଉପରେ ଏହି ପ୍ରକାର ବିଚାରଗତ ଆକ୍ରମଣ ବିଭିନ୍ନ ଦିଗରେ ସ୍ପଷ୍ଟ ଭାବେ ପ୍ରକାଶ ପାଇଛି: -ଆଇନଶୃଙ୍ଖଳା ମୁଖ୍ୟତଃ ରାଜ୍ୟର ବିଷୟ ହୋଇଥିବାବେଳେ ଏଥିରେ ହସ୍ତକ୍ଷେପ ଲାଗି କେନ୍ଦ୍ରୀୟ ସଂସ୍ଥାଗୁଡ଼ିକର ବ୍ୟବହାର କରାଯାଉଛି। - ଜିଏସ୍‌ଟି ସହ ଟ୍ୟାକ୍ସ ଲଗାଇବା ଅଧିକାର ରାଜ୍ୟର ଶେଷ କରିଦିଆଯାଇଛି ଏବଂ ସେମାନେ କେନ୍ଦ୍ର ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ। - ଅନ୍ୟ ସମସ୍ତ ଅପେକ୍ଷା କେନ୍ଦ୍ରକୁ ଅଧିକ ଅଧିକାର ଦେବାଭଳି 'ଏକ ଦେଶ ଏକ ନିର୍ବାଚନ' ଆହ୍ୱାନ ଦେଇଛି। - ବଙ୍ଗଳା, ଝାଡ଼ଖଣ୍ଡ, କର୍ନାଟକ, ତେଲଙ୍ଗାନା ଏବଂ ଦିଲ୍ଲୀରେ ବିରୋଧୀ ସରକାର ତଥା ନେତୃତ୍ୱ ଉପରେ କେନ୍ଦ୍ର ସରକାରଙ୍କ ଆକ୍ରମଣ। ଗିରଫ, ଆବଣ୍ଟିତ ପାଣ୍ଠିକୁ ପ୍ରତ୍ୟାଖ୍ୟାନ କରିବା, କ୍ରମାଗତ ରାଜ୍ୟ ଅଧିକାରରେ ଅନୁପ୍ରବେଶ କରୁଛି।

ଗଣତନ୍ତ୍ରରେ ଏହା ଯୁକ୍ତିଯୁକ୍ତ ନୁହେଁ ଏବଂ ଏହା ହେଲେ ଆମେ ଉତ୍ତେଜନାର ବିସ୍ଫୋରଣ ସ୍ଥିତିକୁ ଦେଖିବାକୁ ପାଇବା। କେଜରିୱାଲ, ମନୀଷ ସିସୋଦିଆଙ୍କ ସମେତ ଅନ୍ୟ ମନ୍ତ୍ରୀମାନଙ୍କୁ ତଥା ଗତ ମାସରେ ଝାଡ଼ଖଣ୍ଡର ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କୁ ଗିରଫ କରିବା ଏବଂ ଚଳିତ ମାସରେ ତେଲଙ୍ଗାନା ନେତା କେ. କବିତାଙ୍କୁ ଜେଲ ପଠାଇବା ଯୋଗୁ ଏଭଳି ସ୍ଥିତି ଉପୁଜିବାର କାରଣ ହୋଇପାରେ। ବିରୋଧୀ ତଥା ଗଣତନ୍ତ୍ର ପ୍ରତି ସରକାରଙ୍କ ଅବମାନନାକୁ ଏହା ପ୍ରତୀତ କରେ। ନ୍ୟାୟପାଳିକା ପ୍ରତି ଅସମ୍ମାନ ଏବଂ ଦେଶର ସ୍ୱାର୍ଥକୁ ସୁରକ୍ଷିତ ରଖିବା ପାଇଁ ଏହା କେତେ ପରିମାଣରେ ଆଗ୍ରହୀ ତାହା ମଧ୍ୟ ଦର୍ଶାଉଛି। ପ୍ରଶ୍ନ ହେଉଛି ଭାଜପାର ଆଦର୍ଶ, ସଂଖ୍ୟାବହୁଳବାଦକୁ ନେଇ ଭାଜପାର ଦ୍ୱୈତ ବିଚାର ଏବଂ ସଂଘୀୟବାଦ ବିରୋଧରେ ଦୃଢ଼ ମନୋଭାବକୁ ପ୍ରତିରୋଧ କରିବା ପାଇଁ କ'ଣ କରାଯିବ ? ଜରୁରିକାଳୀନ ସମୟ ସହିତ ଭାରତରେ ଏକଛତ୍ରବାଦିତାକୁ ବିରୋଧ କରିବାର ଆଭ୍ୟନ୍ତରୀଣ କୌଶଳଗୁଡ଼ିକ କେବେ ବି ଭଲ ଭାବେ କାମ କରିନାହିଁ। ଜୟପ୍ରକାଶ ନାରାୟଣ ଏକ ବ୍ୟତିକ୍ରମ ଥିଲେ। କିନ୍ତୁ ସେ ଇଡି ଏବଂ ସିବିଆଇ ଯୁଗରେ କ'ଣ ହାସଲ କରିଥାଆନ୍ତେ ?

Email:aakar.patel@gmail.com

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 4 | | | | | 3 | 7 | 8 | |
| | 9 | | | | 4 | | | |
| 1 | | | | 7 | | | | |
| | | 1 | | | | 6 | | |
| 9 | | | 5 | 6 | | | | 4 |
| 3 | | | 4 | | | 2 | | |
| | | | 6 | 9 | | | | |
| 8 | | | | | 2 | | 7 | |
| | | | | | | 4 | | 3 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 6 | 1 | 5 | 3 | 8 | 2 | 7 | 9 |
| 2 | 9 | 3 | 6 | 7 | 1 | 5 | 4 | 8 |
| 8 | 5 | 7 | 4 | 2 | 9 | 1 | 6 | 3 |
| 1 | 3 | 9 | 7 | 4 | 5 | 6 | 8 | 2 |
| 6 | 7 | 2 | 1 | 8 | 3 | 9 | 5 | 4 |
| 5 | 8 | 4 | 9 | 6 | 2 | 3 | 1 | 7 |
| 7 | 1 | 8 | 3 | 9 | 6 | 4 | 2 | 5 |
| 9 | 4 | 6 | 2 | 5 | 7 | 8 | 3 | 1 |
| 3 | 2 | 5 | 8 | 1 | 4 | 7 | 9 | 6 |

ଗତକାଲିର ଉତ୍ତର

# ଧର୍ମର ଜୟ ହେଉ



ଚିତ୍ର ଚରିତ୍ର

ଅଧ୍ୟାପକ ନିରଞ୍ଜନ ପାଢ଼ୀ

ନ୍ୟାୟ, ନୀତି, ସତ୍ୟ, ସଦାଚାରକୁ ପ୍ରତିହତ କରି ଅନ୍ୟାୟ, ଅନୀତି ଓ ଅସତ୍ୟ ଅନାଚାର ଯେତେବେଳେ ବିଜୟ ଲାଭ କରେ, ସେତେବେଳେ ନିଷ୍ପେଷିତର ଅନ୍ତରରୁ ନିଃଶବ୍ଦରେ ଭାସି ଆସେ ଅସହାୟତାର କରୁଣ ସଂଳାପ- 'ଧର୍ମ ସହିଲେ ହେଲା'! ନିର୍ଦ୍ଧନ ଯେତେବେଳେ ଧନବାନ୍ ଦ୍ୱାରା ଶୋଷଣର ଶିକାର ହୁଏ, ଅବା ନିଜର ବଳ ବା କ୍ଷମତା ପ୍ରୟୋଗ କରି ତଳଶ୍ରେଣୀର ନିର୍ବଳ ଲୋକଟିକୁ ନିର୍ଯାତନା ଦିଆଯାଏ, ସେତେବେଳେ ଧର୍ମ ବୋଲି ଯେଉଁ ଅଦୃଶ୍ୟ ଶକ୍ତି ତା' ନିକଟରେ ନିଜକୁ ସମ୍ପୂର୍ଣ୍ଣ ସମର୍ପଣ କରିଦିଏ ଅସହାୟ ମଣିଷ। ଆଉ ଯିଏ ସହୁ ପଛେ, ଧର୍ମ କେବେ ଅନ୍ୟାୟ ଅନାଚାର ସହିବ ନାହିଁ, ଏମିତି ଏକ ଅବବୋଧ ଅନ୍ୟାୟ କରୁଥିବା ଲୋକ ଭିତରେ ଭୟ ସଞ୍ଚାର କରୁ କି ନ କରୁ, ଅନ୍ୟାୟ ସହିବାକୁ ବିବଶ ହେଉଥିବା ଲୋକଙ୍କୁ ହିଁ ଧର୍ମ ପ୍ରତି ଅଧିକ ସମର୍ପିତ କରିଥାଏ। ଅଧର୍ମ ପ୍ରତି ଅନାସ୍ଥା ପ୍ରକଟିତ ହୋଇଥାଏ।

ଧର୍ମ ଏକ ନିର୍ମଳ ବିଶ୍ୱାସ, ବିଶ୍ୱାସୀଙ୍କ ଏକ ନିଃସର୍ତ୍ତ ସମର୍ପଣ। ଆମ ସମାଜରେ ଧର୍ମ ଶବ୍ଦର ପରିବ୍ୟାପ୍ତ ପ୍ରୟୋଗ ଏହାର ବିଶାଳତା ପ୍ରତିପାଦନ କରେ। ଧର୍ମପତ୍ନୀ, ଧର୍ମବନ୍ଧୁ ବା ଧର୍ମପିତା ଆଦି ଶବ୍ଦର ଉଚ୍ଚାରଣ ବିଭିନ୍ନ ସମ୍ପର୍କ ମଧ୍ୟରେ ପବିତ୍ରତାର ସ୍ଫୁରଣ ଘଟାଏ। ପୁଣି ଧର୍ମକଣ୍ଟା ବା ଧର୍ମଶାଳା ଆଦି ଶବ୍ଦର ବ୍ୟବହାର ଗୋଟିଏ ବସ୍ତୁ ବା ଗୋଟିଏ ସ୍ଥାନର ନିର୍ଭରଶୀଳତା ସମ୍ପର୍କରେ ସୂଚିତ କରେ। କେବଳ ଏତିକି ନୁହେଁ, ପତିଧର୍ମ, ଭ୍ରାତୃଧର୍ମ, ରାଜଧର୍ମ ବା ଜୀବନଧର୍ମ ଆଦି କଥା କହିଲାମାତ୍ରେ ସଂସାରର ବିଭିନ୍ନ ବିଧିବିଧାନ ସହ ମଣିଷର ସ୍ଥିତି ଯୋଡ଼ି ହୋଇଯାଏ। ଏମିତି ସମାଜର ପ୍ରତ୍ୟେକ ପ୍ରାନ୍ତରେ, ଜୀବନର ପ୍ରତିଟି ଅଧ୍ୟାୟରେ ଧର୍ମ ଯେଉଁଠି ସହଚର ହୋଇ ମଣିଷର ଅନୁଗମନ କରୁଥାଏ, ସେଠି ଗୋଟିଏ ଧର୍ମବିହୀନ ପୃଥିବୀର ପରିକଳ୍ପନା କରିହେବ ନାହିଁ।

ତେବେ ଧର୍ମ ଈଶ୍ୱରକୈନ୍ଦ୍ରିକ ହେଉ କି ସମାଜକୈନ୍ଦ୍ରିକ, ଆଜିକାଲିର ବିଜ୍ଞାନଭିତ୍ତିକ ଆଧୁନିକ ଜୀବନଚର୍ଯ୍ୟା ଓ ମୋବାଇଲ ମନସ୍କତା ମଧ୍ୟରେ ଧର୍ମ ପ୍ରତି ମଣିଷର ଆକର୍ଷଣ ହ୍ରାସ ପାଉଥିବା ବେଳେ ଅଚାନକ ଏଇ ଧର୍ମ ପ୍ରସଙ୍ଗର ଅବତାରଣା କାହିଁକି! କଥା ହେଉଛି ଏଇ ନିକଟରେ ନିଜ ରାଜ୍ୟରେ ମଦ୍ୟ ନୀତି ନିର୍ଦ୍ଧାରଣରେ ହୋଇଥିବା ଦୁର୍ନୀତି ଉପରେ ତଦନ୍ତ କରୁଥିବା କେନ୍ଦ୍ର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ ଗିରଫ କରିନେଲା ପରେ ତାଙ୍କର ଜଣେ ଅନୁଗାମୀଙ୍କ ପ୍ରତିକ୍ରିୟା ଥିଲା ଧର୍ମଭିତ୍ତିକ। ଏମିତି ତ ରାଜନୀତିରେ ରୁଚି ରଖୁଥିବା ଲୋକେ ଅଳ୍ପଦିନ ଅନ୍ତରରେ ଦେଶ ସାମ୍ନା କରିବାକୁ ଯାଉଥିବା ନିର୍ବାଚନକୁ ନେଇ ବହୁ ନେତାଙ୍କ ସପକ୍ଷ ବା ବିପକ୍ଷରେ ବହୁ ରୋଚକ ମନ୍ତବ୍ୟ ଦେଉଥିବା କିଛି ନୂଆ କଥା ନୁହେଁ। ତେବେ ଅରବିନ୍ଦପ୍ରେମୀ ସେଇ ଯୁବକଙ୍କ ପ୍ରତିକ୍ରିୟା ଥିଲା ଅଭିନବ। ତାଙ୍କ ଗିରଫଦାରିର ଖବର ପାଇବା କ୍ଷଣି କ୍ରୋଧରେ ସେ କହି ପକାଇଲେ- "ଏ ମୋଦିକୁ ଧର୍ମ ସହିବ ନାହିଁ। ସେ ତାଙ୍କ ବିରୋଧୀମାନଙ୍କୁ କଳେବଳେ କୌଶଳେ ଯେମିତି ଦମନ କରି ଚାଲିଛନ୍ତି, ତାଙ୍କୁ ଧର୍ମ ସହିଲେ ହେଲା।"

ରାଜନୀତିର ରଙ୍ଗ ବଡ଼ ବିଚିତ୍ର। ଏଠାକାର ପ୍ରେମ ବା ଘୃଣା ନେତାଙ୍କ ଅପେକ୍ଷା ସେମାନଙ୍କ ସମର୍ଥକ ଜନତାଙ୍କୁ ଅଧିକ ସଂକ୍ରମିତ କରେ। ସଂକ୍ରମଣ କେତେ ଉତ୍କଟ, ତାହାର ବହୁ ଦୃଷ୍ଟାନ୍ତ ଅତୀତରେ ଜନଚେତନାରେ ଶିହରଣ ସୃଷ୍ଟି କରିଛି। କେଉଁଠି ନିଜ ନେତା ବା ନେତ୍ରୀଙ୍କ ଗିରଫଦାରି ପରେ ଦେଶର ବହୁ ଜନସମ୍ପଦରେ ନିଆଁ ଲଗାଇ ଛାରଖାର କରିଦିଆଯାଇଛି ତ ଅନ୍ୟ କେଉଁଠି କିଛି ଅନୁଗାମୀ ଆତ୍ମାହୁତି ଦେଇଛନ୍ତି। ସେପରି ସ୍ଥଳେ ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ଗିରଫଦାରି ପରେ ଦେଶର ପ୍ରଧାନମନ୍ତ୍ରୀଙ୍କୁ ଧର୍ମଛଡ଼ା କହି ଅଭିଶାପ ଦେବା ଏକ ଆବେଗ ବିଜଡ଼ିତ ଛୋଟକାଟର ଅହିଂସ ପ୍ରତିକ୍ରିୟା। ତେବେ ଘଟଣାଟିର ଉତ୍ପତ୍ତି, ଅଗ୍ରଗତି ଓ ପରିଣତି ସମ୍ପର୍କରେ ସମୁଚିତ ବିଶ୍ଳେଷଣ ନ କରି ଧର୍ମ ଭଳି ଏକ ଆଧିଭୌତିକ ଚେତନାକୁ ଏଭଳି ଏକ ଭୌତିକ ପର୍ଯ୍ୟାୟକୁ ଟାଣିଆଣିବା କେତେ ଯୁକ୍ତିଯୁକ୍ତ!

ଅବଶ୍ୟ ସଂସାରର ସବୁ କଥାରେ କେଉଁଠି ନା କେଉଁଠି ଧର୍ମ ସମ୍ପୃକ୍ତ ଥିଲା ଭଳି ଏକଥାରେ ମଧ୍ୟ ଧର୍ମର ସମ୍ପୃକ୍ତିକୁ ଅସ୍ୱୀକାର କରାଯାଇପାରେନା। ସେ ମୁଖ୍ୟମନ୍ତ୍ରୀ ହୁଅନ୍ତୁ କି ପ୍ରଧାନମନ୍ତ୍ରୀ, ଦୁହେଁ ରାଜଧର୍ମରେ ଅଭିଷିକ୍ତ ଦୁଇଜଣ ମହଙ୍ଗା ରାଜପୁରୁଷ। ଦୁର୍ନୀତି, ଦୁରାଚାର ଭଳି ବ୍ୟକ୍ତି ସ୍ୱାର୍ଥ ସାଧନର ମିଠା ବିଷଠାରୁ ଦୂରେଇ ରହି ଏମାନେ ଯଦି ଲୋକକଲ୍ୟାଣର ଅମୃତ ରାଜ୍ୟରେ ବିଚରଣ କରୁଥାଆନ୍ତି, ତେବେ ସାମୟିକ ଭାବେ ଯେତେ ବିପଦ ଆସିଲେ ବି ସେମାନଙ୍କ ବିରୋଧରେ ଯେତେ ଅଭିଯୋଗ ବଡ଼ା ହେଲେ ମଧ୍ୟ ସେମାନଙ୍କ ପକ୍ଷ ସମର୍ଥନ କରିବାକୁ ସ୍ୱୟଂ ଧର୍ମଦେବତା ଆଗେଇ ଆସିବେ। ବରଂ ଆଗେଇ ଆସିବାକୁ ବାଧ୍ୟ ହେବେ। ଏଇ ବିଶ୍ୱାସ ସପକ୍ଷରେ ଆମ ପ୍ରାଚୀନ ଲୋକକଥାରୁ ଛୋଟ କାହାଣୀଟିଏ।

ନିଜ ପ୍ରଜାମାନଙ୍କ କଲ୍ୟାଣ ପାଇଁ ଜଣେ ରାଜା ରାଜଧାନୀ ଉପକଣ୍ଠରେ ବଡ଼ ହାଟଟାଏ ବସାଇଲେ। ନିୟମ କଲେ ପ୍ରତିଦିନ ଜନଗଣଙ୍କ କିଣାବିକା ପରେ



ଯେତେ ଯାହା ଅବିକ୍ରି ରହିବ, ସେ ସବୁ ସେ ନିଜେ କିଣିନେବେ। ଚାଷୀ ଓ ବେପାରୀମାନେ ରାଜାଙ୍କର ଜୟ ଜୟକାର କଲେ। ବିକ୍ରୟ ନ ହୋଇପାରିବା ପଣ୍ୟ ପାଇଁ କେହି କ୍ଷତି ସହିଲେ ନାହିଁ। ଏମିତି କିଛିଦିନ ପରେ କୁମ୍ଭାରୁଣୀ ବୁଢ଼ୀଟିଏ ଏକ ମାଟି କଣ୍ଢେଇ ଧରି ରାଜାଙ୍କ ପାଖରେ ପହଞ୍ଚିଲା ଓ କହିଲା, ମହାରାଜ! ପେଟ ପୋଷିବା ପାଇଁ ମାଟିରେ ପିତୁଳା ତିଆରି କରି ହାଟରେ ବିକୁଥିଲି। ଆଜି କିନ୍ତୁ ଏଇ ପିତୁଳାକୁ ଅଲକ୍ଷ୍ମୀ ମୂର୍ତ୍ତି କହି କେହି ଗରାଖ ନ ନେବାରୁ ଆପଣଙ୍କ ପାଖକୁ ନେଇ ଆସିଛି। ରାଜା ଦେଖିଲେ ବୁଢ଼ୀ ହାତରେ ଅଲକ୍ଷ୍ମୀ ମୂର୍ତ୍ତିଟିଏ। ଦାରିଦ୍ର୍ୟର ପ୍ରତୀକ ଏଭଳି ପିତୁଳାକୁ କିଏ ବା କାହିଁକି କିଣନ୍ତା! ଅତଏବ ହାଟର ବିଧାନ ଅନୁଯାୟୀ ରାଜା ସେଇ ମୂର୍ତ୍ତିଟି ରଖି ବୁଢ଼ୀକୁ ତା'ର ମୂଲ୍ୟ ଦେଇ ବିଦା କରିଦେଲେ।

ସେଇ ରାତିରେ ରାଜାଙ୍କ ଶୟନକକ୍ଷରେ ନାରୀ ପାଦର ରୁଣୁଝୁଣୁ ଶବ୍ଦରେ ରାଜାଙ୍କ ନିଦ ଭାଙ୍ଗିଗଲା। ସେ ଦେଖିଲେ ଦେବୀ ଭଳି ଦିଶୁଥିବା ନାରୀ ଜଣେ ତାଙ୍କ କକ୍ଷରୁ ନିଷ୍କ୍ରାନ୍ତ ହୋଇ ଚାଲି ଯାଉଛନ୍ତି। ରାଜା ତାଙ୍କୁ ପରିଚୟ ମାଗିଲାରୁ ସେ କହିଲେ, ମୁଁ ଲକ୍ଷ୍ମୀ। ତୁମ ଉପରେ ପ୍ରସନ୍ନ ହୋଇ ତୁମ ସହ ରହୁଥିଲି। ଏବେ ତୁମେ ଅଲକ୍ଷ୍ମୀକୁ ଘରେ ରଖିଲ ଯେ ଗୋଟିଏ ଘରେ ଲକ୍ଷ୍ମୀ ଅଲକ୍ଷ୍ମୀ ସାଙ୍ଗ ହୋଇ ରହିପାରିବେନି। ମୁଁ ଚାଲିଲି। ଲକ୍ଷ୍ମୀ ଚାଲିଗଲେ ରାଜଗୃହ ତ୍ୟାଗ କରି। ପରେ ପରେ ସେଇ ରାତି ମଧ୍ୟରେ ନାରାୟଣଙ୍କ ସମେତ ଭାଗ୍ୟଲକ୍ଷ୍ମୀ, ବିଜୟ ଲକ୍ଷ୍ମୀ ଆଦି ବହୁ ଦେବଦେବୀ ରାଜାଙ୍କୁ ଛାଡ଼ି ଚାଲିଗଲେ। ସମସ୍ତଙ୍କର ସେଇ ଏକା ଅଭିଯୋଗ- ଯେଉଁ ଘରେ ଅଲକ୍ଷ୍ମୀର ଅବସ୍ଥାନ, ସେ ଘରେ କେହି ରହିପାରିବେ ନାହିଁ। ରାଜା ଦୁଃଖିତ ହେଲେ ମଧ୍ୟ ବିଚଳିତ ହେଲେନାହିଁ।

ସବା ଶେଷରେ, ରାତିର ଶେଷ ପ୍ରହରକୁ ଅନ୍ୟ ଜଣେ ଦିବ୍ୟ ପୁରୁଷ ତାଙ୍କୁ ତ୍ୟାଗ କରି ଚାଲିଯାଉଥିବା ଦେଖି ରାଜା ତାଙ୍କୁ ପରିଚୟ ମାଗି ଜାଣିଲେ ଯେ, ସେ ହେଉଛନ୍ତି ଧର୍ମ। ଏଥର ରାଜା ନୀରବ ରହିପାରିଲେ ନାହିଁ। ସେ ଏହାର ପ୍ରତିବାଦ କଲେ। କହିଲେ, ମୋତେ ତ୍ୟାଗ କରି ସମସ୍ତେ ଚାଲିଗଲେ ମଧ୍ୟ ଆପଣ ଯାଇପାରିବେ ନାହିଁ। ଆପଣ ପରା ଧର୍ମ। କେବଳ ଆପଣଙ୍କୁ ରକ୍ଷା କରିବା ପାଇଁ ଗରିବ ବୁଢ଼ୀଟିଠାରୁ ଅଲକ୍ଷ୍ମୀ ମୂର୍ତ୍ତି କିଣି ମୁଁ ମୋର ରାଜଧର୍ମ ପାଳନ କରିଛି। ଯେଉଁ ଧର୍ମର ରକ୍ଷା ପାଇଁ ସମସ୍ତେ ମୋତେ ତ୍ୟାଗ କରି ଚାଲିଗଲେ, ସେଇ ଧର୍ମ ମୋତେ ତ୍ୟାଗ କରିବେ କେମିତି?

ରାଜାଙ୍କ ଯୁକ୍ତିର ମର୍ମ ବୁଝିଲେ ଧର୍ମ ଓ ତାଙ୍କୁ ଛାଡ଼ି ଯାଇପାରିଲେ ନାହିଁ। ପରେ ପରେ ରାତି ପାହିବା ପୂର୍ବରୁ ଫେରି ଆସିଲେ ଲକ୍ଷ୍ମୀ, ନାରାୟଣ ଆଦି ଯେତେ ସବୁ ଦେବଦେବୀ। କହିଲେ- ଧର୍ମ ଯେଉଁଠି ଆମେ ସମସ୍ତେ ବି ସେଇଠି। ଧର୍ମର ଜୟ ହେଲା। ଜୟ ହେଲା ରାଜଧର୍ମ ପାଳନ କରିଥିବା ରାଜାଙ୍କର। ସୁତରାଂ ଏଇ ଉପାଖ୍ୟାନର ଉପସଂହାରରେ ଏତିକି ଶିକ୍ଷା ମିଳିଲା ଯେ, ସେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ହୁଅନ୍ତୁ କି ପ୍ରଧାନମନ୍ତ୍ରୀ ; ଉଭୟ ରାଜନେତାଙ୍କ ମଧ୍ୟରୁ ଯିଏ ଠିକ ଭାବେ ନିଜ ରାଜଧର୍ମ ପାଳନ କରିଥିବେ, ଅବଶେଷରେ ଜୟ ତାଙ୍କର ହିଁ ହେବ। ବାସ୍, ଅପେକ୍ଷା କେବଳ ରାତିର ଶେଷ ପ୍ରହରକୁ!

ମୋ: ୮୮୯୫୬୨୪୧୦୫

# ପର୍ବ ନାଁ ମିଶ୍ରଣ



ଧ୍ରୁବ ଚରଣ ଘିବେଲା

ଆମ ରାଜ୍ୟରେ କଥାଟିଏ ପ୍ରଚଳିତ ରହିଛି- ''ବାର ମାସରେ ତେର ପର୍ବ''ର କଥା। ଏଇ ପ୍ରଚଳିତ ଲୋକୋକ୍ତି ଅନୁସାରେ ମାସକୁ ଅନ୍ତତଃ ଗୋଟାଏ ପର୍ବ ପଡ଼ିବା କଥା। ତେବେ ମାସକୁ ସିନା ପାଳିତ ହୁଏ ଗୋଟାଏ ପର୍ବ। ଏବେ ବଢ଼ି ଚାଲିଛି ଦିବସ ପାଳନର ମହତ୍ତ୍ୱ ତଥା ଗୁରୁତ୍ୱ। ଦିନକୁ ପୁଣି ପାଳନ କରାଗଲାଣି ଏକାଧିକ ଦିବସ। ଦିନ ଗୋଟାଏ। ହେଲେ ପାଳନ ହୁଏ ଅନେକ ଦିବସ। ଦିନ ହିସାବରେ ସବୁ ଦିବସକୁ ମନେରଖିବା ସହଜ ହେଉନାହିଁ। ସମ୍ଭବ ବି ହେଉନାହିଁ। ପୁଣି ସେସବୁ ଦିବସକୁ ପର୍ବ ଭଳିଆ ପାଳନ କରାଯାଉଥିବାର ଅନୁମିତ ହୁଏ। ଅନେକ ଦିବସ ପାଳନ କରାଯାଏ ସରକାରୀ ଭାବେ। ପାଳନୀୟ ଦିବସ ଭିତରୁ କିଛି ଦିବସ ଖାସ୍ ପିଲାଙ୍କ ପାଇଁ ଉଦ୍ଦିଷ୍ଟ ଥାଏ। ଯେମିତି ଶିଶୁ ଦିବସ। ସାରା ଦେଶରେ ସବୁ ସ୍କୁଲରେ, ଶିକ୍ଷା ଅନୁଷ୍ଠାନରେ ପାଳନ କରାଯାଏ। ଦେଶର ପ୍ରଥମ ପ୍ରିୟ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଜନ୍ମଦିନକୁ ଶ୍ରଦ୍ଧାରେ ପାଳନ କରାଯାଏ ଶିଶୁ ଦିବସ। ଏ ଦିବସଟି ଶିଶୁମାନଙ୍କ ପାଇଁ ଏକ ପର୍ବର ମାନ୍ୟତା ରଖେ। ସେମିତି ଗୁରୁ ଦିବସ କଥା, ଯାହାକି ପାଳିତ ହୁଏ ଦେଶର ଦ୍ୱିତୀୟ ରାଷ୍ଟ୍ରପତି ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ପୁଣ୍ୟ ଜନ୍ମତିଥି ଅବସରରେ। ଶିକ୍ଷାନୁଷ୍ଠାନଗୁଡ଼ିକରେ। ପିଲାଙ୍କ ପାଇଁ ଉଦ୍ଦିଷ୍ଟ ଦିବସ ସବୁ ଯଥାର୍ଥରେ ଥାଏ ପିଲାଙ୍କ ପାଇଁ, ପିଲାମାନଙ୍କର ଓ ପିଲାମାନଙ୍କ ଦ୍ୱାରା। ସେ ଦିବସ ଥାଏ ପିଲାଙ୍କ ପାଳନୀୟ ପର୍ବ। ଆହୁରି ଏମିତି ଅନେକ ଜାତୀୟ ଦିବସ ପାଳନରେ ସାରା ଦେଶବାସୀ ସାମିଲ ରହନ୍ତି। ପିଲାଏ ବି ତହିଁରେ ସାମିଲ ଥାଆନ୍ତି। ସ୍ୱାଧୀନତା ଦିବସ ଓ ସାଧାରଣତନ୍ତ୍ର ଦିବସ ଏଇ ଦୁଇ ଦିବସ ଆମ ଜାତୀୟ ପର୍ବ। ଗର୍ବର ସହିତ ଆମେ ପାଳନ କରିଥାଉ ଆମର ସେଇ ଜାତୀୟ ପର୍ବ। ଜାତୀୟ ପତାକା ଉଡ଼େ ଏଇ ଦିନରେ ସର୍ବସାଧାରଣ ସ୍ଥାନରେ। ପିଲାଠୁ ବୁଢ଼ା ସଭିଏଁ ଏ ଦିବସ ପାଳନର ମଜା ନିଅନ୍ତି। ସେ ପର୍ବ ବହନ କରିଥାଏ ଆମର ଅନେକ ଗର୍ବ ଓ ଗୌରବ ଗାଥା। ଜନଜୀବନକୁ ସରସ ସୁନ୍ଦର କରିବା ପାଇଁ ପର୍ବ ପାଳନର ଅନେକ ମହତ୍ତ୍ୱ ରହିଥାଏ। ଜନଜୀବନର ନିଛକ ପ୍ରତିଛବି ପାଳନୀୟ ପର୍ବସବୁରେ ପ୍ରତିଫଳିତ ହୋଇଥାଏ। ଆମ ସଂସ୍କୃତିରେ ଅନେକ ଯାନିଯାତ୍ରା ପର୍ବ ବି ପାଳିତ ହୁଏ। କିଛି ଆଞ୍ଚଳିକ ସ୍ତରରେ ପାଳିତ ହୁଏ। କେତେ ଯେ ସର୍ବଭାରତୀୟ ସ୍ତରରେ ହୋଇଥାଏ। ନୂଆଖାଇ ପଶ୍ଚିମ ଓଡ଼ିଶାବାସୀଙ୍କ ଗଣପର୍ବ। ପ୍ରବାସୀ ଓଡ଼ିଆ ପୁଅ ସେଦିନ ଘରକୁ ଆସିଥାଏ। ଯେତେ ଦୂରରେ ଥିଲେ ବି ଘରମୁହାଁ ରହିଥାଏ ନୂଆଖାଇ ପର୍ବରେ ନିଜକୁ ସାମିଲ କରିବା ପାଇଁ ପ୍ରବାସୀ।



ଏମିତି ବିବିଧ ପର୍ବ ତାଲିକାରେ ଆଉ ଏକ ପର୍ବ କେବେଠୁ ଆମ ସହିତ ଯୋଡ଼ି ହୋଇସାରିଲାଣି। ଅବଶ୍ୟ ସେ ପର୍ବରେ ପିଲା ତଥା ସାଧାରଣ ଜନତାଙ୍କ ସମ୍ପୃକ୍ତି ନ ଥାଏ। ସେଇ ପର୍ବର ନାଁ ହେଉଛି ମିଶ୍ରଣପର୍ବ। ମିଶ୍ରଣ ଶବ୍ଦର ସାଧାରଣ ଅର୍ଥ ମିଶିବା। ପିଲାଙ୍କ ବିଜ୍ଞାନପାଠରେ ବି ମିଶ୍ରଣ ବିଷୟ ଥାଏ। ବାୟୁ ଏକ ମିଶ୍ରଣ। ବିଜ୍ଞାନର ମିଶ୍ରଣରେ ମିଶିରହିଥିବା ଉପାଦାନଗୁଡ଼ିକର ସ୍ୱତନ୍ତ୍ରତା ବଜାୟ ରହିଥାଏ। ବାୟୁ ଏକ ମିଶ୍ରଣ ହେଲେ ହେଁ ବିଭିନ୍ନ ଉପାଦାନ ଅମ୍ଳଜାନ, ଯବକ୍ଷାରଜାନ, ଅଙ୍ଗାରକାମ୍ଳ ଆଦିର ସ୍ୱତନ୍ତ୍ରତା ନଷ୍ଟ ହୁଏ ନାହିଁ। ଅଥଚ ରାଜନୈତିକ ମିଶ୍ରଣରେ ମିଶିଗଲା ପରେ ବ୍ୟକ୍ତି ସ୍ୱତନ୍ତ୍ରତା / ମର୍ଯ୍ୟାଦା ପ୍ରାୟତଃ କ୍ଷୁଣ୍ଣ ହୋଇଥାଏ। ରାଜନୈତିକ ମିଶ୍ରଣରେ ଆଗରୁ ଗନ୍ଧାଉଥିବା ରାଜନେତା ନୂଆ ଦଳରେ ବେଶ୍ ବାସନାଯୁକ୍ତ ମନେହୁଅନ୍ତି। ପରସ୍ପରର ଘୋର ଶତ୍ରୁ ଥିବା ନେତା ମିଶ୍ରଣପର୍ବରେ ସାମିଲ ହୋଇ ପରସ୍ପରକୁ କୋଳେଇ ନେଇଥାନ୍ତି ସମୟ ସୁଅରେ। ରାଜନୀତିରେ ଛୁଆଁ ଅଛୁଆଁ କିଛି ନ ଥାଏ। ଆଜି ଯାହାକୁ ସମାଲୋଚନା କରନ୍ତି, କାଲିକି ତାଙ୍କୁ ଆଲିଙ୍ଗନ କରିବାରେ ଦ୍ୱିଧାବୋଧ ରଖନ୍ତି ନାହିଁ। ଖାଲି ଆଲିଙ୍ଗନ କରନ୍ତି ନାହିଁ ତାଙ୍କର (ଆଗରୁ ନିନ୍ଦାଗାନ କରୁଥିବା ଲୋକର) ଖାସ୍ ପ୍ରଶଂସକ ହଠାତ୍ ବନିଯାନ୍ତି। ସେଇ ମୁହଁରେ ଉଆ (ଅରୁଆ), ସେଇ ମୁହଁରେ ଉଷୁନା ସଭା ଉକୁଟିବାରେ ବିଚିତ୍ରତା ରହେ ନାହିଁ।

ନିର୍ବାଚନ ବେଳ ଆସିଗଲେ ଯେଉଁଠି ନିଜକୁ ସୁରକ୍ଷିତ ଆଉ ମନେକରନ୍ତି ନାହିଁ, ସେଇଠୁ ଡିଆଁ ମାରନ୍ତି ନେତା। ଦଳ ଡେଇଁ ଆୟାରାମ ଗୟାରାମ ସାଜନ୍ତି। ପଲଟୁରାମମାନେ ଏତେ ପଲଟିଥାନ୍ତି ଯେ ପଲଟୁରାମ ନାଁର ଯଥାର୍ଥତା ପ୍ରତିପାଦନ ନିଜେ କରିଥାନ୍ତି। ଭୋଟ ଆସିଲେ ସୁବିଧାବାଦୀ ଖାଲି ଦଳ ବଦଳ କରି ନ ଥାନ୍ତି ଗୋଟା ଦଳ ବି କଡ଼ ଲେଉଟାଇଥାଏ। ବ୍ୟକ୍ତି - ନେତାଙ୍କ ଭଳି ଦଳ ତାଙ୍କ ସୁବିଧା ଅନୁସାରେ ନିଜ ମନପସନ୍ଦ ଦଳ ସହ ଯୋଖିହୋଇଥାନ୍ତି। ସ୍ଥଳ ବିଶେଷରେ ଦଳ ବ୍ୟକ୍ତି ଭଳି ମନୋଭାବ ଦେଖାନ୍ତି। କଡ଼ ଲେଉଟାନ୍ତି। ଗୋଟେ ଦଳର ପକ୍ଷ ଛାଡ଼ି ଅନ୍ୟ ଦଳ ବା ଦଳସମୂହର ପକ୍ଷଭୁକ୍ତ ହୁଅନ୍ତି। ନିର୍ବାଚନ ଆସିଲେ ମିଶ୍ରଣ ପର୍ବ ପାଳନ ଯାକଜମକରେ ହୁଏ। ସଭା ମଞ୍ଚ ତିଆରି ହୁଏ। ଫୁଲତୋଡ଼ା ହାତରେ ଧରାଇ, ମୁଣ୍ଡରେ ଫୁଲମାଳ ଗଳାଇ ଓ କାନ୍ଧ ଉପରେ ଉତ୍ତରୀୟ ଥୋଇ ଭବ୍ୟ ସୁସ୍ୱାଗତ କରାଯାଏ ନବାଗତଙ୍କୁ।

ଏମିତି ଦଳ ବଦଳାଇବା ସାପର କାତିଛଡ଼ା ସହ ସମାନ। ଏଣୁ ସାପର ସଭା ନେତାଙ୍କଠି ପରିଲକ୍ଷିତ ହୋଇଥାଏ। ଟିକେଟ ପାଇବା ଆଶାରେ କେହି କେହି ନୂଆ ଦଳକୁ ଆସିଥାନ୍ତି। ଯେଉଁଠି ଅସୁରକ୍ଷିତ ମନେକରନ୍ତି ସେଇ ଦଳ ଛାଡ଼ି ନୂଆ ଦଳରେ ଯୋଗ ଦିଅନ୍ତି। ତେବେ ଦେଖାଯାଏ ଦଳ ବଦଳାଇବା କାହା ପାଇଁ ଆଶୀର୍ବାଦ ସୂଚକ ହୋଇଥାଏ ତ କିଏ ଯେ ପୁରୁଣା ଦଳ ଛାଡ଼ି ପରେ ଖୁବ୍ ପସ୍ତେଇ ହୋଇଥାନ୍ତି। ଏଠି କିଏ ଦଳ ବଦଳାଇ ଭାଗ୍ୟବାନ୍ ହୁଅନ୍ତି ତ କିଏ ଯେ ହତଭାଗା ସାଜନ୍ତି।

ବଉଦରାଜ, ବୌଦ୍ଧ

ମୋ: ୯୪୩୭୪୭୮୪୬୬

## ଏଇ ଭାରତରେ

ବୃନ୍ଦାବନରେ ବିଧବାମାନଙ୍କୁ ରହିବା, ଖାଇବା ଓ ଚିକିତ୍ସା କ୍ଷେତ୍ରରେ ଲକ୍ଷ୍ମୀ ଗୌତମଙ୍କ ପଦେଷ୍ଟା ପ୍ରଶଂସନୀୟ। ୬୦ ବର୍ଷୀୟା ଲକ୍ଷ୍ମୀ ବୃନ୍ଦାବନର ରାସ୍ତାକଡ଼ରେ ରହୁଥିବା ଅନେକ ଅସହାୟ ବିଧବାଙ୍କୁ ଉଦ୍ଧାର କରି ସେମାନଙ୍କୁ ଆଶ୍ରୟ ଦେଇଛନ୍ତି। ସେମାନଙ୍କର ଖାଇବା ଓ ଚିକିତ୍ସା ଖର୍ଚ୍ଚ ମଧ୍ୟ ବହନ କରୁଛନ୍ତି। କେବଳ ଏତିକି ନୁହେଁ, ଅସହାୟ ଅବସ୍ଥାରେ ପ୍ରାଣତ୍ୟାଗ କରୁଥିବା ଏହି ମହିଳାମାନଙ୍କର ଶେଷକୃତ୍ୟ ମଧ୍ୟ ସେ ସମ୍ପନ୍ନ କରନ୍ତି। ଏବେ ସୁଦ୍ଧା ସେ ୧୦୦୦ରୁ ଅଧିକ ବିଧବାଙ୍କ ଅନ୍ତିମ ସଂସ୍କାର କରିସାରିଲେଣି। ଲକ୍ଷ୍ମୀ ପେସାରେ ଜଣେ ପ୍ରଫେସର। ସେ ବୃନ୍ଦାବନରେ କୌଣସି ମହିଳା ଅସହାୟ ଅବସ୍ଥାରେ ରହିଥିବାର ଫୋନ କଲ୍ ପାଇବା କ୍ଷଣି ତାଙ୍କ ପାଖରେ ପହଞ୍ଚି ଉଦ୍ଧାର କରିଥାନ୍ତି। ସେ ଏହି କାର୍ଯ୍ୟ 'କନକ ଧାରା' ସଂସ୍ଥା ଦ୍ୱାରା ଚଳାଇଛନ୍ତି। ଏଥିପାଇଁ ବୃନ୍ଦାବନରେ ଲକ୍ଷ୍ମୀଙ୍କୁ 'ଏଞ୍ଜେଲ ଅଫ୍ ବୃନ୍ଦାବନ' ବା ବୃନ୍ଦାବନର ଦେବଦୂତ ବୋଲି କହନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୪ ମାର୍ଚ୍ଚ ୧୯୭୫

- ତୈଳ ଓ ପ୍ରାକୃତିକ ଗ୍ୟାସ୍ କମିଶନ ଦ୍ୱାରା ଅଶୋଧିତ ତୈଳ ଉତ୍ପାଦନ ହାରକୁ ବାର୍ଷିକ ଦ୍ୱିଗୁଣିତ କରିବା ନିମନ୍ତେ ୫ମ ଯୋଜନା କାଳରେ ୧୨୭୦ କୋଟି ଟଙ୍କା ବିନିଯୋଗ।
- ସୁପ୍ରିମକୋର୍ଟର ମାନ୍ୟବର ପ୍ରଧାନ ବିଚାରପତି ଶ୍ରୀ ଏ.ଏନ୍. ରାୟଙ୍କ କାର୍ ଭିତରକୁ ହାତବୋମା ଫିଙ୍ଗି ଖସି ପଳାଇଥିବା ବ୍ୟକ୍ତିକୁ ଧରିବା ପାଇଁ ଆର୍ଥିକ ପୁରସ୍କାର ଘୋଷଣା।

## ଚିରନ୍ତନୀ

ନ ଥାଏ ଶିଖି ଭାଷା ଅଧର ବେନି
କହିବା ପାଇଁ କଥା ମନକୁ ଘେନି।
କହିବା ପାଇଁ ମୋର ବାସନା ଦୁଃଖ
ଦହିଲା ଦେହ ସିନା ମଣିଲି ସୁଖ
ସୁଖରେ ମିଶି କେତେ ବେଦନା
ମଧୁରତର କଲା ସାଧନା !
ସତ୍ୟ ଥିଲା ଯେତେ ଜୀବନ-ଅନୁଭୂତି
ନାହିଁଛି ଲେଶ ତା'ର, ରହିଛି ଯାହା ସ୍ମୃତି
ନାହିଁଛି ରୂପ ଆଜି ରହିଛି ରସ ବାକି
ଦୁଇଟି ଆଖି ଖାଲି ଦୁଇଟି କଳା ଆଖି !
(ଦୁଇଟି କଳା ଆଖି)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ସରକାର ଓ ବିରୋଧୀଙ୍କ ସମ୍ପର୍କ

ମହାଶୟ,

ନିର୍ବାଚନ ଯେତିକି ପାଖେଇ ଆସୁଛି ତତ୍‌ସହିତ ନିର୍ବାଚନ ମାହୋଲ ସେତିକି ସରଗରମ ହେଉଛି। ନିଜ ଦଳ ପାଇଁ ରାଲି ହେଉ କିମ୍ବା ଲୋକ କିଣିବାକୁ ତତ୍ପରତା ବଢ଼ିବଢ଼ିଯାଉଛି। ଏଠି ପ୍ରତ୍ୟେକ ଦଳର ଲୋକଙ୍କ ମଧ୍ୟରେ ଶତ୍ରୁତା ମଧ୍ୟ ଗୋଟେ ପ୍ରକାର ଦେଖାଦେଉଛି ଏହି ନିର୍ବାଚନ ସମୟ ମଧ୍ୟରେ। ବନ୍ଧୁ ହେଉ ଭାଇ ହେଉ କିମ୍ବା ସମ୍ପର୍କୀୟ ବ୍ୟକ୍ତି ଦଳକୁ ନେଇ ବଢୁଛି ଯୁକ୍ତି, ଦେଖାଦେଉଛି ବିବାଦ। ସୃଷ୍ଟି ହେଉଛି କଳହ ଏବଂ ଏହାକୁ କେନ୍ଦ୍ର କରି ଅନେକ ସମୟରେ ଗଣ୍ଡଗୋଳ, ହତ୍ୟା ମଧ୍ୟ ଘଟୁଛି। ପରନ୍ତୁ ଲୋକେ ବୁଝିପାରୁନାହାନ୍ତି ଏଠି ସରକାର ଓ ବିରୋଧୀଙ୍କ ମଧୁର ସମ୍ପର୍କ। ବାହାରେ ଦେଖାନ୍ତି ସେମାନଙ୍କ ସମ୍ପର୍କ ଅହିନକୁଳ ପରି, ପରନ୍ତୁ ବାସ୍ତବରେ ସେମାନଙ୍କ ମଧ୍ୟରେ ସମ୍ପର୍କ ଅତି ନିବିଡ଼। ନିର୍ବାଚନ ଗୋଟେ ପ୍ରକ୍ରିୟା ମାତ୍ର, ଯାହାକି ସରକାର ଗଢ଼ିବାରେ ସହାୟତା ଏବଂ ଭୋଟଦାନ ଗୋଟେ ସ୍ୱାଧୀନତା, ଯାହାଦ୍ୱାରା ଆପଣଙ୍କ ହିସାବରେ ମତ ଦେଇପାରିବେ। ଯାହାକୁ ଯେଉଁ ଦଳର ପ୍ରାର୍ଥୀ ଯୋଗ୍ୟ ମନେହେବେ ସେ ତାଙ୍କୁ ଭୋଟ ଦେବେ। ଏହା ଏକ ସାଧାରଣ ପ୍ରକ୍ରିୟା, ମାତ୍ର ଏହାର ଗୁରୁତ୍ୱକୁ ବୁଝି ନିଜ ନିଜ ମଧ୍ୟରେ ଶତ୍ରୁତା ଆଚରଣ ମୂର୍ଖତା ମାତ୍ର।

– ମଧୁସ୍ମିତା ତ୍ରିପାଠୀ, ପିପିଲି, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଏଚ୍‌ସିଆଇଏଲ୍‌ର ନୂତନ ମାଇଲଖୁଣ୍ଟ

## ଜାପାନ ବଜାରରେ ହୋଣ୍ଡାର ନୂତନ ମଡେଲ

ଭୁବନେଶ୍ୱର,୨୩।୩



ହୋଣ୍ଡା କାର୍‌ସ ଇଣ୍ଡିଆ ଲିମିଟେଡ୍ (ଏଚ୍‌ସିଆଇଏଲ୍)ର ବହୁ ପ୍ରତୀକ୍ଷିତ ତଥା ହୋଣ୍ଡାର ନୂତନ ଏସ୍‌ୟୁଭି ଏଲିଭେଟ୍‌କୁ ଜାପାନ ବଜାରରେ 'ଡବ୍ଲ୍ୟୁଆର୍-ଭି'ବ୍ରାଣ୍ଡରେ ଉନ୍ମୋଚନ ସହ କମ୍ପାନୀ ନୂତନ ମାଇଲଖୁଣ୍ଟ ହାସଲ କରିଛି। ବିଶେଷକରି କମ୍ପାନୀ ତା'ର ମେଡ୍-ଇନ୍-ଇଣ୍ଡିଆ ହୋଣ୍ଡା ଏଲିଭେଟ୍‌କୁ ଜାପାନ ବଜାରରେ ଡବ୍ଲ୍ୟୁଆର୍-ଭି ମଡେଲ ନାମରେ ଅନାବରଣ କରିଛି। ସେହିଭଳି ଏଚ୍‌ସିଆଇଏଲ୍‌ର ବ୍ୟବସାୟ ମଧ୍ୟରେ ପ୍ରଥମ ଥର ପାଇଁ ଭାରତରୁ ଜାପାନକୁ ଏକ ମଡେଲ ରପ୍ତାନି କରାଯାଉଛି। ଏହା କେବଳ ଭାରତର ଅଟୋମୋବାଇଲ ଶିଳ୍ପ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ତଥା ଉନ୍ନତିମୂଳକ ଘଟଣା ନୁହେଁ ବରଂ ଦେଶର ବଢୁଥିବା ଉତ୍ପାଦନ ଦକ୍ଷତା ଏବଂ ବିଶ୍ୱସ୍ତରୀୟ ପ୍ରତିଦ୍ୱନ୍ଦ୍ୱିତା ଉପରେ ମଧ୍ୟ ଏହା ବିଶେଷ ଆଲୋକପାତ କରୁଛି।

ଭାରତରୁ ଜାପାନକୁ ଏଲିଭେଟ୍ ରପ୍ତାନି କରିବାର ହୋଣ୍ଡାର ନିଷ୍ପତ୍ତି ବିଶ୍ୱବ୍ୟାପୀ ବ୍ରାଣ୍ଡର ଗ୍ରାହକମାନଙ୍କୁ ଭାରତ ନିର୍ମିତ ଉନ୍ନତ ମାନର ଉତ୍ପାଦ ପ୍ରଦାନ କରିବାକୁ କମ୍ପାନୀର ଆତ୍ମବିଶ୍ୱାସକୁ ଦର୍ଶାଉଛି।

ଏ ସମ୍ପର୍କରେ ହୋଣ୍ଡା କାର୍‌ସ ଇଣ୍ଡିଆ ଲିମିଟେଡ୍‌ର ପ୍ରେସିଡେଣ୍ଟ ଆଣ୍ଡ ସିଇଓ ତାକୁୟା ସୁମୁରା କହିଛନ୍ତି, ଜାପାନରେ ଡବ୍ଲ୍ୟୁଆର୍-ଭି ଭାବେ 'ମେଡ୍ ଇନ୍ ଇଣ୍ଡିଆ'ଏଲିଭେଟ୍‌ର ଶୁଭାରମ୍ଭ ଆମ ସମସ୍ତଙ୍କ ପାଇଁ ଗର୍ବର ମୁହୂର୍ତ୍ତ ହୋଇଥିବାବେଳେ ଏହା ହୋଣ୍ଡାର ବିଶ୍ୱ ବ୍ୟବସାୟିକ ରଣନୀତିରେ ଏକ ନୂଆ ଅଧ୍ୟାୟ ଓ ହୋଣ୍ଡା କାର୍‌ସ ଇଣ୍ଡିଆର ଉତ୍ପାଦନ କ୍ଷମତା ଏବଂ ବଢୁଥିବା ଗୁରୁତ୍ୱକୁ ମଧ୍ୟ ଦୋହରାଇଛି।

ଅଲ୍ ନ୍ୟୁ ହୋଣ୍ଡା ଏଲିଭେଟ୍ ଆମର ବ୍ୟବସାୟର ମୁଖ୍ୟ ସ୍ତମ୍ଭ ପାଲଟିଥିବାବେଳେ ଭାରତୀୟ ବଜାରରେ ମଧ୍ୟ ଏହି ମଡେଲ ବହୁତ ପ୍ରଶଂସିତ ହୋଇଛି। ଆମର ବିଶ୍ୱାସ ଯେ ଆମେ ଏହି ସଫଳତାର ପୁନରାବୃତ୍ତି କରିବାରେ ସକ୍ଷମ ହୋଇପାରିବୁ ଏବଂ ଉତ୍ତମ ଗୁଣବତ୍ତା ଏବଂ କାରିଗରି ଦ୍ୱାରା ଆମର ବିଶ୍ୱସ୍ତରୀୟ ଗ୍ରାହକମାନଙ୍କୁ ସନ୍ତୁଷ୍ଟ କରିପାରିବୁ।

ଗତ ବର୍ଷ ସେପ୍ଟେମ୍ବରରେ ଏଲିଭେଟ୍ ବିଶ୍ୱସ୍ତରରେ ପଦାର୍ପଣ କରିଥିଲା ଏବଂ ପ୍ରଥମ ବଜାର ଭାବେ ଏହି ମଡେଲକୁ ଭାରତରେ ଶୁଭାରମ୍ଭ କରାଯାଇଥିଲା ଏବଂ ଗତ ୬ମାସ ମଧ୍ୟରେ ଏହାର ୩୦,୦୦୦ୟୁନିଟ୍ ବିକ୍ରି ହୋଇଛି।

୨୦୨୩ ଡିସେମ୍ବରରେ ଏହି ମଡେଲକୁ ଜାପାନ ବଜାରରେ ହୋଣ୍ଡା ଡବ୍ଲ୍ୟୁଆର୍-ଭି ନାମରେ ଅନାବରଣ କରାଯାଇଥିଲା ଏବଂ ଏହାର ବୋଲ୍ଡ ଏସ୍‌ୟୁଭି ଡିଜାଇନକୁ ପସନ୍ଦ କରୁଥିବା ଗ୍ରାହକଙ୍କଠାରୁ ଆକର୍ଷଣୀୟ ପ୍ରତିକ୍ରିୟା ମଧ୍ୟ ମିଳିଥିଲା। ଏଥିରେ ଦୃଢ଼ ସଡ଼କ ଉପସ୍ଥିତି, ଉତ୍କୃଷ୍ଟ ସ୍ଥାନ ଏବଂ ଆରାମ, ଉନ୍ନତ ନିରାପତ୍ତା ସୁବିଧା ଏବଂ ଭଲ ଭାବେ ନିଯୁକ୍ତ ବୈଶିଷ୍ଟ୍ୟ ରହିଛି। ଏଚ୍‌ସିଆଇଏଲ୍ ତୁର୍କୀ, ମେକ୍ସିକୋ ଏବଂ ମଧ୍ୟପ୍ରାଚ୍ୟର ବାମ ହାତ ଡ୍ରାଇଭ୍ ବଜାର ଏବଂ ନେପାଳ, ଭୁଟାନ, ଦକ୍ଷିଣ ଆଫ୍ରିକା ଏବଂ ଏସ୍‌ଏଡିସି ଦେଶଗୁଡ଼ିକର ଡାହାଣ ହାତ ଡ୍ରାଇଭ୍ ବଜାରକୁ ମଡେଲ ରପ୍ତାନି କରୁଛି। ଜାପାନକୁ ହୋଣ୍ଡା ଏଲିଭେଟ୍ ରପ୍ତାନି ଭାରତରୁ ରପ୍ତାନି ବ୍ୟବସାୟରେ ନୂତନ ସଂଯୋଗ ସୃଷ୍ଟି କରିଛି।

# ଆଇଏସ୍‌ଏର ସଭାପତି ଭାବେ ନବୀନଙ୍କ ଦାୟିତ୍ୱ ଗ୍ରହଣ

ଭୁବନେଶ୍ୱର,୨୩।୩ (ଅଭୟ ଦାଶ)

ଦେଶର ପ୍ରମୁଖ ଶିଳ୍ପ ସଙ୍ଗଠନ ତଥା ଇଣ୍ଡିଆନ୍ ଷ୍ଟିଲ୍ ଆସୋସିଏସନ୍ (ଆଇଏସ୍‌ଏ)ର ସଭାପତି ଭାବେ ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର(ଜେଏସ୍‌ପି)ର ଅଧ୍ୟକ୍ଷ ନବୀନ ଜିନ୍ଦଲ ନିକଟରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଉଲ୍ଲେଖଯୋଗ୍ୟ,୨୦୨୪ ମାର୍ଚ୍ଚ ୨୧ରେ ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ସିଇଓ ତଥା ଆର୍ସେଲରମିତ୍ତଲର କାର୍ଯ୍ୟନିର୍ବାହୀ ଉପାଧ୍ୟକ୍ଷ ଦିଲୀପ ଓମେନ୍‌ଙ୍କଠାରୁ ନବୀନ ଆଇଏସ୍‌ଏର ସଭାପତି ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ଆଇଏସ୍‌ଏର ପୂର୍ବତନ ସଭାପତିମାନଙ୍କ ମଧ୍ୟରେ ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍‌ର ସିଏମ୍‌ଡି ସଜ୍ଜନ ଜିନ୍ଦଲ ଏବଂ ଟାଟା ଷ୍ଟିଲ୍‌ର ଏମ୍‌ଡି ତଥା ସିଇଓ ଟି.ଭି.ନରେନ୍ଦ୍ରନ୍ ପ୍ରମୁଖ ଉପସ୍ଥିତ ଥିଲେ। ଅପରପକ୍ଷରେ ଜେଏସ୍‌ପି ଅଧ୍ୟକ୍ଷ ନବୀନ ଜିନ୍ଦଲ ସର୍ବସମ୍ମତିକ୍ରମେ ଆଇଏସ୍‌ଏର ସଭାପତି ଭାବେ ଚଳିତ ବର୍ଷ ମାର୍ଚ୍ଚରେ ନିର୍ବାଚିତ ହୋଇଥିଲେ।



ନବୀନ ଜିନ୍ଦଲ

# ଚାନ୍ଦି ଭଣ୍ଡାରରେ 'କଲରସ୍ପ୍ଲାସ୍' କଲେକ୍ସନ

ଭୁବନେଶ୍ୱର,୨୩।୩(ଅନୁରାଧା ମହାରଣା)



ହୋଲି ଅବସରରେ ରୁପା ଗହଣାର ଏକ୍ସକ୍ଲୁସିଭ ଷ୍ଟୋର ଚାନ୍ଦି ଭଣ୍ଡାର ପକ୍ଷରୁ ଗ୍ରାହକଙ୍କ ପାଇଁ 'କଲରସ୍ପ୍ଲାସ୍' କଲେକ୍ସନ ଉପଲବ୍ଧ ହୋଇଛି। 'କଲରସ୍ପ୍ଲାସ୍' କଲେକ୍ସନରେ ଏନାମେଲ୍ ଏବଂ ରଙ୍ଗିନ କ୍ୟୁବିକ ଜିର୍‌କୋନିଆର ପ୍ରସ୍ତୁତ ସ୍ୱତନ୍ତ୍ର ଗହଣା ରହିଛି। ହୋଲିରେ ଯେକୌଣସି ପୋଷାକ ସହ ଆକର୍ଷଣୀୟ ଦିଶିବା ପାଇଁ ଏହି କଲେକ୍ସନ୍ ସର୍ବୋତ୍କୃଷ୍ଟ ବୋଲି ଷ୍ଟୋର ପକ୍ଷରୁ କୁହାଯାଇଛି। ଏ ଅବସରରେ ଚାନ୍ଦି ଭଣ୍ଡାରର ନିର୍ଦ୍ଦେଶିକା ଲିପ୍‌ସା ହଂସ କହିଛନ୍ତି, ଆମେ ଯାହା ପିନ୍ଧୁଛୁ ତାହାକୁ କେବଳ ଫ୍ୟାଶନ କୁହାଯିବନାହିଁ, ଆମେ କିଭଳି ନିଜକୁ ପରିପ୍ରକାଶ କରୁଛୁ ତାହା ପ୍ରକୃତ ଫ୍ୟାଶନ । ଆମର 'କଲରସ୍ପ୍ଲାସ୍' କଲେକ୍ସନ ସହ ଆମେ ଆମ ଗ୍ରାହକଙ୍କୁ ସେମାନଙ୍କ ବ୍ୟକ୍ତିଗତତାକୁ ଗ୍ରହଣ କରିବାକୁ ଏବଂ ଏ କେବଳ ହୋଲି ନୁହେଁ ବରଂ ପ୍ରତିଦିନ ସେମାନଙ୍କ ଜୀବନରେ ରଙ୍ଗର ଏକ ଛାପ ଯୋଡ଼ିବାକୁ ଚାହୁଁଥିବା ସେ କହିଛନ୍ତି। ଉତ୍ସବକୁ ଅଧିକ ଆକର୍ଷଣୀୟ କରିବାକୁ ଯାଇ ଚାନ୍ଦି ଭଣ୍ଡାର ଏକ ସ୍ୱତନ୍ତ୍ର ଅଫର ଆଣିଛି। ଏହା ପକ୍ଷରୁ ଗଢ଼ା ମଜୁରି ଉପରେ ୨୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯିବାର ଯୋଜନା ରହିଛି। ଅଫର ମାର୍ଚ୍ଚ ୨୫ରୁ ଏପ୍ରିଲ ୭ ଯାଏ ଚାଲିବ। ଚାନ୍ଦି ଭଣ୍ଡାରର ଯେକୌଣସି ଷ୍ଟୋରରେ ଗ୍ରାହକ ହୋଲିର ଆନନ୍ଦ ନେଇପାରିବେ ବୋଲି କୁହାଯାଇଛି।

# ୧୫ବିଲିୟନ ଲିଟର ଜଳର ପୁନଃ ବ୍ୟବହାର

ଭୁବନେଶ୍ୱର,୨୩।୩



ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବେଦାନ୍ତ ଆଲୁମିନିୟମ ପକ୍ଷରୁ 'ବିଶ୍ୱ ଜଳ ଦିବସ' ପାଳନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ 'ଶାନ୍ତି ପାଇଁ ଜଳ'ଶୀର୍ଷକ ବିଷୟବସ୍ତୁ ଆଧାରରେ କମ୍ପାନୀ ଜଳ ସଂରକ୍ଷଣ କାର୍ଯ୍ୟକ୍ରମ କରିଥିଲା। ଏପରିକି ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା କମ୍ପାନୀର କାର୍ଯ୍ୟ ପାଇଁ ୧୫ ବିଲିୟନ ଲିଟରରୁ ଅଧିକ ଜଳର ପୁନଃ ବ୍ୟବହାର କରିଥିବା ବେଳେ ଏହା ପ୍ରାୟ ୬,୦୦୦ ଅଲିମ୍ପିକ୍ ଆକାରର ସୁଇମିଂ ପୁଲ୍ ସହ ସମାନ ହେବ ବୋଲି କମ୍ପାନୀ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଥିଲା। ଏହା ସହ କମ୍ପାନୀ ୬୦ରୁ ଅଧିକ ଜଳାଶୟର ପୁନଃ କାର୍ଯ୍ୟକ୍ଷମ କରିଛି। ବିଶେଷକରି କମ୍ପାନୀର ଛତିଶଗଡ଼ ୟୁନିଟ୍ କୋର୍ବାଠାରେ ୪୭ଟି ଜଳାଶୟ ସମେତ ଓଡ଼ିଶାର ଝାରସୁଗୁଡ଼ାରେ ୧୦ଟି ଏବଂ ଲାଞ୍ଜିଗଡ଼ରେ ୩ଟି ଜଳାଶୟର ସ୍ଥାୟୀ ବ୍ୟବସ୍ଥା ପାଇଁ ମଧ୍ୟ କମ୍ପାନୀ ଆବଶ୍ୟକ ପଦକ୍ଷେପ ନେଇଛି। ଏହା ବ୍ୟତୀତ ୨୦୩୦ ସୁଦ୍ଧା ନିଟ୍ ୱାଟର ପଜିଟିଭ ହେବା ଦିଗରେ କମ୍ପାନୀ ମଧ୍ୟ ମଧୁରଜଳ ଉତ୍ସକୁ ୧୧% କମାଇବାରେ ସକ୍ଷମ ହୋଇଛି। ସେହିଭଳି କମ୍ପାନୀର ବିଶ୍ୱସ୍ତରୀୟ ଆଲୁମିନା ବିଶୋଧନାଗାର ଲାଞ୍ଜିଗଡ଼ଠାରେ ଚାଲିଥିବା ତିନୋଟି ପ୍ରମୁଖ ଜଳ ପରିଚାଳନା ପଦକ୍ଷେପକୁ ଓଡ଼ିଶାର ସୁନ୍ଦରଗଡ଼ସ୍ଥିତ ଜାମକାନି ଖଣି କାର୍ଯ୍ୟରେ ଏବଂ ଭାରତର ଆଇକନିକ ଆଲୁମିନିୟମ ଉତ୍ପାଦକ ଛତିଶଗଡ଼ର କୋର୍ବାସ୍ଥିତ ବାଲ୍‌କୋଠାରେ ଉନ୍ମୋଚନ କରିଛି।

ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଇଓ ଜନ୍ ସ୍ଲାଭେନ୍ କହିଛନ୍ତି, ଆମେ ଏକ ସ୍ଥାୟୀ ଭବିଷ୍ୟତ ଲାଗି ଜଳଭଣ୍ଡାରକୁ ସୁରକ୍ଷିତ ରଖିବା ପାଇଁ ବିଶେଷ ଧ୍ୟାନ ଦେଉଛୁ। ଏଥିପାଇଁ ଆମେ ୨୦୩୦ସୁଦ୍ଧା ନିଟ୍ ଜଳ ସକାରତ୍ମକତା ହାସଲ କରିବା ଲାଗି ଏକ ନିରନ୍ତର ପ୍ରୟାସ ଜାରି ରଖିଛୁ। ଜଳ ସଂରକ୍ଷଣ ତଥା ଆମର ବିଦ୍ୟମାନ ପୋଷଣ ଆବଶ୍ୟକତା ଉପରେ ଅଧିକ ସଚେତନତା ବିସ୍ତାର କରି ଜଳ ସୁରକ୍ଷା କାର୍ଯ୍ୟ ପ୍ରତି ଆମେ ସଚେତନ ଅଛୁ।

# ଏଚ୍‌ଆଇଏଲ୍‌ର ନୂତନ ଉତ୍ପାଦ ରେଞ୍ଜ

ଭୁବନେଶ୍ୱର,୨୩।୩

ଦେଶର ପ୍ରମୁଖ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଉତ୍ପାଦକ ଏବଂ ଅଗ୍ରଣୀ କଞ୍ଜ୍ୟୁମର ଡୁରାବଲ୍ସ ବ୍ରାଣ୍ଡ ଲଏଡ୍ ଓ ହାଭେଲସ ଇଣ୍ଡିଆ ଲିମିଟେଡ (ଏଚ୍‌ଆଇଏଲ୍) ର ନୂତନ ଉତ୍ପାଦ ରେଞ୍ଜ ନିକଟରେ ଉନ୍ମୋଚିତ ହୋଇଯାଇଛି। ଏପରିକି ବ୍ରାଣ୍ଡ ମେକ୍ ଇନ୍ ଇଣ୍ଡିଆ ରଣନୀତିକୁ ଅଧିକ ସୁଦୃଢ଼ କରିବା ପାଇଁ କମ୍ପାନୀ ପ୍ରତିଶ୍ରୁତିଭିତ୍ତିକ ଦୃଷ୍ଟିକୋଣ ସମ୍ପର୍କରେ ଘୋଷଣା କରିଛି। ବିଶେଷକରି ବ୍ରାଣ୍ଡର ଲଏଡ୍ ଷ୍ଟେଲର ଓ ଷ୍ଟାଇଲିଶ ଏୟାର କଣ୍ଡିସନର ରେଞ୍ଜ ସହ ଅଗ୍ରଣୀ ରେଫ୍ରିଜରେଟର ରାପିଡ କୁଲ ଟେକ୍ନୋଲୋଜି ସହ ସଜ୍ଜିତ ହୋଇଛି। ମାତ୍ର ୨୯ମିନିଟ୍‌ରେ ବରଫ ଉତ୍ପାଦନ କରିବାକୁ ଏହା ସକ୍ଷମ ହୋଇଥାଏ। ତା 'ସହ ଅଟୋମାଟିକ ୱାଶିଂ ମେଶିନ ଓ ଗୁଗ୍‌ଲ କ୍ୟୁ ଏଲ୍‌ଇଡି ଟିଭି ବର୍ତ୍ତମାନ ୮୫ ଇଞ୍ଚ ଓ ୧୦୦ ଇଞ୍ଚ ମଡେଲ ବୈଶିଷ୍ଟ୍ୟତା ସହ ବଜାରରେ ଉପଲବ୍ଧ ହେଉଛି। ଏ ସମ୍ପର୍କରେ ଏଚ୍‌ଆଇଏଲ୍‌ର ଇଡି ଯୋଗେଶ କୁମାର ଗୁପ୍ତା କହିଛନ୍ତି, ଆଜି ହାଭେଲ୍ସ ମେକ୍ ଇନ୍ ଇଣ୍ଡିଆ ପଦକ୍ଷେପ ପ୍ରତି ସଜାଗ ରହି ତା'ର ପ୍ରତିବଦ୍ଧତାକୁ ଦର୍ଶାଇବା ସହ ଆମ ଯାତ୍ରାରେ ଏକ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ବ୍ରାଣ୍ଡର ଉନ୍ନତ ଏସି, ୱାଶିଂ ମେଶିନ, ଟିଭି ଓ ରେଫ୍ରିଜରେଟର ସହ ଚଳିତ ବର୍ଷ ପାଇଁ ଆମର ଦୃଢ଼ ଉତ୍ପାଦ ଲାଇନଅପ୍ ଉପସ୍ଥାପନ କରି ଆମେ ବେଶ୍ ଆନନ୍ଦିତ ଅଛୁ। ସେହିଭଳି ଲଏଡ୍‌ର ଇଭିପି ଆଲୋକ ଟିକା କହିଛନ୍ତି, ବ୍ରାଣ୍ଡ ଉତ୍କର୍ଷ ଓ ନୂତନତାର ନିରନ୍ତର ପ୍ରଦର୍ଶନକୁ ଦର୍ଶାଇ ଆମେ ଭାରତର ପ୍ରଥମ ଡିଜାଇନର ଷ୍ଟେଲାର ଆଣ୍ଡ ଷ୍ଟାଇଲିଶ ଏସି ପରିସରକୁ ଉନ୍ମୋଚନ କରିଛୁ। ଏହି ପ୍ରିମିୟମ ଏସିଗୁଡ଼ିକ ଭାରତୀୟ ତଥା ବିଦେଶୀ ଗ୍ରାହକଙ୍କ ଲାଗି ଉପଯୁକ୍ତ ଷ୍ଟାଇଲ,କାର୍ଯ୍ୟଦକ୍ଷତା ଓ ପ୍ରଯୁକ୍ତିବିଦ୍ୟାକୁ ନେଇ ନିର୍ମିତ ହୋଇଛି। ସେହିପରି ଲଏଡ୍‌ର ଇଭିପି ରାଜେଶ ରାଠୀ କହିଛନ୍ତି, ବ୍ରାଣ୍ଡର ନୂତନ ଉତ୍ପାଦ (ନୂଆ ଉଦ୍ଭାବନ)ଗୁଡ଼ିକୁ ବଜାରକୁ ଆଣି ଆମେ ବେଶ୍ ଉତ୍ସାହିତ ଅଛୁ, ଯାହା ପ୍ରକୃତରେ ଶିଳ୍ପର ଏକ ନୂତନ ମାନଦଣ୍ଡ ସୃଷ୍ଟି କରିଛି।

ଫୁର୍‌ସତ୍

# ଯକ୍ଷ୍ମାର ଘଟିବ ଅନ୍ତ

## ଆଜି ବିଶ୍ୱ ଯକ୍ଷ୍ମା ଦିବସ



ଯକ୍ଷ୍ମା ରୋଗ ବା ଟ୍ୟୁବରକ୍ୟୁଲୋସିସ (ଟିବି) ଗୋଟିଏ ଅତି ସଂକ୍ରାମକ ରୋଗ। ପୃଥିବୀର ପ୍ରଥମ ୧୦ଟି ମାରକ ରୋଗ ମଧ୍ୟରେ ଯକ୍ଷ୍ମା ଅନ୍ୟତମ। ଏହି ରୋଗଟି ବିଶ୍ୱର ପ୍ରାୟ ସର୍ବତ୍ର ଦେଖାଯାଉଥିଲେ ମଧ୍ୟ ରୋଗାକ୍ରାନ୍ତ ବ୍ୟକ୍ତିମାନେ ମୁଖ୍ୟତଃ ବିଶ୍ୱର ଗରିବ ଦେଶଗୁଡ଼ିକର ଗରିବ ବାସିନ୍ଦା। ରୋଗୀମାନଙ୍କ ମଧ୍ୟରୁ ପାଖାପାଖି ଏକ ତୃତୀୟାଂଶ ହେଉଛନ୍ତି ଭାରତୀୟ ଉପମହାଦେଶର ଅଧିବାସୀ। ସବୁଠାରୁ ଅଧିକ ରୋଗୀ ରହିଛନ୍ତି ଭାରତ ଏବଂ ଚାଇନାରେ। ଯକ୍ଷ୍ମା ସଂକ୍ରମଣ ଭାରତ ଉପରେ ଏକ ବିରାଟ ବୋଝ ରୂପେ ଦଣ୍ଡାୟମାନ। ଭାରତରେ ରହିଛନ୍ତି ୨୦ ଲକ୍ଷରୁ ଅଧିକ ଯକ୍ଷ୍ମା ରୋଗୀ। ପ୍ରତି ତିନି ମିନିଟରେ ଦୁଇ ଜଣ ବ୍ୟକ୍ତି ଯକ୍ଷ୍ମା ରୋଗରେ ମୃତ୍ୟୁବରଣ କରିଥାଆନ୍ତି।

ଯକ୍ଷ୍ମା ଏକ ଜୀବାଣୁଜନିତ ରୋଗ। ଜୀବାଣୁଟିର ନାଁ 'ମାଇକୋବ୍ୟାକ୍ଟେରିୟସ'। ଯକ୍ଷ୍ମା ଦ୍ୱାରା ଆକ୍ରାନ୍ତ ରୋଗୀଙ୍କର ଛେପଖଙ୍କାରରେ ଏହି ଜୀବାଣୁ ରହିଥିଲେ ସେହି ରୋଗୀଠାରୁ ସଂକ୍ରମଣ ପ୍ରସାରଲାଭ କରେ। ରୋଗଟି ବାୟୁବାହିତ। ସଂକ୍ରମିତ ରୋଗୀର କାଶ ଓ ଛିଙ୍କ ଦ୍ୱାରା ଜୀବାଣୁ ବାୟୁରେ ମିଶି ସୁସ୍ଥ ଲୋକର ଶରୀରରେ ପ୍ରବେଶ କରେ ଓ ରୋଗ ସୃଷ୍ଟିର କାରଣ ହୋଇପଡ଼େ। ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ ସବୁ ବୟସର ଲୋକେ ଏହି ରୋଗ ଭୋଗିଥାଆନ୍ତି। କିନ୍ତୁ ମହିଳାମାନଙ୍କ ତୁଳନାରେ ପୁରୁଷମାନେ ରୋଗଟି ପ୍ରତି ଅଧିକ ସମ୍ବେଦନଶୀଳ।

ଶରୀରର ପ୍ରାୟ ସବୁ ଅଙ୍ଗକୁ ଯକ୍ଷ୍ମା ଆକ୍ରାନ୍ତ କରିଥାଏ। ଚର୍ମ, ଅନ୍ତନଳୀ, ହାଡ଼, ଗଣ୍ଠି, ଲସିକା ଗ୍ରନ୍ଥି, କିଡ୍‌ନୀ ଏପରିକି ମସ୍ତିଷ୍କ-କୌଣସିଟି ଯକ୍ଷ୍ମା କବଳରୁ ସୁରକ୍ଷିତ ନୁହେଁ। କିନ୍ତୁ ପାଖାପାଖି ୮୦ ଶତାଂଶ କ୍ଷେତ୍ରରେ ରୋଗ ହୋଇଥାଏ ଫୁସ୍‌ଫୁସ୍‌ରେ। ଜୀବାଣୁଗୁଡ଼ିକ ବାୟୁବାହିକ ହୋଇଥିବାରୁ ରୋଗ ମୁଖ୍ୟତଃ ଫୁସ୍‌ଫୁସ୍‌କୁ ସଂକ୍ରମିତ କରିବା ସ୍ୱାଭାବିକ। ଯକ୍ଷ୍ମା ଜୀବାଣୁ ମଣିଷ ଶରୀରରେ ବର୍ଷ ବର୍ଷ ଧରି ନିଷ୍କ୍ରିୟ ହୋଇ ରହି ବ୍ୟକ୍ତିର ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ପାଇଲେ ସକ୍ରିୟ ହୋଇଉଠେ ଏବଂ ରୋଗ ସୃଷ୍ଟିର କାରଣ ହୋଇପଡ଼େ। ରୋଗଟି ବଂଶଗତ ନୁହେଁ।

ଡାଇବେଟିସ୍, କ୍ୟାନ୍‌ସର ରୋଗୀ, ଏଚ୍‌ଆଇଭି ସଂକ୍ରମିତ ରୋଗୀ, ଅପପୁଷ୍ଟି ଆକ୍ରାନ୍ତ ବ୍ୟକ୍ତି, ନିଶାଦ୍ରବ୍ୟ ସେବନ କରୁଥିବା ବ୍ୟକ୍ତି, ମାନସିକ ଚାପଗ୍ରସ୍ତ ଲୋକ ଏବଂ ଷ୍ଟେରଏଡ୍ ଔଷଧ ଚିକିତ୍ସାରେ ରହିଥିବା ରୋଗୀ ଯକ୍ଷ୍ମାଦ୍ୱାରା ଆକ୍ରାନ୍ତ ହେବାର ଆଶଙ୍କା ଅଧିକ। କାରଣ ଏମାନଙ୍କଠାରେ ହ୍ରାସ ପାଇଥାଏ ରୋଗ ପ୍ରତିରୋଧକ ଶକ୍ତି। ବାୟୁ ଚଳାଚଳ ହେଉ ନ ଥିବା ଛୋଟ ଘରେ ରହୁଥିଲେ ରୋଗ ହେବାର ଆଶଙ୍କା ଅଧିକ।

**ଲକ୍ଷଣ:** ଯକ୍ଷ୍ମା ରୋଗର ପ୍ରଧାନ ଲକ୍ଷଣ ବିଷୟରେ ଜାଣି ରଖିବା ନିହାତି ଦରକାର। ସବୁରୋଗୀଙ୍କଠାରେ ଲକ୍ଷଣ ପ୍ରକାଶ ପାଇ ନ ଥାଏ। ଯେଉଁ ରୋଗୀମାନଙ୍କଠାରେ ଲକ୍ଷଣ ପ୍ରକାଶ ପାଇଥାଏ, ସେହି ଲକ୍ଷଣଗୁଡ଼ିକ ମଧ୍ୟରେ ପ୍ରଧାନ ହେଲା ସାମାନ୍ୟ ଜ୍ୱର ଓ କାଶ। ଏହି ଲକ୍ଷଣ ତିନି ସପ୍ତାହରୁ ବେଶି ସମୟ ଲାଗି ରହିପାରେ। ସାଧାରଣତଃ ଜ୍ୱର ଆସିଥାଏ ସନ୍ଧ୍ୟା ସମୟରେ। ରାତିରେ ଝାଳ ବୁହେ। ଛାତିରେ ଯନ୍ତ୍ରଣା ହୋଇପାରେ। ଭୋକ ମରିଯାଏ। ଖୁବ୍ ହାଲିଆ ଲାଗେ। କମିଯାଏ ଓଜନ। ଚିକିତ୍ସା ନ କଲେ ରୋଗୀ ହୋଇଯାଏ କଙ୍କାଳସାର।

**ରୋଗ ନିର୍ଣ୍ଣୟ ପାଇଁ ପରୀକ୍ଷା :** ଯକ୍ଷ୍ମା ରୋଗର ନିର୍ଣ୍ଣୟ ପାଇଁ ଡାକ୍ତର ପ୍ରଥମେ ଷ୍ଟେଥେସ୍କୋପ ସାହାଯ୍ୟରେ ରୋଗୀର ଫୁସ୍‌ଫୁସ୍ ପରୀକ୍ଷା କରିଥାଆନ୍ତି। ବେକରେ ଲସିକା ଗ୍ରନ୍ଥି ବଢ଼ିଛି କି ନାହିଁ ପରୀକ୍ଷା କରି ଦେଖନ୍ତି। ଚର୍ମ ତଳେ ଇଞ୍ଜେକଶନ ଦେଇ କରାଯାଏ ମାଣ୍ଟୁ ପରୀକ୍ଷା। କରାଯାଏ ରକ୍ତ ପରୀକ୍ଷା ଏବଂ ଛାତିର ଏକ୍ସ-ରେ। ସ୍ଥଳବିଶେଷରେ ଆବଶ୍ୟକ ପଡ଼ିପାରେ ଫୁସ୍‌ଫୁସ୍‌ର ସିଟି ସ୍କାନ୍। ତେବେ ଯକ୍ଷ୍ମା ରୋଗ ନିର୍ଣ୍ଣୟ ପାଇଁ ରୋଗୀର ଖଙ୍କାର ପରୀକ୍ଷା ଜରୁରୀ, ଯେଉଁଥିରୁ ସେଥିରେ ଯକ୍ଷ୍ମା ଜୀବାଣୁ ଅଛି କି ନାହିଁ ଜଣାପଡ଼ିଲେ ରୋଗ ନିର୍ଣ୍ଣୟରେ ଆଉ କୌଣସି ସନ୍ଦେହ ରହେ ନାହିଁ।

**ଚିକିତ୍ସା:** ରୋଗ ନିର୍ଣ୍ଣିତ ହେବା ପରେ ଆରମ୍ଭ କରାଯାଏ ଚିକିତ୍ସା। ଯକ୍ଷ୍ମାର ଫଳପ୍ରଦ ଚିକିତ୍ସା ପାଇଁ ଅନେକ ଔଷଧ ଉପଲବ୍ଧ। ନିୟମିତ ତଥା ଯଥାର୍ଥ ଚିକିତ୍ସାରେ ରହିଲେ ରୋଗର ସମ୍ପୂର୍ଣ୍ଣ ଆରୋଗ୍ୟ ସମ୍ଭବ। କିନ୍ତୁ ଯକ୍ଷ୍ମା ଜୀବାଣୁ ଏବେ ଏକାଧିକ ଔଷଧ ପ୍ରତି ପିଠିଆ ହୋଇପଡ଼ିବା ଚିକିତ୍ସକମାନଙ୍କ ପାଇଁ ଏକ ବିରାଟ ଆହ୍ୱାନ ରୂପେ ଉଭା ହେଲାଣି। ଏହାବ୍ୟତୀତ ଔଷଧ ଖାଇବାରେ ଅନିୟମିତ, ଚିକିତ୍ସିତ ହେଲା ବେଳେ ଟିକିଏ ସୁସ୍ଥ ଅନୁଭବ କଲେ ଚିକିତ୍ସା ଅଧାରୁ ଔଷଧ ବନ୍ଦ କରିଦେବା ଏବଂ ନିୟମିତ ଭାବରେ ରୋଗୀ ପାଇଁ ଔଷଧ ଉପଲବ୍ଧ ନ ହେବା ହେଉଛି ଔଷଧ ନିରୋଧିତାର କେତେକ ମୁଖ୍ୟ କାରଣ। ଜୀବାଣୁଗୁଡ଼ିକ ଔଷଧ ବିରୋଧୀ ହୋଇପଡ଼ିବା ଯୋଗୁ ଚିକିତ୍ସା ସମସ୍ୟା ହୋଇପଡ଼ିଛି ଅଧିକ ଜଟିଳ। ସେଥିପାଇଁ ଏବେ ଡାଇରେକ୍ଟଲି ଅବ୍‌ଜରଭଡ ଥେରାପି ବା 'ଡଟ୍' ପଦ୍ଧତିରେ ଚିକିତ୍ସା କରି ସୁଫଳ ମିଳୁଛି। ଏହି ପଦ୍ଧତିରେ ସ୍ୱାସ୍ଥ୍ୟକର୍ମୀଙ୍କ ପ୍ରତ୍ୟକ୍ଷ ତଦାରଖରେ ରୋଗୀକୁ ନିୟମିତ ଔଷଧ ଖୁଆଇବା ବ୍ୟବସ୍ଥା ଅନୁସୃତ ହେଉଛି। ଯକ୍ଷ୍ମାରୋଗର ନିବାରଣ ପାଇଁ ଶିଶୁଙ୍କୁ ଦିଆଯାଉଛି ବିସିଜି ଟିକା।

ଯକ୍ଷ୍ମା ହେଉଛି ଚିକିତ୍ସା ବିଜ୍ଞାନ ସମ୍ବନ୍ଧିତ ଏକ ସାମାଜିକ ବ୍ୟାଧି। ଏହାକୁ ସମାଜ ମଙ୍ଗଳର ବାରୋମିଟର ଭାବରେ ଅଭିହିତ କରାଯାଉଛି। ୨୦୩୦ ମସିହା ସୁଦ୍ଧା ବିଶ୍ୱକୁ ଯକ୍ଷ୍ମାମୁକ୍ତ କରିବା ଲକ୍ଷ୍ୟ ରହିଛି। ଅନ୍ୟପକ୍ଷରେ ୨୦୨୫ ସୁଦ୍ଧା ଯକ୍ଷ୍ମାକୁ କରାୟତ୍ତ କରିବା ଲକ୍ଷ୍ୟ ରଖିଛି ଭାରତ।

-ଡା. ନିତ୍ୟାନନ୍ଦ ସ୍ୱାଇଁ,
ମୋ : ୯୪୩୭୭୬୬୧୧୭

### ଏ ବର୍ଷର ବାର୍ତ୍ତା

ଜନସାଧାରଣଙ୍କୁ ଯକ୍ଷ୍ମା ରୋଗର କାରଣ, ପ୍ରସାର, ନିବାରଣ ଓ ଚିକିତ୍ସା ଆଦି ବିଷୟରେ ସଚେତନ କରିବା ଉଦ୍ଦେଶ୍ୟରେ ହିଁ ପ୍ରତିବର୍ଷ ମାର୍ଚ୍ଚ ୨୪ ତାରିଖକୁ 'ବିଶ୍ୱ ଯକ୍ଷ୍ମା ଦିବସ' ବା ୱାର୍ଲ୍ଡ ଟ୍ୟୁବରକ୍ୟୁଲୋସିସ ଡେ ଭାବରେ ପାଳନ କରାଯାଉଛି। ଏହି ତାରିଖର ରହିଛି ଏକ ଐତିହାସିକ ଗୁରୁତ୍ୱ। କାରଣ ୧୮୮୨ ମାର୍ଚ୍ଚ ୨୪ ତାରିଖରେ ଜର୍ମାନ ବିଜ୍ଞାନୀ ରବର୍ଟ କକ୍ ବର୍ଲିନର ଏକ ସଭାରେ ତାଙ୍କ ଦ୍ୱାରା ଯକ୍ଷ୍ମା ରୋଗର ଜୀବାଣୁ ଆବିଷ୍କାର କଥା ସର୍ବପ୍ରଥମେ ଘୋଷଣା କରିଥିଲେ। ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି- 'ହଁ, ଆମେ ଯକ୍ଷ୍ମାର ଅନ୍ତ ଘଟାଇ ପାରିବୁ'।

# ପ୍ରିୟଙ୍କାଙ୍କ କମ୍ ବ୍ୟାକ୍

ମୁମ୍ବାଇ



ଦେଶୀ ଗର୍ଲ ପ୍ରିୟଙ୍କା ଚୋପ୍ରା ବର୍ତ୍ତମାନ ଭାରତରେ ଅଛନ୍ତି। ଏହି ସମୟରେ ସେ ନୂଆ ଚଳଚ୍ଚିତ୍ରକୁ ନେଇ ବି'ଟାଉନ ଆସିଥିବା ଚର୍ଚ୍ଚା ହେଉଛି। ପ୍ରିୟଙ୍କା ଚଳଚ୍ଚିତ୍ର ନିର୍ମାତା ସଞ୍ଜୟ ଭନ୍‌ସାଲୀଙ୍କୁ ଭେଟି ତାଙ୍କର ଅପ୍ କମିଂ ଚଳଚ୍ଚିତ୍ରକୁ ନେଇ ଆଲୋଚନା କରିବେ। ଚଳଚ୍ଚିତ୍ରର ନାଁ ଯଦିଓ ଘୋଷଣା କରାଯାଇନାହିଁ ତେବେ ସେ ଯେଉଁ ଚଳଚ୍ଚିତ୍ରରେ ଅଭିନୟ କରିବେ ସେଥିରେ ପ୍ରିୟଙ୍କା ଏକ ଦମ୍‌ଦାର ଭୂମିକାରେ ନଜର ଆସିବେ। ପ୍ରିୟଙ୍କାଙ୍କୁ କାହାଣୀଟି କୁଆଡ଼େ ଭଲ ଲାଗିଛି। ନିଜ ବ୍ୟାନରରେ ମଧ୍ୟ ସେ କିଛିଟା ପ୍ରୋଜେକ୍ଟ କରିବା ପାଇଁ ପ୍ଲାନିଂ କରିଛନ୍ତି। ପୂର୍ବରୁ ପ୍ରିୟଙ୍କା ଭନ୍‌ସାଲୀଙ୍କ ସହ ଚଳଚ୍ଚିତ୍ର 'ବାଜିରାଓ ମସ୍ତାନି'ରେ କାମ କରିସାରିଛନ୍ତି। ଏଥିରେ ରଣବୀର ସିଂ, ଦୀପିକା ପାଦୁକୋନ ମଧ୍ୟ ନଜର ଆସିଥିଲେ। କିଛିଦିନ ବଲିଉଡ୍ ଚଳଚ୍ଚିତ୍ରରୁ ନିଜକୁ ଦୂରେଇ ରଖିଥିବା ପ୍ରିୟଙ୍କା ଏବେ ପୁଣି କମ୍‌ବ୍ୟାକ୍ କରୁଥିବା ଜାଣିବା ପରେ ତାଙ୍କ ପ୍ରଶଂସକଙ୍କ ଖୁସି ବ୍ୟକ୍ତ କରୁଛନ୍ତି।

# ବୟସ ୮ ମାସ, ରୋଜଗାର ଲକ୍ଷାଧିକ ଟଙ୍କା



କୁହାଯାଏ, ମଣିଷ ନିଜ ଭାଗ୍ୟ ନିଜେ ଆଣି ଦୁନିଆକୁ ଆସିଥାଏ। କେହି ଯଦି ଅଳ୍ପ ବୟସରେ ବହୁତ କିଛି ପାଇଯାନ୍ତି, ତେବେ ଏହାକୁ ଆମେ ଭାଗ୍ୟ କହିଥାଉ। ଏକ ରିପୋର୍ଟ ଅନୁଯାୟୀ, ଏମ୍‌ଜେ ନାମକ ଜଣେ ୮ ମାସର ଶିଶୁକନ୍ୟାଙ୍କ ଭାଗ୍ୟ ତାଙ୍କୁ ଅଳ୍ପ ବୟସରେ ଉଭୟ ଧନ ଏବଂ ଖ୍ୟାତି ଆଣି ଦେଇଛି। ସାରା ଲୁଟଜକର ନାମ୍ନୀ ନର୍ସ ତାଙ୍କ ଝିଅକୁ ୮ ମାସ ବୟସରେ ଗ୍ଲାମର ଦୁନିଆରେ ପ୍ରବେଶ କରାଇଥିଲେ। ସେ ତାଙ୍କ ଫଟୋ ମଡେଲିଂ ଏଜେନ୍ସିକୁ ପଠାଇଥିଲେ। ସେଠାରୁ ଝିଅଟି ଆମେରିକାର ଦୁଇଟି ପ୍ରମୁଖ କମ୍ପାନୀ ୱାଲମାର୍ଟ ଏବଂ କଷ୍ଟକୋର ଅଭିଯାନ ପାଇଁ ମନୋନୀତ ହୋଇ ୩.୫ ଲକ୍ଷ ଟଙ୍କା ରୋଜଗାର କରିଥିଲେ। ବର୍ତ୍ତମାନ ଏହି ୮ ମାସର କନ୍ୟା ବିଭିନ୍ନ ବ୍ରାଣ୍ଡ ପାଇଁ ଫଟୋଶୁଟ୍ କରାଇ ଭଲ ରୋଜଗାର କରୁଛନ୍ତି।

OFFICE OF THE ENGINEER-IN-CHIEF (CIVIL), ODISHA
NIRMAN SOUDHA, UNIT-V, BHUBANESWAR
E-Mail ID : cebuildings_orissa@yahoo.co.in / cebuildings@rediffmail.com / Tel. - (0674) - 2391523
No.B:- File No-B-IV-H-ALMC-01/2023 Lr. No.-13847 /Bhubaneswar, 19th Mar.2024
INVITATIONS FOR BIDS (IFB)
CANCELLATION
RFP Identification No.:- C.E (B)-82/2023-24
Work Name :- PROVIDING COMPREHENSIVE FACILITY MANAGEMENT SERVICES (CFMS) FOR FOLLOWING MEDICAL COLLEGES & HOSPITALS, (1) SCB MCH, CUTTACK, (2) B.B. MCH, BALANGIR, (3) P.R.M. MCH, BARIPADA, (4) SJ MCH, PURI, (5) SVPPGIP, CUTTACK, (6) F.M. MCH, BALASORE, (7) GOVT. MCH, KALAHANDI, (8) MKGG MCH, BERHAMPUR.
The bid invited is hereby cancelled due to unavoidable circumstances.
Sd. /- Chief Engineer, Buildings (I/C) Odisha, Bhubaneswar
OIPR - 34117/11/0180/2324

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ............................



ରାମେଶ୍ୱର
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ୪୦ ଡିଗ୍ରୀ ଛୁଇଁବ ପାରଦ

ଭୁବନେଶ୍ୱର,୨୩।୩(ଅନିଲ ଦାସ)

କାଳବୈଶାଖୀ ବର୍ଷା ପରେ ସାରା ରାଜ୍ୟରେ ପାରଦ ଉପରମୁହାଁ ହୋଇଛି। ଗତ ୨୦ ତାରିଖରେ ଦିନର ସର୍ବୋଚ୍ଚ ତାପମାତ୍ରା ୨୧ରୁ ୨୬ ଡିଗ୍ରୀ ସେଲସିୟସ ମଧ୍ୟରେ ରହିଥିବା ବେଳେ ଗତ ୩ ଦିନ ମଧ୍ୟରେ ଏହା ୧୦ରୁ ୧୨ ଡିଗ୍ରୀ ସେଲସିୟସ ବଢ଼ି ଯାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂଚନା ଅନୁଯାୟୀ ଶନିବାର ବଲାଙ୍ଗୀରରେ ସର୍ବୋଚ୍ଚ ତାପମାତ୍ରା ୩୮ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ସୋନପୁରରେ ସର୍ବୋଚ୍ଚ ତାପମାତ୍ରା ୩୬.୧ ଡିଗ୍ରୀ ରହିଛି। ଟାଇଁ ଟାଇଁ ଖରା ସାଙ୍ଗକୁ ପ୍ରଚଣ୍ଡ ଗ୍ରୀଷ୍ମ ପରିବେଶକୁ ଉତ୍ତପ୍ତ କରିବା ଆରମ୍ଭ କଲାଣି। ଆସନ୍ତା ୩ ଦିନ ମଧ୍ୟରେ ଦିନର ସର୍ବୋଚ୍ଚ ତାପମାତ୍ରା ୩ରୁ ୪ ଡିଗ୍ରୀ ବୃଦ୍ଧି ପାଇବା ନେଇ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ପାରଦ ୪୦ରୁ ୪୨ ଡିଗ୍ରୀ ଯାଏ ଛୁଇଁବା ସମ୍ଭାବନା ରହିଛି। ତେବେ ୨୫ ତାରିଖରେ ଉତ୍ତର ଓ ଉପକୂଳ ଓଡ଼ିଶାରେ କୋହଲା ପାଗ ରହିବ ।



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଧାନ କୁଟା ବଡ଼ ଦୁଃଖରେ**
**ପାଣି ଅଣା ବଡ଼ ସୁଖ**
**ସାତ ମାଇପରେ କଥା ବାରତା**
**ପଡ଼ିଥାଏ ସୁଖ ଦୁଃଖରେ।**

ଧାନ କୁଟିବାରେ ଅନେକ ଶ୍ରମ କରିବାକୁ ପଡିଥାଏ। ଧାନ କୁଟାଠାରୁ ପାଣି ବୋହିବା ସହଜସାଧ୍ୟ ବା ସୁଖକର। ସାଧାରଣତଃ ଝିଅ ବୋହୂ ମାନେ ପାଣି ବୋହିଲା ବେଳେ ପରସ୍ପର ମଧ୍ୟରେ ସୁଖଦୁଃଖ ବାଣ୍ଟି ବାଟ ଚାଲିଥାନ୍ତି। ଏପରି ମନର ଭାବ ଆଦାନପ୍ରଦାନ କରିବା ଭିତରେ ପାଣି ବୋହିବାର ଶ୍ରମ କିଛିଟା ଲାଘବ ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଧନ ଯୋଉଠି**
**ମନ ସେଇଠି।**

ଧନ ପାଖରେ ମନ ବନ୍ଧା। ଧନକୁ ନେଇ ସଭିଙ୍କ ମନରେ ଅହେତୁକ ଲୋଭ ରହିଥାଏ। ଯେତେ ଧନ ଥିଲେ ମଧ୍ୟ ସେତେ ଅଧିକ ଧନ ହାତେଇବା ନେଇ ମନରେ ଉତ୍କଣ୍ଠା ଜାତ ହୋଇଥାଏ। ଧନ ପାଇଁ ମନରେ ବିକଳ ଭାବନା ସୃଷ୍ଟି ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ**


## CLASSIFIED DISPLAY

MORE SPACE • SAME PRICE

TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ମୁଦ୍ରା ଫାଇନାନ୍ସ**
**PM**
**ମୁଦ୍ରା ଯୋଜନା ଅଧୀନରେ**
1 ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ ।
**2% ସୁଧ, 40% ରିହାତି**
**ମହିଳାଙ୍କ ପାଇଁ ବିଶେଷ ରିହାତି**
ଅନ୍‌ଲାଇନ୍ ସୁବିଧା ।
**ମୁଦ୍ରା ଫାଇନାନ୍ସ**
**Mob. 7382841797**


**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# Classified Everyday

**0674-2580101, 2549949**




## MATRIMONIAL

### BRIDE WANTED

Handsome Brahmin Boy 1994, 5'9", M.Tech Serving Software Engineer Wipro Bangalore. "SUNASANSAR". 9937512659, 8249969649. D-75936

### GROOM WANTED

61 ବୟସ୍କା ଭୁବନେଶ୍ୱର ବାସିନ୍ଦା Govt. Retd. ହୋଇଥିବା ଖଣ୍ଡାୟତ ଜାତିର ବିଧବା ମହିଳାଙ୍କୁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। 9040735429. D-2850

Government Job, Age-33, Divorcee କରଣ ଝିଅଙ୍କ ପାଇଁ anycasteର ପୁଅ ଦରକାର। 8658267680. D-2813

40 Yrs. Divorce କରଣ ଜାତିର Agriculture Officer ଥିବା ଝିଅଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। 9776270725. D-2861

33Years B.Tech, MBA, Oriya Girl, Manager Nationalised Bank, Father Retired Senior Officer of Govt., Groom from good family must be Officer in Govt./PSU. 8637282066. D-71071

29 ବୟସ କୌଣସି ଚାକିରି କରୁନଥିବା ସୁନ୍ଦରୀ ବ୍ରାହ୍ମଣ ଜାତିର ଝିଅଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। 6370559357. D-75321

52 ବୟସ୍କା Widow ବ୍ରାହ୍ମଣ ଜାତିର Govt. ଚାକିରିଆ ଏକାକି ରହୁଥିବା ଝିଅଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। 8658059842. D-2864

Beautiful Moharana Girl 1992, 5'3", M.Tech Serving Engineer Bangalore, settled BBSR "SUNASANSAR". 9937512659, 8249969649. D-75937

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।



## REAL ESTATE

### SALE

**Ready to move 2BHK and 3BHK flat for sale near TATA Ariana at Kalinga Vihar. Contact- 9437309741.** D-2609

Gharabari plot available Rudraska Vihar near Huluhulia Bridge Puri-2, plot size 25'X70'= 1750 @ 1600/- including Regd. + Electricity connection, boundary wall @ road 20ft. Contact Owner- 7873919666, 8895175246. D-76003

Near Lingaraj Temple gharabari plot 1115sqft. with boundarywall sale. Phone No.- 9178924698, 6371519529. D-2648

Buy or Sale Property- 8984071303. Balianta 1 acre, Jatni Gate 2 acre, Nakhara 1 acre, Baranga 4 acre available. D-2839

Hurry ! special attractive discount offer on Holi for booking of gated community 4BHK/7BHK Duplex/ Triplex construction in full swing, having RERA, BDA and Bank Project approved 2000/3000sft. built-up area, 30ft. external and internal road Rangabazar near Saibaba Temple, Bhubaneswar. 9238326233. D-38587

**Plot for sale near Trisulia, CISF Campus CDA, RERA approved (P/07/2023/01069) price-1000/-. Contact- 9658434846.** D-2865

Ready to move 2 BHK flat in Hightech Pearl Apartment @ Gudiapokhari. Price: Rs.30 lakh, negotiable. Contact: 7608000634. D-2811

**Flat for sale 2BHK, 3BHK near Rasulgarh, Bhubaneswar with modern facilities & affordable price call. 9439856856, 7008982279, 6371097442, 9040116788.** D-2727

Duplex sale at Bhubaneswar @ 57 lakhs only. Contact- 9777433701. D-75934

Book 3/4BHK premium flat at Saubhagya Nagar, OUAT Square near Khimji & Narula Sweets. Flooring work going on, handover Aug-24. Contact- 9439716901. D-75526

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 3,60,000/-, ଛତାବର Bypass sqft.- 500/-. 9776974912. D-75931

**66 Dec-2875sqft. plot to be sold in front of Pradhan Transport, Shikarpur, 1.75cr, 8895331410.** D-2842

Wanted Sharing Land with 30/40 feet road for Simplex/ Duplex/ Apartment projects within Bhubaneswar, Cuttack, Puri. 7008550473. D-2838

**Commercial plot, facing to NH Road Nakhara to Niali NH 10000sqft., 3sides road, 2-residential cum commercial plot 3250sft., 3-Residential plot in a Brahmin Complex 5700sft., 4-Residential plot near Petal English Medium School 850/- sft. with boundarywall at Brahmanjharilo, Cuttack, 11 Km. to BBSR. Personal plots, No builders. 7809525452.** D-75720

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ Grandbazar (NH-16) ଏବଂ Sum-2 Hospitalଠାରୁ ଅଳ୍ପ ଦୂରତାରେ SC/ General ଘରବାରି ପ୍ଲଟ୍ କିଣନ୍ତୁ। 9658562429. D-75935

ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପାଖରୁ **2** କିଲୋମିଟର ଦୂର ମଙ୍ଗଳାଘାଟ ଛକ ନୂଆ ବସ୍‌ଷ୍ଟାଣ୍ଡ ପାଖରେ **12600** ବର୍ଗଫୁଟ ସ୍ଥିତିବାନ୍ ଘରବାଡ଼ି ଜମି **40** ଫୁଟ୍ ପିଚୁ ରାସ୍ତାକୁ ଲାଗି ବିକ୍ରୟ କରାଯିବ। ଆପାର୍ଟମେଣ୍ଟ ବା ସ୍କୁଲ୍, କଲେଜ ପାଇଁ ଉପଯୁକ୍ତ। ଆଗ୍ରହୀ ଗ୍ରାହକ ଯୋଗାଯୋଗ କରନ୍ତୁ। **9438109040, 8144658008.** D-2831

**Bank approved gharabari plot boundary wall ସହିତ ବିକ୍ରି ହେଉଛି near Oxford Engg. College just 7.5 K.M. from Hanspal Square. 9437005434.** D-75926

**ଭୁବନେଶ୍ୱର Hot Location ତ୍ରିଶୂଳିଆ ଛକ ନିକଟବର୍ତ୍ତୀ CISF, Sai International School ଓ Central Schoolଠାରୁ 700 mtrs. ମଧ୍ୟରେ 30ft. Road, Electricity, Boundary ଥାଇ 'Srikrishna Vihar'ରେ ପ୍ଲଟ୍ ବିକ୍ରିହେବ। 6371902075, 9776602067.** D-75921

Gharabari plot Jagannath Nagar, Rasulgarh 2200sqft.- @ 3400 per sqft. Complete 5ft. boundary & boring. Mob- 9437278789, 9658464277, 9438389968. D-2826

Duplex project at Retanga Medical, Station near CV Raman University, Tamando, Bhubaneswar. 7008459987. D-75928

**Gharabari Plots and 2/3BHK Flats at Uttara, Patrapada, Bhubaneswar. 8270370007** D-2712



## CONSTRUCTION

**Construct your Dream home @ 460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-2728



## FOR RENT

Ready to move commercial space for rent, Ground Floor, 1st Floor and Roof Top underground parking space area 3500sqft. each on service road of NH53, Near Bus Stand Ainthapali, Sambalpur. Contact Number- 7008225234, 8670309550. D-2742

**Two BHK flat for rent in Apartment Avantika near Gokul Residency on GGP-Pandra Road, Bhubaneswar. Contact- 8984692488.** D-75807

Tolet flayash unit of Mouza Kesura under Basuaghai Gramapanchayat manufacture Bricks 10 inch, 09 inch, 8 inch, Bajuri Bricks 16 inch X 8 inch X 6 inch, CLC Bricks Light weight 24 inch. Plot No.- 1017/1015/1016. Contact No- 9437211843. D-2815




Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75718

**Relax, Refresh your body, Mind at Saikrupa Spa with best therapies. 8984068077.** D-2774

Relax, Refresh your body, mind by expert therapist. Contact- 9938843929. D-76108

Newly open SPA health benefits relax refresh good therapist. 8260719139. D-76109


## LOST

I, Brundaban Gouda, S/o Bipra Gouda, Vill- Solaghara, P.O.- TaraTarini, P.S.- Purushottampur, Gm reported at P.S. that landed property of an Solaghara Mouza vide Khata No.- 743/65, Plot No.- 99/2975 reporting in writting along with at Purushottampur P.S.- GD No 23 dated 20.03.2024. on dtd 19.03.2024 at about 5 PM while I was going from Purushottampur to Solaghara with keeping Original ROR . I searched the same but could not traced out. If anybody find the same please contact nearest Police Station or mentioned above address.

Sd./ Brundaban Gouda

D-2854

## LEGAL NOTICE

ମାନ୍ୟବର ରାଜସ୍ୱ ପର୍ଷଦଙ୍କ ଅଦାଲତ, ୟୁନିଟ୍-୫, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା ସର୍ଭେ ଓ ସେଟଲ୍‌ମେଣ୍ଟ ୧୯୫୮ ଆଇନର ଧାରା ୧୫ (ଖ) ଅନୁଯାୟୀ ଓ.ଏସ୍.ଏସ୍. ମୋକଦ୍ଦମା ନମ୍ବର- ୫୮୮/୨୦୨୧

ଶ୍ରୀମତୀ ସ୍ୱପ୍ନାରାଣୀ ଗୁରୁ ....ବାଦୀ

ବନାମ

ଶ୍ରୀ କିର୍ତ୍ତନ ଦାସ ଏବଂ ଅନ୍ୟମାନେ .....ପ୍ରତିବାଦୀମାନେ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା- ୧. ପ୍ରତିବାଦୀ ନଂ.-୧, ଶ୍ରୀ କିର୍ତ୍ତନ ଦାସ, ପିତା- ଧରମୁ ଦାସ, ଗ୍ରାମ- ପଥରଗାଡ଼ିଆ, ପୋଷ୍ଟ/ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ୨. ପ୍ରତିବାଦୀ ନଂ.-୨, ଶ୍ରୀ ଭୈରବ ପାତ୍ର, ପିତା- ପ୍ରତାପ ପାତ୍ର, ଗ୍ରାମ- ସୁନ୍ଦରନଗର ସାହି, ପୋଷ୍ଟ- ବିଜିପୁର, ବ୍ରହ୍ମପୁର, ଥାନା/ଜିଲ୍ଲା- ଗଞ୍ଜାମ

ଏତଦ୍ୱାରା ସମସ୍ତ ପ୍ରତିବାଦୀମାନଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ରାଜସ୍ୱ ପର୍ଷଦଙ୍କ ଅଦାଲତରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ୍ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ୍ ବିଭିନ୍ନ କାରଣ ଦର୍ଶାଇ ଫେରସ୍ତ ଆସିଅଛି।

ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ରାଜସ୍ୱ ପର୍ଷଦଙ୍କ ଅଦାଲତ, ୟୁନିଟ୍-୫, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା ୨୦।୦୬।୨୦୨୪ରିଖ ୧୧.୩୦ଟା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା (୪୧), ମୌଜା- ସୁନ୍ଦରପୁର

ସାବକ

ଖାତା ନମ୍ବର- ୧୦୬, ପ୍ଲଟ୍ ନମ୍ବର- ୭୩୫, କିସମ- ଶାରଦ-୨, ରକବା- ଏ.୩.୭୩୦ଡି.ରୁ ଏ୦.୦୫୪ଡି., ସ୍ୱତ୍ୱ- ସ୍ଥିତିବାନ୍

ହାଲ୍

ଖାତା ନମ୍ବର- ୮୬୮, ପ୍ଲଟ୍ ନମ୍ବର- ୮୬୦, କିସମ- ବଗାୟତ-୨, ରକବା- ଏ.୦.୦୫୫ଡି., ସ୍ୱତ୍ୱ- ସ୍ଥିତିବାନ୍

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା. ୧୫।୦୩।୨୦୨୪

ଭୁବନେଶ୍ୱର

ମାନ୍ୟବର ରାଜସ୍ୱ ପର୍ଷଦଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର

ଧ-୭୬୬୭୫

## AFFIDAVIT

I, SAHU PADMLABH, S/o- DHOBA SAHU Residing at Village- Sadara, P.O.- K.Berhampur, Via- Tanarada, P.S.-Tarasingi, District.-Ganjam, State- Odisha, PIN-761140 have changed my name to PADMANABHA SAHU for all future purposes. D-2840

I, Mahasweta Kar, W/o- Santosh Satapathy resident of Ward No., Chandrasekhar Enclave, Flat No.-102B, Unit-4, Madhusudan Nagar, Dist.- Khurda, Bhubaneswar, PIN- 751001, Odisha declare by this affidavit No.-C.F. No.-47, dtd 16.03.17 that now onwords I shall be known as Mahasweta Satapathy for all future purposes. D-2835

### ପାଠକଙ୍କ ପାଇଁ ସୂଚନା

 କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

ଦ୍ୱାଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



**୰ହରେକୃଷ୍ଣ ମହାନ୍ତି**

Qtrs No.IVR-PF-19, Unit-6, Bhubaneswar

ଆବିର୍ଭାବ: 14.04.1943

ତିରୋଧାନ: 07.03.2012

ଆଜିର ଦ୍ୱାଦଶ ଶ୍ରାଦ୍ଧବାର୍ଷିକୀ ଅବସରରେ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ନିକଟରେ ଆନ୍ତର ବିନମ୍ର ପ୍ରାର୍ଥନା ।

-:ଶୋକସନ୍ତପ୍ତ:-

ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ

ଧ-୨୮୨୮

## ସଂକ୍ଷେପରେ

### କଫ୍ ସିରପ ଜବତ: ୨ ଗିରଫ

ନୂଆପଡ଼ା,୨୩।୩ (ମକାରୁ ବେମାଲ)

ନୂଆପଡ଼ା ଜିଲା କୋମନା ଥାନା ଅଧିନସ୍ଥ ସେମେଲପାଲି ଗାଁଠାରେ ଶନିବାର କଫ୍ ସିରପ୍ ଜବତ ହୋଇଛି। ଏଥିରେ ଦୁଇ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ୨ ଜଣ ହେଲେ କୋମନା ଜୁନାଗଡପଡା ଅମରନାଥ ବିଶି, କୁରେଶ୍ୱର ଗାଁର ରାମେଶ କେତକି (୩୦)। ପ୍ରାପ୍ତ ସୂଚନା ମୁତାବକ ଶନିବାର ସକାଳ ୯ ଟାରେ କୋମନା ପୋଲିସ ଏସ୍ଆଇ ବିଷ୍ଣୁ ପ୍ରସାଦ ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ୍ ବଲାଙ୍ଗିର-ଉଦ୍ୟାନବନ୍ଧ ରାସ୍ତା ସେମେଲପାଲି ଠାରେ ପାଟ୍ରୋଲିଂ କରୁଥିଲେ। ସେହି ସମୟରେ ୨ ଜଣ ଯୁବକ ଓଡି-୦୩ ବି ୯୯୧୩ ନମ୍ବର ଥିବା ଏକ ବାଇକରେ ଆସୁଥିଲେ। ସେମାନଙ୍କୁ ସନ୍ଦେହ କରି ଅଟକାଇ ଯାଞ୍ଚ କରିବାରୁ ୧୪୦ ବୋତଲ କଫ ସିରଫ ବାହାରି ଥିଲା। ୨ ଜଣଙ୍କୁ ଗିରଫ କରି ବାଇକ ଓ କଫ୍ ସିରପକୁ ଜବତ କରାଯାଇଛି। ଯେଉଁମାନେ କଫ ସିରଫ୍ ଯୋଗାଉଥିଲେ ସେ ୩ ଜଣ ଫେରାର ଅଛନ୍ତି। ଏନେଇ କୋମନା ଥାନାରେ ଏକ ମାମଲା ରୁଜୁ ହୋଇଛି।

### ନାବାଳିକାଙ୍କୁ ଯୌନ ନିର୍ଯାତନା ମାମଲା: ଅଭିଯୁକ୍ତଙ୍କୁ ୨ବର୍ଷ ଜେଲ ଦଣ୍ଡାଦେଶ

ଭବାନୀପାଟଣା,୨୩।୩ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଥାନା ଅଞ୍ଚଳରେ ଗତ ବର୍ଷ ମାର୍ଚ୍ଚରେ ଜଣେ ନାବାଳିକା ଯୌନ ନିର୍ଯାତନାର ଶିକାର ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ଯାହାର ରାୟ ଶନିବାର ପ୍ରକାଶ ପାଇଛି। ଭବାନୀପାଟଣାସ୍ଥିତ ଜିଲା ସ୍ୱତନ୍ତ୍ର ବିଚାରପତି ଶୁଭଞ୍ଜନ ମହାନ୍ତି (ପୋକ୍ସୋ) ଏହି ମାମଲାର ସମସ୍ତ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତିକରି ଅଭିଯୁକ୍ତ ଥୁଆମୂଳରାମପୁରର ସଞ୍ଜୟ ନାଏକ (୨୨)ଙ୍କୁ ୨ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇବା ସହ ୧୦ହଜାର ଟଙ୍କାର ଜରିମାନା କରିଛନ୍ତି। ସେହିପରି ପିଡିତାଙ୍କୁ ଦେଢଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାଟିକୁ ସ୍ୱତନ୍ତ୍ର ସରକାରୀ ଓକିଲ(ପିପି) ରୋହିତ କୁମାର ମିଶ୍ର ପରିଚାଳନା କରିଥିଲେ।

### ଷୋହଳ ପ୍ରହର ନାମଯଜ୍ଞ ପାଇଁ କଳସ ଶୋଭାଯାତ୍ରା

ନୂଆପଡା,୨୩।୩ (ମକାରୁ ବେମାଲ)

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ କୁରୁମପୁରି ପଞ୍ଚାୟତ ଦିଆମୁଣ୍ଡା ଗାଁ ଉପରପଡାରେ ଷୋହଳ ପ୍ରହର ନାମଯଜ୍ଞ ପାଇଁ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇ ଯାଇଛି। ଗାଁର ଶତାଧିକ ମହିଳା ଓ ପୁରୁଷ ସଂକୀର୍ତ୍ତନ ଦଳ ସହ କଳସ ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରି ପୂର୍ଣ୍ଣ କଳସି ଆଣି ବେଦୀରେ ସ୍ଥାପନ ପରେ ପୂଜା କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ନାମଯଜ୍ଞରେ ୭ଟି ସଂକୀର୍ତ୍ତନ ଦଳ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ରାଇସିଂଧରୁଆ ଓ ତାଙ୍କ ସ୍ତ୍ରୀ ହେମକାନ୍ତି ଧରୁଆ କର୍ତ୍ତା କାର୍ଯ୍ୟ ତୁଲାଉଥିବାବେଳେ ପୁରୋହିତ ତ୍ରିପାଠୀ ପୂଜକ ଭାବରେ ଅଛନ୍ତି। ବୈକୁଣ୍ଠ ଧରୁଆ, ଭୂବନ ଧରୁଆ, ରୁଦ୍ର ମାଝି, ଲୋକନାଥ ସାହୁ, ଚିତ୍ତରଞ୍ଜନ ସାହୁ, ଛତର ମାଝି ପ୍ରମୁଖ ଓ ଗ୍ରାମବାସୀ ସହଯୋଗ କରୁଛନ୍ତି।

# ଦୃଷ୍ଟି ଆଢୁଆଳରେ ବାବା ଡୁଙ୍ଗୁରୀ

ରିଷିଡା,୨୩।୩(ସୁଶାନ୍ତ ମଲ୍ଲିକ)



ବିକ୍ଷିପ୍ତ ଅବସ୍ଥାରେ ପଡ଼ିରହିଥିବା ଐତିହାସିକ କୀର୍ତ୍ତିରାଜି।

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକର ରିଷିଡ଼ାଠାରୁ ୩କିମି ଦୂର ତେରେସିଙ୍ଗା ନିକଟସ୍ଥ ବାବା ଡୁଙ୍ଗୁରି ମଠ ଲୋକଲୋଚନରୁ ଦୂରରେ ରହିଯାଇଥିବାବେଳେ ତାହାର ଆନୁସଙ୍ଗିକ ତଥା ପାରିପାର୍ଶ୍ୱିକ ଉନ୍ନତି ହୋଇପାରିନାହିଁ। ଐତିହାସିକ ପୃଷ୍ଠଭୂମି ଥିବା ତେରେସିହା ନିକଟସ୍ଥ ବାବା ଡୁଙ୍ଗୁରି ମଠରେ ୩ଟି ମନ୍ଦିର, ରାଜୁଡ଼ା ସମୟର ଭଗ୍ନାବଶେଷ ରହିଛି। ଐତିହାସିକଙ୍କ ମତରେ ଏଠାରେ ରାଜା ତୁଷ୍ଟିକରଙ୍କ ଶାସନ ଥିଲା। ରାଜା ତମ୍ଭେଶ୍ୱରୀ ଦେବୀଙ୍କ ଉପାସକ ଥିଲେ। ଏଠାରେ ତାମ୍ର ମୁଦ୍ରା, ତାମ୍ର ଫଳକଗୁଡ଼ିକ ମିଳିଥିଲା। ଯାହାକି ବର୍ତ୍ତମାନ କଳାହାଣ୍ଡି ମ୍ୟୁଜିୟମ ମାଣିକେଶ୍ୱରୀରେ ରହିଛି। ତେଲ ନଦୀ ଅବବାହିକାରେ ରାଜାଙ୍କର କୀର୍ତ୍ତିରାଜି ବିକ୍ଷିପ୍ତ ଅବସ୍ଥାରେ ପଡ଼ିରହିଛି। ଏହି ବାବା ଡୁଙ୍ଗୁରୀଠାରେ ଅତୀତରେ ଜଣେ ସାଧୁ ନିଜର ମଠ ନିର୍ମାଣ କରିଥିଲେ। ତେରେସିହାର ରାଣୀ ଡୁଗୁରି ବା ବାବାଡୁଗୁରି ବା ରଘୁନାଥ ମଠ ଐତିହାସିକ ଦୃଷ୍ଟିକୋଣରୁ ଏକ ଗୁରୁତ୍ୱପୂର୍ଣ୍ଣ ପୀଠସ୍ଥଳି। ତେଲ ନଦୀ କୂଳରେ ବିସ୍ତୀର୍ଣ୍ଣ ଅଞ୍ଚଳରେ ପ୍ରତ୍ନତାତ୍ତ୍ୱିକ ଅବଶେଷ ପଡ଼ିରହିଥିଲା। ଏଠାରୁ ପୂର୍ବରୁ ଦ୍ୱାରକ ରାଜ ବଂଶର ରାଜା ତୁଷ୍ଟିକରଙ୍କ ବ୍ୟତୀତ ରାଷ୍ଟ୍ରକୁଟ ଶାସକ ଭାନୁଦେବ,ଢାକରିଶ୍ୱର ଦେବଙ୍କ ପ୍ରଦତ୍ତ ତାମ୍ରଫଳ ମଧ୍ୟ ପ୍ରାପ୍ତ ହୋଇଛି। ଯେଉଁ ସମୟରେ ତେରେସିଂହାର ନାମ ତାର ଭ୍ରମରକ ଗଡ଼ଥିଲା ସେହି ସମୟରୁ ସିଂହ ବଂଶର ରାଜାମାନେ ଶାସନ କରୁଥିଲେ। ସେହି ସମୟରେ ଗଡ଼ର ପ୍ରଜାମାନେ ବିଦ୍ରୋହ କରିବାରୁ ରାଜା ଅନ୍ୟତ୍ର ପଳାୟନ କରୁଥିବା ସମୟରେ ରାଣୀ ଏହି ଡୁଙ୍ଗୁରିରେ ଆତ୍ମଗୋପନ

### ବିକ୍ଷିପ୍ତ ଅବସ୍ଥାରେ ପଡ଼ିରହିଛି ଐତିହାସିକ କୀର୍ତ୍ତିରାଜି

କରିଥିଲେ। ତେଣୁ ଏହି ଡୁଙ୍ଗୁରିକୁ ରାଣୀଡୁଙ୍ଗୁରି କୁହାଯାଏ। ପରବର୍ତ୍ତୀ ସମୟରେ ପ୍ରାୟ ୧୫୦୦ ମସିହା ବେଳକୁ ଏହି ଡୁଙ୍ଗୁରିରେ ଜେମାମଣୀ ବାବା ତପସ୍ୟା କରି ସିଦ୍ଧି ଲାଭ କରି ତ୍ରିକାଳଦର୍ଶୀ ସାଧୁ ସନ୍ଥ ଥିଲେ। ଯିଏକି ଇନ୍ଦ୍ରଜାଲ ସରାମନ୍ତ୍ରକୁ ସାଧନ କରିଥିଲେ। ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ,୧୭୭୬ମସିହା ଏହି ଡୁଙ୍ଗୁରିକୁ ବାବା ଡୁଙ୍ଗୁରି କୁହାଗଲା। ୧୭୭୬ ମସିହାରେ କୁଳମଣି ବାବା ଏହି ଡୁଙ୍ଗୁରିରେ ପ୍ରଭୂ ଶ୍ରୀରାମଙ୍କ ଏକ ମନ୍ଦିର ନିର୍ମାଣ କଲେ ଏବଂ ପ୍ରତିଷ୍ଠା କରିଥିଲେ। ସେହି ଡୁଙ୍ଗୁରିକୁ ରଘୁନାଥ ମଠ କୁହାଗଲା। ସମୟର ବର୍ତ୍ତମାନ ଧାରାରେ ତାହା ଗାରିମା ଅବହେଳିତ ଅବସ୍ଥାରେ ପଡ଼ିରହିଛି। ଏହି କୀର୍ତ୍ତିରାଜିକୁ ଉଦ୍ଧାର କରିବା ପାଇଁ ଜନସାଧାରଣରେ ଦାବି ହେଉଛି।

# କୋକସରାରେ ଘରେ ପଶି ଚୋରି



ସାଇଣ୍ଟିଫିକ ଟିମ୍ ସନ୍ଧାନୀ କୁକୁର ସହାୟତାରେ ଘଟଣାର ତଦନ୍ତ କରୁଛନ୍ତି।

କୋକସରା,୨୩।୩(ଦୁଷ୍ମନ୍ତ କୁମାର ପାଟଯୋଷୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ସଦର ମହକୁମାର ୨୬ନଂ. ଜାତୀୟ ରାଜପଥ କଲେଜ ଛକ ନିକଟରେ ରହୁଥିବା ଅସରପ୍ରାପ୍ତ ରାଜସ୍ୱ କର୍ମଚାରୀ ବାମଦେବ ଠାକୁର ଓ ଶିକ୍ଷୟିତ୍ରୀ ଜୟଶ୍ରୀ ନାଏକଙ୍କ ଘରେ ଶୁକ୍ରବାର ରାତିରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଘରେ କେହି ନ ଥିବା ସୁଯୋଗ ନେଇ ଦୁର୍ବୃତ୍ତମାନେ ଘର ପଛପଟୁ ତାର ଜାଲି ଭାଙ୍ଗି ଘର ଆଗରେ ଥିବା ଗ୍ରୀଲ ଗେଟ ତାଲା ଭାଙ୍ଗି ପଶିଥିଲେ। ଆଲମୀରା ଭାଙ୍ଗି ପାଖାପାଖି ୨୦ ଗ୍ରାମ ସୁନାଗହଣା ସହ ନଗଦ ୧୫ ହଜାର ଟଙ୍କା ଓ ଏକ ମୋବାଇଲ ଦୁର୍ବୃତ୍ତ ନେଇଯାଇଥିବା ଘର ମାଲିକ ବାମଦେବ ଠାକୁର କୋକସରା ଥାନାରେ ଅଭିଯୋଗ କରିଛନ୍ତି। ସୂଚନା ମତେ ଶୁକ୍ରବାର ସନ୍ଧ୍ୟାରେ ଏକ ବିବାହରେ ଯୋଗ ଦେବାକୁ ଘରର ସମସ୍ତ ସଦସ୍ୟ ନିକଟସ୍ଥ ଚିକିଲି ଗାଁକୁ ଯାଇଥିଲେ।

### ସୁନାଗହଣା ସହ ନଗଦ ଟଙ୍କା ନେଇଗଲେ ଦୁର୍ବୃତ୍ତ

ରାତି ପ୍ରାୟ ୯ ରୁ ୧୧ ଘଣ୍ଟା ମଧ୍ୟରେ ଦୁର୍ବୃତ୍ତମାନେ ଘରେ ପଶି ଡକାୟତି କରି ଫେରାର ହୋଇଯାଇଥିଲେ। ଘର ଲୋକେ ରାତି ପ୍ରାୟ ୧୨ଟା ପାଖାପାଖି ଫେରିବା ପରେ ଘରେ ଚୋରି ଡକାୟତି ହୋଇଥିବା ଦେଖି କୋକସରା ପୋଲିସକୁ ଅଭିଯୋଗ କରିବା ପରେ ରାତିରେ ପୋଲିସ ଆସି ପାରିପାର୍ଶ୍ୱିକ ଅବସ୍ଥା ଅନୁଧ୍ୟାନ କରି ଫେରିଥିଲେ। ଶନିବାର କୋକସରା ପୋଲିସ ପକ୍ଷରୁ ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ସହାୟତାରେ ଘଟଣାର ତଦନ୍ତ ଆରମ୍ଭ ହୋଇଛି। କୋକସରା ଥାନାରେ ଏକ ମାମଲା (ନଂ.୭୦/୨୦୨୪) ରୁଜୁ ହୋଇଛି। ତଦନ୍ତ ଚାଲିଥିବା ନେଇ ତଦନ୍ତକାରୀ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି।

# କେରଳ ଶ୍ରମ କମିଶନରଙ୍କୁ ରିପୋର୍ଟ ତଲବ କଲେ ଏନ୍ଏଚ୍ଆରସି

ଭବାନୀପାଟଣା,୨୩।୩ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ଯୁଗସାଇପାଟଣା ପଞ୍ଚାୟତ ଟିଟିଖୋଲା ଗ୍ରାମର ଅଜିତ ମାଝି (୨୨) କେରଳ ରାଜ୍ୟ କନ୍ନୁର ଜିଲା ଏଡିୟର ଗ୍ରାମରେ ଥିବା ମାଲବାର କମ୍ପାନୀରେ କୋଠା ନିର୍ମାଣ କାମରେ ନିୟୋଜିତ ଥିବା ସମୟରେ ୧୧ ମହଲା କୋଠା ଛାତରୁ ଖସିପଡ଼ି ମୃତ୍ୟୁବରଣ କରିଥିଲେ।

ଏହି ଘଟଣାରେ ଜାତୀୟ ମାନବ ଅଧିକାର କମିଶନ(ଏନ୍ଏଚଆରସି) ୪ ସପ୍ତାହ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରିବା ପାଇଁ କେରଳ ରାଜ୍ୟର ଶ୍ରମ କମିଶନର ଓ କନ୍ନୁର ନଗର ପୋଲିସ କମିଶନରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ

### ଦାଦନ ଶ୍ରମିକ ଅଜିତ ମାଝି ମୃତ୍ୟୁଘଟଣା

ଯେ, ଗତ ୧୧ ନଭେମ୍ବର ୨୦୨୩ ରେ ଅଜିତ ମାଲବାର କମ୍ପାନୀର ନିର୍ମାଣାଧୀନ ୧୧ ମହଲା କୋଠା ଛାତରୁ ଖସିପଡି ଗୁରୁତର ହୋଇଥିଲେ। ପରେ ନିକଟସ୍ଥ ଡାକ୍ତରଖାନାରେ ଚିକିତ୍ସା ପାଇଁ ତାଙ୍କୁ ଭର୍ତ୍ତି କରାଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ଉକ୍ତ ଦିନ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ବିଷୟ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ମାନବ ଅଧିକାର କର୍ମୀ ଦିଲ୍ଲୀପ କୁମାର ଦାସ, ଜାତୀୟ ମାନବ ଅଧିକାର କମିଶନଙ୍କ ନିକଟରେ ଅଭିଯୋଗ ଦାଖଲ କରି ଅଜିତ ମାଝିଙ୍କ ପରିବାରକୁ କ୍ଷତିପୂରଣ ଓ ମାଲବାର କମ୍ପାନୀ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିବେଦନ କରିଥିଲେ। କମିଶନ ଏକ ମାମଲା ନମ୍ବର ୨୫ତାରିଖ ୧୧।୦୨।୨୦୨୪ ଭାବରେ ପଞ୍ଜିକରଣ କରି ଶୁକ୍ରବାର ଶୁଣାଣି କରିଥିଲେ। ଏହି ଶୁଣାଣିରେ ଉପରୋକ୍ତ ଦୁଇ ଅଧିକାରୀଙ୍କୁ ରିପୋର୍ଟ ତଲବ କରିଛନ୍ତି। ୪ ସପ୍ତାହ ମଧ୍ୟରେ ରିପୋର୍ଟ ନ ମିଳିଲେ ମାନବ ଅଧିକାର ସୁରକ୍ଷା ଆଇନ ୧୯୯୩ ର ଧାରା ୧୩ ଅନୁଯାୟୀ ଉଭୟ ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କମିଶନ ତାଗିଦ କରିଛନ୍ତି।

# ୨୦୨୪ ନିର୍ବାଚନୀ ଗ୍ୟାରେଣ୍ଟି ଦେଲା କଂଗ୍ରେସ

ବଲାଙ୍ଗୀର,୨୨।୩(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ବିଧାୟକ ତଥା ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ର ସ୍ଥାନୀୟ ସ୍ଥାନୀୟ ଏକ ହୋଟେଲରେ ଖବରଦାତା ସମ୍ମିଳନୀରେ କଂଗ୍ରେସର ୨୦୨୪ ନିର୍ବାଚନୀ ଇସ୍ତାହାର ବା ଗ୍ୟାରେଣ୍ଟି ସମ୍ପର୍କର ସୂଚନା ଦେଇଥିଲେ। ବିଧାୟକ ମିଶ୍ର କହିଥିଲେ ଯେ, ଚଳିତ ନିର୍ବାଚନରେ କଂଗ୍ରେସ ସରକାରକୁ ଆସିଲେ ଧାନ କୁଇଣ୍ଟାଲ ଦଳ ୩ ହଜାର ଟଙ୍କାକୁ ବୃଦ୍ଧି କରିବେ। ଏହାସହିତ କୃଷିରଣ ମାଫ ଏବଂ ଚାଷୀଙ୍କୁ ୨ ହଜାର ଟଙ୍କାର ପେନସନ ଦିଆଯିବାର ବ୍ୟବସ୍ଥା କରାଯିବ। ଏଭଳିକି ୨୦୦ ୟୁନିଟ ପର୍ଯ୍ୟନ୍ତ ବିଜୁଳି ବିଲ୍ ଫ୍ରି କରାଯିବ। ରାଜ୍ୟରେ ୫ ଲକ୍ଷ ଯୁବକଙ୍କୁ ନିଯୁକ୍ତି ପ୍ରଦାନ କରାଯିବ ଓ ଯୁବକ ବେକାର ଥିଲେ ସେମାନଙ୍କୁ ମାସିକ ୩ ହଜାର ଟଙ୍କାର ବେକାରୀ ଭତ୍ତା ଦିଆଯିବ। ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ସମସ୍ତ ଋଣ ମାଫ କରାଯିବ। ଦଳ ସରକାରକୁ ଆସିଲେ ଗୃହଲକ୍ଷ୍ମୀ ଯୋଜନା ମାଧ୍ୟମରେ ଗୃହର ମହିଳା ମୁଖିଆଙ୍କୁ ୨ ହଜାର ଟଙ୍କାର ପେନସନ, ମାସିକ ଗୋଟିଏ ରନ୍ଧନ ଗ୍ୟାସ ସିଲିଣ୍ଡର ମାତ୍ର ୫୦୦ ଟଙ୍କାରେ ପ୍ରଦାନ କରାଯିବ। ପ୍ରତ୍ୟେକ ବର୍ଗର ଲୋକ ୨୫ ଲକ୍ଷ ଟଙ୍କାର ଦେୟମୁକ୍ତ ଚିକିତ୍ସା ପାଇପାରିବେ। ବାର୍ଦ୍ଧକ୍ୟ ଭତ୍ତା, ବିକଳାଙ୍ଗ ଏବଂ ବିଧବା ଭତ୍ତାକୁ ୨ ହଜାର ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯିବ, ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ଅନଗ୍ରସର ବର୍ଗଙ୍କୁ ୨୭ ପ୍ରତିଶତ ପର୍ଯ୍ୟନ୍ତ ସଂରକ୍ଷଣ ପ୍ରଦାନ କରାଯିବ। ମହିଳା ମାନଙ୍କ ସକାଶେ ସ୍ୱତନ୍ତ୍ର ଗୃହଲକ୍ଷ୍ମୀ ଯୋଜନା କରାଯିବ ଯେଉଁଥିରେ ଘର ମୁଖ୍ୟ ମହିଳାଙ୍କୁ ୨ ହଜାର ଟଙ୍କା ଦିଆଯିବ ବୋଲି ବିଧାୟକ ମିଶ୍ର କହିଥିଲେ। ଖବରଦାତା ସମ୍ମିଳନୀରେ ଜିଲା ଉପସଭାପତି ମନୀଷ ମିଶ୍ର, ସନ୍ତକ ବହିଦାର, ଜିଲା ମୁଖପାତ୍ର ଅଜୟ ବାଲି ଏବଂ ନଗର ସଭାପତି ବୁଲୁ ଦାନି ମଞ୍ଚାସୀନ ଥିଲେ।

# ପ୍ରଗତି ମହାବିଦ୍ୟାଳୟରେ ରକ୍ତଦାନ ଶିବିର

ଭବାନୀପାଟଣା,୨୩।୩ (ଉତ୍ତମ କୁମାର ଦାଶ)




ଅନୁଷ୍ଠିତ ରକ୍ତଦାନ ଶିବିରରେ ସ୍ୱେଚ୍ଛାସେବୀ ଓ କର୍ମକର୍ତ୍ତା।

କଳାହାଣ୍ଡି ଜିଲା ଭବାନୀପାଟଣା ସହରସ୍ଥିତ ପ୍ରଗତି ମହାବିଦ୍ୟାଳୟରେ ଶନିବାର ଶହୀଦଙ୍କ ବଳିଦାନ ଦିବସ ପାଳନ ଅବସରରେ ଏକ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଗତି ମହାବିଦ୍ୟାଳୟର ଏନସିସି, ଏନଏସ୍ଏସ୍, ଯୁବ ରେଡକ୍ରସ ଓ ରେଡ ରିବନ କ୍ଲବର ସ୍ୱେଚ୍ଛାସେବୀମାନଙ୍କ ସହଯୋଗରେ ପ୍ରଗତି ଶିକ୍ଷାନୁଷ୍ଠାନର ସମସ୍ତ ଅଧ୍ୟାପକ ଅଧ୍ୟାପିକା, ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ଅଭିଭାବିକା, ଛାତ୍ରୀଛାତ୍ର ତଥା ଅଣଶୈକ୍ଷିକ କର୍ମଚାରୀ ପ୍ରମୁଖ ରକ୍ତଦାନ କରିଥିଲେ। ପ୍ରଗତି ଶିକ୍ଷାନୁଷ୍ଠାନର ମୁଖ୍ୟ ଇଂ. ଅଜୟ କୁମାର ପଣ୍ଡା, ପ୍ରଗତି ମହାବିଦ୍ୟାଳୟର ଅଧ୍ୟକ୍ଷ ତାପସ ପାରିମାଣିକ, ଗଭର୍ଣ୍ଣିଂବଡି ପ୍ରେସିଡେଣ୍ଟ ଲକ୍ଷ୍ମୀକାନ୍ତ ବେହେରା, ମିଳିତ ପଞ୍ଚାୟତ କଲେଜ ନର୍ଲା ଅଧ୍ୟକ୍ଷ ସୁଧୀର କୁମାର ପଣ୍ଡା, ଯୁବ ରେଡକ୍ରସର କାଉନସିଲର ଡ. ଗୋକୁଳାନନ୍ଦ ଛତ୍ରିଆ

### ୯୫ ୟୁନିଟ୍ ରକ୍ତ ସଂଗ୍ରହ

ପ୍ରଥମେ ରକ୍ତ ଦାନ କରି ରକ୍ତଦାନ ପ୍ରକ୍ରିୟାକୁ ଆରମ୍ଭ କରିଥିଲେ। କଳାହାଣ୍ଡି ସିଡିଏମ୍ଓ ଡ.ନିହାରେନ୍ଦ୍ର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏହି ରକ୍ତଦାନ ଶିବିରରେ ସମୁଦାୟ ୯୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ଏହି ରକ୍ତଦାନ ଶିବିରରେ ବ୍ଲଡ଼ବ୍ୟାଙ୍କ ଅଫିସର ଡ. ଜୟନ୍ତୀବାଳା ନାୟକ ସହଯୋଗ କରିଥିଲେ। ମିଳିତ ପଞ୍ଚାୟତ କଲେଜ ନର୍ଲା ଅଧ୍ୟକ୍ଷ ସୁଧୀର କୁମାର ପଣ୍ଡା, ଗଭର୍ଣ୍ଣିଂ ବଡିର ସଦସ୍ୟ ଅବଦୁଲ କାଦି ଖାଁ ଯୋଗଦାନ ପୂର୍ବକ ରକ୍ତଦାନ ମହତ ଦାନ ବୋଲି ମତପ୍ରକାଶ କରିବା ସହିତ ଆୟୋଜକମାନଙ୍କୁ ପ୍ରଶଂସା କରିଥିଲେ। ବିଗତ ଦିନମାନଙ୍କ ଭଳି ପ୍ରଗତି ଶିକ୍ଷାନୁଷ୍ଠାନ ଆଗାମୀ ଦିନମାନଙ୍କରେ ମଧ୍ୟ ସମାଜ ସେବା କ୍ଷେତ୍ରରେ ନିଜକୁ ନିୟୋଜିତ ରଖିଥିବ ବୋଲି ପ୍ରଗତି ଶିକ୍ଷାନୁଷ୍ଠାନର ମୁଖ୍ୟ ଇଂ ଅଜୟ କୁମାର ପଣ୍ଡା ମତ ପ୍ରକାଶ କରିଥିଲେ।

# ଦୋଳ ଉତ୍ସବ ପାଇଁ ରାଧାକୃଷ୍ଣ ବିଗ୍ରହ ନେଲେ ଚିଲିଗୁଡ଼ା ଗ୍ରାମବାସୀ



ଭବ୍ୟ ଶୋଭାଯାତ୍ରାରେ ରାଧାକୃଷ୍ଣ ବିଗ୍ରହ ନିଆଯାଉଛି।

କୋକସରା,୨୩।୩(ଦୁଷ୍ମନ୍ତ କୁମାର ପାଟଯୋଷୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଚିଲିଗୁଡା ଶ୍ରୀ ରାଧାକୃଷ୍ଣ ଯାଦବ ସମାଜ ପକ୍ଷରୁ ଦୋଳପୂର୍ଣ୍ଣିମା ଉତ୍ସବ ଶନିବାରଠାରୁ ମଙ୍ଗଳବାର ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି। ଏଥିପାଇଁ ଶନିବାର ଚିଲିଗୁଡା ରାଧାକୃଷ୍ଣ ଯାଦବ ସମାଜ ପକ୍ଷରୁ କୋକସରା ଜଗନ୍ନାଥ ମନ୍ଦିରରୁ ରାଧାକୃଷ୍ଣଙ୍କ ପ୍ରତିମାକୁ ଏକ ଭବ୍ୟ ଶୋଭାଯାତ୍ରାରେ ଶହଶହ ଶ୍ରଦ୍ଧାଳୁ ବାଟବରଣ କରି ଚିଲିଗୁଡା ଅଭିମୁଖେ ନେଇ ଯାଇଛନ୍ତି। ଏହି ଅବସରରେ ଜଗନ୍ନାଥ ମନ୍ଦିର ପୂଜକ ପ୍ରଦୀପ ପାଟଯୋଷୀ ରାଧାକୃଷ୍ଣଙ୍କ ବିଗ୍ରହକୁ ପୂଜାର୍ଚ୍ଚନା ପରେ ଚିଲିଗୁଡା ଗ୍ରାମ ସୁରେଶ ତାଣ୍ଡି ଓ ପୂଜକ ଉତ୍ତମ ପଣ୍ଡାଙ୍କୁ ସମର୍ପଣ କରିଥିଲେ। କମିଟି ପକ୍ଷରୁ ପ୍ରକାଶ ଗୋପାଳ, ସନ୍ତୋଷ ତାଣ୍ଡି, ରାକେଶ ବେମାଲ, ଧନେଶ୍ୱର ଗୋପାଳ, ଜୟକୃଷ୍ଣ ତାଣ୍ଡି, ଅଭିମନ୍ୟୁ ଗୋପାଳ, କାଳିକୃଷ୍ଣ ବାଗ, ଚକ୍ରଧର ପୁଞ୍ଜି, ବିଦ୍ୟାଧର ଗହୀର, ବିନୋଦ ବିହାରୀ ରାଉତ, ହୃଷିକେଶ ରାଉତ ସମେତ ଚିଲିଗୁଡା ଯାଦବ ସମାଜର ଶତାଧିକ ଲୋକ ଉପସ୍ଥିତ ଥିଲେ।

# କଂଗ୍ରେସ କ୍ଷମତାକୁ ଆସିଲେ କୃଷି ଋଣ ଛାଡ଼

ନୂଆପଡ଼ା,୨୩।୩(ମକାରୁ ବେମାଲ)

କଂଗ୍ରେସ କ୍ଷମତାକୁ ଆସିଲେ କୃଷି ଋଣ ଛାଡ଼ ସହ ଗ୍ୟାରେଣ୍ଟି ପୂରଣ କରିବ ବୋଲି ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଶରତ ପଟ୍ଟନାୟକ କହିଛନ୍ତି। ଶନିବାର ନୂଆପଡ଼ାରେ ଜାତୀୟ କଂଗ୍ରେସ କମିଟି ପକ୍ଷରୁ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ ଏଥିରେ ଯୋଗଦେଇ ଆହୁରି କହିଥିଲେ, ରାଜ୍ୟରେ ୨୪ ବର୍ଷର ବିଜେଡି ଓ କେନ୍ଦ୍ରରେ ୯ ବର୍ଷର ଭାଜପା ସରକାର ଥାଇ ଯେଉଁଟା କରିପାରିଲେ ନାହିଁ, କଂଗ୍ରେସ ସରକାର ଆସିଲେ ୬ ମାସରେ କରି ଦେଖାଇ ଦେବ। କଂଗ୍ରେସ କ୍ଷମତାକୁ ଆସିଲେ ଗ୍ୟାରେଣ୍ଟି ପୂରଣ କରିବ। ସେଗୁଡ଼ିକ ହେଉଛି କୃଷି ଋଣ ଛାଡ, କୃଷକ ପାଇଁ ମାସିକ ଭତ୍ତା ୨ ହଜାର, ବୋନସ ସହ ଧାନର କୁଇଣ୍ଟାଲ ପ୍ରତି ୩ ହଜାର, ପ୍ରତ୍ୟେକ ଘରେ ୨ ଶହ ୟୁନିଟ ବିଦ୍ୟୁତ୍ ଦେୟ ଛାଡ, ୫ ଲକ୍ଷ ଯୁବତୀଯୁବକଙ୍କୁ ନିଯୁକ୍ତି, ବେକାରି ଭତ୍ତା ୩ ହଜାର ଟଙ୍କା, ସମସ୍ତ ସ୍ୱୟଂ ସହାୟକ ମହିଳା ଗୋଷ୍ଠୀଙ୍କ ଋଣ ଛାଡ, ଗୃହଲକ୍ଷ୍ମୀ ଯୋଜନାରେ ପ୍ରତି ପରିବାରର ମୁଖ୍ୟ ମହିଳାଙ୍କୁ ୨ ହଜାର ଟଙ୍କା ମାସିକ ଭତ୍ତା, ୫ ଶହ ଟଙ୍କାରେ ଗ୍ୟାସ ସିଲିଣ୍ଡର, ସରକାରୀ କର୍ମଚାରୀ ସମେତ ସମସ୍ତଙ୍କ ପାଇଁ ୨୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା, ସରକାର ଆସିବାର ଶହେ ଦିନ ଭିତରେ ଜାତି ଜନଗଣନା,ପଛୁଆ ବର୍ଗଙ୍କୁ ତତ୍କାଳ ୨୭% ସଂରକ୍ଷଣ ସୁବିଧା, ଚିଟଫଣ୍ଡ ଦ୍ୱାରା ପ୍ରଭାବିତ ହୋଇଥିବା ଜମାକାରୀମାନଙ୍କୁ ୬ ମାସ ମଧ୍ୟରେ ଟଙ୍କା ଫେରସ୍ତ ସହ କୃଷକବନ୍ଧୁ ଯୋଜନା, ଗୃହଲକ୍ଷ୍ମୀ, ଗୃହଜ୍ୟୋତି, ବିକାଶ, ଜନକଲ୍ୟାଣକାରୀ ଯୋଜନାମାନ କରି ଲୋକଙ୍କୁ ସୁବିଧା ଯୋଗାଇ ଦିଆଯିବ। ଖବରଦାତା ସମ୍ମିଳନୀରେ ପ୍ରଦେଶ କଂଗ୍ରେସ କମିଟି କୋଷାଧ୍ୟକ୍ଷ ତଥା ନୂଆପଡା ଜିଲା ପର୍ଯ୍ୟବେକ୍ଷକ ସନ୍ତୋଷ ସିଂ ସାଲୁଜା, ଜିଲା କଂଗ୍ରେସ କମିଟି ସଭାପତି ସୁରେଶ କୁମାର ଆଜାଦ, ସମ୍ପାଦକ ଅଭୟ ଶଙ୍କର ଯୋଶୀ, ଦେବଦତ୍ତ ଦୀକ୍ଷିତ ପ୍ରମୁଖ ଉପସ୍ଥିତ ଥିଲେ।




ପିସିସି ସଭାପତି ଶରତ ପଟ୍ଟନାୟକ ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

# କୁଆପଥର ମାଡ଼ରେ ପରିବା, ଡାଲିଜାତୀୟ ଫସଲ କ୍ଷତି

ବେହେରା,୨୩।୩(ଭୁପେଶ ତିୱାରୀ)

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ବେହେରା ଗ୍ରାମ ପଞ୍ଚାୟତସ୍ଥ ଦଲସର୍ଗି ଗ୍ରାମରେ କାଳବୈଶାଖୀ ସହ କୁଆପଥର ମାଡ଼ରେ ପନିପରିବା ଓ ଡାଲିଜାତୀୟ ଫସଲ କ୍ଷୟକ୍ଷତି ହୋଇଥିବା ଅଭିଯୋଗ ହୋଇଥିଲା। ଶନିବାର ବିଭାଗୀୟ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରି କ୍ଷୟକ୍ଷତି ଆକଳନ କରିଥିଲେ। ପ୍ରାୟ ୩୦ରୁ ଅଧିକ ଏକର ଚାଷ ଜମିରେ ଭେଣ୍ଡି ସହ ଅନ୍ୟାନ୍ୟ ପନିପରିବା ତଥା ଡାଲିଜାତୀୟ ଚାଷ କରାଯାଇଥିବାବେଳେ ଲଗାତାର ବର୍ଷା ହେବାରୁ ପାଣି ଜମିଯାଇ ଫସଲ ନଷ୍ଟ ହୋଇଛି। ଚାଷୀମାନେ ହଜାର ହଜାର ଟଙ୍କା କ୍ଷତି ସହୁଥିବା ପ୍ରକାଶ କରିଥିଲେ। ପନିପରିବା ଚାଷ ହିଁ ପେଟପାଟଣାର ଏକମାତ୍ର ପନ୍ଥା ହୋଇଥିବା ବେଳେ ଅଦିନିଆ କୁଆପଥର ବର୍ଷା ସେମାନଙ୍କ ଅକ୍ଳାନ୍ତ ପରିଶ୍ରମ ସହ ବର୍ଷକର ଆୟକୁ ଉଜାଡି ଦେଇଛି ବୋଲି ପରିଦର୍ଶନକାରୀ ଅଧିକାରୀଙ୍କ ଆଗରେ ଗୁହାରି



ବିଭାଗୀୟ ଅଧିକାରୀ କ୍ଷେତ୍ର ପରିଦର୍ଶନ କରୁଛନ୍ତି।

### କ୍ଷେତ୍ର ପରିଦର୍ଶନ କଲେ ବିଭାଗୀୟ ଅଧିକାରୀ

କରିଥିଲେ। ସତ୍ୟାନନ୍ଦ କାଣ୍ଡ, ରୁକ୍ମଣ ପୂଝାରୀ, ଶଙ୍କର ହଂସ, ଗଞ୍ଜୁ ହଂସ, ପ୍ରେମ କାଣ୍ଡ, ଜିମୁତ କାଣ୍ଡ, ଲଛମନ କାଣ୍ଡ, କପୁର କାଣ୍ଡ, ଗଙ୍ଗା କାଣ୍ଡ, ଭାସ୍କର କାଣ୍ଡ, ଶ୍ରୀହରି କାଣ୍ଡ, ତ୍ରିନାଥ କାଣ୍ଡ, ହିମାଞ୍ଚଳ କାଣ୍ଡ, ରତ୍ନାକର କାଣ୍ଡ, ଚମ୍ପେଶ୍ୱର କାଣ୍ଡ, ଗଣେଶ କାଣ୍ଡ, ପର୍ଶୁରାମ କାଣ୍ଡ ସମେତ ୫୦ରୁ ଅଧିକ ଚାଷୀଙ୍କ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଅଭିଯୋଗ କରିଛନ୍ତି। ଏ ବିଷୟରେ ଧର୍ମଗଡ଼ ଅତିରିକ୍ତ କୃଷି ଅଧିକାରୀ କମଳେସ ଶବର, ବିଟିଏମ ଦେବାଶିଷ ଚାନ୍ଦଙ୍କୁ ଅବଗତ କଲା ପରେ କୃଷି ବିଭାଗରୁ ବେହେରା ଭିଏଡବ୍ଲୁ ସରୋଜିନୀ ମେହେର ଓ ବେହେରା ଆର୍ଆଇ ଜିତେନ୍ଦ୍ର ନାଏକ ମିଳିତ ଭାବରେ କ୍ଷେତ୍ର ପରିଦର୍ଶନ ପାଇଁ ଆସି ଚାଷୀଙ୍କ ସହ ଆଲୋଚନା ପୂର୍ବକ କ୍ଷୟକ୍ଷତି ଆକଳନ କରିଥିଲେ। କ୍ଷତିଗ୍ରସ୍ତ ଚାଷୀଙ୍କ ଉପଯୁକ୍ତ କ୍ଷତିପୂରଣ କରାଯିବ ବୋଲି ପ୍ରକାଶ କରିଥିଲେ।

## ସଂକ୍ଷେପରେ

### ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆରମ୍ଭ

ବରପାଲି, ୨୩।୩(ଚିତ୍ତରଞ୍ଜନ ସାହୁ): ବରଗଡ ଜିଲା ବରପାଲି ବ୍ଲକ ଖେମେଶରା ଗ୍ରାମରେ ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ଉତ୍ସବ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିନରେ କଳସ ଶୋଭାଯାତ୍ରା ହୋଇଥିଲା। ବିରାଟ ଶୋଭାଯାତ୍ରାରେ ଘଣ୍ଟବାଦ୍ୟ ଦୁଲୁଦୁଲି ବାଜା ସହ ଶ୍ରଦ୍ଧାଳୁମାନେ ଜଳପୂର୍ଣ୍ଣ କଳସ ଧରି ଗ୍ରାମ ପରିକ୍ରମା କରିଥିଲେ। ସ୍ଥାନୀୟ ସରପଞ୍ଚ ରାଜୀବ ସାହୁ କଳସ ଶୋଭାଯାତ୍ରାକୁ ସ୍ୱାଗତ କରିଥିଲେ। ଗ୍ରାମର ଫିରୋଜ କୁମାର ପ୍ରଧାନ ଓ ସ୍ତ୍ରୀ ବୀଣାପାଣି ପ୍ରଧାନ କର୍ତ୍ତା ଦାୟିତ୍ୱ ନିର୍ବାହ କରୁଛନ୍ତି। ଉଜାଗର ସାହୁ, ପ୍ରମୋଦ ବିଶି, ଆଲୋକ ବିଶି, ରାତ୍ର ପ୍ରଧାନ ମଧ୍ୟ ସସ୍ତ୍ରୀକ କର୍ତ୍ତା ରହିଛନ୍ତି। ରମେଶ କୁମାର ପୁରୋହିତ ମୁଖ୍ୟ ପୁରୋହିତ ରହିଥିବା ବେଳେ ବିଜ୍ଞାନ କୁମାର ପୁଝାରୀ, ବାଳଗୋପାଳ ପୁରୋହିତ ଓ ଲକ୍ଷ୍ମଣ ମହାପାତ୍ର ସହଯୋଗ କରୁଛନ୍ତି।

### କେଜରିୱାଲଙ୍କ ଗିରଫଦାରିକୁ ବିରୋଧ

ସରଣ୍ଡା, ୨୩।୩(ଯୁଧିଷ୍ଠିର ମହାପାତ୍ର): ବରଗଡ଼ ଜିଲା ଅତାବିରା ତହସିଲ ଛକରେ ଶନିବାର ରାତି ୮ଟା ସମୟରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କ ଗିରଫଦାରିକୁ ଅତାବିରା ଆମ୍ ଆଦ୍ମୀ ପାର୍ଟି ତରଫରୁ ବିରୋଧ ପ୍ରଦର୍ଶନ କରାଯାଇଛି। ଏହି ସମୟରେ ଅତାବିରା ନିର୍ବାଚନ ମଣ୍ଡଳୀ ସଭାପତି ଜୟକ୍ରିଷ୍ଣା ଛୁରିଆ, ବ୍ଲକ ସଭାପତି ଯଦୁମଣି ପ୍ରଧାନ, ଜିଲା ସୋସିଆଲ ମିଡିଆ ପ୍ରଭାରୀ ସୁବଳ କହରା, ଜିଲା ସଭାପତି ଭବାନୀ ପ୍ରସାଦ ସାହୁ, ରାଜ୍ୟ ସଭ୍ୟ ଅମିତାଭ ପାତ୍ର, ଗୌତମ ମହାନନ୍ଦ, ନରୋତ୍ତମ ପଣ୍ଡା, ସୂର୍ଯ୍ୟ ଭୋଇ, ସୁବଳ ପ୍ରଧାନ, ଗଜେନ୍ଦ୍ର ବାଗ, ଦେବେନ୍ଦ୍ର ଗର୍ଡିଆ, ସାମନ୍ତ ଭୋଇ, ସୁରଜିତ, ଆଦିତ୍ୟ ପ୍ରମୁଖ କର୍ମୀ ଯୋଗ ଦେଇଥିଲେ।

### ଚର୍ଦାପାଲି ଲୋକ ମହୋତ୍ସବ ଉଦ୍‌ଯାପିତ

ପଦ୍ମପୁର ୨୩।୩ (ପ୍ରଦୀପ୍ତ ଦାଶ): ପଦ୍ମପୁର ଉପଖଣ୍ଡ ଚର୍ଦାପାଲି ମହିମା ମଣ୍ଡପରେ ପ୍ରଥମ ଲୋକ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଅରକ୍ଷିତ ପ୍ରଧାନ ଓ ରମେଶ ଚନ୍ଦ୍ର ବାରିକଙ୍କ ସଂଯୋଜନାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ପାରମ୍ପରିକ ନୃତ୍ୟକଳା ପରିବେଷଣ କରାଯାଇଥିଲା। ଉଦ୍‌ଘାଟନୀ ଉତ୍ସବରେ ଛତିଶଗଡ ସରେଇପାଲି ବିଧାୟିକା ଚାତୁରୀ ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଉଦ୍‌ଘାଟନ କରିଥିଲେ। ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ ଲୋକ ମହୋତ୍ସବକୁ ଉଦ୍‌ଯାପନ କରିଥିଲେ। ଟଙ୍କଧର ସାହୁ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁ, ସରପଞ୍ଚ ଉପାସୀ ନାଏକ, ସମିତି ସଭ୍ୟ ଅଶୋକ ପ୍ରଧାନ, ସରୋଜ ସାମଲ, ଚୁନା ଡନସନା, ଭୀଷ୍ମଦେବ ସାହୁ, ରାମଲାଲ ପଟେଲ, ଗୌନ୍ତିଆ ଅଶୋକ ବେହେରା, ଗୋବର୍ଦ୍ଧନ ଅଗ୍ରୱାଲ, ଡା. ଲମ୍ବୋଦର ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ମୌସୁମୀ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିବା ବେଳେ ଝୁମି ଓ ଗ୍ଲୋରୀ ନୃତ୍ୟ ପରିବେଷଣ କରିଥିଲେ। ଚିତ୍ତରଞ୍ଜନ ଡନସନାଙ୍କୁ ସେବାଶ୍ରୀ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟତମ ଉଦ୍ୟୋକ୍ତା ଡୋଲାମଣି ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

# ଯେଉଁଠି ଓବିସି, ସେଇଠି ଭୋଟ୍

**ଖବରଦାତା ସମ୍ମିଳନୀରେ ଓବିସି ମଞ୍ଚର ସୂଚନା**

ବରଗଡ଼, ୨୩।୩(ପ୍ରେମାନନ୍ଦ ଖମାରୀ)



ଖବରଦାତା ସମ୍ମିଳନୀରେ ଓବିସି ମଞ୍ଚର କର୍ମକର୍ତ୍ତାବୃନ୍ଦ ।

ରାଜ୍ୟ ଏବଂ କେନ୍ଦ୍ର ସରକାର ପଛୁଆ ବର୍ଗ(ଓବିସି)ଙ୍କ ପ୍ରତି ଅନ୍ୟାୟ କରି ଚାଲିଛନ୍ତି। ଉଭୟ ସରକାର ଓବିସିଙ୍କୁ ହତାଦର କରୁଛନ୍ତି। ଶିକ୍ଷା, ଚାକିରି, ରାଜନୀତି ସବୁକ୍ଷେତ୍ରରେ ଓବିସିଙ୍କୁ ଅଣଦେଖା କରାଯାଉଛି ବୋଲି ଶନିବାର ବରଗଡ଼ ସାମ୍ବାଦିକ ସଂଘ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଓଡ଼ିଶା ଓବିସି ମଞ୍ଚର ଆବାହକ ଶଙ୍କର ପାତ୍ର ଅଭିଯୋଗ କରିଛନ୍ତି। ସେ ଏଭଳି ଅଭିଯୋଗ କରି ସବୁ ରାଜନୈତିକ ଦଳକୁ ଚେତାଇ ଦେଇ କହିଛନ୍ତି, ଆଗାମୀ ସାଧାରଣ ନିର୍ବାଚନରେ ଯେଉଁଠି ଓବିସିଙ୍କୁ ଗୁରୁତ୍ୱ ଦିଆଯାଇ ନାହିଁ, ସେଠାରେ ସେମାନଙ୍କ ପ୍ରାର୍ଥୀ ସପକ୍ଷରେ ଓବିସିମାନେ ଭୋଟ୍ ଦେବେନାହିଁ। ଫଳରେ ଓବିସିଙ୍କୁ ପ୍ରାଥମିକତା ଉପରେ ନିର୍ବାଚନୀ ଇସ୍ତାହାରରେ ସ୍ଥାନିତ କରିବାକୁ ପାତ୍ର ସବୁ ରାଜନୈତିକ ଦଳକୁ ଆହ୍ୱାନ ଦେଇଛନ୍ତି ।

ସେ କହିଥିଲେ, ରାଜ୍ୟରେ ୫୨ପ୍ରତିଶତ ଓବିସି ଅଛନ୍ତି। ତେବେ ଏହି ହାରରେ ରାଜ୍ୟରେ ୭୬ ବିଧାୟକ ଏବଂ ୧୧ ସାଂସଦ ଓବିସି ବର୍ଗର ହେବା କଥା। ତାହା ନ ହେଲେ ମଧ୍ୟ ଓବିସିଙ୍କୁ ୨୭ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ହାରରେ ରାଜ୍ୟରେ ୪୦ ବିଧାୟକ ଏବଂ ୬ ସାଂସଦ ଓବିସି ବର୍ଗର ହେବା ବିଧେୟ। ମାତ୍ର ନିର୍ବାଚନ କ୍ଷେତ୍ରରେ ଏହା ଶୂନ୍ୟ ହୋଇ ପଡ଼ିଛି। ରାଜ୍ୟର ବିଜେଡ଼ି ଏବଂ କେନ୍ଦ୍ରର ଭାଜପା ସରକାର ଏଥିପ୍ରତି ଚୁପ୍ ବସିଥିବାବେଳେ ବିରୋଧୀ ଦଳଗୁଡ଼ିକ ମଧ୍ୟ ଏଥିପ୍ରତି ନୀରବ ସାଜିବା ଦୁର୍ଭାଗ୍ୟଜନକ ବୋଲ ସେ କହିଥିଲେ। ଅପରପକ୍ଷେ ଅନ୍ୟ ବର୍ଗକୁ ସୁଯୋଗ ଦିଆଯାଉଛି ବୋଲି ପାତ୍ର ଅଭିଯୋଗ କରିଥିଲେ। ଆଗାମୀ ସାଧାରଣ ନିର୍ବାଚନରେ ଓବିସିଙ୍କ ପ୍ରତି ଏଭଳି ଅବିଚାର କରାଗଲେ ଭୋଟ୍ ମାଧ୍ୟମରେ ଏହାର ଜବାବ ଦିଆଯବ ବୋଲି ସେ କହିଛନ୍ତି। ଖବରଦାତା ସମ୍ମିଳନୀରେ ଓବିସି ମଞ୍ଚର ଆବାହକ ଭବାନୀ ଶଙ୍କର ପ୍ରଧାନ, ଅଧ୍ୟାପକ ଟେକଚାନ୍ଦ ଦୁଆନ ପ୍ରମୁଖ ଉପସ୍ଥିତ ଥିଲେ।

# ବନାଗ୍ନି ପ୍ରଶମନ ସଚେତନତା କର୍ମଶାଳା

ପାଇକମାଳ, ୨୩।୩(ବଡ଼ ଶତପଥୀ)

ବରଗଡ ଜିଲା ପାଇକମାଳ ବିନ୍ଧ୍ୟବାସିନୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ନୃସିଂହନାଥ ଏସ୍ଏସ୍‌ଡି ହାଇସ୍କୁଲରେ ବନାଗ୍ନି ପ୍ରଶମନ କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜନକଲ୍ୟାଣ ସେବା ଟ୍ରଷ୍ଟର ପ୍ରତିଷ୍ଠାତା ସଭାପତି ମୁକୁନ୍ଦ ଦାଶ ମୁଖ୍ୟଅତିଥି, ନେଚର ବ୍ଲେସିଂ ଟ୍ରଷ୍ଟ, ପାଟଣାଗଡ଼ର ସଭାପତି ଡ. ସୁଜିତ କୁମାର ଶତପଥୀ, ପ୍ରକୃତିବନ୍ଧୁ ବଡ଼ ଶତପଥୀ, ବିଭୂତି ମୁଣ୍ଡ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗ୍ରୀଷ୍ମ ଋତୁରେ ଜଙ୍ଗଲରେ ନିଆଁ ଲାଗିବାରୁ ରକ୍ଷା କରିବାକୁ ମତପ୍ରକାଶ କରିଥିଲେ। ଉଭୟ ଅନୁଷ୍ଠାନର ଅଧ୍ୟକ୍ଷ ଶ୍ୟାମଲାଲ ପ୍ରଧାନ ଏବଂ ପ୍ରଧାନ ଶିକ୍ଷୟିତ୍ରୀ ମୋହିନୀ ଦଳପତି ପରିବେଶ ସୁରକ୍ଷା ବିଷୟରେ ବୁଝାଇ ଲୋକମାନଙ୍କୁ ଜଙ୍ଗଲ ନିଆଁ ରୋକିବା ଏବଂ ପ୍ରକୃତିର ସୁରକ୍ଷା ପାଇଁ ବୁଝାଇଥିଲେ। ଏହି ଅବସରରେ ବିଭୂତି ମୁଣ୍ଡ, ବଡ଼ ଶତପଥୀ, ସ୍ନେହଲତା ଯାଦବ, ଶ୍ୟାମଲାଲ ପ୍ରଧାନ, ସୁରଥ ସାହୁଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ କିଶୋର ମିର୍ଦ୍ଧା, ଶତୋ ମିଶ୍ର, ଅନିତା ସାହୁ, ଶିକ୍ଷୟିତ୍ରୀ ଶିକ୍ଷକମାନେ ସହଯୋଗ କରିଥିଲେ। ଶିଶୁ କଳାକାର ଲକ୍ଷ୍ମୀପ୍ରିୟା ମିର୍ଦ୍ଧା ନୃତ୍ୟ ପରିବେଷଣ କରିଥିଲେ। ଡ଼ ସୁଜିତ କୁମାର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।


କର୍ମଶାଳାରେ ଉପସ୍ଥିତ ଛାତ୍ରୀଛାତ୍ରଗଣ।

# ନିର୍ବାଚନ ପରିଚାଳନା ପାଇଁ ପ୍ରଶିକ୍ଷଣ



ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଅଧିକାରୀବୃନ୍ଦ ।

ବରଗଡ଼, ୨୩।୩(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଆଦିତ୍ୟ ଗୋଏଲଙ୍କ ନେତୃତ୍ୱରେ ବରଗଡ଼ ଲୋକସଭା ଏବଂ ପଦ୍ମପୁର, ବିଜେପୁର, ବରଗଡ଼, ଅତାବିରା ଏବଂ ଭଟଲି ବିଧାନସଭା ଆସନ ପାଇଁ ହେବାକୁ ଥିବା ସାଧାରଣ ନିର୍ବାଚନକୁ ଶୃଙ୍ଖଳିତ, ତ୍ରୁଟିହୀନ ଏବଂ ନିରପେକ୍ଷ ଭାବେ କରିବା ପାଇଁ ଶନିବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ସମସ୍ତ ରିଟର୍ନିଂ ଅଧିକାରୀ ଏବଂ ସହଯୋଗୀ ଅଧିକାରୀଙ୍କୁ ନେଇ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ତଥା ବରଗଡ଼ ଲୋକସଭା ରିଟର୍ନିଂ ଅଧିକାରୀ ଗୋଏଲଙ୍କ ସମେତ ଅନ୍ୟ ୫ ବିଧାନସଭାର ରିଟର୍ନିଂ ଅଧିକାରୀ, ଅତିରିକ୍ତ ଜିଲାପାଳ ମହେନ୍ଦ୍ର ମହାପାତ୍ର, ମଧୁଛନ୍ଦା ସାହୁ, ବରଗଡ଼ ଉପଜିଲାପାଳ କୁମାର ନାଗଭୂଷଣ, ପଦ୍ମପୁର ଉପଜିଲାପାଳ ଆଲୋକ କୁମାର ପଟେଲ ଶିବିରରେ ଉପସ୍ଥିତ ଥିଲେ। ଶିବିରରେ ବରଗଡ଼ ଉପଜିଲାପାଳ ନାଗଭୂଷଣ, ଡେପୁଟି କଲେକ୍ଟର ଅଭିଳାଷ ପୁରୋହିତ, ପ୍ରଜ୍ଞାନନ୍ଦ ଗିରି, ଏଚ୍ଆର୍ଏମ୍ଏସ୍ ଜିଲା ସଂଯୋଜକ ଶ୍ରୀକାନ୍ତ ତ୍ରିପାଠୀ ମାଷ୍ଟର ଟ୍ରେନର ଭାବେ ନାମାଙ୍କନ ଓ ପ୍ରାର୍ଥୀପତ୍ରର ଠିକ୍ ଯାଞ୍ଚ ପ୍ରକ୍ରିୟା, ପ୍ରାର୍ଥୀପତ୍ର ପ୍ରତ୍ୟାହାର, ପ୍ରତୀକ ବଣ୍ଟନ ପ୍ରକ୍ରିୟା, ଡାକ ବାଲାଟ୍, ଭୋଟର ସୁବିଧା କେନ୍ଦ୍ରର ସୁପରିଚାଳନା, ଇଭିଏମ୍ ପରିଚାଳନା ଉପରେ ଗୁରୁତ୍ୱପୂର୍ଣ୍ଣ ତାଲିମ ପ୍ରଦାନ କରିଥିଲେ ।

### ରକ୍ତଦାନ ଶିବିର

ବୌଦ୍ଧ, ୨୩।୩( ଅଜିତ କୁମାର ବାରିକ)

ଶନିବାର ଦିନ ଶହୀଦ ଦିବସ ଅବସରରେ ବୌଦ୍ଧ ରକ୍ତଦାତା ଓ ପ୍ରବର୍ତ୍ତକ ସଂଘ ପକ୍ଷରୁ ବ୍ଲଡ ବ୍ୟାଙ୍କ ପରିସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ଜାତୀୟ ଯୁବ କୋଡିନେଟର ମଧୁସୁଦନ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଇଂ ସଞ୍ଜୟ କୁମାର ପଣ୍ଡା, ଶଶାଙ୍କ ଶେଖର ମିଶ୍ର ଯୋଗ ଦେଇଥିଲେ । ୧୫ ଜଣ ସ୍ୱେଚ୍ଛାସେବୀ ରକ୍ତଦାନ କରିଥିଲେ । ରକ୍ତ ଭଣ୍ଡାରର ଡା. ବିକେଆରସି ହେମ୍ରମ , କର୍ମଚାରୀ ଚର୍ତଭୁଜ ବାରିକ, ସେବଦତ୍ତ କିଷାନ ରକ୍ତ ସଂଗ୍ରହ କରିଥିଲେ । ଆଗକୁ ଜିଲାରେ ଯେପରି ରକ୍ତର ଅଭାବ ରହିବ ନାହିଁ ସେ ନେଇ ଆଲୋଚନା ହୋଇଥିଲା । ରକ୍ତଦାତା ଓ ପ୍ରବର୍ତ୍ତକ ସଂଘ ସଭାପତି ପ୍ରବୀର ଦାସ, ସମ୍ପାଦକ ଦେବାଶିଷ ପୁରୋହିତ, ଜୟନାରାୟଣ ମିଶ୍ର, ଏ. ମହାକୁଡ, ପ୍ରତ୍ୟୁଷ ଦାନୀ ପରିଚାଳନା କରିଥିଲେ ।

# ରକ୍ତଦାନ ଶିବିର, ୧୦୫ ୟୁନିଟ୍ ସଂଗ୍ରହ

ସୋହେଲା, ୨୩।୩(ଅଶ୍ୱିନୀ କୁମାର ପାତ୍ର)

ସୋହେଲା ଜୟ ଦୁର୍ଗା ଆସୋସିଏଶନ ପକ୍ଷରୁ ଶହୀଦ ଦିବସ ଉପଲକ୍ଷେ ଏକ ମେଗା ରକ୍ତଦାନ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୧୨ ଜଣ ମହିଳାଙ୍କ ସମେତ ମୋଟ ୧୦୫ ଜଣ ରକ୍ତଦାନ କରିଥିଲେ। ବୁର୍ଲା ଏବଂ ବରଗଡ଼ ରକ୍ତଭଣ୍ଡାରର ଡାକ୍ତର ଏବଂ କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ। ବରଗଡ଼ ରକ୍ତ ଭଣ୍ଡାରକୁ ୪୦ ୟୁନିଟ ଏବଂ ବୁର୍ଲାକୁ ୬୫ ୟୁନିଟ ରକ୍ତ ପଠାଯାଇଥିଲା। ସୋହେଲା ସବ୍‌ଜେଲ ଜେଲର ସସ୍ମିତା ଅଞ୍ଜନା ଲାକ୍ରା ଏବଂ ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା ଅତିଥି ଭାବେ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଜୟ ଦୁର୍ଗା ଆସୋସିଏଶନ ସଭାପତି ସଞ୍ଜୟ କାଣ୍ଡ, ଉପସଭାପତି କୁଳମଣି ଭଞ୍ଜ, ସମ୍ପାଦକ ରୁଦ୍ର ପ୍ରତାପ ସାହୁ, ସହ ସମ୍ପାଦକ ଗୌରବ ଗୁପ୍ତା, ଶିବ ଶଙ୍କର ମଟାରି, ଜିତେନ୍ଦ୍ର ସାହୁ, ଚିନ୍ମୟ ସାହୁ, ସୁଜିତ ପାତ୍ର, ମିତେଶ ଅଗ୍ରୱାଲ, ରାହୁଲ ଗୁପ୍ତା, ଋତୁରାଜ ସାହୁ, ତନ୍ମୟ ସାହୁ ପ୍ରମୁଖ ଶିବିର ପରିଚାଳନା କରିଥିଲେ।



ଜଣେ ରକ୍ତଦାତାଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଉଛି।

# ଫୁଟବଲ: ମହୁଲପାଲି ପଞ୍ଚାୟତ ଚାମ୍ପିୟନ

ଭେଡ଼େନ, ୨୩।୩ (ସୁଦନ ମହାକୁର)

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ଗଣ୍ଡତୁରୁମ ହାଇସ୍କୁଲ ଖେଳ ପଡ଼ିଆଠାରେ ଶନିବାର ଅନୁଷ୍ଠିତ ବ୍ଲକସ୍ତରୀୟ ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟରେ ମହୁଲପାଲି ପଞ୍ଚାୟତ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ୍‌ରେ ମହୁଲପାଲି ପଞ୍ଚାୟତ ଅର୍ଜୁଣ୍ଡା ପଞ୍ଚାୟତକୁ ୧-୦ ଗୋଲରେ ହରାଇ ଏହି ଆଖ୍ୟା ଅର୍ଜନ କରିଛି। ସେମି ଫାଇନାଲରେ ଯଥାକ୍ରମେ ମହୁଲପାଲି ଲୁପୁରସିଂହାକୁ ୨-୦ ଏବଂ ଅର୍ଜୁଣ୍ଡା ଟାଇବ୍ରେକର ଜରିଆରେ ଭେଡ଼େନ ଦଳକୁ ପରାସ୍ତ କରି ଫାଇନାଲକୁ ପ୍ରବେଶ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟ ଅତିଥି, ଜିଲା ପରିଷଦ ସଭ୍ୟା ପିଙ୍କି ବଢେଇ, ରକ୍ଷୁଡ଼ା ସରପଞ୍ଚ ସୁରେନ୍ଦ୍ର କର୍ମୀ, ସ୍ଥାନୀୟ ଭାରପ୍ରାପ୍ତ ସରପଞ୍ଚ ଅହଲ୍ୟା ସେଟ, ଜୟଦେବ କାଣ୍ଡ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ଉପ ବିଜେତା ଦଳକୁ ପୁରସ୍କୃତ କରିଥିଲେ। ଟିକୁ ବଡ଼ପଣ୍ଡା, ନୀଳରଞ୍ଜନ ପଣ୍ଡା, ଜୟକୁମାର ଭୋଇ, ପ୍ରଦୀପ୍ତ ସେଟ ଖେଳ ପରିଚାଳନା କରିଥିଲେ। ଗଣ୍ଡତୁରୁମ ମା’ ବାଉତି ଏଫ୍‌ସିର ସଦସ୍ୟମାନେ ସହଯୋଗ କରିଥିଲେ ।


ଅତିଥିମାନଙ୍କ ଗହଣରେ ଉପସ୍ଥିତ ଖେଳାଳି।

### ସାମାଜିକ କର୍ମୀ କମଳ ବାବାଙ୍କ ପରଲୋକ

ବୌଦ୍ଧ, ୨୩।୩ (ଅଜିତ କୁମାର ବାରିକ)

ବୌଦ୍ଧ ନୂଆସାହିର ଜଣାଶୁଣା ସାମାଜିକ କର୍ମୀ କମଳ କୁମାର ଦଳେଇ(୫୭)ଙ୍କ ଶନିବାର ଦିନ ପରଲୋକ ହୋଇଯାଇଛି। ସେ ଜଣେ ପରୋପକାରୀ, ସ୍ନେହୀ ଓ ଦରଦୀ ମଣିଷ ଥିଲେ। ତାଙ୍କର ବେଶଭୂଷା ଯୋଗୁ ସେ ବୌଦ୍ଧ ସହରରେ କମଳ ବାବା ନାମରେ ପରିଚିତ ଥିଲେ। ଦୀର୍ଘଦିନ ହେଲା ପାକସ୍ଥଳୀ ଜନିତ ରୋଗରେ ପୀଡିତ ହୋଇ ଶଯ୍ୟାଶାୟୀ ଥିଲେ । ତାଙ୍କ ପରଲୋକ ଖବର ପାଇ ବୌଦ୍ଧ ପୌର ପରିଷଦର ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ରଙ୍କ ସମେତ ବହୁ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ । ରାମଜାଙ୍ଗି ନିକଟସ୍ଥ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା । କମଳଙ୍କ ପୁତୁରା ଅଂଶୁମାନ ଦଳେଇ ମୁଖାଗ୍ନି ଦେଇଥିଲେ। କମଳ ବାବା ବିବାହ କରି ନ ଥିବା ବେଳେ ସେ ଜିଲା କ୍ରିକେଟ ସଂଘର ଆଜୀବନ ସଦସ୍ୟ ଥିଲେ ।

# ଗୋଡ଼ଭଗାରେ ଶହୀଦ ଦିବସ ପାଳନ

ସରଣ୍ଡା, ୨୩।୩(ଯୁଧିଷ୍ଠିର ମହାପାତ୍ର)

ଅତାବିରା ବ୍ଲକ ଗୋଡଭଗାର ମା ଦୁର୍ଗା କମିଟି ସଭାପତି କୁଳମଣି ପ୍ରଧାନଙ୍କ ସଭାପତିତ୍ୱରେ ସ୍ଥାନୀୟ ଦୁର୍ଗା ମଣ୍ଡପଠାରେ ଶନିବାର ସନ୍ଧ୍ୟାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ କର୍ମକର୍ତ୍ତାମାନେ ଶହୀଦମାନଙ୍କ ତୈଳଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଲାୟନ୍ସ କ୍ଲବର ସଦସ୍ୟମାନେ ଉପସ୍ଥିତ ଥିଲେ। ସୁରେଶ ଦାଶ, ରମେଶ ଅଗ୍ରୱାଲ, ଅନିରୁଦ୍ଧ ଖମାରୀ, ବିଭୁ ମହାନ୍ତି, ସତୀଶ ଦାଶ, ଅଶ୍ୱିନୀ ପ୍ରଧାନ, ପ୍ରେମରାଜ ପ୍ରଧାନ, ଦିବାକର ପ୍ରଧାନ, ବେଦବ୍ୟାସ ଶେଠ, ଶିବା ବହିଦାର, ଆଶିଷ ଶର୍ମା, ବ୍ରିଜେଶ ମିତ୍ତଲ, ପ୍ରଦୀପ କର୍ଣ୍ଣ, ପ୍ରଦୀପ ପ୍ରଧାନ, ମନୋଜ ଶର୍ମା, ଅଜୟ ବାଙ୍କା, ବୀରେନ ଆଦାବର, ସୁବର୍ଣ୍ଣ ମେହେର, ସୁଶାନ୍ତ ପ୍ରଧାନ ପ୍ରମୁଖ ଶହୀଦଙ୍କ ସ୍ମୃତିଚାରଣ କରିଥିଲେ। ଦେବବ୍ରତ ରଥ ଧନ୍ୟବାଦ ଅର୍ପଣ କରିଥିଲେ।



ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

### କଂଗ୍ରେସର ଗ୍ୟାରେଣ୍ଟି ଘୋଷଣା


ପଦ୍ମପୁର କଂଗ୍ରେସ ଭବନରେ ଉପସ୍ଥିତ କର୍ମକର୍ତ୍ତା।

ପଦ୍ମପୁର, ୨୩।୩(ପ୍ରଦୀପ୍ତ ଦାଶ)

ପଦ୍ମପୁର କଂଗ୍ରେସ ଭବନରେ ଜିଲା ସଭାପତି ହରଦୀପ ସିଂଙ୍କ ଅଧ୍ୟକ୍ଷତାରେ ପଦ୍ମପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ନେତାମାନଙ୍କୁ ନେଇ ଏକ ଉଚ୍ଚସ୍ତରୀୟ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲା ମହିଳା ସଭାନେତ୍ରୀ ମୌସୁମୀ ସାହୁ, ଆଦିବାସୀ ସେଲ୍ ସଭାପତି ଗଜରାଜ ପୁଟା, ସଂଖ୍ୟାଲଘୁ ସେଲ୍ ସଭାପତି ମୁଜାଫର ହୁସେନ, ଉପସଭାପତି ଟଙ୍କଧର ସାହୁ, ସମ୍ପାଦିକା ସୁଧା ସାହୁ, ଯୁବ କଂଗ୍ରେସ ସଭାପତି ବିକାଶ ବହିଦାର, ଗୌନ୍ତିଆ କୁମାର ସାହୁ, ସନ୍ତୋଷ ଶତପଥୀ, ଗଜାନନ ଶର୍ମା, ପ୍ରଭାତ ବାରିକ ଉପସ୍ଥିତ ରହି ବିଜେଡି ଓ ଭାଜପା ଶାସନ ଉପରେ ବର୍ଷିଥିଲେ। ଏହି ଅବସରରେ ରାଜ୍ୟ କଂଗ୍ରେସ ଜାରି କରିଥିବା ଗ୍ୟାରେଣ୍ଟି ଉପରେ ଆଲୋଚନା କରିଥିଲେ ।

# ଶାସକ ଉପରେ ବର୍ଷିଲା କଂଗ୍ରେସ

ବରଗଡ଼, ୨୩।୩(ପ୍ରେମାନନ୍ଦ ଖମାରୀ)



ଜିଲା କଂଗ୍ରେସ ପକ୍ଷରୁ ଗ୍ୟାରେଣ୍ଟି କାର୍ଡ ଉନ୍ମୋଚନ କରାଯାଉଛି ।

କଂଗ୍ରେସ ଶାସନ କାଳରେ ବରଗଡ଼ ଜିଲା ସମେତ ରାଜ୍ୟରେ ବିଭିନ୍ନ ଶିଳ୍ପାନୁଷ୍ଠାନ ଗଢ଼ି ଉଠିଥିଲା। ସ୍ଥାନୀୟ ଅନେକ ଲୋକେ କର୍ମନିଯୁକ୍ତି ମଧ ପାଉଥିଲେ। ମାତ୍ର ରାଜ୍ୟରେ ବିଜେଡ଼ି ଏବଂ କେନ୍ଦ୍ରରେ ଭାଜପା ନେତୃତ୍ୱାଧୀନ ସରକାର ଚାଲିବା ପରେ ଶିଳ୍ପାନୁଷ୍ଠାନଗୁଡ଼ିକ ଲୋପ ପାଉଥିବାବେଳେ ବେକାରୀ ହାର ମଧ୍ୟ ବଢ଼ି ଚାଲିଛି ବୋଲି ଶନିବାର ବରଗଡ଼ର ଏକ ହୋଟେଲ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଜିଲା କଂଗ୍ରେସ ଅଭିଯୋଗ କରିଛି । ଏହାସହିତ ଏଭଳି ଅପାରଗତା ନେଇ କଂଗ୍ରେସ ନେତୃବୃନ୍ଦ ରାଜ୍ୟର ବିଜେଡ଼ି ଏବଂ କେନ୍ଦ୍ରର ଭାଜପା ସରକାରକୁ କଡ଼ା ସମାଲୋଚନା କରିଥିଲେ।

ସେହିପରି ଖବରଦାତା ସମ୍ମିଳନୀରେ ଆଗାମୀ ସାଧାରଣ ନିର୍ବାଚନ ପାଇଁ କଂଗ୍ରେସ ଦଳ ପକ୍ଷରୁ ପ୍ରସ୍ତୁତ ଗ୍ୟାରେଣ୍ଟି କାର୍ଡ଼ ଉନ୍ମୋଚନ କରାଯାଇଥିଲା। ଏହି ଗ୍ୟାରେଣ୍ଟି କାର୍ଡ ଉପରେ ଜିଲା କଂଗ୍ରେସ ସଭାପତି ହରଦୀପ ସିଂ ସୂଚନା ଦେଇଥିଲେ। ସେ କହିଥିଲେ, କଂଗ୍ରେସ ଶାସନକୁ ଆସିଲେ ଗୃହଜ୍ୟୋତି ଯୋଜନା ଲାଗୁ କରିବ। ଏହି ଯୋଜନାରେ ପ୍ରତି ପରିବାରକୁ ୨୦୦ ୟୁନିଟ୍ ଲେଖାଏଁ ବିଦ୍ୟୁତ୍ ଛାଡ଼ ହେବ। ସେହିପରି କୃଷକ ବନ୍ଧୁ ଯୋଜନାରେ ବୋନସ ସହିତ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପ୍ରତି ୩ହଜାର ଟଙ୍କା, କୃଷିଋଣ ଛାଡ଼, କୃଷକଙ୍କ ପାଇଁ ମାସିକ ୨ହଜାର ଟଙ୍କା ପେନସନ, ଯୁବ ବିକାଶ ଯୋଜନାରେ ୫ଲକ୍ଷ ଯୁବତୀ, ଯୁବକଙ୍କୁ ନିଯୁକ୍ତି, ଚାକିର ପାଇବା ପର୍ଯ୍ୟନ୍ତ ବେକାରୀ ଭତ୍ତା ମାସିକ ୩ହଜାର ଟଙ୍କା ପ୍ରଦାନ କରାଯିବ। ସେହିପରି ଗୃହଲକ୍ଷ୍ମୀ ଯୋଜନାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଋଣଛାଡ଼, ମହିଳାମାନଙ୍କୁ ୨ହଜାର ଟଙ୍କାର ମାସିକ ଭତ୍ତା, ଅନୁସୂଚିତ ଜାତି, ଜନଜାତି ମହିଳାଙ୍କୁ ୩ହଜାର ଟଙ୍କା ଭତ୍ତା ପ୍ରଦାନ କରାଯିବ ବୋଲି ସେ ସୂଚନା ଦେଇଥିଲେ।

ଏହାସହିତ ପ୍ରତ୍ୟେକ ପରିବାରକୁ ମାସିକ ୫୦୦ ଟଙ୍କାରେ ରନ୍ଧନ ଗ୍ୟାସ ସିଲିଣ୍ଡର ଯୋଗାଣ ବ୍ୟବସ୍ଥା ରହିଥିବାବେଳେ ବିଭିନ୍ନ ଜନକଲ୍ୟାଣ ଯୋଜନାରେ ରାଜ୍ୟର ସମସ୍ତ ଜନସାଧାରଣଙ୍କୁ ୨୫ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା, ବାର୍ଦ୍ଧକ, ବିଧବା ଏବଂ ଦିବ୍ୟାଙ୍ଗ ଭତ୍ତା ମାସିକ ୨ହଜାର ଟଙ୍କା ପ୍ରଦାନ, ଚିଟ୍‌ଫଣ୍ଡ ପ୍ରଭାବିତ ଜମାକାରୀଙ୍କୁ ୬ମାସ ମଧ୍ୟରେ ସୁଧ ସହିତ ଜମାରାଶି ଫେରସ୍ତ, ଶିକ୍ଷାନୁଷ୍ଠାନ ଓ ଚାକିରି କ୍ଷେତ୍ରରେ ପଛୁଆ ବର୍ଗଙ୍କ ପାଇଁ ୨୭ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ଆଦି ଗ୍ୟାରେଣ୍ଟି ଉପରେ ସେ ସୂଚନା ଦେଇଥିଲେ। ସ୍ଥାନୀୟ ସମସ୍ୟା ଉପରେ କଂଗ୍ରେସ ଶାସନ ଅମଳରେ ପ୍ରତିଷ୍ଠିତ ବରଗଡ଼ ସମବାୟ ଚିନିକଳ, ସୂତାକଳ, ପାୱାର ଲୁମ୍ ଆଦି ଶିଳ୍ପାନୁଷ୍ଠାନ ଲାଭରେ ଚାଲୁଥିବା ସତ୍ତ୍ୱେ ବିଜେଡି ସରକାର ଶାସନକୁ ଆସିବା ପରେ ସେଗୁଡ଼ିକୁ ବନ୍ଦ କରି ଦିଆଯିବା ନେଇ ସିଂ ବିଜେଡ଼ି ସରକାର ଉପରେ ବର୍ଷିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତା ସରୋଜ ଷଡ଼ଙ୍ଗୀ, ରବି ପଣ୍ଡା, ପ୍ରତାପ ନାୟକ, ସୁଧିର ଜେନା, ଦୟାସାଗର ମେଣ୍ଡଲୀ, ଅନନ୍ତ ତାଣ୍ଡି, ବିଜୟାନନ୍ଦ ପଟ୍ଟନାୟକ, ମହମ୍ମଦ ମୁଜାଫର, ପ୍ରଦୀପ ବେହେରା, ସରୋଜ ଭୋଇ ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଷ୍ଟୋଭ ନିଆଁରେ ପୋଡ଼ି ମହିଳା ଗୁରୁତର

**ରାଉରକେଲା,୨୩।୩( ଦିନେଶ ମିଶ୍ର):** ଉଦିତନଗର ଥାନା ଅଧୀନ ଆମ୍ବେଡ଼କର ବସ୍ତିରେ ଷ୍ଟୋଭ ଫାଟିବାରୁ ଜଣେ ମହିଳା ଗୁରୁତର ହୋଇଛନ୍ତି। ସେ ହେଲେ ଲକ୍ଷ୍ମୀ ବଡାଇକ(୩୪)। ବାସନ୍ତୀ କଲୋନୀ ସ୍ଥିତ ଆମ୍ବେଦକର ବସ୍ତିର ଲକ୍ଷ୍ମୀ ଶନିବାର ସକାଳ ସାଢେ ୯ଟାରେ ଷ୍ଟୋଭ ଯୋଗେ ରୋଷେଇ କରୁଥିଲେ। ଏହି ସମୟରେ ହଠାତ୍ କୌଣସି କାରଣରୁ ଷ୍ଟୋଭଟି ଫାଟି ଯାଇଥିଲା। ଫଳରେ ଷ୍ଟୋଭ କିରୋସିନ ନିଆଁ ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ ଖେଳେଇ ହୋଇ ଯାଇଥିଲା। ମହିଳା ଜଣଙ୍କ ଚିତ୍କାର କରିବାରୁ ତାଙ୍କୁ ପରିବାର ଲୋକେ ଉଦ୍ଧାର କରି ଆରଜିଏଚ୍‌ରେ ଚିକିତ୍ସା ଲାଗି ଭର୍ତ୍ତି କରିଥିଲେ।

### ଚିନ୍ତା ବଢ଼ାଇଛି ଜଳବାୟୁ ପରିବର୍ତ୍ତନ

**ରାଉରକେଲା,୨୩।୩(ବିପ୍ଳବ ରଞ୍ଜନ ଦାଶ):** ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ବିଶ୍ୱ ଜଳ ଓ ପାଣିପାଗ ଦିବସ ପାଳିତ ହୋଇଛି। ମହାବିଦ୍ୟାଳୟର ଭୂଗୋଳ ଏବଂ ଭୂତତ୍ତ୍ୱ ବିଜ୍ଞାନ ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅଧକ୍ଷ ପ୍ରଫେସର ଡ. ବିଜୟ କୁମାର ବେହେରା ଅଧକ୍ଷତା କରିଥିଲେ। ଏଥିରେ ଏନ୍‌ଆଇଟିର ପୃଥିବୀ ଓ ବାୟୁମଣ୍ଡଳ ବିଜ୍ଞାନ ବିଭାଗର ପ୍ରଫେସର ନରେଶ କ୍ରୀଷ୍ଣା ଭିଷା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାମ୍ପ୍ରତିକ ସମୟରେ ଜଳବାୟୁ ପରିବର୍ତ୍ତନ ଓ ଜଳର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ବର୍ତ୍ତମାନ ସମୟରେ ବାରମ୍ବାର ଜଳବାୟୁ ପରିବର୍ତ୍ତନ ଯୋଗୁ ସାରା ବିଶ୍ୱବାସୀ ଚିନ୍ତାରେ ରହିଛନ୍ତି, ଯାହାର ଉଦାହରଣ ଆମେ ଗତ ସପ୍ତାହରେ ହୋଇଥିବା ଅସ୍ୱାଭାବିକ ପାଣିପାଗକୁ ନେଇପାରିବା ବୋଲି ଡ. ବେହେରା କହିଥିଲେ। ଭୂଗୋଳ ବିଭାଗର ମୁଖ୍ୟ ଅଜୟ କୁମାର ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ଭୂଗୋଳ ବିଭାଗର ଅଧ୍ୟାପିକା ମୋନାଲିସା ନାଥଙ୍କ ପରିଚାଳନାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଭୂତତ୍ତ୍ୱ ବିଜ୍ଞାନ ବିଭାଗର ମୁଖ୍ୟ ଡ. ସ୍ମୃତିସ୍ନିଗ୍ଧା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ଡ. ସନ୍ଦୀପ ଘୋଷ ଓ ଅଧ୍ୟାପିକା ସୋନାଲି ପାରମାଣିକ, ଅଧ୍ୟାପିକା ଡ. ସାନୁପ୍ରଭା ମହାପାତ୍ର, ଅଧ୍ୟାପିକା ଶିବାନୀ ଲେଙ୍କା ଏବଂ ଭାଗ୍ୟଶ୍ରୀ ନାୟକ ପ୍ରମୁଖ ସହଯୋଗ କରିଥିଲେ। ଏଥିରେ ମହାବିଦ୍ୟାଳୟର ବିଭିନ୍ନ ବିଭାଗର ଅଧ୍ୟାପିକା ଅଧ୍ୟାପକ ଏବଂ ବିଭିନ୍ନ ବର୍ଗର ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

### ଦାମୋଦର ରାଉତଙ୍କୁ ଶ୍ରଦ୍ଧାଞ୍ଜଳି

**ରାଉରକେଲା,୨୩।୩(ଦିନେଶ ମିଶ୍ର):** ବାସନ୍ତୀ କଲୋନିସ୍ଥିତ ଡିଏଭି ବସ୍‌ଷ୍ଟାଣ୍ଡ ନିକଟରେ ମା' ତାରିଣୀ ଶାନ୍ତି କମିଟି ପକ୍ଷରୁ ଶନିବାର ବରିଷ୍ଠ ରାଜନେତା ଓ ସମାଜସେବୀ ଡକ୍ଟର ଦାମୋଦର ରାଉତଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏହି ଅବସରରେ କମିଟିର କର୍ମକର୍ତ୍ତା ଉପସ୍ଥିତ ରହି ତାଙ୍କ ଆତ୍ମା ସଦ୍‌ଗତି ନିମନ୍ତେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା ସହ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। କମିଟି ସମ୍ପାଦକ କହରା ଜେନା, ବାସୁଦେବ ବରାଳ, ଅମୀୟ ପୋଥା, ମୁନି ମିଶ୍ର, କବିତା ଜେନା, ଟୁନୁ କର, ବିଦ୍ୟାଧର ବେହେରା, ଅରବିନ୍ଦ ମହାନ୍ତି, ପ୍ରମୋଦ ସିଂ, ଭ୍ରମରବର ଦାସ, ଶୁଶାନ୍ତ ବାରିକ, ସୁକାନ୍ତି ମଲ୍ଲିକ, ଭଞ୍ଜ ସିଂ, ଶୁଶାନ୍ତ ନାୟକ, ସଞ୍ଜୟ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ହିନ୍ଦୀ ନାଟକ 'ଦି ଜୁ ଷ୍ଟୋରି' ମଞ୍ଚସ୍ଥ

**ରାଉରକେଲା,୨୩।୩(ଦିନେଶ ମିଶ୍ର)**

ଛେଣ୍ଡସ୍ଥିତ ମ୍ୟୁଜିକ ସର୍କଲ ପରିସରରେ ରାଉରକେଲାର ଅଗ୍ରଣୀ ନାଟ୍ୟାନୁଷ୍ଠାନ ସମ୍ପର୍କ ପକ୍ଷରୁ ଆୟୋଜିତ ଜାତୀୟ ନାଟ୍ୟ ଦିବସ-୨୦୨୪ ସଭାପତି ସୁବ୍ରତା ପତିଙ୍କ ସଭାପତିତ୍ୱରେ ଶନିବାର ଉଦ୍‌ଘାଟିତ ହୋଇଛି। ଏହାକୁ ରାଉରକେଲା ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପ୍ରଫେସର ଡକ୍ଟର ସମର ମୁଦାଲୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ସମ୍ପର୍କ ନାଟ୍ୟାନୁଷ୍ଠାନ ଭାରତର ବିଭିନ୍ନ ସ୍ଥାନରେ ନାଟକ ମଞ୍ଚସ୍ଥ କରି ରାଉରକେଲାର କଳା ସଂସ୍କୃତିକୁ ପ୍ରଚାର ଓ ପ୍ରସାର କରିଥିବାରୁ ସମ୍ପର୍କର ସମସ୍ତ ସଦସ୍ୟ ଓ ସହରବାସୀଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଅବସରପ୍ରାପ୍ତ ସ୍ୱତନ୍ତ୍ର ଶାସନ ସଚିବ ଭରତ ଚନ୍ଦ୍ର ବେହେରା, ମନୋଜ ମହାନ୍ତି, ଆରଏସପିର ଅବସରପ୍ରାପ୍ତ ମହାପ୍ରବନ୍ଧକ ଇଞ୍ଜିନିୟର ଅଭୟ କୁମାର ଦାସ, ଓଡିଶା ନାଟ୍ୟ ସଂଘର ସମ୍ପାଦକ ଶୁଭକାନ୍ତ ପାଢୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ବିଶିଷ୍ଟ ଅଭିନେତା



ପରିବେଷିତ ନାଟକର ଏକ ଦୃଶ୍ୟ।

**ଜାତୀୟ ନାଟକ ମହୋତ୍ସବ ଉଦ୍‌ଘାଟିତ**

ସୁମନ ବୈଦ୍ୟ, ପ୍ରଡକସନ୍ ମ୍ୟାନେଜର ପରାଗ ଶର୍ମାଙ୍କୁ ସମ୍ପର୍କ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ଭାସ୍କର ଚନ୍ଦ୍ର ମହାପାତ୍ର ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିଥିଲେ।

ପରେ ନାଟକ ଉତ୍ସବର ପ୍ରଥମ ସନ୍ଧ୍ୟାରେ ନୂଆଦିଲ୍ଲୀ ସ୍ଥିତ ନାଟ୍ୟାନୁଷ୍ଠାନ ପଞ୍ଚକୋଶୀର କଳାକାରମାନଙ୍କ ଦ୍ୱାରା ହିନ୍ଦୀ ନାଟକ ' ଦି ଜୁ ଷ୍ଟୋରୀ' ମଞ୍ଚସ୍ଥ କରାଯାଇଥିଲା। ଆମେରିକାର ବିଶିଷ୍ଟ ନାଟ୍ୟକର ଏଡ୍‌ୱାର୍ଡ ଆଲବି ନାଟକର ରଚୟିତା ଥିବାବେଳେ ଏନ.ଏସ. ଡିଆନ ଉତ୍ପଳ ଝା ନିର୍ଦ୍ଦେଶନା ଦେଇଥିଲେ। ନାଟକରେ ଅଭିନେତାମାନଙ୍କ ସୁନ୍ଦର ଅଭିନୟ, ନିର୍ଦ୍ଦେଶକଙ୍କ ନିଖୁଣ ନିର୍ଦ୍ଦେଶନା ଓ ଉଚ୍ଚକୋଟୀର ଆଲୋକ ସମ୍ପାତ ଓ ସଙ୍ଗୀତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ପ୍ରଳୟ ଶତପଥୀ ମଞ୍ଚସଜ୍ଜା କରିଥିଲେ। ଆଜିର ସମାଜରେ ପ୍ରତ୍ୟେକ ମଣିଷ ବ୍ୟକ୍ତିକେନ୍ଦ୍ରିକ ହୋଇଯାଇଛନ୍ତି। ନିଜର ସୁଖସୁବିଧା ଛଡା ଆଉ କାହାର ଦୁଃଖ ଅସୁବିଧା ଶୁଣିବାକୁ ତାଙ୍କ ନିକଟରେ ସମୟ ନାହିଁ। ଏହି ପରିସ୍ଥିତିରେ ଦୁଇଜଣ ଅପରିଚିତ ବନ୍ଧୁ ଏକ ଚିଡିଆଖାନାରେ ପରସ୍ପର ନିଜ ନିଜର ଦୁଃଖ ସୁଖ ବାଣ୍ଟିବାରେ ଏକ ମନସ୍ତାତ୍ତ୍ୱିକ ଚିନ୍ତାଧାରା ନାଟକକୁ ସମୃଦ୍ଧ କରିଥିଲା। ବିଶେଷ କରି ସୁମନ ବୈଦ୍ୟ ଓ ପରାଗ ଶର୍ମାଙ୍କ ନିଖୁଣ ଅଭିନୟ ଉପସ୍ଥିତ ଦର୍ଶକଙ୍କୁ ଆକୃଷ୍ଟ କରିଥିଲା। ଉତ୍ସବରେ ଅନୀଲ ମଲ୍ଲିକ ମଞ୍ଚ ପରିଚାଳନା କରିଥିଲେ। ସଙ୍ଗଠନ ସମ୍ପାଦକ ସୁରେନ୍ଦ୍ର ପାଢୀ, ଅଶୋକ ବଳ, ତ୍ରିପତି ନାରାୟଣ ପତି, ସୁଦେଷ୍ଣାରାଣୀ ରାଉତ, ପୁଷ୍ପା ବିଶୋଇ, ସସ୍ମିତା ବେକ, ସୁରଭି ରଣା ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକାରୀ ସଭାପତି ବିଜୟ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଭଗତ ସିଂଙ୍କୁ ଅନୁକରଣ କରିବାକୁ ଆହ୍ୱାନ

**ରାଉରକେଲା,୨୩।୩( ଦିନେଶ ମିଶ୍ର)**

ରାଉରକେଲା ସହରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶହୀଦ ଭଗତ ସିଂଙ୍କ ୯୪ତମ ଶହୀଦ ଦିବସ ଶନିବାର ପାଳିତ ହୋଇଯାଇଛି। ଏହି ଅବସରରେ ଛେଣ୍ଡ କଲୋନୀ ସ୍ଥିତ ମୁଖ୍ୟ ମାର୍ଗରେ ଥିବା ଶହୀଦ ଭଗତ ସିଂଙ୍କ ପ୍ରତିମୂର୍ତ୍ତିରେ ଭାରତ ଗଣତାନ୍ତ୍ରିକ ଯୁବ ଫେଡେରୋନର ଜିଲା ସଭାପତି ଆଇନଜୀବୀ ରାଜକିଶୋର ପ୍ରଧାନଙ୍କ ତତ୍ତ୍ୱାବଧାନରେ ପୁଷ୍ପମାଲ୍ୟ ଅର୍ପଣ ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍ମୃତିକମିଟିର ଉପାଧ୍ୟକ୍ଷ ଚନ୍ଦ୍ରଭାନୁ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ସାଧାରଣ ସମ୍ପାଦକ ବିଶ୍ୱଜିତ ମାଝୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବରିଷ୍ଠ ଆଇନଜୀବୀ ସୁଜୟ କୁମାର ପାଣି, ସନ୍ତୋଷ ବିଶ୍ୱାଳ, ବିସ୍ମୟ ଦାସ, ସଦାନନ୍ଦ ସାହୁ, ଅଜୟ ଶର୍ମା, ଚନ୍ଦ୍ରମଣି ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଦି ମିରର ପକ୍ଷରୁ ସଭାପତି ବିଶ୍ୱଜିତ ରାଉତଙ୍କ ଅଧ୍ୟକ୍ଷତାରେ ଭଗତ ସିଂଙ୍କ ଶହୀଦ ଦିବସ ପାଳନ କରାଯାଇଥିଲା। ଅନୁଷ୍ଠାନର କର୍ମକର୍ତ୍ତା ଭଗତ ସିଂଙ୍କ ମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ସ୍ମୃତିଚାରଣ କରିଥିଲେ। ନୋବେଲ ଆସୋସିଏଶନ ପକ୍ଷରୁ ଶହୀଦ ଭଗତ ସିଂଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏଥିରେ କ୍ଲବର ପ୍ରତିଷ୍ଠାତା ସରୋଜ ବିଶ୍ୱାଳ ଉପସ୍ଥିତ ରହି ଭଗତ ସିଂଙ୍କ ଦେଶ ପ୍ରତି ଅବଦାନ ଓ ତାଙ୍କ ବୀରତ୍ୱରେ ଆଜିର ଯୁବ ସମାଜ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ସିଭିଲଟାଉନଶିପ୍ ଛକରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶହୀଦ ଭଗତ ସିଂଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଶ୍ରମିକ ସଙ୍ଗଠନ ସିଆଇଟିୟୁ ପକ୍ଷରୁ ରାଜ୍ୟ ଉପସଭାପତି ଜାହାଙ୍ଗୀର ଅଲ୍ଲୀ, ବିମାନ ମାଇତି, ଶ୍ରୀମନ୍ତ ବେହେରା, ସୁରେନ୍ଦ୍ର ଦାସଙ୍କ ଉପସ୍ଥିତିରେ ଶହୀଦ ଭଗତ ସିଂଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା।



ଶହୀଦ ଭଗତ ସିଂଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।

# ସହରର ଅସ୍ତିତ୍ୱ ମନେପକାଇବାର ଏକ ପ୍ରୟାସ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

**ରାଉରକେଲା,୨୩।୩( ଦିନେଶ ମିଶ୍ର)**

**ରାଉରକେଲା ଦିବସ ପାଳିତ**

ରାଉରକେଲା ସେକ୍ଟର-୧୭ ସ୍ଥିତ ପେଟ୍ରୋଲ ପମ୍ପ ପଛପଡିଆରେ କାନ୍‌ଭାସ୍ ରାଉରକେଲା ପକ୍ଷରୁ ସଭାପତି ହରିହର ରାଉତରାୟଙ୍କ ଅଧ୍ୟକ୍ଷତାରେ ଅଷ୍ଟମ ରାଉରକେଲା ଦିବସ-୨୦୨୪ ପାଳିତ ହୋଇଯାଇଛି। ଏହି ଉତ୍ସବରେ ଆରଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଉରକେଲା ହେଉଛି କଳା ଓ ସଂସ୍କୃତିର ସହର। କାନ୍‌ଭାସ ପକ୍ଷରୁ ଆୟୋଜିତ ଏହି ଦିବସ ରାଉରକେଲାର ଅସ୍ତିତ୍ୱକୁ ମନେପକାଇ ଥାଏ ବୋଲି ଭୌମିକ ମତପ୍ରକାଶ କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଆରଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକଙ୍କୁ 'ରାଉରକେଲା ଗୌରବ ସମ୍ମାନ' ଓ ଭରତ ଚନ୍ଦ୍ର ବାଇଙ୍କୁ 'ରାଉରକେଲା ରତ୍ନ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ସମାଜସେବୀ ଭବାନୀ କବି ଓ ମିନତୀ ଧଳସାମନ୍ତଙ୍କୁ ସେବା ସମ୍ମାନ ଓ କ୍ଲିନ ଏଣ୍ଡ ଗ୍ରୀନ୍ ଅନୁଷ୍ଠାନକୁ ରାଉରକେଲା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଅନୁଷ୍ଠାନ ପକ୍ଷରୁ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଗାୟକ ଶକ୍ତି ମିଶ୍ର, ଦୀପ୍ତିରେଖା, ଅର୍ଚ୍ଚନା ପାଢୀ, ସ୍ୱୟମ ପାଢୀ, ଶଙ୍କର ଧନ ଓ ଗୀତିକାର ପଞ୍ଚାନନ ନାୟକ ପ୍ରମୁଖ ଯୋଗ ଦେଇଥିଲେ। କଣ୍ଠଶିଳ୍ପୀ ଶକ୍ତି ମିଶ୍ରଙ୍କ ଲୋକପ୍ରିୟ ଗୀତ 'ବୟସ ରାଜପଥରେ, ମୋର ଭୂଗୋଳରେ ଭଲ ହେଉଥିଲା ସଙ୍ଗୀତ ସୁରେ ସୁରେ ଦର୍ଶକ ମତୁଆଲା ହୋଇଥିଲେ। ସିନେ ଜଗତର ହାସ୍ୟ ଅଭିନେତ୍ରୀ ଚାନ୍ଦିନୀଙ୍କ ହାସ୍ୟ କଥା ଦର୍ଶକଙ୍କୁ ବେଶ ଆକୃଷ୍ଟ କରିଥିଲା। ଏଥିରେ ସହରର ବହୁ କଳା, ସଂସ୍କୃତି ପ୍ରେମୀ ଓ ବୃଦ୍ଧିଜୀବୀ ଉପସ୍ଥିତ ଥିଲେ। ଆର୍‌ଜେ କେ.ପି ଓ ଜୟତୋସ୍ମା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କନଭେନର ସୁରେଶ ଚନ୍ଦ୍ର ପ୍ରଧାନ, ସମ୍ପାଦକ ପ୍ରଶାନ୍ତ କୁମାର ନାୟକ, କୋଷାଧ୍ୟକ୍ଷ ପ୍ରମୋଦ କୁମାର ସାମଲ, ରଞ୍ଜନ ନାୟକ, ପ୍ରଦ୍ୟୁଷ ସାହୁ, ଅଜିତ ନାୟକଙ୍କ ସହ କାନ୍‌ଭାସ୍‌ର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## ଦାମୋଦର ରାଉତଙ୍କ ବିୟୋଗରେ ଶୋକ

**ରାଉରକେଲା,୨୩।୩(ବିପ୍ଳବ ରଞ୍ଜନ ଦାଶ)**

ବର୍ଷୀୟାନ ନେତା ତଥା ପୂର୍ବତନ ମନ୍ତ୍ରୀ ଡାକ୍ତର ଦାମୋଦର ରାଉତଙ୍କ ବିୟୋଗରେ ସଚେତନ ନାଗରିକ ମଞ୍ଚ ତରଫରୁ ଶୋକ ପ୍ରକାଶ ପାଇଛି। ଏହି ଅବସରରେ ଛେଣ୍ଡ ସ୍ଥିତ କାର୍ଯ୍ୟାଳୟଠାରେ ମଞ୍ଚର ସଭାପତି ଇଂ. ବିମଳ କୁମାର ବିଶି ଓ ସାଧାରଣ ସମ୍ପାଦକ ପି. ପି. ରାୟଙ୍କ ଆବାହକତ୍ୱରେ ଆୟୋଜିତ ଶୋକ ସଭାରେ ବରିଷ୍ଠ କର୍ମକର୍ତ୍ତା ଜଗବନ୍ଧୁ ଜେନା, ଶଶଧର ପାତ୍ର, ଉପେନ୍ଦ୍ର କୁମାର ନାୟକ, ଅକ୍ଷୟ ଦାସ, ମୁଖପାତ୍ର କୁଞ୍ଜବିହାରୀ ରାଉତ, ରମେଶ ଚନ୍ଦ୍ର ମହାନ୍ତି, ରଘୁ ବଳ, ଅଭୟ ଦାସ, ବିଷ୍ଣୁ ଚରଣ ସାମଲ, ଚକ୍ରାନ୍ତ ଜେନା, ବିକ୍ରମ ଆଚାର୍ଯ୍ୟ, ଡା. ବସନ୍ତ ଦାସ, ଭଜହରି ଦାସ, ରମେଶ ସେଠୀ, ଜଗନ୍ନାଥ ରାଉତ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ରାଉତଙ୍କ ଜୀବନାଦର୍ଶ, ରାଜନୈତିକ ଜୀବନ ଉପରେ ଆଲୋଚନା କରି ତାଙ୍କୁ ବାସ୍ତବବାଦୀ ଜନନେତା, ବିଜେଡିର ଶକ୍ତିଶାଳୀ ତୁଣ୍ଡ ଭାବେ ଅବହିତ କରି ତାଙ୍କ ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ରାଉତଙ୍କ ବିୟୋଗ ରାଜ୍ୟ ରାଜନୀତିରେ ଅପୂରଣୀୟ କ୍ଷତି ବୋଲି ସାଧାରଣ ସମ୍ପାଦକ ରାୟ ତାଙ୍କ ବକ୍ତବ୍ୟରେ କହିଥିଲେ। ଦାମ ବାବୁଙ୍କ ବିୟୋଗରେ ରାଜ୍ୟ ଜଣେ ଦକ୍ଷ ବାଗ୍ମୀଙ୍କୁ ହରାଇଲା ବୋଲି ମୁଖପାତ୍ର ରାଉତ ମତ ଦେଇଥିଲେ।

# କଂଗ୍ରେସର ଗ୍ୟାରେଣ୍ଟି କାର୍ଡ ଉପସ୍ଥାପନ

**ରାଉରକେଲା,୨୩।୩(ସଙ୍ଗୀତା ଜେନା)**

ଚଳିତ ନିର୍ବାଚନରେ କଂଗ୍ରେସ ପକ୍ଷରୁ ଶନିବାର ଗ୍ୟାରେଣ୍ଟ କାର୍ଡ ଉପସ୍ଥାପନ କରାଯାଇଛି। ଏ ସମ୍ପର୍କରେ ସେକ୍ଟର-୨୧ ରାଉରକେଲା କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଡିସିସି ସଭାପତି ରବି ରାୟ, ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ପିସିସି ସାଧାରଣ ସମ୍ପାଦକ ବିରେନ ସେନାପତି, ଉପସଭାପତି ରାମପୁକାର ସିଂହ, ଅଶୋକ ନାୟାର, ଆଶିଷ ମହାନ୍ତି, ମିଡ଼ିଆ ସଂଯୋଜକ ନିହାର ଦାସ ପ୍ରମୁଖ ଉପସ୍ଥିତ ରହି କଂଗ୍ରେସର ଗ୍ୟାରେଣ୍ଟି କାର୍ଡ ଉପରେ ସୂଚନା ଦେଇଥିଲେ। ଏଥିରେ କୃଷକ, ଜନକଲ୍ୟାଣ, ମହିଳା, ଯୁବ ବିକାଶ, ବିଦ୍ୟୁତ ଆଦି ଉପରେ ଗୁରୁତ୍ୱ ଦିଆଯାଇଛି। ଚଳିତ ନିର୍ବାଚନରେ ଦଳ ବିଜୟୀ ହେଲେ ଗ୍ୟାରେଣ୍ଟି କାର୍ଡରେ ଉଲ୍ଲେଖ ଥିବା ପ୍ରତିଶ୍ରୁତି ପୂରଣ କରାଯିବ ବୋଲି ଦଳ ପକ୍ଷରୁ କୁହାଯାଇଛି। ଡିସିସି ସଭାପତି ରାୟ କହିଲେ, କୃଷକ ହେଉଛି ଦେଶ ଅର୍ଥନୀତିର ମେରୁଦଣ୍ଡ। ବୋନସ୍ ସହ ଧାନ ମୂଲ୍ୟ କୁଇଣ୍ଟାଲ ପ୍ରତି ୩ ହଜାର ଟଙ୍କା, କୃଷି ଋଣ ଛାଡ, କୃଷକ ପେନସନ୍ ୨ ହଜାର, ଗୃହଜ୍ୟୋତିରେ ଘରୋଇ ବିଦ୍ୟୁତ୍ ଉପଭୋକ୍ତାଙ୍କ ପାଇଁ ୨ଶହ ୟୁନିଟ୍ ବିଦ୍ୟୁତ୍ ଛାଡ, ଯୁବ ବିକାଶରେ ୫ଲକ୍ଷ ଯୁବତୀଯୁବକଙ୍କ ପାଇଁ ନିଯୁକ୍ତି ବ୍ୟବସ୍ଥା, ବେକାରୀ ଭତ୍ତା ମାସିକ ୩ ହଜାର, ଗୃହଲକ୍ଷୀରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ବ୍ୟାଙ୍କ ଋଣ ଛାଡ଼, ମହିଳାଙ୍କୁ ମାସିକ ୨ ହଜାର ଓ ଆଦିବାସୀ ଦଳିତ ମହିଳାଙ୍କୁ ୩ହଜାର ଭତ୍ତା, ୫ଶହ ଟଙ୍କାରେ ଗ୍ୟାସ ସିଲିଣ୍ଡର ଆଦି ଯୋଗାଇ ଦିଆଯିବ ବୋଲି ରାୟ କହିଥିଲେ।




ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଉଛି।

# ଡମ୍ଫର ଧକ୍କାରେ ବାଇକ୍ ଚାଳକ ମୃତ

**ରାଉରକେଲା,୨୩।୩(ସଙ୍ଗୀତା ଜେନା)**

ପ୍ଲାଣ୍ଟସାଇଟ୍ ଥାନା ଅଧୀନ ବିଶ୍ରା ଛକ ଭେଣ୍ଡିଂ ଜୋନ୍ ସମ୍ମୁଖରେ ଶନିବାର ସନ୍ଧ୍ୟାରେ ଏକ ଡମ୍ଫର ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଛି। ଏହି ଦୁର୍ଘଟଣାରେ ତାଙ୍କ ସ୍ତ୍ରୀ ସାମାନ୍ୟ ଆହତ ହୋଇଛନ୍ତି। ମୃତକ ଜଲଦା ଏ ବ୍ଲକ ଅଞ୍ଚଳର ବୋଲି ଜଣାପଡ଼ିଛି। ଜୋନ୍-୩ ଡିଏସ୍‌ପି ନିର୍ମଳ ମହାପାତ୍ର ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଫେରାର ଡମ୍ଫରକୁ ଧରିବା ପାଇଁ ଉଦ୍ୟମ ଚଳାଇଛନ୍ତି। ସୂଚନା ଅନୁସାରେ, ଜଲଦା ଅଞ୍ଚଳ ପଟୁ ଏକ ବାଇକ୍ (ନଂ.ଓଆର୍୧୪/୦୩୬୨୧)ରେ ଉକ୍ତ ଦମ୍ପତି ବନ୍ଧମୁଣ୍ଡା ଆଡକୁ ଯାଉଥିଲେ। ଅପରପାର୍ଶ୍ୱରୁ ଆସୁଥିବା ଉକ୍ତ ଡମ୍ଫର ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଉକ୍ତ ଦମ୍ପତି ଛିଟିକି ପଡ଼ିବା ପରେ ଚାଳକଙ୍କ ମୁଣ୍ଡରେ ଡମ୍ଫର ଚଢ଼ିଯାଇଥିଲା।

## ଆର୍‌ଏସ୍‌ପି କ୍ୱାର୍ଟରରେ ଅଗ୍ନିକାଣ୍ଡ

**ରାଉରକେଲା,୨୩।୩(ସଙ୍ଗୀତା ଜେନା)**

ସେକ୍ଟର-୧୬ ଅଞ୍ଚଳରେ ଥିବା ଆର୍‌ଏସ୍‌ପି କ୍ୱାର୍ଟରରେ ଶନିବାର ମଧ୍ୟାହ୍ନରେ ଅଗ୍ନିକାଣ୍ଡ ଘଟିଛି। ଘଟଣାସ୍ଥଳରେ ଇସ୍ପାତ କାରଖାନାର ଏକ ଦମକଳ ଗାଡ଼ି ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ତେବେ ଏଥିରେ କିଛି କ୍ଷୟକ୍ଷତି ହୋଇ ନ ଥିବା ଜଣାପଡ଼ିଛି।

# ଫୁଟ୍‌ବଲ ଟୁର୍ନାମେଣ୍ଟ, ଟିଚର୍ସ କଲୋନି ଚାମ୍ପିୟନ

**ରାଉରକେଲା,୨୩।୩(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲାର ଲେଡି ଲାୟନ ସଙ୍ଗଠନ ତରଫରୁ ଆୟୋଜିତ ପ୍ରଥମ ରୁରାଲ ଡେଭଲପମେଣ୍ଟ ନକ୍‌ଆଉଟ୍ ଫୁଟବଲ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ସେକ୍ଟର-୬ସ୍ଥିତ ଇସ୍ପାତ ଷ୍ଟାଡିୟମଠାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଆରଏସ୍‌ପି କାର୍ମିକ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସ୍. ଆର. ସୂର୍ଯ୍ୟବଂଶୀ ମୁଖ୍ୟ ଅତିଥି, ସମାଜସେବୀ ସୁନୀଲ କୟାଲ, ଜିତେନ୍ଦ୍ର ପ୍ରସାଦ, ପ୍ରଫୁଲ ସୁନାନୀ, ଖଦାଲ ସେଠି, ଫାଦର ବେନଚାନ ପିଟର, ପ୍ରଫୁଲ୍ଲ ପରିଜା, ସମିତ କଂସାରୀ, ନାରାୟଣ ବାରିକ, ସବିତା ଖାତୁନ, ଚେତନ କୁମାର ବାସୁଦେବ, ମମତା ପାଣିଗ୍ରାହୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ୩୨ଟି ଦଳକୁ ନେଇ ନକ୍‌ଆଉଟ ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍‌ରେ ଟିଚର୍ସ କଲୋନି ଟ୍ରାଇବ୍ରେକର ଶୁଟ୍‌ରେ ଏନ୍‌ଜେୱାଇଏସ୍ ଲାଇଙ୍ଗ ଗୃହକୁ ପରାସ୍ତ କରି ଚାମ୍ପିୟନ ହୋଇଥିଲା ଚାମ୍ପିୟନ ଦଳକୁ ଟ୍ରଫି ସହ ୩୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ରନର୍ସ ଏନ୍‌ଜେୱାଇଏସ୍ ଦଳକୁ ରନର୍ସ ଟ୍ରଫି ସହ ନଗଦ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ତୃତୀୟ ଦଳ ଭାବେ କୁଦୁଡ଼ମୁଣ୍ଡା ଗ୍ରୁପ୍ ଓ ଚତୁର୍ଥ ଦଳ ଭାବେ ୟୁଥ୍ କ୍ଲବ ନାଇନକୁ ସିଲ୍ଡ ପ୍ରଦାନ କରାଯାଇଥିଲା। ସେହିପରି ବରିଷ୍ଠ ବିଭାଗରେ ଜଲଦା ଦଳ ଫିଟନେସ କ୍ଲବକୁ ୩-୦ ରେ ହରାଇ ସିଲ୍ଡ ଲାଭ କରିଥିଲା। ଶୁଭଶ୍ରୀ ଦାସଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଲେଡି ଲାୟନ ସଭାପତି ବନ୍ଦିତା ମହନ୍ତ ଓ ସମ୍ପାଦିକା ସ୍ନେହଲତା ଗନ୍ତାଘରିଆ ଅତିଥିମାନଙ୍କୁ ପୁଷ୍ପ ଓ ଉତ୍ତରୀୟ ଦେଇ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ଅନୁଷ୍ଠାନର ଶତାଧିକ ସଦସ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ମହିଳାମାନଙ୍କୁ ସମ୍ମାନିତ କରାଯାଇଥିଲା। ସଦସ୍ୟା ସ୍ନେହଲତା, ଧାନମୟ, ପୁଷ୍ପାଞ୍ଜଳି, ରେଖା ଗୁପ୍ତା, ସରିକା ମହାତ, ରଶ୍ମିବାଳା, ଲକ୍ଷ୍ମୀ, ଅନୁପମା, ଫୁଲମାନୀ, ନୀତାଞ୍ଜଳି ପରିଡ଼ା, କର୍ମିଳା ମାହତୋ ପ୍ରମୁଖ ସହଯୋଗ କରିଥିଲେ ।



ଅତିଥିମାନଙ୍କ ଗହଣରେ କୃତୀ ଦଳର ଖେଳାଳି।

# ଆମ ପୋଲିସ ବୈଠକ ପ୍ରହସନ

**ରାଉରକେଲା,୨୩।୩( ଦିନେଶ ମିଶ୍ର)**

**ବର୍ଷକରେ ୨ ଥାନାରେ ହୋଇଛି ବୈଠକ**

ପୋଲିସ ଓ ଜନସାଧାରଣଙ୍କ ଭିତରେ ସୁସମ୍ପର୍କ ସ୍ଥାପନ କରିବା ପାଇଁ ବିଭିନ୍ନ ଥାନାମାନଙ୍କରେ ଆମ ପୋଲିସ ବୈଠକ କରାଯାଉଛି। ଫଳରେ ପୋଲିସ ପ୍ରତି ରହିଥିବା ମନୋଭାବରେ ପରିବର୍ତ୍ତନ ଆସିବା ବିଭିନ୍ନ ସମୟରେ ଜନସାଧାରଣ ପୋଲିସକୁ ସହଯୋଗ ମଧ୍ୟ କରୁଛନ୍ତି। ତେବେ ଏହି ବ୍ୟବସ୍ଥା ରାଉରକେଲା ସହରରେ ବର୍ତ୍ତମାନ ପ୍ରହସନ ପାଲିଟିଛି। ବର୍ଷକ ଭିତରେ ସହରର ମାତ୍ର ୨ଟି ଥାନାରେ ଆମ ପୋଲିସ ବୈଠକ ହୋଇଥିବା ବେଳେ ଅନ୍ୟ ଥାନାଗୁଡିକରେ ଆଦୌ ବୈଠକ ହୋଇ ନ ଥିବା ଜଣାପଡିଛି।

ସୂଚନା ଅନୁସାରେ, ରାଉରକେଲା ସହରରେ ସମୁଦାୟ ୨୪ଟି ଥାନା ଥିବାବେଳେ ସେଥିମଧ୍ୟରୁ ଗୋଟିଏ ମହିଳା ଓ ସାଇବର ଥାନା ରହିଛି। ଏହି ଥାନାଗୁଡିକରେ ବର୍ଷକ ଭିତରେ କେବଳ ୨ଟି ଥାନାରେ ଆମ ପୋଲିସ ବୈଠକ ହୋଇଛି। ଅବଶିଷ୍ଟ ୨୨ଟି ଥାନାରେ ଆମ ପୋଲିସ ବୈଠକ ହୋଇନାହିଁ। ଆମ ପୋଲିସ ବୈଠକ ମାସକୁ ଥରେ ପ୍ରତ୍ୟେକ ଥାନାରେ ହେଉଥିବାବେଳେ ଏହା ବର୍ତ୍ତମାନ ହେଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏହି ବୈଠକରେ ବିଭିନ୍ନ ଥାନା ଅଞ୍ଚଳରେ ଥିବା ସୁବିଧା, ଅସୁବିଧା ସହ କିଭଳି ଶାନ୍ତିଶୃଙ୍ଖଳା ରଖିହେବ ସେନେଇ ଥାନାଧିକାରୀଙ୍କ ସହ ସ୍ଥାନୀୟ ଅଞ୍ଚଳର ବରିଷ୍ଠ ନାଗରିକ, ସାମାଜିକ କର୍ମୀ, ବୁଦ୍ଧିଜୀବୀମାନେ ଉପସ୍ଥିତ ରହି ଆଲୋଚନା କରୁଥିଲେ। ବର୍ତ୍ତମାନ ତାହା ବନ୍ଦ ହୋଇଯିବାରୁ ପୋଲିସ ଓ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଦୂରତା ବଢିଯାଇଛି।

ସହରରେ ଆମ ପୋଲିସ ବୈଠକ ପ୍ରଥମେ ସେକ୍ଟର-୧୯ ଥାନାରେ ହେବା ପରେ ଚଳିତ ବର୍ଷ ସେକ୍ଟର-୩ ଥାନାରେ କରାଯାଇଥିଲା। ଏହି ଯୋଜନା ଯେତେବେଳେ ଆରମ୍ଭ ହେଲା ସେତେବେଳେ ନିୟମ ହୋଇଥିଲା ଥାନା ଅଧୀନ ବିଟ୍ ହାଉସ୍‌ଗୁଡିକରେ ଜଣେ ଜଣେ କମ୍ୟୁନିଟି ଅଫିସର ନିୟୋଜିତ ହେବେ। ଉକ୍ତ ଅଫିସର ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଉକ୍ତ ଥାନା ଅଞ୍ଚଳରେ ବୁଲି ଜନସାଧାରଣଙ୍କ ସୁବିଧା ଅସୁବିଧା ବୁଝି ତୁରନ୍ତ ସେବା ଯୋଗାଇ ଦେବେ। କିନ୍ତୁ ବର୍ତ୍ତମାନ ସହରରେ କେବଳ ପିସିଆର ଭ୍ୟାନ ବୁଲୁଥିବାବେଳେ ଆମ ପୋଲିସ ବୈଠକର ସଦସ୍ୟ ଓ ପୋଲିସଙ୍କ ମଧ୍ୟରେ କୌଣସି ତାଳମେଳ ରହୁ ନ ଥିବା ଦେଖିବାକୁ ମିଳିଛି। ଫଳରେ ବହୁ ଲୋକ କୌଣସି ଦୁର୍ଘଟଣା ଓ ଅସାବଧାନତା ଅନୁଭବ କଲେ ନିଜକୁ ସୁରକ୍ଷା ମନେ କରୁନାହାନ୍ତି। ବିଭିନ୍ନ ଥାନା ଅଧୀନରେ ମାସକୁ ଥରେ ଆମ ପୋଲିସ ବୈଠକ ବସିଲେ ସ୍ଥାନୀୟ ଲୋକଙ୍କ ପାଖରେ ଥାନାଧିକାରୀଙ୍କ ନମ୍ବର ରହୁଥିଲା ଏବଂ ସ୍ଥାନୀୟ ସମସ୍ୟା ସମ୍ପର୍କରେ ପୋଲିସଙ୍କୁ ଅବଗତ କରାଯାଉଥିଲା। ସେହିସବୁ ସମସ୍ୟା କିଭଳି ଦୂର କରାଯିବ ଥାନାଧିକାରୀ ପଦକ୍ଷେପ ଗ୍ରହଣ କରୁଥିଲେ। କିନ୍ତୁ ଏବେ ଥାନାରେ ଆମ ପୋଲିସ ବୈଠକ ନ ହେବାରୁ ସ୍ଥାନୀୟ ପୋଲିସ ଅଞ୍ଚଳର ସମସ୍ୟା ଉପରେ କୌଣସି ସୂଚନା ପାଇପାରୁନାହିଁ। ସହରର ଉଦିତନଗର, ରଘୁନାଥପାଲୀ, ପ୍ଲାଣ୍ଟସାଇଟ୍, ବ୍ରାହ୍ମଣୀତରଙ୍ଗ ଭଳି ଥାନା ଅଞ୍ଚଳରେ ଥିବା ବସ୍ତିମାନଙ୍କରେ ଚୋରା ନିଶା କାରବାର, ସ୍କ୍ରାପ ଚାଲାଣ, ବିଭିନ୍ନ ଢାବା ମାନଙ୍କରେ ବେଆଇନ ମଦ କାରବାର ବଢିବାରେ ଲାଗିଛି। ଏହି ଥାନା ଅନ୍ତର୍ଗତ ବସ୍ତିବାସୀ ଉକ୍ତ ଘଟଣା ବିଷୟରେ ସବୁ ଜାଣୁଥିଲେ ମଧ୍ୟ ପୋଲିସ ସହ ଉତ୍ତମ ସମ୍ପର୍କ ନ ଥିବାରୁ ସହଯୋଗ କରିବାକୁ ପଛଘୁଞ୍ଚା ଦେଉଛନ୍ତି।

ଏ ନେଇ ରାଉରକେଲା ଅତିରିକ୍ତ ଏସ୍‌ପି ରାଜକିଶୋର ମିଶ୍ରଙ୍କୁ ପଚାରିବାରୁ ସେ କହିଥିଲେ, ଆଗକୁ ନିର୍ବାଚନ ଆସୁଛି। ଆମକୁ ସ୍ଥାନୀୟ ଜନସାଧାରଣଙ୍କୁ ନେଇ କାମ କରିବାକୁ ପଡିବ। ତେଣୁ ସହରର କେଉଁ ଥାନାରେ ବର୍ତ୍ତମାନ ସୁଦ୍ଧା ଆମ ପୋଲିସ ବୈଠକ ହୋଇଛି ଓ ଆଉ କେଉଁ ଥାନାରେ ହୋଇନି ତାର ସମ୍ପୂର୍ଣ୍ଣ ବିବରଣୀ ସଂଗ୍ରହ କରାଯିବ। ପରେ ଏହାକୁ କିଭଳି ସୁଚାରୁ ରୂପେ ପରିଚାଳନା କରିହେବ ସେ ନେଇ ଡିଏସ୍‌ପିମାନଙ୍କ ସହ ଆଲୋଚନା କରି ଖୁବ୍‌ଶୀଘ୍ର ଉଚିତ ପଦକ୍ଷେପ ନିଆଯିବ ବୋଲି ଅତିରିକ୍ତ ଏସ୍‌ପି ମିଶ୍ର କହିଥିଲେ।

## ସଂକ୍ଷେପରେ

### କଦଳୀଗଡ଼ରେ କେନ୍ଦୁପତ୍ର ତୋଳାଳିଙ୍କ ସମାବେଶ

ରେଢ଼ାଖୋଲ, ୨୩।୩(ଅଚ୍ୟୁତାନନ୍ଦ ପୁରୋହିତ)

ରେଢ଼ାଖୋଲ ବ୍ଲକର କଦଳୀଗଡ ହାଟ ପଦାଠାରେ ଶୁକ୍ରବାର ଆଠମଲ୍ଲିକ କେନ୍ଦୁପତ୍ର ଡିଭିଜନସ୍ତରୀୟ କର୍ମଚାରୀ ଓ ତୋଳାଳି ସମାବେଶ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଂଘ ସଭାପତି ବିଜୟ ମହାନ୍ତି ସଭାପତିତ୍ୱ କରିଥିଲେ। ଏଥିରେ କେନ୍ଦୁଲିଫ ୱେଲଫେୟାର ବୋର୍ଡ ଉପଦେଷ୍ଟା ସଞ୍ଜିତ ମହାନ୍ତି, ରାଜ୍ୟ ଉପସଭାପତି ବିନୋଦ ପ୍ରଧାନ, ରାଜ୍ୟ ସମ୍ପାଦକ ତଥା ବିଜେଡ଼ି ଜିଲା ଉପସଭାପତି ମହମ୍ମଦ ମୃତୁଜା, ଡିଭିଜନ ସମ୍ପାଦକ କିଶୋର ପ୍ରଧାନ, ଯୁଗ୍ମ ସମ୍ପାଦକ ନବ ମହାର, ଛାତ୍ର ବିଜେଡ଼ି ଜୋନ ସଭାପତି ମିଳନ ହୋତା ପ୍ରମୁଖ ଯୋଗଦେଇଥିଲେ। କେନ୍ଦୁପତ୍ର କର୍ମଚାରୀଙ୍କ ଦରମା ବୃଦ୍ଧି, କନ୍ୟା ବିବାହ, ବୋନସ ପରିମାଣ ବୃଦ୍ଧି, କାର୍ଯ୍ୟ ଦିବସ ବୃଦ୍ଧି ଆଦି ଦାବି ହୋଇଆସୁଥିଲା। ସରକାର ଏହାକୁ ହୃଦୟଙ୍ଗମ କରି ଗତ ଫେବୃଆରୀ ୧୧ରେ ଚାରମାଳଠାରେ ଅନୁଷ୍ଠିତ ସମାବେଶରେ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ୫-ଟି ଅଧକ୍ଷ କାର୍ତ୍ତିକ ପଣ୍ଡିଆନ ଦାବି ପୂରଣ ନେଇ ଘୋଷଣା କରିଥିବାରୁ ତାଙ୍କ ସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା।

### ଭିମ୍‌ସାରରେ ଆକ୍ରାନ୍ତଙ୍କୁ ଭେଟିଲେ ତ୍ୟାଗର ସଭାପତି

ସମ୍ବଲପୁର, ୨୩।୩(ପ୍ରମୋଦ ବହିଦାର):

ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ବୁର୍ଲା ଭିମ୍‌ସାରରେ ଚିକିତ୍ସାଧୀନ ରୋଗୀ ଓ ପରିଜନଙ୍କୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ତ୍ୟାଗର ସଭାପତି ତଥା ପିସିସି ସାଧାରଣ ସମ୍ପାଦକ ଦୁର୍ଗା ପାଢ଼ୀ ଅନ୍ୟ ବରିଷ୍ଠ ସଦସ୍ୟଙ୍କ ଗହଣରେ ସାକ୍ଷାତ କରି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଏହି ଅବସରରେ ସେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସହ ଆଲୋଚନା କରିଥିଲେ। ହୀରାକୁଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଧିକ ସଂଖ୍ୟକ ଚିକିତ୍ସକ ଓ ସ୍ୱାସ୍ଥ୍ୟକର୍ମୀଙ୍କ ନିଯୁକ୍ତି ସହ ଦୂଷିତ ପାନୀୟ ଜଳ ଜନିତ ସମସ୍ୟାର ସମାଧାନ ପାଇଁ ଦାବି କରିଛନ୍ତି। ତାଙ୍କ ସହିତ ଦିଲୀପ ପ୍ରଧାନ, ସୁତାପା ମିତ୍ର, ସୁରଞ୍ଜନୀ ବାରିକ, ପ୍ରକାଶ ଶତପଥୀ, ଦଶରଥ ଦାସ, ପ୍ରହଲ୍ଲାଦ ତାଣ୍ଡି ସାମିଲ ହୋଇଥିଲେ।

### ସମ୍ବଲପୁରୀ ଲୋକ ସଂସ୍କୃତି ଉପରେ କର୍ମଶାଳା

ସମ୍ବଲପୁର, ୨୩।୩ (ଭବାନୀ ଶଙ୍କର ଭୋଇ)

ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲଠାରେ ଶନିବାର ସମ୍ବଲପୁରୀ ଲୋକ ସଂସ୍କୃତି ଉପରେ କର୍ମଶାଳା ପରମ୍ପରା ଉଦ୍‌ଘାଟିତ ହୋଇଯାଇଛି। ମା' ସମଲେଇଙ୍କ ଫଟୋଚିତ୍ରରେ ଡ. ଶ୍ୟାମ ସୁନ୍ଦର ଧର, ଗୁରୁ ରଞ୍ଜନ ସାହୁ, ଗୁରୁ ଶଙ୍କର ପ୍ରସାଦ ପ୍ରଧାନ, ଦୀପାଳି ଚୌଧୁରୀ, ବିଦ୍ୟାଳୟର ପ୍ରଧାନଶିକ୍ଷକ ଲୋକିତା ଦାଶ ପ୍ରମୁଖ ଦୀପ ପ୍ରଜ୍ୱଳନ ଓ ପୁଷ୍ପମାଲ୍ୟ ଅର୍ପଣ କରି କର୍ମଶାଳାର ଶୁଭାରମ୍ଭ କରିଥିଲେ। ୭ଦିନ ଧରି ହେବାକୁ ଥିବା କର୍ମଶାଳାରେ ସ୍କୁଲର ଛାତ୍ରୀଛାତ୍ର ଅଂଶଗ୍ରହଣ କରିବେ। ଏଥିରେ ସମ୍ବଲପୁରୀ ନୃତ୍ୟ, ବାଦ୍ୟ, ସଂଗୀତ ଶିକ୍ଷା ପ୍ରଦାନ କରାଯିବ। ନୃତ୍ୟରେ ଗୁରୁ ରଞ୍ଜନ କୁମାର ସାହୁ ଓ ଦୀପାଳି ଚୌଧୁରୀ, ସଂଗୀତରେ ଗୁରୁ ଶଙ୍କର ପ୍ରସାଦ ପ୍ରଧାନ, ଅଶୋକ କୁମାର ପଟ୍ଟନାୟକ ଏବଂ ଲୋକ ସଂସ୍କୃତିର ସୈଦ୍ଧାନ୍ତିକ ଉପରେ ଡ. ଶ୍ୟାମ ସୁନ୍ଦର ଧର ଓ ଦୀପାଳି ଚୌଧୁରୀ ଶିକ୍ଷା ପ୍ରଦାନ କରିବେ। ଚନ୍ଦ୍ରଶେଖର ବେହେରା ଜିଲାସ୍କୁଲ ଆୟୋଜକ ଥିବାବେଳେ ଉକିଆ ଅନୁଷ୍ଠାନ ପରିଚାଳନା ଦାୟିତ୍ୱରେ ଅଛନ୍ତି।

# ପ୍ରାକୃତିକ ଉପାୟରେ ରୋଗପୋକ ନିୟନ୍ତ୍ରଣ

- ପରୀକ୍ଷାମୂଳକ ଭାବେ କାର୍ଯ୍ୟକ୍ରମ ହାତକୁ ନେଇଛି କୃଷି ବିଭାଗ
- ପରିବେଶ ପ୍ରଦୂଷଣ ସମସ୍ୟା ଦୂର ହେବ

ସମ୍ବଲପୁର, ୨୩।୩ (ଭବାନୀ ଶଙ୍କର ଭୋଇ)

ଚାଷରେ ରୋଗପୋକ ନିୟନ୍ତ୍ରଣ କରିବା ପାଇଁ ବଜାରରେ ବିଭିନ୍ନ ପ୍ରକାର ରାସାୟନିକ ଔଷଧ ମିଳୁଛି। ଫସଲ ନଷ୍ଟ ହୋଇଯିବା ଭୟରେ ଚାଷୀମାନେ ଏହି ରାସାୟନିକ ଔଷଧ ସିଞ୍ଚନ କରୁଛନ୍ତି। ଏପରିସ୍ଥିତିରେ ସମ୍ବଲପୁର ଜିଲାରେ ପ୍ରାକୃତିକ ଉପାୟରେ ରୋଗପୋକ ନିୟନ୍ତ୍ରଣ କରି ପରିବେଶ ସୁରକ୍ଷିତ ରଖିବାକୁ ଉଦ୍ୟମ ଆରମ୍ଭ ହୋଇଛି। ଟ୍ରାଇକୋକାର୍ଡ ଓ ଫରମାନଟ୍ରାପ ଭଳି କୌଶଳ ଅବଲମ୍ବନ କରି କୃଷି ବିଭାଗ ଧାନଫସଲରେ କାଣ୍ଡବିନ୍ଧା ପୋକ ନିୟନ୍ତ୍ରଣ ପାଇଁ ପରୀକ୍ଷାମୂଳକ ଭାବେ କାର୍ଯ୍ୟକ୍ରମ ହାତକୁ ନେଇଛି। ଚଳିତବର୍ଷ ଜିଲାରେ ପ୍ରାୟ ୩ ହଜାର ଟ୍ରାଇକୋକାର୍ଡ ଚାଷୀମାନଙ୍କୁ ପ୍ରଦାନ କରାଯାଇଥିବା ବେଳେ ଏହାର ଲାଭ ଚାଷୀମାନେ ପାଇଥିବା ଜିଲା କୃଷି ଅଧିକାରୀ ଉମାକାନ୍ତ ମିଶ୍ର ସୂଚନା ଦେଇଛନ୍ତି। ଭୁବନେଶ୍ୱର କୃଷି ଲାବରେଟୋରୀରୁ ଟ୍ରାଇକୋକାର୍ଡ ଅଣାଯାଇ ସମ୍ବଲପୁରର ଚାଷୀଙ୍କୁ ପ୍ରଦାନ କରାଯାଉଛି। ସବୁଜ ସନାତନପାଲି କୃଷକ ଉତ୍ପାଦନ କମ୍ପାନୀ ପକ୍ଷରୁ ଚଳିତବର୍ଷ ୫ହଜାର ଟଙ୍କା ବ୍ୟୟରେ ୫୦୦ଟି ଟ୍ରାଇକୋକାର୍ଡ କୃଷି ବିଭାଗଠାରୁ ଅଣାଯାଇ ଚାଷୀଙ୍କୁ ପ୍ରଦାନ କରାଯାଇଥିଲା। ଶହେଏକର ଧାନ ଫସଲରେ ଏହାର


କ୍ଷେତରେ ଟ୍ରାଇକୋକାର୍ଡ ଜରିଆରେ ରୋଗପୋକ ନିୟନ୍ତ୍ରଣ।

ଉପଯୋଗ କରାଯାଇ ସଫଳତା ମିଳିପାରିଥିବା କୃଷକ ଉତ୍ପାଦନ କମ୍ପାନୀର ନିର୍ଦ୍ଦେଶକ ମନବୋଧ ବାରିକ କହିଛନ୍ତି।

ଧାନ ଚାଷରେ କାଣ୍ଡବିନ୍ଧା ପୋକ ଯୋଗୁ ଚାଷୀ ସର୍ବାଧିକ କ୍ଷତି ସହୁଥିଲା। ଏହାର ନିରାକରଣ ପାଇଁ ଚାଷୀକୁ ବହୁ ଅର୍ଥ ବ୍ୟୟ କରିବାକୁ ବାଧ ହେଉଥିଲା। ଭୁବନେଶ୍ୱର ବାଇଲୋଜିକାଲ ଲାବାରେଟୋରୀରେ କାଣ୍ଡବିନ୍ଧା ପୋକକୁ ଖାଉଥିବା ଟାରପୋଗାମା ଜାପୋନିୟକମ ନାମକ ପୋକର ଅଣ୍ଡାକୁ ବ୍ୟବହାର କରି କାଣ୍ଡବିନ୍ଧା ପୋକ ନିୟନ୍ତ୍ରଣ ପାଇଁ ଚେଷ୍ଟା କରାଯାଉଛି। ବୈଜ୍ଞାନିକ ପଦ୍ଧତିରେ ଟାରପୋଗାମା ଜାପୋନିୟକମ ନାମକ ପୋକର ଅଣ୍ଡାକୁ ଏକ ଟ୍ରାଇକୋକାର୍ଡରେ ଖଞ୍ଜି ଧାନ ଗଛରେ ଲଗାଯାଉଛି। କିଛିଦିନ ପରେ ଅଣ୍ଡାଗୁଡିକରୁ ପୋକ ଜନ୍ମ ହେବା ପରେ ସେହି ପୋକ କାଣ୍ଡବିନ୍ଧା ପୋକକୁ ଖାଦ୍ୟ ଭାବରେ ଗ୍ରହଣ କରିଥାନ୍ତି। ଏହାଦ୍ୱାରା ଚାଷ ଜମିରୁ କାଣ୍ଡବିନ୍ଧା ପୋକ ଲୋପ ପାଇଥାନ୍ତି। କୌଣସି ରାସାୟନିକ ଔଷଧ ପ୍ରୟୋଗ କରା ନ ଯାଇ ପ୍ରାକୃତିକ ଉପାୟରେ କାଣ୍ଡବିନ୍ଧା ପୋକ ନିୟନ୍ତ୍ରଣ ହୋଇପାରୁଥିବା ଚାଷୀମାନେ ମତ ଦେଇଛନ୍ତି। ଏହି ଟ୍ରାଇକୋକାର୍ଡର ମୂଲ୍ୟ ଗୋଟାକୁ ମାତ୍ର ଦଶଟଙ୍କା ଏବଂ ଗୋଟିଏ ହେକ୍ଟର ଜମିରେ ମାତ୍ର ୧୦ଟି ଟ୍ରାଇକୋକାର୍ଡ ଆବଶ୍ୟକ ପଡିଥାଏ। ଯେଉଁଥିରେ ହେକ୍ଟର ପ୍ରତି ମାତ୍ର ଶହେଟଙ୍କା ଖର୍ଚ୍ଚ ହେଉଛି। ଏହା ରାସାୟନିକ ଔଷଧ ଖର୍ଚ୍ଚଠାରୁ ଯଥେଷ୍ଟ କମ୍। ଏହାସହ ଫରମାନଟ୍ରାପ ନାମକ ଆଉ ଏକ ଉତ୍ପାଦକୁ ବ୍ୟବହାର କରି କାଣ୍ଡବିନ୍ଧା ପୋକଗୁଡିକୁ ଜନ୍ତାରେ ପକାଯାଇ ନିୟନ୍ତ୍ରଣ କରାଯାଇପାରୁଛି। ଆଗାମୀ ଦିନରେ ସମ୍ବଲପୁରରେ ଉଭୟ ଟ୍ରାଇକୋକାର୍ଡ ଏବଂ ଫରମାନଟ୍ରାପ ଯନ୍ତ୍ରର ଅଧିକ ପ୍ରୟୋଗ ପାଇଁ ଚାଷୀଙ୍କୁ ସଚେତନ କରାଯିବ। ଏହାଦ୍ୱାରା ମାଟିର ଉର୍ବରତା ରକ୍ଷା ହେବା ସହ ଜଳ ପ୍ରଦୂଷଣକୁ ରୋକାଯାଇପାରିବ ବୋଲି ଜିଲା କୃଷି ଅଧିକାରୀ ମିଶ୍ର ସୂଚନା ଦେଇଛନ୍ତି।

# ଦୃଷ୍ଟିବାଧିତଙ୍କ ପାଇଁ ସେନ୍ସର ତିଆରି କଲେ ଆଶିଷ

ସମ୍ବଲପୁର, ୨୩।୩ (ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ରାମ୍ପେଲା ଗାଁର ଆଶିଷ ମହାନା ଦୃଷ୍ଟିବାଧିତଙ୍କ ପାଇଁ ସେନ୍ସର ତିଆରି କରି ଚର୍ଚ୍ଚାର ପରିସରକୁ ଆସିଛନ୍ତି। ହୀରାକୁଦର ଏକ ଶିଳ୍ପ ଅନୁଷ୍ଠାନରେ ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଥିବା ଆଶିଷ ଏମିତି ୨ଟି ଡିଭାଇସ ତିଆରି କରିଛନ୍ତି ଯାହା ଦୃଷ୍ଟିବାଧିତ ଲୋକଙ୍କ ପାଇଁ ବେଶ୍ ସହାୟକ ହେବ। ଏହାଦ୍ୱାରା ଅନ୍ୟମାନଙ୍କ ଉପରେ ସେମାନଙ୍କର ନିର୍ଭରଶୀଳତା କମିବ। ପ୍ରଥମ ଡିଭାଇସଟି ହେଲା ଏକ ସେନ୍ସର ଷ୍ଟିକ। ଏଥିରେ ଲାଗିଥିବା ସେନ୍ସର ଦୃଷ୍ଟିବାଧିତ ବ୍ୟକ୍ତି ରାସ୍ତାରେ ଚାଲୁଥିବା ସମୟରେ ସାମ୍ନାରେ କୌଣସି ଜିନିଷ ଆସିଲେ ବଜର ବାଜି ଉଠିବ। ଯେତେ ନିକଟକୁ ଗଲେ ସେତେ ଅଧିକ ଜୋରରେ ବଜର ବାଜିବ। ଜଣେ ବ୍ୟକ୍ତି ଏହି ବଜରକୁ ପସନ୍ଦ ନ କଲେ ଏହାକୁ ଭାଇବ୍ରେସନ ମୋଡ୍‌ରେ ବି ରଖି ପାରିବେ। ଏହି ସେନ୍ସର ଷ୍ଟିକ ବା ଡିଭାଇସରେ ଜିପିଏସ୍ ବ୍ୟବସ୍ଥା ମଧ୍ୟ ରହିଛି। ଏହାଦ୍ୱାରା


ଆଶିଷଙ୍କୁ ଦ୍ୱାରା ତିଆରି ଯନ୍ତ୍ର।

ବ୍ୟବହାରକାରୀଙ୍କ ଲୋକେସନ ମଧ୍ୟ ଠାବ କରାଯାଇପାରିବ। ଆଶିଷ ତିଆରି କରିଥିବା ଅନ୍ୟଟି ହେଉଛି ମଲଟିପଲ ସେନସର ଡିଭାଇସ। ଏହି ଡିଭାଇସକୁ ମୁଖ୍ୟତଃ ଘରେ ଥିବାବେଳେ ଜଣେ ଦୃଷ୍ଟିବାଧିତ ବ୍ୟକ୍ତି ବ୍ୟବହାର କରିପାରିବ। ଏହି ଡିଭାଇସ ଆକାର ଅତି ଛୋଟ ଓ ହାଲୁକା। ଏଥିରେ ୫ ପ୍ରକାରର ସେନ୍ସର ଲଗାଯାଇଛି। ନିଆଁ, ବିଦ୍ୟୁତ୍, ପାଣି, ମେଟାଲ ପାଇଁ ଏଥିରେ ସେନ୍ସର ବ୍ୟବସ୍ଥା ରହିଛି। ଏହି ଡିଭାଇସ ନିଆଁ ଆଦି ବାଧକକୁ ଆଗୁଆ ବଜର ବଜାଇ ସଙ୍କେତ ଦେବ। ଦୃଷ୍ଟିବାଧିତ ଲୋକଙ୍କ ସୁବିଧା ପାଇଁ ଏହାକୁ ସେ ତିଆରି କରିଥିବା ଆଶିଷ କହିଛନ୍ତି। ଏହି ୨ଟି ଡିଭାଇସ ପାଇଁ ସେ କେବଳ ସେନ୍ସର ବାହାରୁ ମଗାଇ ଥିଲେ ଓ ବ୍ୟାଟେରି ଲଗାଇ ନିଜ ଉଦ୍ୟମରେ ପ୍ରସ୍ତୁତ କରିଛନ୍ତି। ଉଭୟ ଡିଭାଇସକୁ ତିଆରି କରିବାକୁ ତାଙ୍କୁ ୩ ହଜାର ଟଙ୍କା ଲେଖାଏ ଖର୍ଚ୍ଚ କରିବାକୁ ପଡିଛି। ଗତ ୧୭ ତାରିଖରେ ସୁନ୍ଦରଗଡ଼ ରାଜଗାଙ୍ଗପୁରରେ ଇନୋଭେସନ ଉପରେ ଆଧାରିତ ଏକ କର୍ମଶାଳାରେ ଆଶିଷଙ୍କ ଏହି ଡିଭାଇସ ପ୍ରଦର୍ଶିତ ହୋଇ ପ୍ରଶଂସିତ ହୋଇଛି। ବର୍ତ୍ତମାନ ଆଶିଷ ରାଉରକେଲା ନିଟ୍‌ର ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ପାଇଁ ସ୍ମାର୍ଟ ହ୍ୱିଲଚେୟାର ଓ ଇଲେକ୍ଟ୍ରିକ ବାଇକ ଆମ୍ବୁଲାନ୍ସ ଉପରେ ହେଉଥିବା ଗବେଷଣା ପ୍ରକଳ୍ପରେ ଗବେଷକ ଭାବେ କାର୍ଯ୍ୟ କରୁଛନ୍ତି । ସରକାରୀ ପ୍ରୋତ୍ସାହନ ମିଳିଲେ ଏମିତି ଅନେକ ଡିଭାଇସ ସେ ଦୃଷ୍ଟିବାଧିତଙ୍କ ପାଇଁ ତିଆରି କରିପାରିବେ ବୋଲି ଆଶିଷ କହିଛନ୍ତି।

# ପତଞ୍ଜଳି ଯୋଗ ସମିତି କେନ୍ଦ୍ରରେ ଶହୀଦ ଦିବସ

ସମ୍ବଲପୁର, ୨୩।୩ (ଭବାନୀ ଶଙ୍କର ଭୋଇ)

ହୀରାକୁଦ କଲୋନୀସ୍ଥିତ ନିଶୁଳ୍କ ପତଞ୍ଜଳି ଯୋଗ ସମିତି କେନ୍ଦ୍ରରେ ଶହୀଦ ଦିବସ ପାଳିତ ହୋଇଯାଇଛି। ସମିତିର ରାଜ୍ୟ ମହିଳା ପ୍ରଭାରୀ ତଥା ଯୋଗ ଶିକ୍ଷିକା ଜେ ଗିରିଜା ଦେବୀଙ୍କ ଅଧ୍ୟକ୍ଷତାରେ ଦେଶପାଇଁ ବଳିଦାନ ଦେଇଥିବା ଭଗତ ସିଂହ, ରାଜଗୁରୁ ଓ ଶୁକଦେବଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠାନର ଅରୁଣ ବିହାରୀ ଶହୀଦ ଦିବସ ଉପରେ ଆଲୋକପାତ କରିଥିଲେ। ପରେ ଯୋଗକେନ୍ଦ୍ରରୁ ଗୋଲବଜାର ପର୍ଯ୍ୟନ୍ତ ପଦଯାତ୍ରା


ଅତିଥିଙ୍କ ସହ ବୀର ବେଶରେ ସଜ୍ଜିତ ପିଲାମାନେ।

କରାଯାଇଥିଲା। ଆଦିତ୍ୟ ଛତ୍ରପାଳ, ନିଧି ଛତ୍ରପାଳ, ପୁରବ ଚନ୍ଦ୍ର ମେହେର, ଆର୍ଯ୍ୟଦିତ ନାୟକ ପ୍ରମୁଖ ବିଭିନ୍ନ ବୀର ବେଶରେ ସଜ୍ଜିତ ହୋଇ ପଦଯାତ୍ରାରେ ସାମିଲ ହୋଇଥିଲେ। ଗୋଲବଜାର ଛକରେ ଥିବା ଶହୀଦମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। କର୍ଯ୍ୟକ୍ରମରେ ନିଲମ ପ୍ରସାଦ, ଅଶୋକ ମହାପାତ୍ର, ପଦ୍ମିନୀ ମୁଣ୍ଡା, ଗିରିଧାରୀ ଅଗ୍ରୱାଲ, ମୁରାରୀ ଅଗ୍ରୱାଲ, କଲ୍ୟାଣୀ ଚିନ୍ଦ୍ରା, ବିଶ୍ୱ ଚିନ୍ଦ୍ରା, ସୁଶାନ୍ତ ସାହୁ ପ୍ରମୁଖ ସାମିଲ ହୋଇଥିଲେ।

### ହିନ୍ଦୀ ହେଉଛି ଜ୍ଞାନ ଓ ବିଜ୍ଞାନର ଭାଷା

ସମ୍ବଲପୁର, ୨୩।୩(ବି.ଶଙ୍କର)

ସମ୍ବଲପୁରର ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଫିଲ୍ଡ ଅପରେଶନ୍ ଡିଭିଜନ) ଆଞ୍ଚଳିକ କାର୍ଯ୍ୟାଳୟଠାରେ ଶୁକ୍ରବାର ଦ୍ୱିଦିବସୀୟ ହିନ୍ଦୀ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହାକୁ କାର୍ଯ୍ୟାଳୟର ଉପନିର୍ଦ୍ଦେଶକ ସହ ରାଜଭାଷା କାର୍ଯ୍ୟକାରୀ କମିଟି ଅଧ୍ୟକ୍ଷ ରାହୁଲ କୁମାର ପଟେଲ ଉଦ୍‌ଘାଟନ କରିଥିଲେ। କର୍ମଚାରୀଙ୍କ ଦ୍ୱାରା ହିନ୍ଦୀରେ କରାଯାଉଥିବା କାର୍ଯ୍ୟ ପାଇଁ ଅଧ୍ୟକ୍ଷ ରାହୁଲ ପ୍ରଶଂସା କରିଥିଲେ। ସହକାରୀ ନିର୍ଦ୍ଦେଶକ ଯୁଧିଷ୍ଠିର ସୋବୋରୋ ରାଜଭାଷା ବିଭାଗର ନିର୍ଦ୍ଦେଶାବଳୀ ଅନୁସରଣ କରିବାକୁ ପରାମର୍ଶ ଦେଇଥିଲେ। ସଦସ୍ୟ ସଚିବ ନୀରଜ କୁମାର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ହିନ୍ଦୀ ବିଭାଗ ଅଧ୍ୟାପକ ଡ. ଦାଶରଥୀ ବେହେରା ଅଫିସରେ ହିନ୍ଦୀରେ ଅଧିକରୁ ଅଧିକ କିପରି କାର୍ଯ୍ୟ କରିବେ ସେ ବିଷୟରେ ତାଲିମ ପ୍ରଦାନ କରିଥିଲେ। ଏହାସହ ହିନ୍ଦୀ ହେଉଛି ଜ୍ଞାନ ଓ ବିଜ୍ଞାନର ଭାଷା ବୋଲି କହିଥିଲେ।

### ଝାଡ଼ାବାନ୍ତି ଆକ୍ରାନ୍ତଙ୍କୁ ଭେଟିଲା ଭାଜପା ପ୍ରତିନିଧି ଦଳ

ସମ୍ବଲପୁର, ୨୩।୩ (ଭବାନୀ ଶଙ୍କର ଭୋଇ)

ଭାଜପା ହୀରାକୁଦ ମଣ୍ଡଳ କର୍ମକର୍ତ୍ତା ଶନିବାର ହୀରାକୁଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ଝାଡ଼ାବାନ୍ତି ଆକ୍ରାନ୍ତଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଏହାପରେ ଚିକିତ୍ସାଳୟ କର୍ତ୍ତୃପକ୍ଷଙ୍କ ସହ ରୋଗୀଙ୍କ ଚିକିତ୍ସା ବିଷୟରେ ଆଲୋଚନା କରିଥିଲେ। ପ୍ରଶାସନ ପକ୍ଷରୁ ହୀରାକୁଦରେ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ଓ ଚିକିତ୍ସା ବ୍ୟବସ୍ଥା କରିବାକୁ ଦାବି କରିଥିଲେ। ଭାଜପା ଜିଲା ସଭାପତି ଗିରିଶ ପଟେଲଙ୍କ ନେତୃତ୍ୱରେ ପୂର୍ବତନ ସଭାପତି ଅନୁପ ମିଶ୍ର, ମଣ୍ଡଳ ସଭାପତି ମନୋଜ ସ୍ୱାଇଁ, ଜିଲା ଉପସଭାପତି ନାରାୟଣ ପଣ୍ଡା, ମଣ୍ଡଳ ଯୁବମୋର୍ଚ୍ଚା ସଭାପତି ସମୀର ଲୁହାର, ହୀରାକୁଦ ମଣ୍ଡଳ ମହିଳାମୋର୍ଚ୍ଚା ସାଧାରଣ ସମ୍ପାଦକ ଶେଫାଳି ସେଠୀ ଉପସ୍ଥିତ ଥିଲେ।

# ଟ୍ରେନ୍ ଆଗକୁ ଡେଇଁ ଯୁବକଙ୍କ ଆତ୍ମହତ୍ୟା

ସମ୍ବଲପୁର, ୨୩।୩(ପ୍ରମୋଦ ବହିଦାର):

ଶନିବାର ଅପରାହ୍ନରେ ସମ୍ବଲପୁର ରେଳ ଷ୍ଟେଶନର ୨ନମ୍ବର ପ୍ଲାଟଫର୍ମରେ ଟ୍ରେନ୍ ଆଗକୁ ଡେଇଁ ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ପଶ୍ଚିମବଙ୍ଗ ପୁରୁଲିଆ ଜିଲାର ଲଟୁ କୁମାର(୩୦)। ସୂଚନା ଅନୁସାରେ ରାୟପୁରରେ କାର୍ଯ୍ୟ କରୁଥିବା ଲଟୁ ସମ୍ବଲପୁର ରେଳ ଷ୍ଟେଶନ ୨ନମ୍ବର ପ୍ଲାଟଫର୍ମରେ ଛିଡ଼ା ହୋଇଥିଲେ। ଟ୍ରେନ୍ ଆସିବା ଦେଖି ହଠାତ୍ ସେ ଟ୍ରେନ୍ ଆଗାକୁ ଡେଇଁ ଆତ୍ମହତ୍ୟା କରିଥିଲେ। ଏହା ପୂର୍ବରୁ ସେ ଆତ୍ମହତ୍ୟା କରିବା ନେଇ ସୂଚିତ କରିଥିବା ପରିବାର ପକ୍ଷରୁ କୁହାଯାଇଛି। ତାଙ୍କ ପିତା ଖଗନ କୁମାର ଅନ୍ୟ ସଦସ୍ୟମାନଙ୍କ ସହିତ ରାୟପୁର ଅଭିମୁଖେ ଯାଉଥିଲେ। ମାତ୍ର ସମ୍ବଲପୁରରେ ପହଞ୍ଚି ସେ ପୁଅଙ୍କ ଆତ୍ମହତ୍ୟା ଖବର ପାଇ ରାୟପୁର ଯାଉଥିବା ଟ୍ରେନ୍‌ରୁ ଓହ୍ଲାଇ ଯାଇଥିଲେ। ଲଟୁଙ୍କ ଆତ୍ମହତ୍ୟାର କାରଣ ସମ୍ପର୍କରେ ସେ ମଧ୍ୟ କିଛି କହି ପାରି ନ ଥିଲେ। ରେଳବାଇ ଥାନାରେ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ରେଳବାଇ ପୋଲିସ ଲଟୁଙ୍କୁ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# କାର୍ ସହ ଗଞ୍ଜେଇ ଜବତ, ୩ ଗିରଫ


ଜବତ କାର୍ ସହ ଗଞ୍ଜେଇ ଓ ଗିରଫ ୩ ଅଭିଯୁକ୍ତ।

ରେଢ଼ାଖୋଲ, ୨୩।୩(ଅଚ୍ୟୁତାନନ୍ଦ ପୁରୋହିତ)- ବୌଦ୍ଧ ଜିଲାରୁ ସୁଦୂର କେରଳକୁ ଚୋରା ଚାଲାଣ ହେଉଥିବା ବେଳେ ରେଢ଼ାଖୋଲ ଥାନା ଲଇଣ୍ଡାମାଳ ଛକ ନିକଟରୁ ଅବକାରୀ ବିଭାଗ ଚଢ଼ାଉ କରି ଏକ କାର୍ ସହ ୨୭କେଜି ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ କେରଳ ରାଜ୍ୟ ମାଲାପୁରମ ଜିଲା କିରାଠୁପାରାମବିଲର ଅର୍ଶାଦ (୩୦), ଅଶ୍ୱିନ (୩୩) ଓ ପଶ୍ଚିମବଙ୍ଗ ଦକ୍ଷିଣ ୨୪ପ୍ରଗଣା ଜିଲା ହାଓଡାର ଭୋଲା କୁମାର ସିକଦର (୩୧)। ଏ ନେଇ ଏକ ମାମଲା ରୁଜୁ କରି ଶନିବାର ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ଇନ୍ସପେକ୍ଟର ଯାଦବ ପ୍ରଧାନ କହିଛନ୍ତି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାମତେ ବୌଦ୍ଧ ଜିଲାରୁ କାର୍ (ନଂ.କେଏଲ୍‌୫୫ଏକ୍ସ-୯୦୫୫) ଯୋଗେ ଗଞ୍ଜେଇ ରେଢାଖୋଲ ରାସ୍ତାଦେଇ ଚୋରା ଚାଲାଣ ହେଉଥିବା ସୂଚନା ପାଇ ଅବକାରୀ ବିଭାଗ ସଦଳବଳ ଲଇଣ୍ଡାମାଳ ଛକରେ ଜଗିରହିଥିଲେ। କାର୍ ଆସିବା ପରେ ଅଟକାଇ ଯାଞ୍ଚ କରିବା ବେଳେ ସେଥିରେ ଗଞ୍ଜେଇ ଥିବା ଜଣାପଡିଥିଲା।

# ସନ୍ଥକବି ଭୀମ ଭୋଇ ଓ ଭୀମାବାଈଙ୍କ ପରିନିର୍ବାଣ ଦିବସ


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

ସମ୍ବଲପୁର, ୨୩।୩(ବି.ଶଙ୍କର): ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦ ପକ୍ଷରୁ ସନ୍ଥକବି ଭୀମ ଭୋଇ ଓ ଭୀମାବାଈଙ୍କ ପରିନିର୍ବାଣ ଦିବସ ଶନିବାର ସାମ୍ବାଦିକ ଭବନଠାରେ ପାଳିତ ହୋଇଯାଇଛି। ପରିଷଦ ଅଧ୍ୟକ୍ଷ ନିହାଲ ସିଂଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ଆକାଶବାଣୀ ସମ୍ବଲପୁରର କ୍ଷେତ୍ରମଣି ବିଭାର ମୁଖ୍ୟଅତିଥି, ସାମାଜିକ କର୍ମୀ ପ୍ରଦୀପ କୁମ୍ଭାର ସମ୍ମାନିତ ଅତିଥି ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଏସ୍‌ଟି/ଏସ୍‌ସି କର୍ମଚାରୀ ସଂଘ ଉପସଭାପତି ଶିବଶଙ୍କର ପ୍ରଧାନ ବକ୍ତା ଭାବେ ଯୋଗଦେଇଥିଲେ। ଯୁବକମାନେ ସନ୍ଥକବିଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଅତିଥି ଓ ବକ୍ତାମାନେ ଆହ୍ୱାନ କରିଥିଲେ। ସେହିପରି ସମ୍ବିଧାନ ପ୍ରଣେତା ଡ. ବିଆର୍ ଆମ୍ବେଡକରଙ୍କ ମାତା ଭୀମାବାଈଙ୍କ ଜୀବନୀ ଉପରେ ମଧ୍ୟ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ପରିଷଦର ମହାସଚିବ ମୋମିନା ଖାତୁନ, ଗିରିଧାରୀ ଖୁରାଙ୍କ ସମେତ ସଭ୍ୟାସଭ୍ୟ ଉପସ୍ଥିତ ରହି ଭୀମ ଭୋଇ ଓ ଭୀମାବାଈଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଗ୍ନି ନିରାପତ୍ତା ସଚେତନତା



ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଗ୍ନି ନିରାପତ୍ତା ସଚେତନତା କାର୍ଯ୍ୟକ୍ରମ।

ସମ୍ବଲପୁର, ୨୩।୩(ପ୍ରମୋଦ ବହିଦାର):

ନେତାଜୀ ସୁଭାଷ ଚନ୍ଦ୍ର ବୋଷ (ଏନ୍‌ଏସ୍‌ସିବି) ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶନିବାର ଅଗ୍ନି ନିରାପତ୍ତା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ପ୍ରଦୀପ ହରପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ବଲପୁର ଅଗ୍ନିଶମ ବିଭାଗ ଆଗ୍ନିକ ବିଶେଷଜ୍ଞ ରଘୁମଣୀ କାଲୋ, ଅଜୟ ମିଞ୍ଜ, ପି ସ୍ୱର୍ଣ୍ଣକାର, ମୀନକେତନ ଭୋଇ, ରାଜେଶ୍ୱର ଭୋଇ ପ୍ରମୁଖ ଅଗ୍ନିକାଣ୍ଡ ସମୟରେ ଅଗ୍ନି ନିର୍ବାପକ ଯନ୍ତ୍ରର ପ୍ରୟୋଗ ପ୍ରଦର୍ଶନ କରିଥିଲେ। ଏଥିରେ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ଶିବ ସେଠ୍, ଆକାଶ ମହାନ୍ତି, ଅଧ୍ୟାପକ ବିଶ୍ୱଜିତ ମହାନ୍ତି, ସନ୍ତୋଷ ବେହେରା, ମେଞ୍ଜା ପୂର୍ତ୍ତି, ଶ୍ରଦ୍ଧାଞ୍ଜଳି ଦାଶ, ଶ୍ରଦ୍ଧାମୟୀ ପୁରୋହିତ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଶେଷ ପର୍ଯ୍ୟାୟରେ ଅନୁଷ୍ଠିତ ପ୍ରଶ୍ନୋତ୍ତର ଅଧିବେଶନରେ ବହୁ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଏହାକୁ ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପିକା ମିଲି ସାହୁ ପରିଚାଳନା କରିଥିଲେ।

# ଭୂତକୋଠି ପାଲଟିଛି ଅତ୍ୟାଧୁନିକ ମାଛ ବଜାର

ସମ୍ବଲପୁର, ୨୩।୩(ବି.ଶଙ୍କର)

ସମ୍ବଲପୁର ମହାନଗର ନିଗମ କର୍ତ୍ତୃପକ୍ଷ ସୁସ୍ଥ ପରିବେଶରେ ସହରବାସୀଙ୍କୁ ମାଛ ଯୋଗାଇବା ଲକ୍ଷ୍ୟରେ ଅତ୍ୟାଧୁନିକ ହାଇଜିନିକ ମାଛ ବଜାର ପରିକଳ୍ପନା କରିଥିଲେ। ସେଥିପାଇଁ ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଦାନୀପାଲି ଦୈନିକ ବଜାର (ପ୍ରଫେସର କଲୋନୀ ପରିସର)ଠାରେ ବଜାର ନିର୍ମାଣ କରାଯାଇଛି। ହେଲେ ପ୍ରାୟ ୬ବର୍ଷ ବିତିଯିବା ସତ୍ତ୍ୱେ ଏହା କାର୍ଯ୍ୟକ୍ଷମ ହୋଇନାହିଁ। ଫଳରେ ଏହି ବଜାର ଏବେ ଭୂତକୋଠି ପାଲଟିଛି।

ସୂଚନାଯୋଗ୍ୟ, ଓଡିଶା ସହରାଞ୍ଚଳ ଅନ୍ତର୍ନିର୍ମାଣ (ଓୟୁଆଇଡିଏଫ) ବିକାଶ ପାଣ୍ଠି ଓ ହାଇଦ୍ରାବାଦ ନ୍ୟାଶନାଲ ଫିସରିଜ ଡେଭଲପମେଣ୍ଟ ବୋର୍ଡ ସହାୟତାରେ ୮୫ ଲକ୍ଷ ୯୭ ହଜାର ୮୭୮ ଟଙ୍କା ବ୍ୟୟ ଅଟକଳରେ ୨୦୧୫-୧୬ ଆର୍ଥିକ ବର୍ଷରେ ବଜାର ନିର୍ମାଣ ଆରମ୍ଭ ହୋଇ ନିର୍ଦ୍ଧାରିତ


ବୁଢ଼ାରଜାସ୍ଥିତ ଦାନୀପାଲି ଅତ୍ୟାଧୁନିକ ହାଇଜିନିକ ମାଛ ବଜାର।

ଅବଧି ମଧ୍ୟରେ ଶେଷ ହୋଇଛି। ବଜାରରେ ଆଧୁନିକ ଢ଼ାଞ୍ଚାରେ ୨୦ଟି ଦୋକାନ ଗୃହ ରହିଛି। ହେଲେ ଏହା କାର୍ଯ୍ୟକ୍ଷମ ହୋଇ ନ ଥିବାରୁ ସଞ୍ଜ ନଇଁଲେ ବଜାର ସମ୍ମୁଖ ଅସମାଜିକ ତତ୍ତ୍ୱଙ୍କ ପେଣ୍ଠସ୍ଥଳୀରେ ପରିଣତ ହେଉଛି। ବଜାର ଶୁଭାରମ୍ଭ ହୋଇ ନ ଥିବାରୁ ଲୋକେ ଦାନୀପାଲି ଦୈନିକ ବଜାର, ସହଯୋଗନଗର- ଏସ୍‌ଆର୍‌ଆଇଟି ଛକ ରାସ୍ତା, କାଇଁଶିର ରାସ୍ତା, ଚର୍ଚ୍ଚ ଛକ, ବରେଇପାଲି, ଅଇଁଠାପାଲି ତଳିଛକ, ଭାଲୁପାଲି ଛକ, ଚାରଭାଟି ଛକ, ପୁରୁଣା ବେସରକାରୀ ବସ୍‌ଷ୍ଟାଣ୍ଡ, ଗୋବିନ୍ଦଟୋଲା, ଫାର୍ମରୋଡ, ଚେରୁଆପଡା ଛକ ସମେତ ସହରର ବିଭିନ୍ନ ରାସ୍ତା କଡରୁ ମାଛ କିଣିବାକୁ ବାଧ ହେଉଛନ୍ତି। ଏଥିଯୋଗୁ ଉପରୋକ୍ତ ଅଞ୍ଚଳରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଏହାକୁ ନେଇ ଅଞ୍ଚଳବାସୀ ବିଭିନ୍ନ ସମୟରେ ମହାନଗର ନିଗମ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । କିନ୍ତୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଏ ନେଇ ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ବେଦ ଭୂଷଣଙ୍କୁ ପଚାରିବାରୁ ସେ କହିଥିଲେ, କିଛିଦିନ ପୂର୍ବରୁ ମୁଁ ମାଛ ବଜାର ଦେଖିବାକୁ ଯାଇଥିଲି। ଦୀର୍ଘଦିନ ଧରି ବନ୍ଦ ରହିଥିବାରୁ କେତୋଟି ସାମଗ୍ରୀ ଭାଙ୍ଗି ଯାଇଛି। ସେଥିରେ ସାମାନ୍ୟ ମରାମତି କରିବାକୁ ପଡିବ। ପରେ ଖୁବ୍‌ଶୀଘ୍ର ମାଛ ବଜାର କାର୍ଯ୍ୟକ୍ଷମ ହେବ ବୋଲି ସେ କହିଛନ୍ତି । ସୂଚନାଯୋଗ୍ୟ, ୨୦୧୫ ଅକ୍ଟୋବର ୨୧ରେ ତତ୍କାଳୀନ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ଓ ସମ୍ବଲପୁର ଉନ୍ନୟନ ପ୍ରାଧିକରଣ ଅଧ୍ୟକ୍ଷ ବିଜୟ କୁମାର ମହାନ୍ତି ଅତିଥି ଭାବେ ଯୋଗଦେଇ ଦାନୀପାଲି ଅତ୍ୟାଧୁନିକ ହାଇଜିନିକ ମାଛ ବଜାର ଶିଳାନ୍ୟାସ କରିଥିଲେ। ୧୧ ମାସରେ ନିର୍ମାଣ କାର୍ଯ୍ୟ ଶେଷ ହେବା ଅବଧି ରହିଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲା।

## ସଂକ୍ଷେପରେ

### ପୋଲିସ ପ୍ରତିଷ୍ଠା ଦିବସରେ ସମ୍ମାନିତ ହେବେ ଏସ୍‌ଡିପିଓ ସୁନାରାମ ହେମ୍ବ୍ରମ

ଭବାନୀପାଟଣା,୨୩।୩(ଉତ୍ତମ କୁମାର ଦାଶ)



କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଏସଡିପିଓ ସୁନାରାମ ହେମ୍ବ୍ରମ ଆସନ୍ତା ୧ ତାରିଖ ଓଡିଶା ପୋଲିସ ପ୍ରତିଷ୍ଠା ଦିବସରେ ସମ୍ମାନିତ ହେବେ ବୋଲି ଜଣାପଡିଛି। ଶ୍ରେଷ୍ଠ ପୋଲିସ ଅଧିକାରୀ ଭାବରେ ରାଜ୍ୟ ପୋଲିସ ମୁଖ୍ୟ(ଡିଜିପି)ଙ୍କ ଦ୍ୱାରା ସେ ସମ୍ମାନିତ ହେବେ। ଯାହାକୁ ନେଇ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି।

### ଲୋଇସିଂହା ଥାନା ଅଧୀନରେ ୧୨ ସମ୍ବେଦନଶୀଳ ବୁଥ୍

ଲୋଇସିଂହା,୨୩।୩ (ସୁଶାନ୍ତ ବାରିକ)

୨୦୨୪ ସାଧାରଣ ନିର୍ବାଚନ ପାଇଁ ବିଗୁଲ ବାଜି ସାରିଛି। ଲୋଇସିଂହା ନିର୍ବାଚନ ମଣ୍ଡଳୀରେ ମେ ୨୦ରେ ଭୋଟ ଗ୍ରହଣ ହେବ। ଏଥିପାଇଁ ଜିଲା ଓ ପୋଲିସ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜୋରଦାର କରିଛି। ଲୋଇସିଂହା ପୋଲିସ ପକ୍ଷରୁ ବୁଥ୍ ପରିଦର୍ଶନ କରାଯାଇଛି। ଲୋଇସିଂହା ଥାନା ଅଧୀନରେ ୧୨ଟି ସମ୍ବେଦନଶୀଳ ବୁଥ ରହିଛି ବୋଲି ଆଇଆଇସି ଯାଜ୍ଞସିନୀ ନାୟକଙ୍କ ସୂତ୍ରରୁ ପ୍ରକାଶ। ଲୋଇସିଂହା ଥାନା ଅଧୀନରେ ଲୋଇସିଂହା ଓ ବଲାଙ୍ଗୀର ନିର୍ବାଚନ ମଣ୍ଡଳୀର ୯୧ ବୁଥ ରହିଛି । ଲୋଇସିଂହା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଲୋଇସିଂହା ବ୍ଲକର ବୁର୍ଡାର ୨ଟି ବୁଥ୍ ଖାରମୁଣ୍ଡା ଏବଂ ଯୋଗୀସର୍ଡା, ଆଗଲପୁର ବ୍ଲକର ନଅଗାଁ(ଖ) ସାଲେଭଟା, କୁଟାସିଂହା ଓ ଡୁଙ୍ଗରିପାଲି ୨ଟି ବୁଥ୍ ଏପରି ୯ ଟି ବୁଥ ସମ୍ବେଦନଶୀଳ ରହିଛି। ସେହିପରି ଲୋଇସିଂହା ଥାନା ଅଧୀନରେ ଥିବା ବଲାଙ୍ଗୀର ନିର୍ବାଚନ ମଣ୍ଡଳୀର ରାଣିପାଲି, କିରାବାହାଲ ଓ ଭଇଁଷା ବୁଥ୍ ଅତି ସମ୍ବେଦନଶୀଳ ବୋଲି ଆଇଆଇସି ନାୟକଙ୍କ ସୂତ୍ରରୁ ଜଣାପଡିଛି।

### ରାମ ନବମୀ ପାଳନ ନେଇ କମିଟି ପ୍ରସ୍ତୁତି

ଖଡ଼ିଆଳ,୨୩।୩(ସୁଜିତ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ରାମ ସ୍ୱାମୀ ମନ୍ଦିର ପରିସର ମଧ୍ୟରେ ରାମନବମୀ ଉତ୍ସବ ହର୍ଷ ଉଲ୍ଲାସରେ ପାଳିତ ହେବା ନେଇ କମିଟି ଗଠିତ ହୋଇଛି। ଅଯୋଧ୍ୟାରେ ରାମ ଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ପାଳିତ ହେବା ପରେ ସମଗ୍ର ଭାରତ ବର୍ଷରେ ଚଳିତବର୍ଷ ରାମ ଜନ୍ମ ଉତ୍ସବ ପାଳନ ପାଇଁ ବ୍ୟାପକ ପ୍ରସ୍ତୁତି ହେଉଛି। ଖଡିଆଳ ରାମ ସ୍ୱାମୀ ମନ୍ଦିର ପରିସର ମଧ୍ୟରେ ପାଳନ କମିଟି ଗଠିତ ହୋଇଛି। ସଭାପତି ରୂପେ ଜଗଦୀଶ ପ୍ରସାଦ ତ୍ରିବେଦୀ, ସମ୍ପାଦକ ରୂପେ ସଂଜୟ କୁମାର ତିୱାରୀ, କୋଷାଧ୍ୟକ୍ଷ ରୂପେ ବିକାଶ ଶୁକ୍ଳା, ସଦସ୍ୟ ରୂପେ ସୁଜିତ ପାତ୍ର, ସୁରେନ ଶର୍ମା, ପ୍ରକାଶ ଶର୍ମା, ରାଜୁ ନାଇଖୋର୍, ଓମ ପ୍ରକାଶ ଚୌଧୁରୀ, ଲଖମଣ ଦୁରିଆ, ମିଥୁନ ସିନ୍ଧୁର, ଛବିଲାଲ ଦୀପ, ବିକାଶ ଠାକୁର, ଚକ୍ର କୁମାର, ଦୀପକ ବର୍ମା, ବିକାଶ ଅଗ୍ରୱାଲ, ଅମିତ ଅଗ୍ରୱାଲ, ଅଜିତ ସୋନି ପ୍ରମୁଖ ଯୋଗ ଦେଇଥିଲେ।

### ଭତ୍ତା ଯୋଜନାରୁ ବଞ୍ଚିତ ୭ ବୃଦ୍ଧାବୃଦ୍ଧ

ଲାଠୋର, ୨୩।୩(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କରୁଆଁଝର ପଞ୍ଚାୟତ ସାନଗୁର୍ଜିଭଟା ଗ୍ରାମର ୭ଜଣ ବୃଦ୍ଧାବୃଦ୍ଧା ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି । ଭତ୍ତା ପାଇଁ ଆବଶ୍ୟକ କାଗଜପତ୍ର ପଞ୍ଚାୟତ ଅଫିସଠାରୁ ବ୍ଲକ ପର୍ଯ୍ୟନ୍ତ ପ୍ରଦାନ କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳି ନଥିବା ଯୋଜନାରୁ ବଞ୍ଚିତ ଗ୍ରାମର ଲତା ପରୁଆ, ଫୁଲଦୁଲି ନାଗ, ପଦୁ ହାତଖୁଜିଆ, ରାଘେ ବିଶାଳ, ବନମାଳି ସାମନୀ, ଭୁଜବଳ ସୁନା, ଦେବଲ ତାଣ୍ଡି କହିଛନ୍ତି । ଏଥିମଧ୍ୟରୁ କେତେଜଣ ଅନ ଲାଇନ ଆବେଦନ କଲେ ମଧ ସେମାନଙ୍କୁ ଭତ୍ତା ପ୍ରଦାନ କରାଯାଉ ନାହିଁ। ସରକାରୀ ଅଧିକାରୀଙ୍କୁ ପଚାରିଲେ ବିଭିନ୍ନ କାରଣ ଦେଖାଇ ସମୟ ଗଡାଇ ଚାଲିଥିବା ସେମାନେ କହିଛନ୍ତି। ଏନେଇ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କନିଷ୍କ ବିଭାରଙ୍କୁ ପଚାରିବାରୁ ଘଟଣାର ତଦନ୍ତ କରି ଯୋଗ୍ୟ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ ଦିଗରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

# ପଟ୍ଟା ମିଳିଛି, ଜମି ଚିହ୍ନଟ ହେଉନି

- ତହସିଲଦାରଙ୍କୁ ଭେଟିଲେ ପଟ୍ଟାଧାରୀ
- ସମସ୍ୟା ସମାଧାନ ହେବ: ତହସିଲଦାର

ଲୋଇସିଂହା,୨୩।୩(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଉପରବାହାଲ ଓ ସାନଝାଙ୍କରପାଲି ଗ୍ରାମର ୧୪୯ ଭୂମିହୀନ ପରିବାରକୁ ଲୋଇସିଂହା ତହସିଲ ପକ୍ଷରୁ ପଟ୍ଟା ପ୍ରଦାନ କରାଯାଇଛି। ପଟ୍ଟା ମିଳିବା ଇତିମଧ୍ୟରେ ୩୬ ବର୍ଷ ବିତି ଗଲାଣି ହେଲେ ପଟ୍ଟାଧାରୀଙ୍କୁ ଜମି ଚିହ୍ନଟ ହୋଇ ପାରିନାହିଁ। ଫଳରେ ସେମାନେ ସରକାରୀ ଅଥବା ନିଜସ୍ୱ ଉଦ୍ୟମରେ ଘର ତିଆରି କରି ପାରୁନାହାନ୍ତି। ବିଭିନ୍ନ ସମୟରେ ସେମାନେ ଏ ନେଇ ରାଜସ୍ୱ ବିଭାଗ କର୍ମଚାରୀଙ୍କ ନିକଟରେ ଫେରାଦ ହେଉଥିଲେ ହେଁ କୌଣସି ସୁଫଳ ମିଳୁନାହିଁ। ଏହିକ୍ରମରେ ସେମାନେ ଜମି ଚିହ୍ନଟ ଓ ଅନ୍ୟ କେତେକ ସମସ୍ୟାକୁ ନେଇ ଲୋଇସିଂହା ତହସିଲଦାରଙ୍କୁ ଭେଟିଥିଲେ। ଆସନ୍ତା ୨୮ ତାରିଖ ବନ ବିଭଗାକୁ ପତ୍ରାଳାପ କରି ସମସ୍ୟା ସମାଧାନ କରାଯିବ ବୋଲି ତହସିଲଦାର ସଂଘମିତ୍ରା କାଲୋ ପ୍ରତିଶ୍ରୁତି ଦେଇଥିବା ପଟ୍ଟାଧାରୀ କହିଛନ୍ତି।




ତହସିଲ ଅଫିସକୁ ଫେରାଦ ହେବାକୁ ଆସିଥିବା ପଟ୍ଟାଧାରୀ।

୧୯୮୭ ମସିହା ନଭେମ୍ବର ୨୨ରେ ଉପରବାହାଲ ପଞ୍ଚାୟତ ସଦର ଗାଁ ଉପରବାହାଲା ଓ ପଞ୍ଚାୟତ ଅଧୀନ ସାନଝାଙ୍କରପାଲି ଗ୍ରାମର ୧୪୯ ଭୂମିହୀନ ପରିବାର ତହସିଲ ପକ୍ଷରୁ ପଟ୍ଟା ପାଇଛନ୍ତି। ଲୋଇସିଂହା ତହସଲି ସାନଝାଙ୍କରପାଲି ମୌଜାର ଖାତା ନଂ ୪୩ର ପ୍ଲଟ ନଂ ୫୧୫/ ୫୯୮ରୁ ୭୬୨ ପର୍ଯ୍ୟନ୍ତ ୪ ଡେସିମିଲ ଜାଗା ବସ୍ତି ଯୋଗ୍ୟ ପାଇଁ ପଟ୍ଟା ଦିଆଯାଇଛି। ହେଲେ ଏତେବର୍ଷ ବିତି ଯାଇଥିଲେ ବି ଅଦ୍ୟାବଧି ତହସିଲ ପକ୍ଷରୁ ଜମି ଚିହ୍ନଟ କରାଯାଇନାହିଁ। ଏହାବ୍ୟତୀତ ସମ୍ପୃକ୍ତ ଜମିରେ ଗଛ ଥିବାରୁ ଚିହ୍ନଟ ହେଲେ ଗୃହ ନିର୍ମାଣ ପାଇଁ ସମସ୍ୟା ସୃଷ୍ଟି କରିବ ବୋଲି ପଟ୍ଟାଧାରୀ ତହସଲଦାରଙ୍କୁ ଅବଗତ କରାଇଥିଲେ। ମାର୍ଚ୍ଚ ୨୮ରେ ଗଛକାଟିବା ପାଇଁ ବନ ବିଭାଗକୁ ପତ୍ରାଳାପ କରିବେ ବୋଲି ତହସିଲଧାରୀ ପଟ୍ଟାଧାରୀଙ୍କୁ ଜଣାଇଥିଲେ। ପ୍ରତିଶ୍ରୁତି ଅନୁଯାୟୀ କାର୍ଯ୍ୟ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକପନ୍ଥା ଗ୍ରହଣ କରାଯିବ ବୋଲି ତହସିଲଧାରୀଙ୍କୁ ଭେଟିଥିବା ସୁଦାମ ନାଗ, ଧ୍ରୁବଲେ ବାରଲଣ୍ଡରିଆ, ଗୋକୁଲ ବଗାର, ଶମ୍ଭୁ ନନ୍ଦ, ଶ୍ରୀମତ ନାଏକ, ଦୁର୍ଯ୍ୟୋଧନ ନାଗ, ଶିବ ବିଶି, ଅଗସ୍ତି ନାଏକ, ଯୁବରାଜ ପଧାନ ଓ ଗୁଣନାଥ ବିଶ୍ୱାଳ ପ୍ରମୁଖ ପଟ୍ଟଧାରୀ ଚେତାବନୀ ଦେଇଛନ୍ତି।

## ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ହୋଲି ଉତ୍ସବ



ପିଲାଙ୍କ ସହିତ ହୋଲି ଉତ୍ସବ ପାଳନ କରୁଛନ୍ତି ଶିକ୍ଷକ।

ଦେଓଗାଁ,୨୩।୩(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଦେଷଣ୍ଡ ପଞ୍ଚାୟତ ଅନ୍ତର୍ଗତ ଭାଲୁକୁନ୍ଦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ହୋଲି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ସହକାରୀ ଶିକ୍ଷକ ତପନ କୁମ୍ଭାରଙ୍କ ନେତୃତ୍ୱରେ ପ୍ରଧାନଶିକ୍ଷକ ରାଜୁ ମଲ୍ଲିକ, ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନା ପାତ୍ର, ପ୍ରିୟଦର୍ଶିନୀ ସାହୁ ଉପସ୍ଥିତ ରହି ପିଲାଙ୍କୁ ପ୍ରାରମ୍ଭିକ ହୋଲି ଉତ୍ସବ କାର୍ଯ୍ୟକ୍ରମରେ ସାମିଲ ହୋଇ ଉତ୍ସାହିତ କରିଥିଲେ। ବିଦ୍ୟାଳୟରେ ପିଲାଙ୍କ ଶୈକ୍ଷିକ ବାତାବରଣର ସ୍ୱଚ୍ଛତା ଉପରେ ପରିବର୍ତ୍ତନ ଆଣିବା ଏବଂ ଗୁରୁଶିଷ୍ୟର ପରମ୍ପରାକୁ ବଜାୟ ରଖିବାପାଇଁ ଏହି କାର୍ଯ୍ୟକ୍ରମ କାର୍ଯ୍ୟକ୍ରମ କରାଯାଇଛି ବୋଲି ପ୍ରଧାନଶିକ୍ଷକ ମଲ୍ଲିକ ମତବ୍ୟକ୍ତ କରିଥିଲେ। ଆଗାମୀ ଦିନରେ ପିଲାଙ୍କ ଭବିଷ୍ୟତ ଓ ଶିକ୍ଷାର ବିକାଶ ଦିଗରେ ସମସ୍ତେ ଛାତ୍ରୀଛାତ୍ର କିପରି ମୌଳିକ ଶିକ୍ଷା ଅଧିକାରରୁ ବଞ୍ଚିତ ନ ହେବେ ସେ ନେଇ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ପିଲାଙ୍କୁ ଉତ୍ସାହିତ କରାଯାଇଛି ବୋଲି ସହକାରୀ ଶିକ୍ଷକ କୁମ୍ଭାର କହିଥିଲେ ।

## ସାଇଟ୍ ନର୍ସିଂ କଲେଜରେ ପୋଷଣ ଖାଦ୍ୟ କର୍ମଶାଳା



ପୋଷଣ କର୍ମଶାଳାରେ ମଞ୍ଚାସୀନ ଅତିଥି।

ବଲାଙ୍ଗୀର,୨୩।୩(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସହର ସନ୍ନିକଟ ସଦାଇପାଲି ସାଇଟ ନର୍ସିଂ କଲେଜରେ ଶନିବାର ପୋଷଣ ଖାଦ୍ୟ କର୍ମଶାଳା ଅନୁଷ୍ଠିତ ହୋଇଛି। ବିଏସ୍‌ସି ନର୍ସିଂ ଦ୍ୱିତୀୟ ବର୍ଷର ୪୦ ଜଣ ଛାତ୍ରୀଛାତ୍ର ପୋଷଣ ଖାଦ୍ୟ ପ୍ରସ୍ତୁତ କରି କେଉଁ ରୋଗୀ ପାଇଁ କି ଖାଦ୍ୟ ଦରକାର, କେଉଁ ଖାଦ୍ୟରେ କେତେ ମାତ୍ରାରେ ପ୍ରୋଟିନ୍ ରହିଛି ତାହା ବୁଝାଇଥିଲେ। କାହିଁକି ଲୋକ ମେଦବହୁଳତାର ଶିକାର ହେଉଛନ୍ତି ସେ ବିଷୟରେ ଲୋକଙ୍କୁ କହିଥିଲେ। ଏହି କାର୍ଯ୍ୟକ୍ରମରେ ସାଇଟ୍ ପ୍ରତିଷ୍ଠାତା ଡ. ଶ୍ରୀକର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦାନ କରି କର୍ମଶାଳା ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଲୋପାମୁଦ୍ରା ମିଶ୍ର ଅଧକ୍ଷତା କରିଥିଲେ। ଅଧ୍ୟାପକ ଅମିୟ ଯୋଷୀ, ଅଶୋକ ପଧାନ, ପ୍ରିୟବ୍ରତ ଖଟୁଆ, ରେସମା ସା, ଜତିନ ରଣା, ଇନ୍ଦ୍ରାଣୀ ବାଗ, ସୁସ୍ମିତା ସୁନା, ହିତିକା ମହାନ୍ତି, ସୌମ୍ଯ ରଞ୍ଜନ ନାଗ, ଅନିକେତ ପ୍ରଧାନ, ଦେବାଶିଷ ନାଏକ, କୁସୁମ ମଞ୍ଜରୀ ନାଗ, ପ୍ରଜ୍ଞାପରିମିତା ପରିଡା, ଜେନିଫା ନାୟକ, ଅନୁପମା ବାଗ, ଶରତ ପଧାନ ସହଯୋଗ କରିଥିଲେ। କମ୍ରୁନ ନିଶା ଧନ୍ୟବାଦ ଅର୍ପଣ କରିଥିଲେ।

## କ୍ଷମତାକୁ ଆସିଲେ ୧୦ ଗ୍ୟାରେଣ୍ଟି କାର୍ଯ୍ୟକାରୀ ହେବ

**କଂଗ୍ରେସର ଖବରଦାତା ସମ୍ମିଳନୀ**

ଭବାନୀପାଟଣା,୨୩।୩(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା କଂଗ୍ରେସ କାର୍ଯ୍ୟାଳୟରେ ଶନିବାର ଆଗାମୀ ସାଧାରଣ ନିର୍ବାଚନ ପାଇଁ କଂଗ୍ରେସ ପକ୍ଷରୁ ୧୦ଟି ଗ୍ୟାରେଣ୍ଟି ନ୍ୟାୟ ଯୋଜନା ଇସ୍ତାହାର ସମ୍ପର୍କରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଭାରତ ଭୂଷଣ ବେମାଲ ଲୋକଙ୍କ ପାଇଁ ୧୦ ଟି ଗ୍ୟାରେଣ୍ଟି ନ୍ୟାୟ ଯୋଜନାର ନିର୍ବାଚନୀ ଇସ୍ତାହାର ଉପରେ ପ୍ରକାଶ କରିଥିଲେ। ବିଜେଡି ଓ ଭାଜପା ସରକାରଙ୍କ ଶାସନ ସମୟରେ କୃଷକମାନଙ୍କ ବିଭିନ୍ନ ସମସ୍ୟା ବୃଦ୍ଧି ପାଇଛି। ଏଣୁ କଂଗ୍ରେସ ଓଡିଶାରେ କ୍ଷମତାକୁ ଆସିଲେ କୃଷକଙ୍କ ବିକାଶ ପାଇଁ ଧାନର କ୍ରୟ ମୂଲ୍ୟ କୁଇଣ୍ଟାଲ ପ୍ରତି ୩ହଜାର ଟଙ୍କା, କୃଷିଋଣ ଛାଡ, କୃଷକମାନଙ୍କ ପାଇଁ ମାସିକ ପେନସନ ୨ ହଜାର ଟଙ୍କା, ପ୍ରତ୍ୟେକ ଘରୋଇ ଉପଭୋକ୍ତା ଙ୍କ ପାଇଁ ୨ ଶହ ୟୁନିଟ ବିଦ୍ୟୁତ ଦେୟ ଛାଡ, ୫ ଲକ୍ଷ ଯୁବକ ଯୁବତୀଙ୍କ ପାଇଁ ନିଯୁକ୍ତି ବ୍ୟବସ୍ଥା, ବେକାରୀ ଭତ୍ତା ମାସିକ ୩ହଜାର ଟଙ୍କା ଆଦି ୧୦ ଗ୍ୟାରେଣ୍ଟି ପୂରଣ କରିବ ବୋଲି ଜିଲା ସଭାପତି ବେମାଲ ପ୍ରକାଶ କରିଥିଲ। ଏହି ସମୟରେ ଜିଲା ମିଡିଆ ସେଲ ସଂଯୋଜକ ମୁରଲୀଧର ନାଏକ, ଉପସଭାପତି ଉତ୍ସବ ସାହୁ, ମହମ୍ମଦ ଅଲ୍ଲୀ, ପ୍ରୀତମ ବେହେରା, ଜିଲା ସାଧାରଣ ସମ୍ପାଦକ ସରୋଜ ବାଗ, ଜିଲା ଯୁବ କଂଗ୍ରେସ ସଭାପତି ମହମ୍ମଦ ସାହେବ, ଛାତ୍ର ସଭାପତି ସୁଶାନ୍ତ ପ୍ରଧାନୀ ପ୍ରମୁଖ ଉପସ୍ଥିତ ଥିଲେ।

## ରାଜପଥରେ ବସିଲେ ଉଜ୍ଜ୍ୱଳା ଗ୍ୟାସ୍ ହିତାଧିକାରୀ



ହିତାଧିକାରୀମାନଙ୍କୁ ପୋଲିସ ବୁଝାଶୁଝା କରୁଛି।

କୋକସରା,୨୩।୩(ଦୁଷ୍ମନ୍ତ କୁମାର ପାଟଯୋଷୀ)

କାଳିଆ ଯୋଜନା, ପ୍ରଧାନମନ୍ତ୍ରୀ କିଷାନ ଯୋଜନାରେ ଯେମିତି ଟଙ୍କା ମିଳୁଛି। ସେହିଭଳି ଯେଉଁମାନଙ୍କ ଉଜ୍ଜ୍ୱଳା ଯୋଜନାରେ ଗ୍ୟାସ ସଂଯୋଗ ରହିଛି ସେହି ହିତାଧିକାରୀମାନେ ଆଧାର କେୱାଇସି ଅପଡେଟ କଲେ କେନ୍ଦ୍ର ସରକାର ୫ ହଜାର ଟଙ୍କା ତାଙ୍କ ଏକାଉଣ୍ଟକୁ ଦେଉଛନ୍ତି ବୋଲି ଏକ ଗୁଜବ ଗତ କିଛିଦିନ ହେବ କଳାହାଣ୍ଡି ଜିଲାରେ ଦେଖିବାକୁ ମିଳିଛି। ଏହି ଗୁଜବକୁ ନେଇ ଗ୍ୟାସ ବିତରକମାନେ ହରଡ଼ଘଣାରେ ପଡ଼ିଛନ୍ତି। ଗୁଜବ ଏହା ଯେ, ଉଜ୍ଜ୍ୱଳା ଯୋଜନାରେ ଗ୍ୟାସ ପାଇଥିବା ମହିଳା ହିତାଧିକାରୀଙ୍କ ଆଧାର କେୱାଇସି କରିଲେ ସରକାର ୫ ହଜାର ଟଙ୍କା ଦେଉଛନ୍ତି, ଏହି ଗୁଜବଟି ଗାଁଗାଁରେ ପ୍ରଚାରିତ ହେବାପରେ ଗ୍ୟାସ ବିତରକଙ୍କ ଅଫିସ ଆଗରେ ମହିଳା ହିତାଧିକାରୀଙ୍କ ନାହିଁ ନ ଥିବା ଭିଡ଼ ଦେଖିବାକୁ ମିଳିଛି। ଏହା ଗୁଜବ ବୋଲି ବିତରକ ଓ କର୍ମଚାରୀ କହିଲେ ମଧ ଆଧାର କେୱାଇସି କରିବାକୁ ଜିଦରେ ଅଡ଼ି ବସୁଛନ୍ତି ମହିଳା ହିତାଧିକାରୀ। ଶୁକ୍ରବାର କୋକସରା ବ୍ଲକ ଆମପାଣିଠାରେ ଥିବା ବୃନ୍ଦାବନ ଇଣ୍ଡେନ ଗ୍ୟାସ ବିତରକଙ୍କ ଅଫିସ ଆଗରେ ଆଧାର କେୱାଇସି କରିବାକୁ କୋକସରା ବ୍ଲକର ବିଭିନ୍ନ ପଞ୍ଚାୟତରୁ ଶହ ଶହ ମହିଳା ଆସି ରୁଣ୍ଡ ହୋଇଥିଲେ। ତେବେ ସ୍ଥିତି ଅସମ୍ଭାଳ ଦେଖି ବିତରକ ଅଫିସ ବନ୍ଦ କରିଦେବାରୁ ମହିଳାମାନେ ଜାତୀୟ ରାଜପଥ ୨୬ରେ ବସି ପଡ଼ି ଆନ୍ଦୋଳନ ଆରମ୍ଭ କରିଥିଲେ। ପରିସ୍ଥିତି ସମ୍ପର୍କରେ ବିତରକ ଆମପାଣି ଥାନା ଅଧିକାରୀଙ୍କୁ ଖବର ଦେବାପରେ ପୋଲିସ ଓ ଗ୍ୟାସ ବିତରକ କର୍ମଚାରୀମାନେ ପହଞ୍ଚି ମହିଳାଙ୍କୁ ବୁଝାସୁଝା କରି ଗୁଜବକୁ ବିଶ୍ୱାସ କରନ୍ତୁ ନାହିଁ। ସେହିଭଳି କିଛି ସ୍କିମ ନାହିଁ ବୋଲି କହିବାରୁ ରାସ୍ତା ଉପରୁ ମହିଳାମାନେ ଉଠିଥିଲେ। ତେବେ କିଛି ସମୟ ପାଇଁ ରାସ୍ତା ଅବରୋଧ ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହନ ଚଳାଚଳ ବନ୍ଦ ରହିଥିଲା। ପରେ ପୋଲିସ ଆସି ବୁଝସୁଝା କରିବା ପରେ ଉଜ୍ଜ୍ୱଳା ଯୋଜନାର ହିତାଧିକାରୀ ମହିଳାମାନେ ହଟିଥିଲେ। ତେବେ ଏଭଳି ଗୁଜବକୁ ନେଇ ହିତାଧିକାରୀଙ୍କ ମଧ୍ୟରେ ଦ୍ୱନ୍ଦ ଲାଗି ରହିଛି।

## ବିପଦସଙ୍କୁଳ ଖୁଣ୍ଟ ସିଧା କରାଗଲା

ଧରିତ୍ରୀ ପ୍ରଭାବ

ନୂଆପଡ଼ା,୨୩।୩ (ମକାରୁ ବେମାଲ): ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ଗଣ୍ଡାମେର ପଞ୍ଚାୟତ ବାବୁପାଲି ଗାଁ ଟାଣପଡାଠାରେ ବିଦ୍ୟୁତ୍ ଖୁଣ୍ଟ ବିପଦସଙ୍କୁଳ ଅବସ୍ଥାରେ ଅଛି ବୋଲି ୨୧ ତାରିଖ ଧରିତ୍ରୀ ଖବର କାଗଜରେ ପ୍ରକାଶିତ ହେବା ପରେ ବିଭାଗ ପକ୍ଷରୁ ତତ୍ପର ଦେଖାଇ ତୁରନ୍ତ ମରାମତି କରାଯାଇଛି ବୋଲି ସୂଚନା ମିଳିଛି । ପ୍ରାପ୍ତ ସୁଚନାନୁସାରେ ବାବୁପାଲି ଗାଁ ଟାଣପଡାଠାରେ ଏକ ବିଦ୍ୟୁତ୍ ଖୁଣ୍ଟ ପଡିବା ଅବସ୍ଥାରେ ରହି ତାର ଛିଣ୍ଡି ଝୁଲି ରହିଥିଲା । ପଡା ଭିତରେ ଓ ରାସ୍ତା କଡରେ ରହିଥିବାରୁ କେତେବେଳେ ଅଘଟଣ ଘଟି ଯାଇପାରେ ବୋଲି ଗ୍ରାମବାସୀ ଅନେକ ଥର ବିଦ୍ୟୁତ୍ ବିଭାଗକୁ ଲିଖିତ ଭାବରେ ଜଣାଇଥିଲେ ମଧ୍ୟ କର୍ଣ୍ଣପାତ କରୁ ନ ଥିଲେ । ଧରିତ୍ରୀ ଖବର କାଗଜରେ ପ୍ରକାଶିତ ହେଲା ପରେ ବିଭାଗ ପକ୍ଷରୁ ଖୁଣ୍ଟକୁ ସିଧା କରିବା ସହ ଛିଣ୍ଡି ଝୁଲି ରହିଥିବା ତାରକୁ ସଂଯୋଗ କରା ଯାଇଛି।



ଧରିତ୍ରୀରେ ଖବର ପ୍ରକାଶ ପୂର୍ବରୁ ଓ ପରେ

## ଭାରସାମ୍ୟ ହରାଇ ଗଛରେ ପିଟିଲା ବାଇକ୍

ଲାଞ୍ଜିଗଡ଼,୨୩।୩(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ଥାନା ଅନ୍ତର୍ଗତ ଲାଞ୍ଜିଗଡ଼ ଆଶ୍ରମପଡା ନିକଟରେ ଏକ ବାଇକ୍ ରାସ୍ତାରେ ଯାଉଥିବା ଜଣେ ବୃଦ୍ଧାଙ୍କୁ ଦୁର୍ଘଟଣା ଘଟାଇ ଗଛରେ ପିଟି ହେବା ଫଳରେ ବୃଦ୍ଧା ଏବଂ ବାଇକ୍ ଚାଳକ ଗୁରୁତର ହୋଇଛନ୍ତି। ଉଭୟଙ୍କୁ ଉଦ୍ଧାର କରି ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ସୂଚନା ମୁତାବକ ଶନିବାର ରାତି ୯ଟାରେ ଲାଞ୍ଜିଗଡ଼ ଆଶ୍ରମପଡାର ସନ୍ତୋଷ ମୁଣ୍ଡା (୫୫) ନିକଟସ୍ଥ କୁମ୍ଭାରପଡା ଯାଇ ଫେରୁଥିବା ବେଳେ ଆଶ୍ରମପଡା ନିକଟସ୍ଥ ପୋଖରୀ ପାଖରେ ବାଇକ ଚଳାଇ ରିଙ୍କୁ ମହାନ୍ତି (୨୮) ଲାଞ୍ଜିଗଡ ଆଡକୁ ଆସୁଥିବା ବେଳେ ଭାରସାମ୍ୟ ହରାଇ ମୁଣ୍ଡାଙ୍କୁ ଧକ୍କା ଦେଇ ପୋଖରୀ ନିକଟସ୍ଥ ଏକ ଗଛରେ ବାଡେଇହୋଇ ପଡିଯାଇଥିଲେ। ଦୁର୍ଘଟଣା ପରେ ଆହତ ଅବସ୍ଥାରେ ରାସ୍ତାରେ ଦୁଇଜଣ ପଡ଼ିଥିବା ବେଳେ ନିକଟସ୍ଥ ଆଶ୍ରମ ପଡ଼ାର କିଛି ଲୋକେ ଘଟଣା ସ୍ଥଳରୁ ଉଦ୍ଧାର କରି ଲାଞ୍ଜିଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଉଭୟଙ୍କ ଅବସ୍ଥା ଗୁରୁତର ଥିବାବେଳେ ପ୍ରାଥମିକ ଚିକିତ୍ସା ପରେ ଭବାନୀପାଟଣା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି।

## ଅଙ୍ଗନୱାଡି କେନ୍ଦ୍ରରେ ହୋଇନି ବିଦ୍ୟୁତ୍ ସଂଯୋଗ

**କଲବଲ କୋମଳମତି ଶିଶୁ**

ଦେଓଗାଁ,୨୩।୩(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସାଲେପାଲି ପଞ୍ଚାୟତ ଅଧିନରେ ଥିବା ଏକ ଅଙ୍ଗନୱାଡି କେନ୍ଦ୍ରରେ ବିଦ୍ୟୁତ୍ ସଂଯୋଗ ହୋଇନାହିଁ। ଗ୍ରୀଷ୍ମ ପ୍ରବାହ ବଢି ଚାଲିଥିବାରୁ କେନ୍ଦ୍ରକୁ ପ୍ରି କ୍ଲାସ ପାଇଁ ଆସୁଥିବା ପିଲାମାନେ ବିନା ପଙ୍ଖାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିସହ ଗର୍ଭବତୀମାନେ ଟୀକା ନେବାପାଇଁ ଏହି କେନ୍ଦ୍ରକୁ ଆସିଥାନ୍ତି । ଏହି ପରିସ୍ଥିତିରେ ଉକ୍ତ କେନ୍ଦ୍ରରେ ବିଦ୍ୟୁତ ସଂଯୋଗ ବ୍ୟବସ୍ଥା କରିବାକୁ ଅଭିଭାବକମାନେ ଦାବି କରିଛନ୍ତି । ସମସ୍ୟା ବିଷୟରେ ସିଡିପିଓ ସୁକାନ୍ତି ବେହେରାଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ ବ୍ଲକ ପ୍ରଶାସନକୁ ଚିଠି ଲେଖି ଜଣାଇଛି ବୋଲି କହିଛନ୍ତି। ଏ ଦିଗରେ ଜିଲାପାଳ ତୁରନ୍ତ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

## ଇଲେକ୍ଟୋରାଲ ବଣ୍ଡ ପ୍ରସଙ୍ଗରେ ବର୍ଷିଲେ ନରସିଂହ

ବଲାଙ୍ଗୀର,୨୨।୩(ବୀରେନ୍ଦ୍ର କୁମାର ଝାଙ୍କର)

ଇଲେକ୍ଟୋରାଲ ବଣ୍ଡ ପ୍ରସଙ୍ଗରେ ବଲାଙ୍ଗୀର ବିଧାୟକ ତଥା ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ର ଶନିବାର ଏକ ଖବରଦାତା କରି କେନ୍ଦ୍ରର ମୋଦୀ ସରକାର ଏବଂ ରାଜ୍ୟର ନବୀନ ସରକାରଙ୍କୁ କଡା ସମାଲୋଚନା କରିଥିଲେ। ସ୍ଥାନୀୟ ହୋଟେଲ ସେଲିବ୍ରେସନ୍‌ଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଧାୟକ ମିଶ୍ର କହିଥିଲେ ଯେ, ନା ଖାଉଙ୍ଗା ନା ଖାନେ ଦୁଙ୍ଗା ନାରା ଦେଉଥିବା ଦେଶର ପ୍ରଧାନମନ୍ତ୍ରୀ ୨୦୧୮ ମସିହାରେ ଇଲେକ୍ଟୋରାଲ ବଣ୍ଡ ମାଧ୍ୟମରେ ନିଜ ଦଳୀୟ ପାଣ୍ଠି ବଢାଇବା ପାଇଁ ଜନବିରୋଧୀ ଆଇନ ଆଣିଥିଲେ। ଯାହାକୁ କଂଗ୍ରେସ ସରକାର ଅସମ୍ବିଧାନିକ ବୋଲି ତୀବ୍ର ବିରୋଧ କରିଥିଲା। କିନ୍ତୁ କେନ୍ଦ୍ର ସରକାର ଏହାକୁ ସେତେବେଳେ ଅଗ୍ରାହ୍ୟ କରି ବିଭିନ୍ନ କମ୍ପାନୀଠାରୁ ବେଆଇନ ଚାନ୍ଦା ଅସୁଲିରେ ଲାଗିଥିଲେ। ସେହିପରି ରାଜ୍ୟରେ ଥିବା ନବୀନ ସରକାର ସମାନ ରାସ୍ତା ଆପଣାଇ ଶତାଧିକ କୋଟି ଟଙ୍କାର ଦଳୀୟ ପାଣ୍ଠି ବିଭିନ୍ନ ଖଣି ଖାଦାନ ଓ କମ୍ପାନୀରୁ ଅସୁଲି କରିଥିଲେ।



ଖବରଦାତା ସମ୍ମିଳନୀରେ ବିଧାୟକ ନରସିଂହ ମିଶ୍ର ବକ୍ତବ୍ୟ ରଖୁଛନ୍ତି।

ଇଲେକ୍ଟୋରାଲ ବଣ୍ଡ ସଂକ୍ରାନ୍ତରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ଏବେ ସବିଶେଷ ତଥ୍ୟ ଲୋକଲୋଚନକୁ ଆସିଛି। ଦେଶର ପ୍ରଧାନମନ୍ତ୍ରୀ ଓ ରାଜ୍ୟର ମୁଖ୍ୟମନ୍ତ୍ରୀ ଅନୈତିକ ଉପାୟରେ ଶତାଧିକ କୋଟି ଟଙ୍କାର ଚାନ୍ଦା ବିଭିନ୍ନ ଖଣି କମ୍ପାନୀଠାରୁ ଅସୁଲି କରିଛନ୍ତି । ତେଣୁ ସେମାନେ ନୈତିକତା ଦୃଷ୍ଟିରୁ ଇସ୍ତଫା ଦେବା ଦରକାର ବୋଲି ବିଧାୟକ ମିଶ୍ର କହିଛନ୍ତି। କେନ୍ଦ୍ର ସରକାର ଇଲେକ୍ଟୋରାଲ ବଣ୍ଡ ଆଣିବା ସମ୍ପୂର୍ଣ୍ଣ ଅସମ୍ବିଧାନିକ ଏବଂ ଏହା ଲୁଟ୍ ବୋଲି ସେ କହିଥିଲେ। ସୁପ୍ରିମକୋର୍ଟରେ ଏକ ଯାଚିକା ଦାୟର ହୋଇଥିଲା ଯାହାକୁ ଗ୍ରହଣ କରି ସୁପ୍ରିମକୋର୍ଟ କେନ୍ଦ୍ର ସରକାରକୁ ତୀବ୍ର ଭର୍ତ୍ସନା କରିବା ସହ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ)କୁ ଇଲେକ୍ଟୋରାଲ ବଣ୍ଡର ସମସ୍ତ ତଥ୍ୟ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏସ୍‌ବିଆଇ ତଥ୍ୟ ପ୍ରଦାନ ପାଇଁ ୩ ମାସ ସମୟ ମାଗିଥିଲା ଯାହାକୁ ସୁପ୍ରିମକୋର୍ଟ ଅଗ୍ରାହ୍ୟ କରିବା ସହ ତୁରନ୍ତ ତଥ୍ୟ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ତେବେ ଏସ୍‌ବିଆଇ ଧାର୍ଯ୍ୟ ସମୟରେ ଦେଇଥିବା ତଥ୍ୟ ଅସମ୍ପୂର୍ଣ୍ଣ ଥିବା ହେତୁ ପୁନଶ୍ଚ ସୁପ୍ରିମକୋର୍ଟ ଭାରତର ନିର୍ବାଚନ କମିଶନକୁ ସମସ୍ତ ତଥ୍ୟ ତତ୍‌କ୍ଷଣାତ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ପ୍ରଦାନ କରାଯାଇଥିବା

**ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିକଲେ**

ତଥ୍ୟରୁ ବର୍ତ୍ତମାନ ସ୍ପଷ୍ଟ ଜଣାପଡୁଛି ଯେ ଇଲେକ୍ଟୋରାଲ ବଣ୍ଡ ମାଧ୍ୟମରେ ପ୍ରଦାନ କରାଯାଇଥିବା ଅର୍ଥରାଶିର ସିଂହଭାଗ ବିଭିନ୍ନ ଖଣି ଖାଦାନ କମ୍ପାନୀରୁ ଭାଜପା ଓ ବିଜେଡିକୁ ଯାଇଛି। ଇଲେକ୍ଟୋରାଲ ବଣ୍ଡ ମାଧ୍ୟମରେ ଯେଉଁମାନେ ଟଙ୍କା ଦେଇଛନ୍ତି ସେମାନଙ୍କ ବିରୋଧରେ ପୂର୍ବରୁ ଇଡି, ଆୟକର ବିଭାଗର ଚଡାଉ ହୋଇଥିଲା। ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ ଅନୈତିକ ଭାବେ କିଭଳି ଅର୍ଥରାଶି ଆଦାୟ ହୋଇଛି। ରାଜ୍ୟ ବିଧାନସଭାରେ ମଧ ଗୋଟିଏ ନିର୍ଦ୍ଦିଷ୍ଟ କମ୍ପାନୀର ୮ କୋଟି ଟଙ୍କାର ଅର୍ଥ ରାଶି ଦଳୀୟ ପାଣ୍ଠି ହିସାବରେ ବିଜୁ ଜନତା ଦଳର ବ୍ୟାଙ୍କ ଏକାଉଣ୍ଟରେ ଜମା ହୋଇଥିଲା ଯାହାକୁ କି ସେତେବେଳେ ବିଧାନସଭାରେ ବିରୋଧୀ ଦଳନେତା ଭାବେ ସେ ଅନୁସନ୍ଧାନ ପାଇଁ ଦାବି କରିଥିଲେ। ଏହି ଦାବି ପରେ ସରକାରୀ ଦଳର ବିଧାୟକମାନେ ବିରୋଧୀ ଦଳନେତାଙ୍କ ଇସ୍ତଫା ଦାବି କରି କୁଶପୁତ୍ତଳିକା ଦାହ କରିଥିଲେ ବୋଲି କହିଥିଲେ।

# ଲୋକ ସଂସ୍କୃତିର ସୁରକ୍ଷା ପାଇଁ ପ୍ରୟାସ ହେଉ

ଅମରପାଲି, ୨୩ା୩(ପୀତାମ୍ବର ସାହୁ)



ଦ୍ୱିତୀୟ ସନ୍ଧ୍ୟାର ସଭାରେ ମଞ୍ଚାସୀନ ଅତିଥି ।

## ଦେଶ୍‌ଫାଲ୍ ଲୋକକଳା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

■ମନ ମୋହିଲା ଡାଲଖାଇ, ସମ୍ବଲପୁରୀ ନୃତ୍ୟ

ସୁବର୍ଣ୍ଣପୁର ଜିଲା ମହାନଦୀର ଅପରପାର୍ଶ୍ୱରେ ଅବସ୍ଥିତ ବୀରମହାରାଜପୁର ଓ ଉଲୁଣ୍ଡା ଅଞ୍ଚଳକୁ ଦେଶ୍‌ଫାଲ୍ ବୋଲି କୁହାଯାଏ। ଏହି ଅଞ୍ଚଳରେ ଅନେକ କଳା ଓ ସ୍ଥାପତ୍ୟ ରହିଛି। ଏହି ଅଞ୍ଚଳରେ ଜନ୍ମିତ ବ୍ୟକ୍ତିବିଶେଷ କଳା ଓ ସଂସ୍କୃତିର ପ୍ରଚାର ପାଇଁ ପ୍ରଚେଷ୍ଟା କରି ବିଶ୍ୱ ଦରବାରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛନ୍ତି। ଏହି ଅଞ୍ଚଳର କଳା,ସଂସ୍କୃତି ଓ ପରମ୍ପରାର ଏକପ୍ରକାର ସ୍ୱତନ୍ତ୍ର ଆକର୍ଷଣ ରହିଛି। ମାତ୍ର ପ୍ରଶାସନିକ ଓ ରାଜନୈତିକ ଉଦାସୀନତା ଯୋଗୁ ଏହା ସେତେ ମାତ୍ରରେ ଲୋକାଭିମୁଖୀ ତଥା ପ୍ରସାର ହୋଇ ପାରିନାହିଁ। ତେଣୁ ଅଞ୍ଚଳର କଳା ଓ ସଂସ୍କୃତିର ସୁରକ୍ଷା ପାଇଁ ଉଭୟ ପ୍ରଶାସନ ଓ ସାଧାରଣ ଲୋକ ତତ୍ପର ହେବା ସହିତ ପ୍ରୟାସ ହେବାର ଆବଶ୍ୟକତା ରହିଛି। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡ ଧର୍ମଶାଳାସ୍ଥିତ ଦୋଳମଣ୍ଡପ ପଡିଆରେ ଅନୁଷ୍ଠିତ ୫ମ ଦେଶ୍‌ଫାଲ ଲୋକକଳା ମହୋତ୍ସବର ଶନିବାର ଦ୍ୱିତୀୟ ସନ୍ଧ୍ୟାରେ ମଞ୍ଚାସୀନ ଅତିଥିମାନେ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ଦେଶ୍‌ଫାଲ ଲୋକକଳା ମହୋତ୍ସବ କମିଟିର ସଭାପତି ପଦ୍ମଲୋଚନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଦ୍ୱିତୀୟ ସନ୍ଧ୍ୟାର ସାଂସ୍କୃତିକ ସଭାରେ ସୋନପୁରର ପ୍ରାକ୍ତନ ବିଧାୟକ ବିନୋଦ ପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଦେଶଫାଲ ଲୋକକଳା ମହୋତ୍ସବ କମିଟିର ଉପଦେଷ୍ଟା ତଥା ଆଇନଜୀବୀ ବଳଦେବ ବେଦବାକ ମୁଖ୍ୟବକ୍ତା ଏବଂ ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ସମାଜସେବୀ ଶ୍ରୀବତ୍ସ ମଲ୍ଲିକ, ଉଲୁଣ୍ଡା ବ୍ଲକ ଉପାଧ୍ୟକ୍ଷ ସଞ୍ଜୀବ ଦେହୁରୀ, ଉଲୁଣ୍ଡା ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି କୃତ୍ତିବାସ ମିଶ୍ର, ସମାଜସେବୀ ଅରବିନ୍ଦ ବାରିକ, ନବନିର୍ମାଣ କୃଷକ ସଂଗଠନର ରାଜ୍ୟ ଉପସଭାନେତ୍ରୀ ସୋନାଲି ବିଶି ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। କେଶବ କୁମାର ଦାସ,ବୀରେନ ଜଗଦଳା ,ବ୍ରହ୍ମା କୁମାର ଓ ସାଥୀଙ୍କ ଦାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ବିନୟ କୁମାର ତ୍ରିପାଠୀ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିବା ବେଳେ ମହୋତ୍ସବ କମିଟିର ସହ ସମ୍ପାଦକ ଗିରିଶ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ଣ୍ଣଚନ୍ଦ୍ର ପାଢ଼ୀ ଓ ସୁରେଖା ଆଚାର୍ଯ୍ୟ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ବିମଳା ସେଠଙ୍କୁ ଦେଶ୍‌ଫାଲ୍ ଶିକ୍ଷା ବିକାଶ ସମ୍ମାନ ଓ ଋଷିରାଜ ମେହେରଙ୍କୁ ଦେଶ୍‌ଫାଲ ଶିଶୁ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। ସଭା ପରେ ସମଲେଶ୍ୱରୀ ଓ ସୁରେଶରୀ ଭଜନରୁ ଆରମ୍ଭ ହୋଇଥିଲା ସାଂସ୍କୃତିକ କାର୍ଯ୍ୟକ୍ରମ। ପରେ ସୋନପୁର ର ରୁମକୁଝୁମାନାର ସମ୍ବଲପୁରୀ ନୃତ୍ୟ, ତୁଷୁରା(ବଲାଙ୍ଗୀର)ର ସାନବଡ଼ ଘୁଡୁକା ଦଳ ର ଘୁଡୁକା ନୃତ୍ୟ, ସୋନପୁରର ପଇଁରି କଳାକାରଙ୍କ ଦ୍ୱାରା ଡାଲଖାଇ, ମାଇଲାଜଡ, ଦୀପପାଲି (ଉଲୁଣ୍ଡା) କଳାକାରଙ୍କ ଦାରା ବାଏଧନ ନୃତ୍ୟ ପରିବେଷଣ କରାଯାଇଥିଲା। ଏହାଛଡା ଆଞ୍ଚଳିକ କଳାକାରଙ୍କ ଦ୍ୱାରା ଆଦିବାସୀ ନୃତ୍ୟ, ଡାଲଖାଇ ନୃତ୍ୟ, ଷୋଳସୁଆଙ୍ଗ,ଦଣ୍ଡ ନୃତ୍ୟ ଆଦି କ୍ରମାନ୍ୱୟରେ ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ପରିବେଷଣ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଲକ୍ଷ୍ମୀନାରାୟଣ ସାହୁ ଓ ଅବିନାଶ ହୋତା ସଂଯୋଜନା କରିଥିଲେ।

# ଜିତେନ୍ଦ୍ର ପିସିସି ରାଜ୍ୟ ସାଧାରଣ ସମ୍ପାଦକ

ସୋନପୁର, ୨୩ା୩(ମୃତ୍ୟୁଞ୍ଜୟ ଶତପଥୀ)


ଜିତେନ୍ଦ୍ର କୁମାର ପଟ୍ଟନାୟକ।

ପ୍ରଦେଶ କଂଗ୍ରେସ କମିଟି(ପିସିସି) ପଦାଧିକାରୀଙ୍କ ନାମ ତାଲିକା ଅଖିଳ ଭାରତ କଂଗ୍ରେସ କମିଟି ଦ୍ୱାରା ଅନୁମୋଦିତ ହୋଇଛି। ଏହି କ୍ରମରେ ସୁବର୍ଣ୍ଣପୁର ଜିଲାର ଯୁବ କଂଗ୍ରେସ ନେତା ଜିତେନ୍ଦ୍ର କୁମାର ପଟ୍ଟନାୟକଙ୍କୁ ପିସିସିର ରାଜ୍ୟ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଛି। ଜିତେନ୍ଦ୍ର କଲେଜରେ ପାଠପଢା ସମୟରୁ ଛାତ୍ର କଂଗ୍ରେସ ସହିତ ସମ୍ପୃକ୍ତ ଥିଲେ। ୧୯୯୯ ମସିହାରେ ସେ ସୁବର୍ଣ୍ଣପୁର ଜିଲା ଛାତ୍ର କଂଗ୍ରେସ କମିଟିର ସଭାପତି ଭାବେ କାର୍ଯ୍ୟ କରିଥିଲେ। ୨୦୦୨ ମସିହାରୁ ସୁବର୍ଣ୍ଣପୁର ଜିଲା ଯୁବ କଂଗ୍ରେସ କମିଟିର ସଭାପତି ଭାବେ କାର୍ଯ୍ୟ କରିଛନ୍ତି। ୨୦୦୯ ମସିହାରେ ଦଳ ତାଙ୍କୁ ସୋନପୁର ବିଧାନସଭା ଆସନ ପାଇଁ ପ୍ରାର୍ଥୀ କରିଥିଲା। ସେ ଦୀର୍ଘ ବର୍ଷ ଧରି ପିସିସି ସଭ୍ୟ ଭାବେ କାର୍ଯ୍ୟ କରିଛନ୍ତି। ୨୦୧୮ରେ ତାଙ୍କୁ ପିସିସି ସମ୍ପାଦକ ଭାବେ ନିଯୁକ୍ତି ମିଳିଥିଲା। ଏହି ନୂତନ ନିଯୁକ୍ତି ପାଇଁ ଜିତେନ୍ଦ୍ର ଅଖିଳ ଭାରତୀୟ କଂଗ୍ରେସ କମିଟିର ସଭାପତି ମଲ୍ଲିକାର୍ଜୁନ ଖାର୍ଗେ, ରାହୁଲ ଗାନ୍ଧୀ ଓ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଶରତ କୁମାର ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି। ଦଳ ଆଗାମୀ ଦିନରେ ଯାହା ଦାୟିତ୍ୱ ଦେବ ତାକୁ ନିଷ୍ଠାର ସହ ପାଳନ କରିବେ ବୋଲି ଜିତେନ୍ଦ୍ର କହିଛନ୍ତି।

# ଏଡ୍‌ସ ସଚେତନତା କାର୍ଯ୍ୟକ୍ରମ

ବାଉଁଶୁଣୀ, ୨୩ା୩(ଦେବାଶିଷ ନେପାକ)

ବୌଦ୍ଧ ଜିଲା ବାଉଁଶୁଣୀ ମା’ ମାହେଶ୍ୱରୀ ଡିଗ୍ରୀ ମହାବିଦ୍ୟାଳୟରେ ଶନିବାର ଦିନ ଏଡ୍‌ସ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଅନିରୁଦ୍ଧ ମହାକୁଡ଼ଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅନିରୁଦ୍ଧ ମହାକୁଡ଼ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଶଶିକାନ୍ତ ଜେନା, ଅଧ୍ୟାପକ ବାବାରାମ ଦେହୁରୀ ଉପସ୍ଥିତ ରହି ଏଡ୍‌ସ ରୋଗର କାରଣ ଓ ଏଥିଲାଗି ଆବଶ୍ୟକ ସତର୍କତା ସମ୍ବନ୍ଧରେ ଛାତ୍ରୀଛାତ୍ରମାନଙ୍କୁ କହିଥିଲେ। ଯୁବ ସମାଜ ବିଶେଷ କରି ଛାତ୍ରୀଛାତ୍ର ସର୍ବପ୍ରଥମେ ସଚେତନ ହେଲେ ଅନ୍ୟମାନଙ୍କୁ ମଧ୍ୟ ସଚେତନ କରିବାରେ ସାହାଯ୍ୟ କରି ପାରିବେ ବୋଲି ଅଧ୍ୟକ୍ଷ ମହାକୁଡ କହିଥିଲେ। ଏଥିରେ ୫୦ ଜଣ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ମହାବିଦ୍ୟାଳୟର ଏଡସ କାଉନସିଲର ଗୋକୁଳାନନ୍ଦ ପ୍ରଧାନ ଏହି କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଷୋହଳ ପ୍ରହର ନାମଯଜ୍ଞ

ଘଣ୍ଟାପଡ଼ା, ୨୩ା୩(ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ପଞ୍ଚାୟତର ଲଣ୍ଡାପଦର ଗ୍ରାମରେ ଦୋଳପୂର୍ଣ୍ଣିମା ଉପଲକ୍ଷେ ଷୋହଳ ପ୍ରହର ନାମଯଜ୍ଞ ଶନିବାର ସକାଳେ ଆରମ୍ଭ ହୋଇଛି। ସେଥିପାଇଁ ଶୁକ୍ରବାର ଗ୍ରାମର ମହିଳାମାନଙ୍କୁ ନେଇ ଏକ କଳସ ଶୋଭାଯାତ୍ରା ବାହାରି ଗ୍ରାମ୍ୟ ପରିକ୍ରମା କରି ପୂଜା ମଣ୍ଡପରେ ସ୍ଥାପନ କରାଯାଇଥିଲା। ଆସନ୍ତା ସୋମବାର ଦିନ ପୂର୍ଣ୍ଣାହୁତି ହେବା ନେଇ କମିଟି ସଦସ୍ୟ ଯୋଗୀରାମ ରଣା ପ୍ରକାଶ କରିଛନ୍ତି। ଉକ୍ତ ନାମଯଜ୍ଞରେ ଯଜ୍ଞାଚାର୍ଯ୍ୟ ଭାବେ ପଣ୍ଡିତ ପ୍ରତାପ ପାଣିଗ୍ରାହୀ ଏବଂ ପୁରୋହିତ ଭାବେ ପପୁନ ପାଣିଗ୍ରାହୀ ପୂଜା କାର୍ଯ୍ୟ କରିଥିଲେ। ବଶିଷ୍ଠ ରଣା ଓ ପତ୍ନୀ ପଦ୍ମାଳୟା ରଣା କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିଲେ। ଗ୍ରାମର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

### ସମ୍ବେଦନଶୀଳ ଅଞ୍ଚଳରେ ପୋଲିସର ଫ୍ଲାଗମାର୍ଚ୍ଚ



ଘଣ୍ଟାପଡ଼ା, ୨୩ା୩(ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ଥାନା ପକ୍ଷରୁ ଥାନାଧିକାରୀ ମାଧବ ଚନ୍ଦ୍ର ଟାକ୍ରିଙ୍କ ନିର୍ଦ୍ଦେଶକ୍ରମେ ଏସଆଇ ବିଶ୍ୱାମିତ୍ର ଲୋଇଙ୍କ ତତ୍ତ୍ୱାବଧାନରେ ୨ ପ୍ଲାଟୁନ ଆଇଆରବି ଜବାନଙ୍କ ସହ ଲଗାତର ଥାନାଞ୍ଚଳର ସମ୍ବେଦନଶୀଳ ଅଞ୍ଚଳରେ ପୋଲିସର ଫ୍ଲାଗମାର୍ଚ୍ଚ କରାଯାଇଛି। ଶନିବାର ଜନବହୁଳ ଆମ୍ବଗାଁରେ ପୋଲିସ ଫ୍ଲାଗମାର୍ଚ୍ଚ କରିଛି। ଆସନ୍ତା ସାଧାରଣ ନିର୍ବାଚନ ଅବାଧ, ମୁକ୍ତ ଓ ନିରପେକ୍ଷ ଭାବେ କରିବା ପାଇଁ ସଚେତନତା ବାର୍ତ୍ତା ଦିଆଯାଇଥିଲା।

### ବୃନ୍ଦାବନରେ ନୂତନ ହାଟର ଶୁଭାରମ୍ଭ



ବୌଦ୍ଧ, ୨୩ା୩ (ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ମଥୁରା ପଞ୍ଚାୟତର ବୃନ୍ଦାବନପୁରଠାରେ ଶନିବାର ଦିନ ନୂତନ ସାପ୍ତାହିକ ହାଟର ଶୁଭାରମ୍ଭ ହୋଇଛି। ଗଙ୍ଗାଧର ଦନ୍ତୀ, ଅରୁଣ ଡାଙ୍ଗ, ଗଙ୍ଗାଧର ମେହେର, ସଦାଶିବ ପାତ୍ର, ବନ ରଣାଙ୍କ ମିଳିତ ଉଦ୍ୟମରେ ଏହି ହାଟର ଶୁଭାରମ୍ଭ ହୋଇଛି । ଏହି ହାଟ ପ୍ରତ୍ୟେକ ଶନିବାର ଦିନ ଅପରାହ୍ନରେ ଚାଲୁ ରହିବ । ହାଟରେ ଅଞ୍ଚଳର ଚାଷୀ, ମହିଳା ଗୋଷ୍ଠୀ, ଓ ବ୍ୟବସାୟୀମାନେ ଅଂଶଗ୍ରହଣ କରିଥିଲେ । ହାଟ ପରିସରରେ ପ୍ରଶାସନ ପକ୍ଷରୁ ପାନୀୟ ଜଳ ବ୍ୟବସ୍ଥା, ଆଲୋକୀକରଣ କରିବାକୁ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ଦାବି ହେଉଛି ।

# କ୍ଷମତାକୁ ଆସିଲେ କୃଷି ଋଣ ଛାଡ଼, କୃଷକଙ୍କ ପାଇଁ ପେନ୍‌ସନ ବ୍ୟବସ୍ଥା



କଂଗ୍ରେସର ଖବରଦାତା ସମ୍ମିଳନୀରେ ଜିଲା ସଭାପତି ଓ ଅନ୍ୟମାନେ।

## ଆଗାମୀ ନିର୍ବାଚନରେ କଂଗ୍ରେସ ବିରୋଧୀ ଦଳକୁ ଦେବ କଡ଼ା ଟକ୍କର

ବୌଦ୍ଧ, ୨୩ା୩(ଅଜିତ କୁମାର ବାରିକ)

ସାଧାରଣ ନିର୍ବାଚନ ପାଇଁ ବିଗୁଲ୍ ବାଜି ଥିବା ବେଳେ ସବୁ ରାଜନୈତିକ ଦଳଗୁଡିକ ନିର୍ବାଚନ ପାର ହେବା ପାଇଁ ନିଜ ନିଜର ରଣକୌଶଳ ଆରମ୍ଭ କରି ଦେଇଛନ୍ତି । ବୌଦ୍ଧ ଜିଲାରେ ତିନି ପ୍ରମୁଖ ରାଜନୈତିକ ଦଳ କଂଗ୍ରେସ, ବିଜେଡି ଓ ଭାଜପା ମଧ୍ୟରେ କଡା ଟକ୍କର ହେବାକୁ ଯାଉଥିବା ବେଳେ ଶନିବାର ଦିନ ଜିଲା କଂଗ୍ରେସ ପକ୍ଷରୁ ଦଳର ଇସ୍ତାହାର ପ୍ରକାଶ କରାଯାଇଛି। ଏନେଇ ଜିଲା କଂଗ୍ରେସ କମିଟି ସଭାପତି ନବ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଜିଲା କଂଗ୍ରେସ କାର୍ଯ୍ୟାଳୟଠାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ସମ୍ମିଳନୀରେ ପ୍ରଦେଶ କଂଗ୍ରେସ କମିଟିର ପ୍ରବକ୍ତା ତଥା ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ପଞ୍ଚାନନ ଦାଶ ଯୋଗଦେଇ କଂଗ୍ରେସର ନଅ ସୂତ୍ରୀ ଇସ୍ତାହାର ସଂପର୍କରେ ସୂଚନା ପ୍ରଦାନ କରିଥିଲେ। ଏନେଇ ଦାଶ କହିଥିଲେ, ରାଜ୍ୟରେ ବିଜେଡି ଭାଜପା ମଧ୍ୟରେ ମେଣ୍ଟ ହେଉ କି ନ ହେଉ ଉଭୟ ଦଳ ମଧ୍ୟରେ ରହିଥିବା ଭିତିରି ବୁଝାମଣା ସଂପର୍କରେ ରାଜ୍ୟବାସୀଙ୍କୁ ଅଛପା ନାହିଁ। ତେଣୁ ବର୍ତ୍ତମାନ କଂଗ୍ରେସ ପ୍ରତି ଲୋକଙ୍କ ଆସ୍ଥା ବୃଦ୍ଧି ପାଉଥିବା ସେ କହିଥିଲେ । ରାଜ୍ୟରେ ବାହାର ରାଜ୍ୟର ଠିକାଦାରଙ୍କୁ ଲଗାଇ ଖଣି ଖାଦାନ ଲୁଟ୍‌ଠାରୁ ଆରମ୍ଭ କରି ସମସ୍ତ ନିର୍ମାଣ କାର୍ଯ୍ୟ ସେମାନଙ୍କ ଦ୍ୱାରା କରାଯାଉଥିବା ମଧ୍ୟ ଅଭିଯୋଗ କରିଥିଲେ।

ସେହିପରି ରାଜ୍ୟରେ ଉତ୍ତମ ଶିକ୍ଷାନୁଷ୍ଠାନ ନାହିଁ କି ଉତ୍ତମ ଶିକ୍ଷା ବ୍ୟବସ୍ଥା ନାହିଁ ବୋଲି କହିବା ସହ ବଡ ବଡ କମ୍ପାନୀକୁ କୋଟି କୋଟି ଟଙ୍କାର କର ଛାଡ କରାଯାଇ ଗରିବଙ୍କୁ ଶୋଷଣ କରାଯାଉଥିବା ଅଭିଯୋଗ କରିତ୍ଲେ। ତେଣୁ କଂଗ୍ରେସ ଏହିସବୁ ବ୍ୟବସ୍ଥାରେ ପରିବର୍ତ୍ତନ ଚାହୁଁଛି ଓ ଲୋକଙ୍କ ଆସ୍ଥାଭାଜନ ହୋଇ ପୁଣିଥରେ କ୍ଷମତାକୁ ଫେରିବ ଏବଂ ରାଜ୍ୟବାସୀଙ୍କୁ ସୁଶାସନ ପ୍ରଦାନ କରିବ ବୋଲି ପ୍ରବକ୍ତା ଦାଶ ପ୍ରକାଶ କରିଥିଲେ। ଦଳ ପକ୍ଷରୁ ଦିଆଯାଇଥିବା ଇସ୍ତାହାର ଅନୁଯାୟୀ, କଂଗ୍ରେସ କ୍ଷମତାକୁ ଆସିଲେ ବୋନସ ସହ ଧାନର କ୍ରୟ ମୂଲ୍ୟ କୁଇଣ୍ଟାଲ ପ୍ରତି ୩୦୦୦ ଟଙ୍କା, କୃଷି ଋଣ ଛାଡ, କୃଷକମାନଙ୍କ ପାଇଁ ପେନସନ ୨୦୦୦ ଟଙ୍କା, ସମସ୍ତ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ବ୍ୟାଙ୍କ ଋଣ ଛାଡ, ଗୃହଲକ୍ଷ୍ମୀ ଯୋଜନାରେ ପ୍ରତ୍ୟେକ ଘରର ମୁଖ୍ୟ(ମହିଳା)ଙ୍କୁ ମାସିକ ୨୦୦୦ ଟଙ୍କା, ପ୍ରତ୍ୟେକ ପରିବାରକୁ ୫୦୦ ଟଙ୍କାରେ ଗୋଟିଏ ଗ୍ୟାସ ସିଲିଣ୍ଡର, ସରକାରୀ କର୍ମଚାରୀ ସମେତ ସମସ୍ତଙ୍କ ପାଇଁ ୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସହାୟତା ଓ ଚାକିରୀ କ୍ଷେତ୍ରରେ ପଛୁଆ ବର୍ଗ ପାଇଁ ୨୭ ପ୍ରତିଶତ ସଂରକ୍ଷଣ ପ୍ରଦାନ କରାଯିବାକୁ ପ୍ରତିଶ୍ରୁତି ଦିଆଯାଇଛି। ଖବରଦାତା ସମ୍ମିଳନୀରେ ଦଳର ଜିଲା ମୁଖ୍ୟ ପ୍ରବକ୍ତା ଶାନ୍ତନୁ ମହାପାତ୍ର, ଉପସଭାପତି ସମରେଶ ମିଶ୍ର, ଗଣେଶ ଅଗ୍ରୱାଲା, ସମରେନ୍ଦ୍ର ମହାକୁଳ, ଅର୍ଜୁନ ମହାନନ୍ଦିଆ,ପଙ୍କଜ କର୍ଣ୍ଣ, ପ୍ରଦିପ ଦାସ ଓ ବେଣୁଧର ମେହେରଙ୍କ ସମେତ ବହୁ ସଂଖ୍ୟାରେ କଂଗ୍ରେସ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ଦିଗଶିରା ଗାଁରୁ ଚୋରାମଦ ଜବତ

ଡୁଙ୍ଗୁରିପାଲି, ୨୩ା୩(ଦୀନବନ୍ଧୁ ସୁନା): ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଅନ୍ତର୍ଗତ ଦିଗଶିରା ଗ୍ରାମରେ ପୋଲିସ ପକ୍ଷରୁ ଚଢାଉ କରାଯାଇ ୭ ଲିଟର ରନ୍ଧା ଦେଶୀମଦ ଜବତ କରାଯାଇଛି। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଡୁଙ୍ଗୁରିପାଲି ଥାନା ଅଧିକାରୀ ସତ୍ୟନାରାୟଣ ପଧାନ ଓ ପୋଲିସ ଟିମ୍ ଚଢ଼ାଉ କରି ଗ୍ରାମର ଦୁଃଖୁ ରଣାଙ୍କ ଠାରୁ ଦେଶୀ ମଦ ଜବତ କରିଥିଲେ । ଶନିବାର ଏ ନେଇ ଅଭିଯୁକ୍ତ ରଣାଙ୍କ ନାମରେ ନଂ ୮୪/୨୦୨୪ରେ ମାମଲା ରୁଜୁ ହୋଇଥିବା ବେଳେ ତାଙ୍କୁ କୋର୍ଟ ଚାଲାଣ କରାଯାଇ ନ ଥିବା ଥାନା ଅଧିକାରୀ ପଧାନ ପ୍ରକାଶ କରିଛନ୍ତି। ପ୍ରକାଶ ଯେ, ଦିଗଶିରା ଗ୍ରାମରେ ବେନିୟମ ଭାବେ କୁଟିଆ ମଦ ଦୋକାନ ଖୋଲାଯାଇ ଅବାଧରେ ମଦ ବିକ୍ରି ହେଉଥିଲା । ଫଳରେ ଗ୍ରାମରେ ଅଶାନ୍ତି ଲାଗି ରହିଥିଲା । ଏନେଇ ଗତ ନଭେମ୍ବର ୨୮ ତାରିଖରେ ଡୁଙ୍ଗୁରିପାଲି ବ୍ଲକରେ ଜିଲାପାଳ ଓ ଏସପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଦିଗଶିରା ଗାଁରେ କୁଟିଆ ମଦ କାରବାର ନେଇ ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ କରାଯାଇଥିଲା। ଫଳରେ ଗାଁରେ କିଛି ଦିନ ମଦ ବନ୍ଦ ରହିଥିଲା । ପୁଣି ଚୋରା ମଦ ବେପାରୀଙ୍କ ପକ୍ଷରୁ ଦେଶୀ ରନ୍ଧାମଦ କାରବାର ବୃଦ୍ଧି ପାଇବାରେ ଲାଗିଛି।

# ଐତିହାସିକ ଗନ୍ଧରାଢ଼ୀ ପୀଠରୁ ଉଠିଲା ସିଦ୍ଧେଶ୍ୱରଙ୍କ ଚୈତ୍ର ଦଣ୍ଡ


ଦଣ୍ଡଯାତ୍ରା ପାଇଁ ପୂଜାର୍ଚ୍ଚନା ଚାଲିଛି ।

ବାଉଁଶୁଣୀ, ୨୩ା୩(ଦେବାଶିଷ ନେପାକ)

ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଅନ୍ତର୍ଗତ ଜଗତି ନିକଟସ୍ଥ ଐତିହାସିକ ଗନ୍ଧରାଢୀ(ଚାରିଶମ୍ଭୁ) ପୀଠର ସିଦ୍ଧେଶ୍ୱର ମନ୍ଦିରରୁ ଶୁକ୍ରବାର ମଧ୍ୟରାତିରୁ ଚୈତ୍ର ଦଣ୍ଡ ଉଠିଛି। ପଣ୍ଡିତ ସୁଶିଲ କୁମାର ପାଣିଗ୍ରାହୀ ସିଦ୍ଧେଶ୍ୱର, ଜାଗେଶ୍ୱର, କପିଳେଶ୍ୱର,ପଶ୍ଚିମ ସୋମନାଥ, ବିଷ୍ଣୁ, ଶ୍ୟାମା କାଳୀ, ଭଦ୍ରକାଳୀଙ୍କ ଠାରେ ରୀତିନୀତି ପୂଜାକାନ୍ତି ପରେ ଦଣ୍ଡ ଉଠିଥିଲା। ଶନିବାର ମନ୍ଦିର ପରିସରରୁ ଠାକୁର ବାହାରି ଜଗତି ଗ୍ରାମ ପରିକ୍ରମା କରିବା ସହିତ ବନ୍ଦାଣ ଘେନିଥିଲେ। ଏହି ଦଣ୍ଡଯାତ୍ରା ୧୩ ଜଣ ଭୁକ୍ତାଙ୍କୁ ନେଇ ହୋଇଥାଏ। ଏହି ଭୁକ୍ତାମାନେ ଦିନ ସାରା ନିର୍ଜଳା ଉପବାସ ରହି ନିଷ୍ଠା ଓ କାଷ୍ଠାର ସହିତ ଏହାକୁ ପାଳନ କରିଥାନ୍ତି। ରାତିରେ ଭୋଗ ଲାଗିଲା ପରେ ଅନ୍ନଭୋଜନ କରିଥାନ୍ତି। ଏହି ଦଣ୍ଡଯାତ୍ରା ଗୋଟିଏ ଗାଁ ପରେ ଆଉ ଗୋଟିଏ ଗାଁରେ ହୋଇଥାଏ। ଏହିପରି ୨୧ ଦିନ ବୁଲିଲା ପରେ ମେରୁ ସଂକ୍ରାନ୍ତି ଦିନ ଏହି ଦଣ୍ଡଯାତ୍ରା ଉଦ୍‌ଯାପିତ ହୁଏ। ଯାହାକୁ ଆଞ୍ଚଳିକ ଭାଷାରେ ମେରୁଯାତ୍ରା ବୋଲି କୁହାଯାଏ । ତେବେ ଚାରିଶମ୍ଭୁର ଏହି ଦଣ୍ଡଯାତ୍ରାକୁ ସ୍ୱର୍ଗତ ଭୋଳାନାଥ ବାବା ୧୯୫୨ ମସିହାରେ ଆରମ୍ଭ କରିଥିଲେ। ତାଙ୍କର ଦେହାନ୍ତ ପରେ ଅନନ୍ତ ଗୁରୁଙ୍କ ତତ୍ତ୍ୱାବଧାନରେ ଏହି ଦଣ୍ଡ ପରିଚାଳିତ ହେଉଥିଲା। ତାଙ୍କର ଦେହାନ୍ତ ପରେ ବର୍ତ୍ତମାନ ଏହାକୁ ଚତୁର୍ଭୁଜ ଖମାରୀ ପରିଚାଳନା କରୁଥିବା ଜଣାପଡିଛି। ତେବେ ପୁରାତନ ଏହି ଦଣ୍ଡ ଯାତ୍ରା ପ୍ରାୟ ୮୦ ବର୍ଷରେ ପହଞ୍ଚିଛି।

# ୪୬୫ କିଲୋ ଗଞ୍ଜେଇ ଜବତ, ୨ ଗିରଫ

■ଅଭିନବ ଉପାୟରେ ଛତିଶଗଡକୁ ଗଞ୍ଜେଇ ଚାଲାଣ

■ନମ୍ବର ବିହୀନ ଟ୍ରାକ୍ଟର, ଟ୍ରଲି ଓ ହାର୍ଭେଷ୍ଟର ଜବତ



ସୋନପୁର, ୨୩ା୩(ମୃତ୍ୟୁଞ୍ଜୟ ଶତପଥୀ)

ଗଞ୍ଜେଇ ଚୋରାଚାଲାଣ ସମୟରେ ପୋଲିସ ଓ ଅବକାରୀ ବିଭାଗର ଧରପଗଡରୁ ବର୍ତ୍ତିବା ପାଇଁ ବ୍ୟବସାୟୀମାନେ ଅଭିନବ ଉପାୟ ଅବଲମ୍ବନ କରୁଛନ୍ତି। କେତେବେଳେ ଆମ୍ବୁଲାନ୍ସରେ ତ ଆଉ କେତେବେଳେ ପ୍ରେସ ଲେଖା ହୋଇଥିବା ଭ୍ୟାନ୍‌ରେ ଗଞ୍ଜେଇ ରାଜ୍ୟ ଓ ରାଜ୍ୟ ବାହାରକୁ ଚାଲାଣ କରାଯାଉଛି। ଶନିବାର ବୌଦ୍ଧ ଜିଲାର ମନମୁଣ୍ଡା ଥାନା ଅଞ୍ଚଳରୁ ଏକ ନମ୍ବରବିହୀନ ଟ୍ରାକ୍ଟର ଟ୍ରଲିରେ ହାର୍ଭେଷ୍ଟର ଓ ତଳେ ବିପୁଳ ପରିମାଣର ଗଞ୍ଜେଇ ଭର୍ତ୍ତି କରି ଛତିଶଗଡକୁ ଚୋରାଚାଲାଣ ହେଉଥିଲା। ସୋନପୁର ଥାନା ପୋଲିସ ଅର୍ଜୁନପୁର-ବୁର୍ଡା ରାସ୍ତାର ଖଇରଟିକିରା ଗାଁ ରାସ୍ତା ନିକଟରେ ଚଢାଉ କରି ଗଞ୍ଜେଇ ଚୋରାଚାଲାଣକାରୀଙ୍କୁ ଧରିବାରେ ସକ୍ଷମ ହୋଇଛି। ଏହି ଘଟଣାରେ ଗଞ୍ଜେଇ ଚୋରାଚାଲାଣ କରୁଥିବା ବୌଦ୍ଧ ଜିଲା ମନମୁଣ୍ଡା ଥାନା ଖଟଖଟିଆ ଗ୍ରାମର ଗିଲୁ ବିଶି(୨୪) ଓ ମାନସ ଭୋଇ(୨୨)ଙ୍କୁ ଗିରଫ କରାଯାଇଛି। ଜରି ବସ୍ତାରେ ଥିବା ଗଞ୍ଜେଇଗୁଡିକୁ ଓଜନ କରିବା ପରେ ମୋଟ ୪୬୫ କିଲୋ ବୋଲି ଜଣାପଡିଛି। ଏ ସମ୍ପର୍କରେ ସୁବର୍ଣ୍ଣପୁର ଏସ୍‌ପି ଯଶ୍‌ପ୍ରତାପ ଶ୍ରୀମାଲ ସୋନପୁର ଥାନା ପରିସରରେ ଶନିବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ରବିବାର ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟଚାଲାଣ କରାଯିବ। ସୋନପୁର ଥାନାରେ ନଂ ୧୧୯/୨୪ରେ ଏନ୍‌ଡିପିଏସ୍ ଆକ୍ଟରେ ଏକ ମାମଲା ରୁଜୁ ହୋଇଛି । ଏହି ଘଟଣାରେ ଅଧିକ ତଦନ୍ତ ଜାରି ରହିଥିବା ଏସ୍‌ପି ଶ୍ରୀମାଲ କହିଛନ୍ତି। ଖବରଦାତା ସମ୍ମିଳନୀରେ ସୋନପୁର ଆଇଆଇସି ଲୋକନାଥ ସାହୁ ଉପସ୍ଥିତ ଥିଲେ।

# ଉନ୍ନତି, ନ୍ୟାୟ ଓ ଅଧିକାର ଉପରେ ଗୁରୁତ୍ୱ

ସୋନପୁର, ୨୩ା୩(ମୃତ୍ୟୁଞ୍ଜୟ ଶତପଥୀ)



କଂଗ୍ରେସ ନେତୃବୃନ୍ଦ ଗ୍ୟାରେଣ୍ଟି କାର୍ଡକୁ ଉନ୍ମୋଚନ କରୁଛନ୍ତି।

## ସୁବର୍ଣ୍ଣପୁରରେ କଂଗ୍ରେସର ଗ୍ୟାରେଣ୍ଟି କାର୍ଡ ଉନ୍ମୋଚିତ

ସୁବର୍ଣ୍ଣପୁର ଜିଲାରେ କଂଗ୍ରେସର ଗ୍ୟାରେଣ୍ଟି କାର୍ଡ ଶନିବାର ଉନ୍ମୋଚିତ ହୋଇଯାଇଛି। ପ୍ରାକ୍ତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି କାର୍ଡର ଉନ୍ମୋଚନ କରିଥିଲେ। କଂଗ୍ରେସ କ୍ଷମତାକୁ ଆସିଲେ ୫ଟି ଗ୍ୟାରେଣ୍ଟି କାର୍ଯ୍ୟକାରୀ କରାଯିବା ସହ ନୂଆ ଓଡିଶା ଗଠନ ସମ୍ଭବ ବୋଲି ଭୋଇ କହିଥିଲେ। ଗୃହ ଜ୍ୟୋତି ଯୋଜନାରେ ଘରୋଇ ଉପଭୋକ୍ତାଙ୍କ ପାଇଁ ୨୦୦ୟୁନିଟ୍ ବିଦ୍ୟୁତ୍ ଦେୟ ଛାଡ, ଯୁବ ବିକାଶ ଯୋଜନାରେ ୫ଲକ୍ଷ ଯୁବତୀଯୁବକଙ୍କ ପାଇଁ ନିଯୁକ୍ତି ବ୍ୟବସ୍ଥା, କୃଷକ ବନ୍ଧୁ ଯୋଜନାରେ ବୋନସ ସହ ଧାନର ମୂଲ୍ୟ କୁଇଣ୍ଟାଲ ପ୍ରତି ୩୦୦୦ଟଙ୍କା, କୃଷି ଋଣ ଛାଡ, କୃଷକଙ୍କ ପାଇଁ ମାସିକ ୨ହଜାର ଟଙ୍କା ପେନସନ, ଗୃହ ଲକ୍ଷ୍ମୀ ଯୋଜନାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ବ୍ୟାଙ୍କ ଋଣ ଛାଡ, ମହିଳାଙ୍କୁ ମାସିକ ୨ହଜାର ଟଙ୍କା ଭତ୍ତା ଏବଂ ଆଦିବାସୀ ଓ ଦଳିତ ମହିଳାଙ୍କୁ ମାସିକ ଭତ୍ତା ୩ହଜାର ଟଙ୍କା ଏବଂ ମାସକୁ ୫୦୦ଟଙ୍କାରେ ଗ୍ୟାସ ସିଲିଣ୍ଡର ପ୍ରଦାନ ପାଇଁ ପ୍ରତିଶ୍ରୁତି ଦିଆଯାଇଛି। ସେହିପରି ଜନକଲ୍ୟାଣ ଯୋଜନାରେ ୨୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟବୀମା ମାଧ୍ୟମରେ ମାଗଣା ଚିକିତ୍ସା ବ୍ୟବସ୍ଥା, ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା ଓ ଦିବ୍ୟାଙ୍ଗ ଭତ୍ତା ମାସିକ ୨ହଜାର ଟଙ୍କା, ଚିଟ୍‌ଫଣ୍ଡ ପ୍ରଭାବିତ ଜମାକାରୀମାନଙ୍କୁ ୬ମାସ ଭିତରେ ସୁଧ ସହ ଜମାରାଶି ଫେରସ୍ତ, ଶିକ୍ଷାନୁଷ୍ଠାନ ଓ ଚାକିରୀ କ୍ଷେତ୍ରରେ ପଛୁଆ ବର୍ଗ ପାଇଁ ୨୭% ସଂରକ୍ଷଣ ବ୍ୟବସ୍ଥା, ଆଦିବାସୀ ଓ ଦଳିତଙ୍କର ନିଜ ଜମି ଓ ଜଙ୍ଗଲ ଜମି ଉପରେ ସମ୍ପୂର୍ଣ୍ଣ ଅଧିକାର ଏବଂ ୧୦୦ ଦିନ ଭିତରେ ପେସା ଆଇନକୁ କଡାକଡି ଭାବେ ଲାଗୁ କରାଯିବ ବୋଲି କୁହାଯାଇଛି। ଉନ୍ନତି, ନ୍ୟାୟ ଓ ଅଧିକାର ପାଇଁ କଂଗ୍ରେସ ବିକଳ୍ପ ବୋଲି ନେତୃବୃନ୍ଦ କହିଥିଲେ। ଏହି ଅବସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୋନପୁରର ପ୍ରାକ୍ତନ ବିଧାୟକ ତଥା ସୁବର୍ଣ୍ଣପୁର ଜିଲା କଂଗ୍ରେସ କମିଟି ସଭାପତି ବିନୋଦ ପାତ୍ର, ପିସିସି ସାଧାରଣ ସମ୍ପାଦକ ଜିତେନ୍ଦ୍ର କୁମାର ପଟ୍ଟନାୟକ, ପ୍ରାକ୍ତନ ଜିଲା କଂଗ୍ରେସ କମିଟି ସଭାପତି ଗୌରୀଶ୍ୟାମ ପଣ୍ଡା, ମିଡିଆ ସଂଯୋଜକ ବିଭୁ ପ୍ରସାଦ ସାହୁ, ମହିଳା କଂଗ୍ରେସ ସଭାନେତ୍ରୀ ବିଭୁ ପ୍ରସାଦ ସାହୁ, ରବିନ୍ଦ୍ର ଓତା, ପ୍ରିୟବ୍ରତ ସାହୁ, ପ୍ରଦୀପ ସେଠୀ, ରାଜେଶ ମିଶ୍ର, ସୁଧୀର କୁମାର ପଣ୍ଡା ଓ ଶେଷଦେବ ମେହେର ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଲକ୍ଷାଧିକ ଟଙ୍କାର ଆଖୁଚାଷ ଜଳିଗଲା

ବଡ଼ଗାଁ,୨୩ା୩( ଅଶୋକ ଷଡ଼ଙ୍ଗୀ): ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଭୋଇପାଲି ପଞ୍ଚାୟତ ଡେମୁପଡା ଗ୍ରାମର ଜଣେ ଚାଷୀଙ୍କ ଆଖୁ କିଆରୀରେ ଶନିବାର ନିଆଁ ଲାଗି ଲକ୍ଷାଧିକ ଟଙ୍କାର ଚାଷ ହୋଇଥିବା ଆଖୁ ଜଳି ନଷ୍ଟ ହୋଇଯାଇଛି। ସୂଚନା ଅନୁଯାୟୀ, ଗ୍ରାମର ଜଣେ ବ୍ୟକ୍ତି ମହୁଲ ଗୋଟାଇବା ପାଇଁ ଗଛ ମୂଳରେ ନିଆଁ ଲଗାଇଥିଲେ। ସେହି ନିଆଁ ବ୍ୟାପି ଯାଇ ସୋମବାରୁ ରୋହିଦାସଙ୍କ ଆଖୁ ବାଡିରେ ଲାଗିଯାଇଥିଲା। ଏ ନେଇ ସେ ଥାନାରେ ଅଭିଯୋଗ କରିଥିଲେ। ଥାନାରେ ଆପୋଷ ସମାଧାନ ହୋଇଥିବା ଜଣାପଡିଛି।

### ପେଟ୍ରୋଲ ପମ୍ପ କର୍ମଚାରୀଙ୍କୁ ମାଡ଼

କୁତ୍ରା,୨୩ା୩(ଦେବାଶିଷ ସାହୁ): ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ବିହାବନ୍ଧ ଠାରେ ଥିବା କିଷାନ ପେଟ୍ରୋଲ ପମ୍ପ କର୍ମଚାରୀଙ୍କୁ ୩ଜଣ ଦୁର୍ବୃତ୍ତ ମାଡ ମାରିଥିବା ଥାନାରେ ଅଭିଯୋଗ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ଶନିବାର ଅପରାହ୍ନ ସାଢେ ୩ ଟାରେ ଏକ ନମ୍ବର ବିହିନ ପିକ୍‌ଅପ ଗାଡି ଦ୍ରୁତଗତିରେ ତେଲ ଭରିବାକୁ ଆସିଥିଲା। ଦୁର୍ଘଟଣାରୁ ୨ ଜଣ ଅଳ୍ପକେ ବର୍ତ୍ତି ଯାଇଥିଲେ। ପରେ ସେଠାକାର କର୍ମଚାରୀ ଝାନପାଲି ଗ୍ରାମର ମୁକୁଲ ଏକ୍କା (୩୪) ତାଙ୍କୁ ଏତେ ଦ୍ରୁତଗତିରେ କାହିଁକି ଆସୁଛ ବୋଲି କହିବାରୁ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ପିକ୍‌ଅପରୁ ୩ ଜଣ ଓହ୍ଲାଇ ତାଙ୍କୁ ମାଡ ମାରିଥିବା ସେ ରାଜଗାଙ୍ଗପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏଥିରେ ତାଙ୍କ ମୁଣ୍ଡରେ ଆଘାତ ଲାଗିବାରୁ ତାଙ୍କୁ ସ୍ଥାନୀୟ ଡାକ୍ତର ଖାନାରେ ଭର୍ତ୍ତି କରାଯାଇଛି। ପୋଲିସ ଘଟଣାର ତଦନ୍ତ କରୁଛି।

### ବେଆଇନ ଗୋ ଚାଲାଣ ଗାଡ଼ି ଜବତ

ବଡ଼ଗାଁ,୨୩ା୩(ଅଶୋକ ଷଡ଼ଙ୍ଗୀ): ସୁନ୍ଦରଗଡ ଜିଲା ବଡ଼ଗାଁ ଥାନା ଅଞ୍ଚଳ ଦେଇ ଗୋ ଚାଲାଣ ହେଉଥିବାରୁ ଜନ ଅସନ୍ତୋଷ ଦେଖାଦେଇଛି। ଉପାନ୍ତ ଗ୍ରାମ ଦେଇ ଶୁକ୍ରବାର ବିଳମ୍ବିତ ରାତିରେ ଗୋ ଚାଲାଣ ହେଉଥିବା ସଂପର୍କରେ ଗ୍ରାମବାସୀ ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ଗୋରୁ ବୋଝେଇ ପିକ୍‌ଅପ ଗାଡିକୁ ଜବତ କରିଛି। ସୂଚନା ଅନୁଯାୟୀ, ଶୁକ୍ରବାର ବିଳମ୍ବିତ ରାତିରେ ବେଆଇନ ଗୋ ଚାଲାଣ ହେଉଥିବା ଦେଖି କେତେକ ଗ୍ରାମବାସୀ ପୋଲିସକୁ ଜଣାଇଥିଲେ। ବଡ଼ଗାଁ ଥାନା ଏଏସ୍‌ଆଇ ଉମାକାନ୍ତ ନାଏକ ସଦଳବଳେ ପହଞ୍ଚି ଏକମା ବସ୍‌ଷ୍ଟାଣ୍ଡ ନିକଟରୁ ୮ଟି ଗାଈ ବୋଝେଇ ପିକ୍‌ଅପ ଗାଡ଼ିକୁ ଜବତ କରିବା ସହ ଗାଈ ଗୁଡିକୁ ସ୍ଥାନୀୟ ଜଣେ ବ୍ୟକ୍ତିଙ୍କୁ ଜିମା ଦେଇଛନ୍ତି। ଗୋ ଚାଲାଣ ହେଉଥିବା ନେଇ ଗ୍ରାମବସୀ ବହୁବାର ପୋଲିସର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ସୂଚନା ଯୋଗ୍ୟ, ଏକ ଅପରାଧିକ ସଂଗଠନ ପକ୍ଷରୁ ସୁନ୍ଦରଗଡ ସହରରେ ଗୋ ଚାଲାଣ ବନ୍ଦ ନ କଲେ ପଦକ୍ଷେପ ନିଆଯିବ ବୋଲି ପୋଷ୍ଟର ଲଗାଇବା ଏବଂ ୨ଟି ଗୋ ଚାଲାଣ ଗାଡ଼ି ଉପରେ ଗୁଳିମାଡ଼ ହେବା ସତ୍ତ୍ୱେ ପୋଲିସ ଗୋ ଚାଲାଣ ରୋକିବା ଦିଗରେ ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ଜନ ଅସନ୍ତୋଷ ପ୍ରକାଶ ପାଇଛି।

### ପୂର୍ବତନ ସରପଞ୍ଚଙ୍କ ବିରୋଧରେ ପାଲଟା ଅଭିଯୋଗ

ବନ୍ଧମୁଣ୍ଡା,୨୩ା୩(ସୁବ୍ରତ ଦେ): ବନ୍ଧମୁଣ୍ଡା ଥାନାରେ ଶୁକ୍ରବାର କପାଟମୁଣ୍ଡାର ପଞ୍ଚାୟତ ଅଧିକାରୀଙ୍କ ବିରୋଧରେ ପୂର୍ବତନ ସରପଞ୍ଚ ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ମାମଲା ରୁଜୁ କରିଛି। ଶନିବାର ବିଶ୍ରା ଥାନାରେ ପୂର୍ବତନ ସରପଞ୍ଚଙ୍କ ବିରୋଧରେ ପଞ୍ଚାୟତ ଅଧିକାରୀ ପାଲଟା ଅଭିଯୋଗ ଆଣିଛନ୍ତି। ଉଭୟଙ୍କୁ ୨ ଥାନାର ପୋଲିସ ନୋଟିସ ମାଧ୍ୟମରେ ଥାନାରୁ ହିଁ ଜାମିନ ଦେଇଛନ୍ତି।

### କେଜରିୱାଲଙ୍କ ଗିରଫଦାରିକୁ ବିରୋଧ

ସରଣ୍ଡା,୨୩।୩(ଯୁଧିଷ୍ଠିର ମହାପାତ୍ର): ବରଗଡ଼ ଜିଲା ଅତାବିରା ତହସିଲ ଛକରେ ଶନିବାର ରାତି ୮ଟା ସମୟରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜିରୱାଲଙ୍କ ଗିରଫଦାରିକୁ ଅତାବିରା ଆମ୍ ଆଦ୍‌ମୀ ପାର୍ଟି ତରଫରୁ ବିରୋଧ ପ୍ରଦର୍ଶନ କରାଯାଇଛି।



ରାଜ୍ୟସ୍ତରୀୟ ପ୍ରତିଭା ସଙ୍ଗମରେ ସଫଳତା ପାଇଥିବା ସୁନ୍ଦରଗଡ଼ ଛାତ୍ରୀଛାତ୍ର।

# ପ୍ରତିଭା ସଙ୍ଗମରେ ଚମକିଲେ ସୁନ୍ଦରଗଡ଼ ଛାତ୍ରୀଛାତ୍ର

ସୁନ୍ଦରଗଡ,୨୩ା୩(ଜୟ ନାରାୟଣ ମେଣ୍ଡୁଲି)

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ରାଷ୍ଟ୍ରୀୟ କଳାମଞ୍ଚର ରାଜ୍ୟସ୍ତରୀୟ ପ୍ରତିଭା ସଙ୍ଗମ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଯାଇଛି। ଏହି ସଙ୍ଗମ ୩ ଦିନ ଧରି ଚାଲିଥିଲା। ଏଥିରେ ସୁନ୍ଦରଗଡ଼ ବିଭିନ୍ନ ମହାବିଦ୍ୟାଳୟର କଳା ଓ ସଂସ୍କୃତିରେ ରୁଚି ରଖୁଥିବା ବିଦ୍ୟାର୍ଥୀ ସରୂପ ବାଘ, ଅନୁରାଗ ଯାଦବ, ଖୁସି ବୁଡା, ବୈଷ୍ଣବୀ କିଷାନ, ବର୍ଷା ସେଠ, ଆଞ୍ଚଳ ଗୁପ୍ତା, ବନିତା ହେମରନ, ପଲ୍ଲବୀ ସିଂ, ଦିଲୀପ ଖାଲଖୋ, ଅନୁଷ୍କା ସା, ପ୍ରତ୍ୟୁଷ କାନ୍ତ ପ୍ରଧାନ, ସୁଶାନ୍ତ କରିଆଲି, ମନପ୍ରୀତ କୌର, ଯତୀନ କିଷାନ, ସସ୍ମିତା ସିଂ, କେଦାର ମିଞ୍ଜ ଓ ମନୋରମା ପଣ୍ଡା ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ବିଦ୍ୟାର୍ଥୀ ପରିଷଦର କାର୍ଯ୍ୟକର୍ତ୍ତା ଜିଲା ସଂଯୋଜକ ବାପୁନ ପସାୟତ, ରାଷ୍ଟ୍ରୀୟ କଳାମଞ୍ଚ ସଂଯୋଜକ ସୁବ୍ରତ ଜେନା, ଜିଲା ସହ ସଂଯୋଜକ ଗୋବର୍ଦ୍ଧନ ବାରିକ, ରାଜା ମିଞ୍ଜ, ସୁରଜ ସା, ବୃନ୍ଦାବନ ମହାନନ୍ଦିଆ ଓ ଓଡିଶା ପ୍ରାନ୍ତ ବିକାଶାର୍ଥେ ବିଦ୍ୟାର୍ଥୀ ସହ ସଂଯୋଜକ ଗୋପାଳ ନାଏକ ପ୍ରମୁଖ ପ୍ରତିଭା ସଙ୍ଗମରେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟର ଛାତ୍ରୀ ପଲ୍ଲବୀ ସିଂ କବିତା ଆବୃତ୍ତିରେ ସମଗ୍ର ଓଡିଶା ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରି ମହାବିଦ୍ୟାଳୟ ଓ ଜିଲା ବାସୀଙ୍କ ପାଇଁ ଗୌରବ ଆଣିଛନ୍ତି। ବିଦ୍ୟାର୍ଥୀ ପରିଷଦର ଏତାଦୃଶ ସଫଳତା ପାଇଁ ବିଭାଗ ପ୍ରମୁଖ ପ୍ରଫୁଲ୍ଲ ଧାରୁଆ, ବିଭାଗ ସଂଯୋଜକ ଗୋପାଳ ନାଏକ, ଜିଲା ସଂଯୋଜକ ବାପୁନ ପସାୟତ, ଜିଲା ସହ ସଂଯୋଜକ ଗୋବର୍ଦ୍ଧନ ବାରିକ ଓ ସମସ୍ତ କାର୍ଯ୍ୟକର୍ତ୍ତା ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ ଓ ସ୍ୱାଗତ କରିଛନ୍ତି ।

# ବିଶ୍ୱ ଘରଚଟିଆ ଦିବସ




ଟେନ୍‌ସା,୨୩ା୩(ସମୀର କୁମାର ପାଢୀ)

ବଣାଇଁ ବନଖଣ୍ଡ ବରସୁଆଁ ରେଞ୍ଜ ଅନ୍ତର୍ଗତ ଡେଙ୍ଗୁଲା ଫରେଷ୍ଟ ସେକ୍ସନର ରାଇକଲା ସ୍ଥିତ ଗିତାରାଣି ଲୌହ ଖଣି ଦ୍ୱାରା ବିଶ୍ୱ ଘରଚଟିଆ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବନରକ୍ଷୀ କୃଷ୍ଣ ଚନ୍ଦ୍ର ସାହୁ, ଖଣି ପକ୍ଷରୁ ମ୍ୟାନେଜର ପି.କେ ସାହୁ ଏବଂ ଆସିଷ୍ଟାଣ୍ଟ ମ୍ୟାନେଜର ମନୋଜ ଶଥପଥୀ, ଅରବିନ୍ଦ ପାତ୍ରଙ୍କ ସମେତ ପରିବେଶ ପ୍ରେମୀ ରାକେଶ ମହାନ୍ତି ଉପସ୍ଥିତ ଥିଲେ। ବନରକ୍ଷୀ କୃଷ୍ଣ ଚନ୍ଦ୍ର ସାହୁ ଘରଚଟିଆଙ୍କ ପାରିବେଶରେ ଉପସ୍ଥିତି ଓ ଉପକାରିତା ସମ୍ପର୍କରେ ସୂଚନା ଦେଇଥିଲେ। ମ୍ୟାନେଜର ପି.କେ ସାହୁ ଗିତାରାଣି ଲୌହ ଖଣି ନିଜ ଖଣି ଖନନ ସମେତ ପରିବେଶ ସୁରକ୍ଷାରେ ନିଜ ଦାୟିତ୍ୱ ଖୁବ ଭଲ ଭାବରେ ପାଳନ କରୁଥିବା ଦର୍ଶାଇଥିଲେ। ଗିତାରାଣି ଲୌହ ଖଣିର କାର୍ଯ୍ୟାଳୟ ଏବଂ ଆବାସ ସ୍ଥାନରେ ଘରଚଟିଆଙ୍କ ପ୍ରଚୁର ଉପସ୍ଥିତି ଖୁବ ଆନନ୍ଦ ଦେବା ସହ ପରିବେଶ ସନ୍ତୁଳନରେ ଏକ ବଡ ସଫଳତା ବୋଲି ଦର୍ଶାଇଥିଲେ। ଏହି ଭଳି କାର୍ଯ୍ୟକ୍ରମ ସ୍ଥାନୀୟ ଅଞ୍ଚଳରେ ଆଗାମୀ ଦିନରେ ଖଣି ପକ୍ଷରୁ ଜାରୀ ରହିବ ବୋଲି ଖଣି କର୍ତ୍ତୁପକ୍ଷ ଦର୍ଶାଇଥିଲେ।

### ହୋଲି ପାଇଁ ଝଣ୍ଡା ରୋପଣ କାର୍ଯ୍ୟକ୍ରମ

ରାଜଗାଙ୍ଗପୁର,୨୩ା୩(ଅଶୋକ ପାଣି)

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁରରେ ହୋଲି ମହୋତ୍ସବ ପାଳନ ପାଇଁ ବିଭିନ୍ନ ସଂଗଠନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ମାରୱାଡି ସମାଜ ପକ୍ଷରୁ ପ୍ରତିବର୍ଷ ପରି ସହରର ଦୁର୍ଗାମନ୍ଦିର ନିକଟରେ ଥିବା ପଡିଆଠାରେ ଶନିବାର ଝଣ୍ଡା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ସ୍ଥାନରେ ରବିବାର ରାତି ୧୧ଟା ସମୟରେ ହୋଲିକା ଦହନ କାର୍ଯ୍ୟକ୍ରମ, ସୋମବାର ରାଜଗାଙ୍ଗପୁର ସହରରେ ହୋଲିଖେଳ ଓ ହୋଲି ମହୋତ୍ସବ ପାଳିତ ହେବ। ସୂଚନାଯୋଗ୍ୟ, ଏହି ହୋଲିକା ଦହନ କାର୍ଯ୍ୟକ୍ରମରେ ସହରର ସମସ୍ତ ବର୍ଗର ଜନସାଧାରଣ ଯୋଗ ଦେଇଥାନ୍ତି।

### ସତ୍‌ସଙ୍ଗ ମନ୍ଦିରର ଭୂମି ପୂଜନ

ବନ୍ଧମୁଣ୍ଡା,୨୩ା୩(ସୁବ୍ରତ ଦେ)

ବିଶ୍ରା ବ୍ଲକ ବୁଦୁଲଝର ଠାରେ ଅନୁକୂଳ ଚନ୍ଦ୍ରଙ୍କ ସତ୍‌ସଙ୍ଗ ମନ୍ଦିର ନିର୍ମାଣ ପାଇଁ ଭୂମି ପୂଜନ ସମ୍ପନ୍ନ ହେଇଛି। ଏହି ଭୂମି ପୂଜନ କାର୍ଯ୍ୟକ୍ରମରେ ବିଶ୍ରା, ବନ୍ଧମୁଣ୍ଡା, ରାଉରକେଲା, ଜରାଇକେଲା ଅଞ୍ଚଳବାସୀ ଉପସ୍ଥିତ ଥିଲେ। ମନ୍ଦିର କମିଟି ସଦସ୍ୟମାନେ କହିଛନ୍ତି, ବିଶ୍ରା ସହରରେ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଗୋଟିଏ ସତ୍‌ସଙ୍ଗ ଭବନ ନିର୍ମାଣ ପାଇଁ ଯୋଜନା ଚାଲିଥିଲା। ଯାହା ବର୍ତ୍ତମାନ ସଫଳ ହେବାକୁ ଯାଉଛି। କାର୍ଯ୍ୟକ୍ରମରେ ଅରୁଣ ପ୍ରକାଶ ପାଣ୍ଡେ, ରାଧାକାନ୍ତ ମିଶ୍ର, ବସନ୍ତ କୁମାର ଜେନା, ସାନ୍ତନୁ କୁମାର ନାୟକ, ଏଚଏସ ମାହାତୋ, ଏନ ଦାସ, ପି.କେ ଦାସ, ଗୋକୁଳ ମାହାତୋ, ପ୍ରଦୀପ କୁମାର ସାହୁ, ଏ.କେ ମିଶ୍ର, ଏସ ଗୱାଲା, ଆର ମାହାତୋ, ଏସ ମାହାତୋ ପ୍ରମୁଖ ଉପସ୍ଥିତ ଥିଲେ।

# ଫୁଟବଲ: ମହୁଲପାଲି ପଞ୍ଚାୟତ ଚାମ୍ପିୟନ

ଭେଡ଼େନ, ୨୩ା୩ (ସୁଦନ ମହାକୁର)

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ଗଣ୍ଡତୁରୁମ ହାଇସ୍କୁଲ ଖେଳ ପଡ଼ିଆଠାରେ ଶନିବାର ଅନୁଷ୍ଠିତ ବ୍ଲକସ୍ତରୀୟ ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟରେ ମହୁଲପାଲି ପଞ୍ଚାୟତ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ୍‌ରେ ମହୁଲପାଲି ପଞ୍ଚାୟତ ଅର୍ଜୁଣ୍ଡା ପଞ୍ଚାୟତକୁ ୧-୦ ଗୋଲରେ ହରାଇ ଏହି ଆଖ୍ୟା ଅର୍ଜନ କରିଛି। ସେମି ଫାଇନାଲରେ ଯଥାକ୍ରମେ ମହୁଲପାଲି ଲୁପୁରସିଂହାକୁ ୨-୦ ଏବଂ ଅର୍ଜୁଣ୍ଡା ଟାଇବ୍ରେକର ଜରିଆରେ ଭେଡ଼େନ ଦଳକୁ ପରାସ୍ତ କରି ଫାଇନାଲକୁ ପ୍ରବେଶ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟ ଅତିଥି, ଜିଲା ପରିଷଦ ସଭ୍ୟା ପିଙ୍କି ବଡେଇ, ରଷୁଡ଼ା ସରପଞ୍ଚ ସୁରେନ୍ଦ୍ର କର୍ମୀ, ସ୍ଥାନୀୟ ଭାରପ୍ରାପ୍ତ ସରପଞ୍ଚ ଅହଲ୍ୟା ସେଟ, ଜୟଦେବ କାଣ୍ଡ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ଉପ ବିଜେତା ଦଳକୁ ପୁରସ୍କୃତ କରିଥିଲେ। ଟିକୁ ବଡ଼ପଣ୍ଡା, ନୀଳରଞ୍ଜନ ପଣ୍ଡା, ଜୟକୁମାର ଭୋଇ, ପ୍ରଦୀପ୍ତ ସେଟ ଖେଳ ପରିଚାଳନା କରିଥିଲେ।

# ରାସ୍ତା କଡ଼ରୁ ମଦ ଦୋକାନ ହଟାଅ

ବନ୍ଧମୁଣ୍ଡା,୨୩ା୩(ସୁବ୍ରତ ଦେ)

ବିଶ୍ରା ସହରର ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା ମଦ ଦୋକାନକୁ ହଟାଇ ଏହାକୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତର କରିବା ଦାବି ପୁଣି ଥରେ ଜୋର ଧରିଛି। ବିଶ୍ରା ସରପଞ୍ଚ ସୁରଜ ନାୟକଙ୍କ ନେତୃତ୍ୱରେ ଅଞ୍ଚଳର କିଛି ଲୋକ ଶନିବାର ରାଉରକେଲା ଅବକାରୀ ଏସ୍‌ପିଙ୍କ କାର୍ଯ୍ୟାଳୟକୁ ଯାଇ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସ୍ଥାନୀୟ ଗ୍ରାମବାସୀଙ୍କ କହିବା ଅନୁସାରେ, ରାଉରକେଲା ଅବକାରୀ ବିଭାଗରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ବାଧହୋଇ ସେମାନେ ସରପଞ୍ଚଙ୍କ ମାଧ୍ୟମରେ ଅବକାରୀ ଏସ୍‌ପିଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏନେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

# ଭାଜପା ଛାଡ଼ି ବିଜେଡିରେ ଯୋଗଦାନ

ସୁନ୍ଦରଗଡ,୨୩ା୩(ଜୟ ନାରାୟଣ ମେଣ୍ଡୁଲି)

ସର୍ଗିପାଲି ସ୍ଥିତ ବାସ ଭବନଠାରେ ସୁନ୍ଦରଗଡ ସଦର ନିର୍ବାଚନ ମଣ୍ଡଳୀ ହେମଗିର ବ୍ଲକ ଅନ୍ତର୍ଗତ କନକତୁରା ପଞ୍ଚାୟତ ମସିନା ଗ୍ରାମର ୩୦ରୁ ଉର୍ଦ୍ଧ୍ୱ ମହିଳା ଏବଂ ପୁରୁଷ ଭାଜପା ଛାଡି ବିଜେଡିରେ ଯୋଗଦେଇଛନ୍ତି। ସର୍ଗିପାଲି ସ୍ଥିତ ପୂର୍ବତନ ବିଧାୟକ ତଥା ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଯୋଗେଶ କୁମାର ସିଂହଙ୍କ ବାସଭବନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସେମାନେ ବିଜେଡିରେ ଯୋଗଦେଇଛନ୍ତି। ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳର ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ଆଦର୍ଶ, ଜନକଲ୍ୟାଣ କାର୍ଯ୍ୟକ୍ରମ ଏବଂ ଆମ ଓଡ଼ିଶା ନବୀନ ଓଡ଼ିଶା ସଂଯୋଜକ ତଥା ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂହଙ୍କ ଦୃଢ଼ ନେତୃତ୍ୱରେ ଅନୁପ୍ରାଣୀତ ହୋଇ ସେମାନେ ଦଳରେ ସାମିଲ ହୋଇଥିବା କହିଛନ୍ତି। ସମସ୍ତଙ୍କୁ ଜିଲା ବିଜୁ ଜନତା ଦଳ ପକ୍ଷରୁ ସ୍ୱାଗତ କରାଯାଇଛି।



ଦଳରେ ସାମିଲ ହୋଇଥିବା କର୍ମୀ ।

# ସାଇବର ସୁରକ୍ଷା ସଚେତନତା କର୍ମଶାଳା

ବଡ଼ଗାଁ,୨୩ା୩ (ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ ଜିଲା ବଡ଼ଗାଁ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶନିବାର ସାଇବର ସୁରକ୍ଷା ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବଡ଼ଗାଁ ଥାନା ଆଇଆଇସି ଆଶିଷ କୁମାର ଜେନା ଅତିଥି ଭାବେ ଯୋଗଦେଇ ସାଇବର ଅପରାଧ ଉପରେ ସଚେତନ କରାଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସୁନୀତା ଲାକ୍ରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କୁ ସାଇବର ଅପରାଧ, ଏହାର ପରିଣାମ ଓ ଏହାକୁ କିପରି ରୋକ ଯାଇପାରିବ ସେ ନେଇ ଆଲୋଚନା କରି ସଚେତନତା ସୃଷ୍ଟି କରାଯାଇଥିଲା।

# ବନାଗ୍ନି ପ୍ରଶମନ ସଚେତନତା କର୍ମଶାଳା



କର୍ମଶାଳାରେ ଉପସ୍ଥିତ ଛାତ୍ରୀଛାତ୍ରଗଣ।

ପାଇକମାଳ,୨୩ା୩(ବଢ଼ ଶତପଥୀ)

ବରଗଡ ଜିଲା ପାଇକମାଳ ବିନ୍ଧ୍ୟବାସିନୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ନୃସିଂହନାଥ ଏସ୍‌ଏସ୍‌ଡି ହାଇସ୍କୁଲରେ ବନାଗ୍ନି ପ୍ରଶମନ କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜନକଲ୍ୟାଣ ସେବା ଟ୍ରଷ୍ଟର ପ୍ରତିଷ୍ଠାତା ସଭାପତି ମୁକୁନ୍ଦ ଦାଶ ମୁଖ୍ୟଅତିଥି, ନେଚର ବ୍ଲେସିଂ ଟ୍ରଷ୍ଟ, ପାଟଣାଗଡ଼ର ସଭାପତି ଡ. ସୁଜିତ କୁମାର ଶତପଥୀ, ପ୍ରକୃତିବନ୍ଧୁ ବଢ଼ ଶତପଥୀ, ବିଭୂତି ମୁଣ୍ଡ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗ୍ରୀଷ୍ମ ଋତୁରେ ଜଙ୍ଗଲରେ ନିଆଁ ଲାଗିବାରୁ ରକ୍ଷା କରିବାକୁ ମତପ୍ରକାଶ କରିଥିଲେ। ଉଭୟ ଅନୁଷ୍ଠାନର ଅଧ୍ୟକ୍ଷ ଶ୍ୟାମଲାଲ ପ୍ରଧାନ ଏବଂ ପ୍ରଧାନ ଶିକ୍ଷୟିତ୍ରୀ ମୋହିନୀ ଦଳପତି ପରିବେଶ ସୁରକ୍ଷା ବିଷୟରେ ବୁଝାଇ ଲୋକମାନଙ୍କୁ ଜଙ୍ଗଲ ନିଆଁ ରୋକିବା ଏବଂ ପ୍ରକୃତିର ସୁରକ୍ଷା ପାଇଁ ବୁଝାଇଥିଲେ। ଏହି ଅବସରରେ ବିଭୂତି ମୁଣ୍ଡ, ବଢ଼ ଶତପଥୀ, ସ୍ନେହଲତା ଯାଦବ, ଶ୍ୟାମଲାଲ ପ୍ରଧାନ, ସୁରଥ ସାହୁଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ କିଶୋର ମିର୍ଦ୍ଧା, ଶତୋ ମିଶ୍ର, ଅନିତା ସାହୁ, ଶିକ୍ଷୟିତ୍ରୀ ଶିକ୍ଷକମାନେ ସହଯୋଗ କରିଥିଲେ। ଶିଶୁ କଳାକାର ଲକ୍ଷ୍ମୀପ୍ରିୟା ମିର୍ଦ୍ଧା ନୃତ୍ୟ ପରିବେଷଣ କରିଥିଲେ। ଡ଼ ସୁଜିତ କୁମାର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

# କଂଗ୍ରେସର ଗ୍ୟାରେଣ୍ଟି ଘୋଷଣା

ପଦ୍ମପୁର,୨୩ା୩(ପ୍ରଦୀପ୍ତ ଦାଶ)

ପଦ୍ମପୁର କଂଗ୍ରେସ ଭବନରେ ଜିଲା ସଭାପତି ହରଦୀପ ସିଂଙ୍କ ଅଧ୍ୟକ୍ଷତାରେ ପଦ୍ମପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ନେତାମାନଙ୍କୁ ନେଇ ଏକ ଉଚ୍ଚସ୍ତରୀୟ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲା ମହିଳା ସଭାନେତ୍ରୀ ମୌସୁମୀ ସାହୁ, ଆଦିବାସୀ ସେଲ୍ ସଭାପତି ଗଜରାଜ ପୁଟା, ସଂଖ୍ୟାଲଘୁ ସେଲ୍ ସଭାପତି ମୁଜାଫର ହୁସେନ, ଉପସଭାପତି ଟଙ୍କଧର ସାହୁ, ସମ୍ପାଦିକା ସୁଧା ସାହୁ, ଯୁବ କଂଗ୍ରେସ ସଭାପତି ବିକାଶ ବହିଦାର, ଗୌନ୍ତିଆ କୁମାର ସାହୁ, ସନ୍ତୋଷ ଶତପଥୀ, ଗଜାନନ ଶର୍ମା, ପ୍ରଭାତ ବାରିକ ଉପସ୍ଥିତ ରହି ବିଜେଡି ଓ ଭାଜପା ଶାସନ ଉପରେ ବର୍ଷିଥିଲେ। ଏହି ଅବସରରେ ରାଜ୍ୟ କଂଗ୍ରେସ ଜାରି କରିଥିବା ଗ୍ୟାରେଣ୍ଟି ଉପରେ ଆଲୋଚନା କରିଥିଲେ ।



ପଦ୍ମପୁର କଂଗ୍ରେସ ଭବନରେ ଉପସ୍ଥିତ କର୍ମକର୍ତ୍ତା।

# ସୁନ୍ଦରଗଡ଼ ସରକାରୀ କଲେଜ ଛାତ୍ରୀଛାତ୍ରଙ୍କ ସଫଳତା

ସୁନ୍ଦରଗଡ,୨୩ା୩(ଜୟ ନାରାୟଣ ମେଣ୍ଡୁଲି)



ଜାମ ପ୍ରବେଶିକା ପରୀକ୍ଷା-୨୦୨୪ ଓ ଅନ୍ୟାନ୍ୟ ଜାତୀୟ ସ୍ତର ପରୀକ୍ଷାରେ ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟର ଛାତ୍ରୀଛାତ୍ର ସଫଳତା ହାସଲ କରିଛନ୍ତି। ଏହି ପରିପ୍ରେକ୍ଷୀରେ ମହାବିଦ୍ୟାଳୟରେ ଶନିବାର ଆୟୋଜିତ ଏକ ଅଭିନନ୍ଦନ କାର୍ଯ୍ୟକ୍ରମରେ ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷ ବୀରେନ୍ଦ୍ର କୁମାର ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗଣିତ ବିଭାଗର ମୁଖ୍ୟ ପ୍ରଧାପକ ଆଲୋକ କୁମାର ନାଏକ,ଭୂତତ୍ତ୍ୱ ବିଜ୍ଞାନ ବିଭାଗର ମୁଖ୍ୟ ସହକାରୀ ପ୍ରଫେସର ଶିବ ପ୍ରସାଦ ମହାନ୍ତି,ପୂର୍ବତନ ଅଧ୍ୟକ୍ଷ ସୁଧୀର କୁମାର ଦାଶ,ରସାୟନ ବିଭାଗର ସହକାରୀ ପ୍ରଫେସର ସେବତୀ ପ୍ରଧାନ, ସେକସନ ଅଫିସର ପ୍ରଦୀପ ବହିଦାର ପ୍ରମୁଖ ଯୋଗଦେଇ ସଫଳତା ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଜାମ ପ୍ରବେଶିକା ପରୀକ୍ଷା -୨୦୨୪ରେ ସଫଳତା ଅର୍ଜନ କରିଥିବା ଭୂତତ୍ତ୍ୱ ବିଜ୍ଞାନ ବିଭାଗର ଅନୁରାଗ ମହନ୍ତ, ଶିଭମ ଶୁଭ୍ରାଂଶୁ ସାହୁ, ସୌମ୍ୟ ରଞ୍ଜନ ସାହୁ, ହେମନ୍ତ ପ୍ରଧାନ, ସୌମ୍ୟ ରଞ୍ଜନ ବେହେରା, ସଚିନ ନାଏକ, ଗଣିତ ବିଭାଗର ଛାତ୍ର ଏକାନ୍ତ କୁମାର ବୁଡା,ଉମରାଜ ସିଂହ,ରସାୟନ ବିଭାଗର କୁମାର ଅନୁରାଜ,ଅର୍ପିତା ପଟେଲ ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଥିଲା। ସେହିପରି ରସାୟନ ବିଭାଗର ଛାତ୍ରୀ ପ୍ରିୟଦର୍ଶନୀ ପ୍ରଧାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା।

# ଲୋକ ସଂସ୍କୃତିର ସୁରକ୍ଷା ପାଇଁ ପ୍ରୟାସ ହେଉ

**ଅମରପାଲି, ୨୩।୩(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ମହାନଦୀର ଅପରପାର୍ଶ୍ୱରେ ଅବସ୍ଥିତ ବୀରମହାରାଜପୁର ଓ ଉଲୁଣ୍ଡା ଅଞ୍ଚଳକୁ ଦେଶ୍‌ଫାଲ୍ ବୋଲି କୁହାଯାଏ। ଏହି ଅଞ୍ଚଳରେ ଅନେକ କଳା ଓ ସ୍ଥାପତ୍ୟ ରହିଛି। ଏହି ଅଞ୍ଚଳରେ ଜନ୍ମିତ ବ୍ୟକ୍ତିବିଶେଷ କଳା ଓ ସଂସ୍କୃତିର ପ୍ରଚାର ପାଇଁ ପ୍ରଚେଷ୍ଟା କରି ବିଶ୍ୱ ଦରବାରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛନ୍ତି। ଏହି ଅଞ୍ଚଳର କଳା,ସଂସ୍କୃତି ଓ ପରମ୍ପରାର ଏକପ୍ରକାର ସ୍ୱତନ୍ତ୍ର ଆକର୍ଷଣ ରହିଛି। ମାତ୍ର ପ୍ରଶାସନିକ ଓ ରାଜନୈତିକ ଉଦାସୀନତା ଯୋଗୁ ଏହା ସେତେ ମାତ୍ରରେ ଲୋକାଭିମୁଖୀ ତଥା ପ୍ରସାର ହୋଇ ପାରିନାହିଁ। ତେଣୁ ଅଞ୍ଚଳର କଳା ଓ ସଂସ୍କୃତିର ସୁରକ୍ଷା ପାଇଁ ଉଭୟ ପ୍ରଶାସନ ଓ ସାଧାରଣ ଲୋକ ତତ୍ପର ହେବା ସହିତ ପ୍ରୟାସ ହେବାର ଆବଶ୍ୟକତା ରହିଛି। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡ ଧର୍ମଶାଳାସ୍ଥିତ ଦୋଳମଣ୍ଡପ ପଡିଆରେ ଅନୁଷ୍ଠିତ ୫ମ ଦେଶ୍‌ଫାଲ ଲୋକକଳା



ଦ୍ୱିତୀୟ ସନ୍ଧ୍ୟାର ସଭାରେ ମଞ୍ଚାସୀନ ଅତିଥି।

ମହୋତ୍ସବର ଶନିବାର ଦ୍ୱିତୀୟ ସନ୍ଧ୍ୟାରେ ମଞ୍ଚାସୀନ ଅତିଥିମାନେ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ଦେଶ୍‌ଫାଲ ଲୋକକଳା ମହୋତ୍ସବ କମିଟିର ସଭାପତି ପଦ୍ମଲୋଚନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଦ୍ୱିତୀୟ ସନ୍ଧ୍ୟାର ସାଂସ୍କୃତିକ ସଭାରେ ସୋନପୁରର ପ୍ରାକ୍ତନ ବିଧାୟକ ବିନୋଦ ପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଦେଶଫାଲ ଲୋକକଳା ମହୋତ୍ସବ କମିଟିର ଉପଦେଷ୍ଟା ତଥା ଆଇନଜୀବୀ ବଳଦେବ ବେଦବାକ ମୁଖ୍ୟବକ୍ତା ଏବଂ ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ସମାଜସେବୀ ଶ୍ରୀବତ୍ସ ମଲ୍ଲିକ, ଉଲୁଣ୍ଡା ବ୍ଲକ ଉପାଧ୍ୟକ୍ଷ ସଞ୍ଜୀବ ଦେହୁରୀ, ଉଲୁଣ୍ଡା ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି କୃତ୍ତିବାସ ମିଶ୍ର, ସମାଜସେବୀ ଅରବିନ୍ଦ ବାରିକ, ନବନିର୍ମାଣ କୃଷକ ସଂଗଠନର ରାଜ୍ୟ ଉପସଭାନେତ୍ରୀ ସୋନାଲି ବିଶି ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। କେଶବ କୁମାର ଦାସ,ବୀରେନ ଜଗଦଲା ,ବ୍ରହ୍ମା କୁମାର ଓ ସାଥୀଙ୍କ ଦାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ବିନୟ କୁମାର ତ୍ରିପାଠୀ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିବା ବେଳେ ମହୋତ୍ସବ କମିଟିର ସହ ସମ୍ପାଦକ ଗିରିଶ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ଣ୍ଣଚନ୍ଦ୍ର ପାଢ଼ୀ ଓ ସୁରେଖା ଆଚାର୍ଯ୍ୟ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ବିମଳା ସେଠଙ୍କୁ ଦେଶ୍‌ଫାଲ୍ ଶିକ୍ଷା ବିକାଶ ସମ୍ମାନ ଓ ଋଷିରାଜ ମେହେରଙ୍କୁ ଦେଶ୍‌ଫାଲ ଶିଶୁ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। ସଭା ପରେ ସମଲେଶ୍ୱରୀ ଓ ସୁରେଶରୀ ଭଜନରୁ ଆରମ୍ଭ ହୋଇଥିଲା ସାଂସ୍କୃତିକ କାର୍ଯ୍ୟକ୍ରମ। ପରେ ସୋନପୁର ର ରୁମକୁଛୁମାନାର ସମ୍ବଲପୁରୀ ନୃତ୍ୟ, ତୁଷୁରା(ବଲାଙ୍ଗୀର)ର ସାନବଡ଼ ଘୁଡୁକା ଦଳ ର ଘୁଡୁକା ନୃତ୍ୟ, ସୋନପୁରର ପଇଁରି କଳାକାରଙ୍କ ଦ୍ୱାରା ଡାଲଖାଇ, ମାଇଲାଜଡ, ଦୀପପାଲି (ଉଲୁଣ୍ଡା) କଳାକାରଙ୍କ ଦାରା ବାଏଧନ ନୃତ୍ୟ ପରିବେଷଣ କରାଯାଇଥିଲା। ଏହାଛଡା ଆଞ୍ଚଳିକ କଳାକାରଙ୍କ ଦ୍ୱାରା ଆଦିବାସୀ ନୃତ୍ୟ, ଡାଲଖାଇ ନୃତ୍ୟ, ଷୋଳସୁଆଙ୍ଗ,ଦଣ୍ଡ ନୃତ୍ୟ ଆଦି କ୍ରମାନ୍ୱୟରେ ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ପରିବେଷଣ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଲକ୍ଷ୍ମୀନାରାୟଣ ସାହୁ ଓ ଅବିନାଶ ହୋତା ସଂଯୋଜନା କରିଥିଲେ।

**ଦେଶ୍‌ଫାଲ୍ ଲୋକକଳା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା**

**■ମନ ମୋହିଲା ଡାଲଖାଇ, ସମ୍ବଲପୁରୀ ନୃତ୍ୟ**

# ଖୁବ୍‌ଶୀଘ୍ର ପ୍ରକାଶ ପାଇବ କଂଗ୍ରେସର ପ୍ରାର୍ଥୀ ତାଲିକା

**ଦେବଗଡ଼, ୨୩।୨(ଶଶାଙ୍କ ଶେଖର ଝାଙ୍କର)**

ଓଡ଼ିଶା ପାଇଁ ଖୁବଶୀଘ୍ର ପ୍ରକାଶ ପାଇବ କଂଗ୍ରେସର ପ୍ରାର୍ଥୀ ତାଲିକା। ଦେବଗଡ ଗସ୍ତ ଅବସରରେ ପ୍ରଦେଶ କଂଗ୍ରେସ ମୁଖପାତ୍ର ତଥା କଂଗ୍ରେସ ଗଣମାଧ୍ୟମ ଓ ଯୋଗାଯୋଗ ବିଭାଗ ଅଧ୍ୟକ୍ଷ ଡ. ବିଶ୍ୱରଞ୍ଜନ ମହାନ୍ତି ପ୍ରକାଶ କରିଛନ୍ତି। ମହାନ୍ତି ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତର ଦେଇ କହିଛନ୍ତି, ବର୍ତ୍ତମାନ କଂଗ୍ରେସର ପ୍ରାର୍ଥୀ ଚୟନ ପ୍ରକ୍ରିୟା ଜାରି ରହିଛି। ଇତିମଧ୍ୟରେ ୫୦ ପ୍ରତିଶତ ଆସନ ପାଇଁ ପ୍ରାର୍ଥୀ ଚୟନ ପ୍ରକ୍ରିୟା ଶେଷ ହୋଇଛି। ସେଣ୍ଟ୍ରାଲ କଂଗ୍ରେସ କମିଟିର ବୈଠକ ପରେ ଖୁବ ଶୀଘ୍ର ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ବର୍ତ୍ତମାନ ଭାଜପା ଓ ବିଜେଡି ଦଳର ବହୁ ନେତା ଅସନ୍ତୁଷ୍ଟ ଅଛନ୍ତି ଓ ଅନେକ ନେତା କଂଗ୍ରେସରେ ସାମିଲ ହେବା ପାଇଁ ସମ୍ପର୍କରେ ଅଛନ୍ତି। ବିଜେଡି ଓ ଭାଜପା ପ୍ରାର୍ଥୀ ତାଲିକା ସହିତ ଆମର କୌଣସି ସମ୍ପର୍କ ନାହିଁ । ରାଜ୍ୟରେ ବିଳମ୍ବରେ ନିର୍ବାଚନ ଥିବାରୁ ଠିକ ସମୟରେ କଂଗ୍ରେସର ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ବିଜେଡି ଓ ଭାଜପା ମଧ୍ୟରେ ଭିତିରିଆ ଗଠବନ୍ଧନ ରହିଥିବା ସାଧାରଣ ଲୋକେ ଜାଣି ସାରିଲେଣି। ଅନ୍ୟପକ୍ଷରେ କଂଗ୍ରେସ ରାଜ୍ୟରେ ୯୦ରୁ ଅଧିକ ଆସନରେ ବିଜୟୀ ହୋଇ ସରକାର ଗଠନ କରିବ ବୋଲି ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ ରାଜ୍ୟବାସୀଙ୍କୁ କହିଥିବା ଡ. ମହାନ୍ତି ଗଣମାଧ୍ୟମ ପ୍ରତିନିଧିଙ୍କ ସମ୍ମୁଖରେ ପ୍ରକାଶ କରିଥିଲେ।



ବୈଠକରେ ଯୋଗଦେଇଥିବା କର୍ମକର୍ତ୍ତା।

## ସଂକ୍ଷେପରେ

### ବିଏସ୍‌ପି ସମ୍ବଲପୁର ଲୋକ ସଭା କ୍ଷେତ୍ରର କାର୍ଯ୍ୟକର୍ତ୍ତାଙ୍କ ସମ୍ମିଳନୀ

**ସମ୍ବଲପୁର, ୨୩।୩(ବି.ଶଙ୍କର):** ଓଡ଼ିଶା ସାଂସ୍କୃତିକ ସମାଜ ଭବନଠାରେ ବିଏସ୍‌ପି ସମ୍ବଲପୁର ଲୋକ ସଭା କ୍ଷେତ୍ରର କାର୍ଯ୍ୟକର୍ତ୍ତାଙ୍କ ସମ୍ମିଳନୀ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ରାଜ୍ୟ ସଭା ସାଂସଦ ତଥା ବିଏସ୍‌ପି ଓଡ଼ିଶା ରାଜ୍ୟ ମୁଖ୍ୟ ପ୍ରଭାରୀ ଡ.ଶୋକ ସିଦ୍ଧାର୍ଥ ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ। ସେ ଆଗାମୀ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ବିଏସ୍‌ପି କାର୍ଯ୍ୟକର୍ତ୍ତାଙ୍କୁ ଉଦବୋଧନ ଦେଇ ଦଳ ୧୪୭ ବିଧାନସଭା ଓ ୨୧ ଲୋକ ସଭା ଆସନ ଲାଗି ପ୍ରାର୍ଥୀ ଦେବ ବୋଲି ଘୋଷଣା କରିଥିଲେ । ବିଶେଷ କରି ବିଏସପିର ଭୋଟ ହାର ବୃଦ୍ଧି ସହ ଅଧିକ ଆସନରେ ଦଳ ଯେପରି ବିଜୟୀ ହେବ ସେ ନେଇ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲା ବିଏସ୍‌ପି ସଭାପତି ଦିଲିପ କୁମାର ସିଂ, ବିଏସ୍‌ପି ରାଜ୍ୟ ସମ୍ପାଦକ ଦେବୀ ଚରଣ ଭାଟିଙ୍କ ସମେତ ସମ୍ବଲପୁର ଲୋକ ସଭା ଅନ୍ତର୍ଗତ ୭ ବିଧାନସଭାର ଆଶାୟୀ ପ୍ରାର୍ଥୀ ଓ ଦଳୀୟ ପଦାଧିକାରୀ ଉପସ୍ଥିତ ଥିଲେ।

### ପୋଲିସର ଫ୍ଲାଗମାର୍ଚ୍ଚ

**ଘଣ୍ଟାପଡ଼ା, ୨୩।୩(ପ୍ରଭାତ କୁମାର ସାହୁ):** ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ଥାନା ପକ୍ଷରୁ ଥାନାଧିକାରୀ ମାଧବ ଚନ୍ଦ୍ର ଟାକ୍ରିଙ୍କ ନିର୍ଦ୍ଦେଶକ୍ରମେ ଏସଆଇ ବିଶ୍ୱାମିତ୍ର ଲୋଇଙ୍କ ତତ୍ତ୍ୱାବଧାନରେ ୨ ପ୍ଲାଟୁନ ଆଇଆରବି ଜବାନଙ୍କ ସହ ଲଗାତର ଥାନାଞ୍ଚଳର ସମ୍ବେଦନଶୀଳ ଅଞ୍ଚଳରେ ପୋଲିସର ଫ୍ଲାଗମାର୍ଚ୍ଚ କରାଯାଇଛି। ଶନିବାର ଜନବହୁଳ ଆମ୍ବଗାଁରେ ପୋଲିସ ଫ୍ଲାଗମାର୍ଚ୍ଚ କରିଛି।

# କ୍ଷମତାକୁ ଆସିଲେ କୃଷି ଋଣ ଛାଡ଼, କୃଷକଙ୍କ ପାଇଁ ପେନ୍‌ସନ ବ୍ୟବସ୍ଥା



କଂଗ୍ରେସର ଖବରଦାତା ସମ୍ମିଳନୀରେ ଜିଲା ସଭାପତି ଓ ଅନ୍ୟମାନେ।

**ଆଗାମୀ ନିର୍ବାଚନରେ କଂଗ୍ରେସ ବିରୋଧୀ ଦଳକୁ ଦେବ କଡ଼ା ଟକ୍କର**

**ବୌଦ୍ଧ, ୨୩।୩(ଅଜିତ କୁମାର ବାରିକ)**

ସାଧାରଣ ନିର୍ବାଚନ ପାଇଁ ବିଗୁଲ୍ ବାଜି ଥିବା ବେଳେ ସବୁ ରାଜନୈତିକ ଦଳଗୁଡିକ ନିର୍ବାଚନ ପାର ହେବା ପାଇଁ ନିଜ ନିଜର ରଣକୌଶଳ ଆରମ୍ଭ କରି ଦେଇଛନ୍ତି । ବୌଦ୍ଧ ଜିଲାରେ ତିନି ପ୍ରମୁଖ ରାଜନୈତିକ ଦଳ କଂଗ୍ରେସ, ବିଜେଡି ଓ ଭାଜପା ମଧ୍ୟରେ କଡା ଟକ୍କର ହେବାକୁ ଯାଉଥିବା ବେଳେ ଶନିବାର ଦିନ ଜିଲା କଂଗ୍ରେସ ପକ୍ଷରୁ ଦଳର ଇସ୍ତାହାର ପ୍ରକାଶ କରାଯାଇଛି। ଏନେଇ ଜିଲା କଂଗ୍ରେସ କମିଟି ସଭାପତି ନବ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଜିଲା କଂଗ୍ରେସ କାର୍ଯ୍ୟାଳୟଠାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ସମ୍ମିଳନୀରେ ପ୍ରଦେଶ କଂଗ୍ରେସ କମିଟିର ପ୍ରବକ୍ତା ତଥା ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ପଞ୍ଚାନନ ଦାଶ ଯୋଗଦେଇ କଂଗ୍ରେସର ନଅ ସୂତ୍ରୀ ଇସ୍ତାହାର ସଂପର୍କରେ ସୂଚନା ପ୍ରଦାନ କରିଥିଲେ। ଏନେଇ ଦାଶ କହିଥିଲେ, ରାଜ୍ୟରେ ବିଜେଡି ଭାଜପା ମଧ୍ୟରେ ମେଣ୍ଟ ହେଉ କି ନ ହେଉ ଉଭୟ ଦଳ ମଧ୍ୟରେ ରହିଥିବା ଭିତିରି ବୁଝାମଣା ସଂପର୍କରେ ରାଜ୍ୟବାସୀଙ୍କୁ ଅଛପା ନାହିଁ। ତେଣୁ ବର୍ତ୍ତମାନ କଂଗ୍ରେସ ପ୍ରତି ଲୋକଙ୍କ ଆସ୍ଥା ବୃଦ୍ଧି ପାଉଥିବା ସେ କହିଥିଲେ । ରାଜ୍ୟରେ ବାହାର ରାଜ୍ୟର ଠିକାଦାରଙ୍କୁ ଲଗାଇ ଖଣି ଖାଦାନ ଲୁଟ୍‌ଠାରୁ ଆରମ୍ଭ କରି ସମସ୍ତ ନିର୍ମାଣ କାର୍ଯ୍ୟ ସେମାନଙ୍କ ଦ୍ୱାରା କରାଯାଉଥିବା ମଧ୍ୟ ଅଭିଯୋଗ କରିଥିଲେ।

ସେହିପରି ରାଜ୍ୟରେ ଉତ୍ତମ ଶିକ୍ଷାନୁଷ୍ଠାନ ନାହିଁ କି ଉତ୍ତମ ଶିକ୍ଷା ବ୍ୟବସ୍ଥା ନାହିଁ ବୋଲି କହିବା ସହ ବଡ ବଡ କମ୍ପାନୀକୁ କୋଟି କୋଟି ଟଙ୍କାର କର ଛାଡ କରାଯାଇ ଗରିବଙ୍କୁ ଶୋଷଣ କରାଯାଉଥିବା ଅଭିଯୋଗ କରିତ୍ଲେ। ତେଣୁ କଂଗ୍ରେସ ଏହିସବୁ ବ୍ୟବସ୍ଥାରେ ପରିବର୍ତ୍ତନ ଚାହୁଁଛି ଓ ଲୋକଙ୍କ ଆସ୍ଥାଭାଜନ ହୋଇ ପୁଣିଥରେ କ୍ଷମତାକୁ ଫେରିବ ଏବଂ ରାଜ୍ୟବାସୀଙ୍କୁ ସୁଶାସନ ପ୍ରଦାନ କରିବ ବୋଲି ପ୍ରବକ୍ତା ଦାଶ ପ୍ରକାଶ କରିଥିଲେ। ଦଳ ପକ୍ଷରୁ ଦିଆଯାଇଥିବା ଇସ୍ତାହାର ଅନୁଯାୟୀ, କଂଗ୍ରେସ କ୍ଷମତାକୁ ଆସିଲେ ବୋନସ ସହ ଧାନର କ୍ରୟ ମୂଲ୍ୟ କୁଇଣ୍ଟାଲ ପ୍ରତି ୩୦୦୦ ଟଙ୍କା, କୃଷି ଋଣ ଛାଡ, କୃଷକମାନଙ୍କ ପାଇଁ ପେନସନ ୨୦୦୦ ଟଙ୍କା, ସମସ୍ତ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ବ୍ୟାଙ୍କ ଋଣ ଛାଡ, ଗୃହଲକ୍ଷ୍ମୀ ଯୋଜନାରେ ପ୍ରତ୍ୟେକ ଘରର ମୁଖ୍ୟ(ମହିଳା)ଙ୍କୁ ମାସିକ ୨୦୦୦ ଟଙ୍କା, ପ୍ରତ୍ୟେକ ପରିବାରକୁ ୫୦୦ ଟଙ୍କାରେ ଗୋଟିଏ ଗ୍ୟାସ ସିଲିଣ୍ଡର, ସରକାରୀ କର୍ମଚାରୀ ସମେତ ସମସ୍ତଙ୍କ ପାଇଁ ୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସହାୟତା ଓ ଚାକିରୀ କ୍ଷେତ୍ରରେ ପଛୁଆ ବର୍ଗ ପାଇଁ ୨୭ ପ୍ରତିଶତ ସଂରକ୍ଷଣ ପ୍ରଦାନ କରାଯିବାକୁ ପ୍ରତିଶ୍ରୁତି ଦିଆଯାଇଛି। ଖବରଦାତା ସମ୍ମିଳନୀରେ ଦଳର ଜିଲା ମୁଖ୍ୟ ପ୍ରବକ୍ତା ଶାନ୍ତନୁ ମହାପାତ୍ର, ଉପସଭାପତି ସମରେଶ ମିଶ୍ର, ଗଣେଶ ଅଗ୍ରୱାଲା, ସମରେନ୍ଦ୍ର ମହାକୁଳ, ଅର୍ଜୁନ ମହାନନ୍ଦିଆ,ପଙ୍କଜ କର୍ଣ୍ଣ, ପ୍ରଦିପ ଦାସ ଓ ବେଣୁଧର ମେହେରଙ୍କ ସମେତ ବହୁ ସଂଖ୍ୟାରେ କଂଗ୍ରେସ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ନୂତନ ଏସ୍‌ପି ଭାବେ ଅନୁପମା ଜେମ୍ସଙ୍କ ଯୋଗଦାନ

**ଦେବଗଡ଼, ୨୩।୩(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡର ନୂତନ ଏସ୍‌ପି ଭାବେ ଅନୁପମା ଜେମ୍ସ ଶନିବାର ଯୋଗ ଦେଇଛନ୍ତି। ଦେବଗଡ ଏସପି ରାମ ପ୍ରସାଦ ସାହୁଙ୍କ ଅନ୍ୟତ୍ର ବଦଳି ପରେ ଭିଜିଲାନ୍ସ ସଂଗଠନରେ ଏସପିଭାବେ କାର୍ଯ୍ୟରତ ଜେମ୍ସଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଥିଲା। ୨୦୧୩ ବ୍ୟାଚର ଆଇପିଏସ ଅଫିସର ଜେମ୍ସ ପୂର୍ବରୁ ୨୦୧୮ ମାର୍ଚ୍ଚ ମାସରେ ମଧ୍ୟ ଦେବଗଡ ଏସ୍‌ପି ଭାବେ ଦାୟିତ୍ୱ ଗ୍ରହଣ କରି ସଫଳତାର ସହ କାର୍ଯ୍ୟ ସମ୍ପାଦନ କରିଥିଲେ। ଜେମ୍ସ ଏଠାରେ ଏସପି ଭାବେ କାର୍ଯ୍ୟରତ ଥିବା ସମୟରେ ଜିଲାର ଅପରାଧ ନିୟନ୍ତ୍ରଣ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିଲେ। ଏଠାରେ ପୁଣିଥରେ ଯୋଗଦେବା ପରେ ତାଙ୍କର ସଫଳତାକୁ ଦୋହରାଇବେ ବୋଲି ସାଧାରଣରେ ଆଶା କରାଯାଉଛି। ଜେମ୍ସ ଜିଲା ପୋଲିସ ମୁଖ୍ୟାଳୟରେ ପହଞ୍ଚିବା ପରେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଅତିରିକ୍ତ ଏସ୍‌ପି ହେମନ୍ତ କୁମାର ପଣ୍ଡା ଓ ଏସ୍‌ଡିପିଓ ସୌମ୍ୟ ରଞ୍ଜନ ମଲ୍ଲିକଙ୍କ ସମେତ ରିଆମାଳ,ବାରକୋଟ, କୁଣ୍ଢେଇଗୋଳା ଓ ଲଇମୁରା ଥାନା ଅଧିକାରୀଙ୍କ ସମେତ ବହୁ ପୋଲିସ ଅଧିକାରୀ ତାଙ୍କୁ ପୁଷ୍ପ ଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ ଜଣାଇଥିଲେ ।

# ଐତିହାସିକ ଗନ୍ଧରାଢ଼ୀ ପୀଠରୁ ଉଠିଲା ସିଦ୍ଧେଶ୍ୱରଙ୍କ ଚୈତ୍ର ଦଣ୍ଡ

**ବାଉଁଶୁଣୀ, ୨୩।୩(ଦେବାଶିଷ ନେପାକ)**

ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଅନ୍ତର୍ଗତ ଜଗତି ନିକଟସ୍ଥ ଐତିହାସିକ ଗନ୍ଧରାଢୀ(ଚାରିଶମ୍ଭୁ) ପୀଠର ସିଦ୍ଧେଶ୍ୱର ମନ୍ଦିରରୁ ଶୁକ୍ରବାର ମଧ୍ୟରାତିରୁ ଚୈତ୍ର ଦଣ୍ଡ ଉଠିଛି। ପଣ୍ଡିତ ସୁଶିଲ କୁମାର ପାଣିଗ୍ରାହୀ ସିଦ୍ଧେଶ୍ୱର, ଜାଗେଶ୍ୱର, କପିଳେଶ୍ୱର,ପଶ୍ଚିମ ସୋମନାଥ, ବିଷ୍ଣୁ, ଶ୍ୟାମା କାଳୀ, ଭଦ୍ରକାଳୀଙ୍କ ଠାରେ ରୀତିନୀତି ପୂଜାକାନ୍ତି ପରେ ଦଣ୍ଡ ଉଠିଥିଲା। ଶନିବାର ମନ୍ଦିର ପରିସରରୁ ଠାକୁର ବାହାରି ଜଗତି ଗ୍ରାମ ପରିକ୍ରମା କରିବା ସହିତ ବନ୍ଦାଣ ଘେନିଥିଲେ। ଏହି ଦଣ୍ଡଯାତ୍ରା ୧୩ ଜଣ ଭୁକ୍ତାଙ୍କୁ ନେଇ ହୋଇଥାଏ। ଏହି ଭୁକ୍ତାମାନେ ଦିନ ସାରା ନିର୍ଜଳା ଉପବାସ ରହି ନିଷ୍ଠା ଓ କାଷ୍ଟାର ସହିତ ଏହାକୁ ପାଳନ କରିଥାନ୍ତି। ରାତିରେ ଭୋଗ ଲାଗିଲା ପରେ ଅନ୍ନଭୋଜନ କରିଥାନ୍ତି। ଏହି ଦଣ୍ଡଯାତ୍ରା ଗୋଟିଏ ଗାଁ ପରେ ଆଉ ଗୋଟିଏ ଗାଁରେ ହୋଇଥାଏ। ଏହିପରି ୨୧ ଦିନ ବୁଲିଲା ପରେ ମେରୁ ସଂକ୍ରାନ୍ତି ଦିନ ଏହି ଦଣ୍ଡଯାତ୍ରା ଉଦ୍‌ଯାପିତ ହୁଏ।

# ଏଡ଼୍‌ସ ସଚେତନତା କାର୍ଯ୍ୟକ୍ରମ

**ବାଉଁଶୁଣୀ, ୨୩।୩(ଦେବାଶିଷ ନେପାକ)**

ବୌଦ୍ଧ ଜିଲା ବାଉଁଶୁଣୀ ମା' ମାହେଶ୍ୱରୀ ଡିଗ୍ରୀ ମହାବିଦ୍ୟାଳୟରେ ଶନିବାର ଦିନ ଏଡ୍‌ସ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଅନିରୁଦ୍ଧ ମହାକୁଡ଼ଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅନିରୁଦ୍ଧ ମହାକୁଡ଼ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଶଶିକାନ୍ତ ଜେନା, ଅଧ୍ୟାପକ ବାବାରାମ ଦେହୁରୀ ଉପସ୍ଥିତ ରହି ଏଡ୍‌ସ ରୋଗର କାରଣ ଓ ଏଥିଲାଗି ଆବଶ୍ୟକ ସତର୍କତା ସମ୍ବନ୍ଧରେ ଛାତ୍ରୀଛାତ୍ରମାନଙ୍କୁ କହିଥିଲେ। ଯୁବ ସମାଜ ବିଶେଷ କରି ଛାତ୍ରୀଛାତ୍ର ସର୍ବପ୍ରଥମେ ସଚେତନ ହେଲେ ଅନ୍ୟମାନଙ୍କୁ ମଧ୍ୟ ସଚେତନ କରିବାରେ ସାହାଯ୍ୟ କରି ପାରିବେ ବୋଲି ଅଧ୍ୟକ୍ଷ ମହାକୁଡ କହିଥିଲେ। ଏଥିରେ ୫୦ ଜଣ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ମହାବିଦ୍ୟାଳୟର ଏଡ଼ସ କାଉନସିଲର ଗୋକୁଳାନନ୍ଦ ପ୍ରଧାନ ଏହି କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଧନ୍ୟବାଦ ଦେଇଥିଲେ।

# ଜୈବିକ ଉତ୍ପାଦ ବିକ୍ରୟ କେନ୍ଦ୍ର ଶୁଭାରମ୍ଭ

**ଦେବଗଡ଼, ୨୩।୩(ଶଶାଙ୍କ ଶେଖର ଝାଙ୍କର)**

ବାରକୋଟ ବ୍ଲକ ବମ୍ପରଡା ପଞ୍ଚାୟତ ମହାସଂଘ ଆନୁକୂଲ୍ୟରେ ଜୈବିକ ପଦ୍ଧତିରେ ଚାଷ କରୁଥିବା ଚାଷୀଙ୍କୁ ନେଇ ବମ୍ପରଡା ସାପ୍ତାହିକ ହାଟରେ ଶନିବାର ଏକ ଜୈବିକ ଉତ୍ପାଦ ବିକ୍ରୟ କେନ୍ଦ୍ର ଶୁଭାରମ୍ଭ ହୋଇଯାଇଛି। ଏହି ବିକ୍ରୟ କେନ୍ଦ୍ରକୁ ମୁଖ୍ୟ ଅତିଥିଭାବେ ବମ୍ପରଡା ସରପଞ୍ଚ ନମିତା ସାହୁ ଉଦ୍‌ଘାଟନ କରିଥିଲେ। ଜୈବିକ ପଦ୍ଧତିରେ ଚାଷ କରିବା ପାଇଁ ଚାଷୀଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରିବା ଏହି ଜୈବିକ ଉତ୍ପାଦ ବିକ୍ରୟ କେନ୍ଦ୍ରର ପରିକଳ୍ପନା କରାଯାଇଥିବା ବେଳେ ସେମାନଙ୍କୁ କିଭଳି ଉତ୍ପାଦ ଗୁଡିକର ଉଚିତ ମୂଲ୍ୟ ମିଳିପାରିବ ବୋଲି ଆଶା କରାଯାଉଛି। ସେହିପରି ଏହା ଦ୍ୱାରା ଜଳ ଓ ଜମିକୁ ମଧ୍ୟ ସୁରକ୍ଷା କରାଯାଇ ପାରିବ ବୋଲି ପଞ୍ଚାୟତ ମହାସଂଘ ପକ୍ଷରୁ କୁହଯାଇଛି। କାର୍ଯ୍ୟକ୍ରମ ଆୟୋଜନରେ ମହାସଂଘର ସଭାନେତ୍ରୀ ସୁଲୋଚନା ନାୟକ, ସମ୍ପାଦିକା କୁନ୍ତଳା ନାୟକ, ଏଫଇଏସ ଅନୁଷ୍ଠାନର ପ୍ରଶିକ୍ଷିକା ହୀରାମଣି ଦାଶ ଓ ମହାସଂଘର ବହୁ ସଦସ୍ୟା ସକ୍ରୀୟ ସହଯୋଗ କରିଥିଲେ। ଏହି ଅବସରରେ ଏଫଇଏସ ଅନୁଷ୍ଠାନର ପ୍ରଶିକ୍ଷକ ବଂଶୀଧର ସାହୁ ଯୋଗଦେଇ ମହାସଂଘର ଏଭଳି ଉଦ୍ୟମର ପ୍ରଶଂସା କରିଥିଲେ।





# କଂଗ୍ରେସର ଇସ୍ତାହାର, ଗ୍ୟାରେଣ୍ଟି କାର୍ଡ ଉନ୍ମୋଚିତ

**ଦେବଗଡ଼, ୨୩।୩(ଶଶାଙ୍କ ଶେଖର ଝାଙ୍କର)**

ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଦେବଗଡ ଜିଲାରେ ଶନିବାର ଆନୁଷ୍ଠାନିକ ଭାବେ ଇସ୍ତାହାର ପ୍ରକାଶ ପାଇଛି। ସ୍ଥାନୀୟ ଏକ ଘରୋଇ ହୋଟେଲରେ ଜିଲା କଂଗ୍ରେସ ଗଣମାଧ୍ୟମ ଓ ଯୋଗାଯୋଗ ବିଭାଗ ଅଧ୍ୟକ୍ଷ ସିଦ୍ଧେଶ୍ୱର ଗୁରୁଙ୍କ ଆବାହକତ୍ୱ ଓ ଜିଲା କଂଗ୍ରେସ କମିଟି ସଭାପତି ସେମ ହେମ୍ବ୍ରମଙ୍କ ସଭାପତିତ୍ୱରେ ଆୟୋଜିତ ଖବର ଦାତା ସମ୍ମିଳନୀରେ ପ୍ରଦେଶ କଂଗ୍ରେସ କମିଟିର ଗଣମାଧ୍ୟମ ଓ ଯୋଗାଯୋଗ ବିଭାଗ ଅଧ୍ୟକ୍ଷ ଓ ମୁଖପାତ୍ର ଡ. ବିଶ୍ୱରଞ୍ଜନ ମହାନ୍ତି ଏହି ଇସ୍ତାହାରକୁ ଉନ୍ମୋଚିତ କରିବା ସହ ବିଭିନ୍ନ ପ୍ରସଙ୍ଗରେ କଂଗ୍ରେସ ପକ୍ଷରୁ ଘୋଷଣା କରାଯାଇଥିବା ଗ୍ୟାରେଣ୍ଟି ଉପରେ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ ଡ. ମହାନ୍ତି ଗଣମାଧ୍ୟମର ପ୍ରତିନିଧିଙ୍କୁ କହିଥିଲେ, ରାଜ୍ୟରେ ଦୀର୍ଘ ୨୪ ବର୍ଷ ହେଲା ବିଜେଡି ଓ କେନ୍ଦ୍ରରେ ଦୀର୍ଘ ୧୦ ବର୍ଷ ହେଲା ଭାଜପା ସରକାର ଚାଲିଥିଲେ ହେଁ ଜନସାଧାରଣଙ୍କ ଆଶା ପୂରଣ କରିବାରେ ବିଫଳ ହୋଇଛି। ବିଗତ ନିର୍ବାଚନରେ ଉଭୟ ଦଳ ବିଭିନ୍ନ ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଥିଲେ ହେଁ ଲୋକଙ୍କୁ ପ୍ରତାରିତ କରୁଛନ୍ତି। ତେଣୁ ଜନସାଧାରଣଙ୍କ ସାମଗ୍ରୀକ ବିକାଶ ନିମନ୍ତେ ଆଗାମୀ ନିର୍ବାଚନରେ କଂଗ୍ରେସ ହିଁ ଏକ ମାତ୍ର ବିକଳ୍ପ ଭାବେ ଠିଆ ହୋଇଛି। ଯଦି କଂଗ୍ରେସ ଦଳ କ୍ଷମତାକୁ ଆସେ ତେବେ ଗୃହ ଜ୍ୟୋତି, ଯୁବ ବିକାଶ, କୃଷକ ବନ୍ଧୁ, ଗୃହ ଲକ୍ଷ୍ମୀ ଏବଂ ଜନକଲ୍ୟାଣ ଆଦି ଯୋଜନା କାର୍ଯ୍ୟକାରୀ କରିବ ବୋଲି ଗ୍ୟାରେଣ୍ଟି ଦେଇଛି। ସେହିପରି ଘରୋଇ ଉପଭୋକ୍ତାଙ୍କ ପାଇଁ ୨୦୦ ୟୁନିଟ ବିଦ୍ୟୁତ୍ ଦେୟ ଛାଡ, ୫ ଲକ୍ଷ ଯୁବକ ଯୁବତୀଙ୍କ ପାଇଁ ନିଯୁକ୍ତି ବ୍ୟବସ୍ଥା,ବେକାରୀ ଭତ୍ତା ମାସକୁ ୩ ହଜାର, ଧାନର ବୋନସ ସହିତ ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପ୍ରତି ୩ ହଜାର ଟଙ୍କାକୁ ବୃଦ୍ଧି, କୃଷି ଋଣ ଛାଡ, କୃଷକ ପାଇଁ ମାସିକ ପେନସନ ୨ ହଜାର ଟଙ୍କା, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ବ୍ୟାଙ୍କ ଋଣ ଛାଡ, ମହିଳାଙ୍କୁ ମାସିକ ୨ ହଜାର ଟଙ୍କା ଭତ୍ତା ଓ ଆଦିବାସୀ ଦଳିତ ମହିଳାଙ୍କୁ ୩ ହଜାର ଟଙ୍କା ପ୍ରଦାନ, ୫ ଶହ ଟଙ୍କାରେ ଗ୍ୟାସ ସିଲିଣ୍ଡର ଦେବାକୁ କଂଗ୍ରେସ ନିର୍ବାଚନୀ ଇସ୍ତହାର ଦେଇଛି। ଏଥିସହ ଜନକଲ୍ୟାଣ ଯୋଜନାରେ ସ୍ୱାସ୍ଥ୍ୟ ବୀମା ମାଧ୍ୟମରେ ୨୫ ଲକ୍ଷ ଟଙ୍କା ଯାଏଁ ମାଗଣା ଚିକିତ୍ସା ବ୍ୟବସ୍ଥା, ବାର୍ଦ୍ଧକ୍ୟ, ବିଧବା ଓ ଦିବ୍ୟାଙ୍ଗ ଭତ୍ତା ୨ ହଜାର ଟଙ୍କାକୁ ବୃଦ୍ଧି, ଚିଟଫଣ୍ଡ ଜମାକାରୀଙ୍କୁ ୬ ମାସ ଭିତରେ ସୁଧ ସହ ଜମାରାଶି ଫେରସ୍ତ, ଚାକିରୀ କ୍ଷେତ୍ରରେ ପଛୁଆ ବର୍ଗ ପାଇଁ ୨୭ ପ୍ରଶିକ୍ଷତ ସଂରକ୍ଷଣ, ଆଦିବାସୀ ଓ ଦଳିତଙ୍କୁ ନିଜ ଜମି ଓ ଜଙ୍ଗଲ ଜମି ଉପରେ ସମ୍ପୁର୍ଣ୍ଣ ଅଧିକାର, ୧୦୦ ଦନ ଭିତରେ ପେସା ଆଇନକୁ କଡାକଡି କରିବା ପାଇଁ ଏହି ଅବସରରେ ଇସ୍ତହାର ପ୍ରକାଶ କରାଯାଇଥିଲା। ଜିଲା କଂଗ୍ରେସ କମିଟି ସଭାପତି ହେମ୍ବ୍ରମ ରାଜ୍ୟ ଓ କେନ୍ଦ୍ରରେ ଶାସନ କରୁଥିବା ଭାଜପା ଓ ବିଜେଡି ଦଳ ମଧ୍ୟରେ ଗୁପ୍ତ ବୁଝାମଣା ରହିଥିବା, ଭାଜପା ଦଳର ଉଭୟ ବିଧାୟକ ଓ ସାଂସଦ କୌଣସି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ କରିବା ପରିବର୍ତ୍ତେ ନିଜ ନିଜର ପକେଟ ଗରମ କରିବା ପାଇଁ ପିସି ଆଦାୟ କରୁଥିବା ଆଦି ଅଭିଯୋଗ କରିବାସହ ଆଗାମୀ ନିର୍ବାଚନରେ ଜିଲାବାସୀ ସେମାନଙ୍କୁ ପ୍ରତ୍ୟାଖାନ କରି କଂଗ୍ରେସକୁ ଆପଣେଇବେ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ। ଶେଷରେ ଜିଲା କଂଗ୍ରେସ ଉପ ସଭାପତି ମଞ୍ଜୁଳ କୁମାର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ଖବରଦାତା ସମ୍ମିଳନୀରେ ପୂର୍ବତନ ରାଜ୍ୟ ଯୁବ କଂଗ୍ରେସ ସଭାପତି ତଥା ପ୍ରଦେଶ କଂଗ୍ରେସ କମିଟି ମୁଖପାତ୍ର ଡ. ସ୍ମୃତି ରଞ୍ଜନ ଲେଙ୍କା,ଜିଲା କଂଗ୍ରେସ ଓବିସି ସେଲ ସଭାପତି ସୁବାସ ଚନ୍ଦ୍ର ଭୋଇ, ରିଆମାଳ ବ୍ଲକ କଂଗ୍ରେସ ସଭାପତି ସୁଶାନ୍ତ କୁମାର ସ୍ୱାଇଁ ପ୍ରମୁଖ ମଞ୍ଚସୀନ ଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ତିଲେଇବଣି ବ୍ଲକ କଂଗ୍ରେସ ସଭାପତି ସୁରେନ୍ଦ୍ର କୁମାର ସାହୁ, ଜିଲା ଯୁବ କଂଗ୍ରେସ ସଭାପତି ସଲମାନ ହେନେଜ, ଜିଲା ଛାତ୍ର କଂଗ୍ରେସ ସଭାପତି ଆନନ୍ଦ କୁଲା ଓ ଶ୍ରୀତମ କୁମାର ସାହୁଙ୍କ ସମେତ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲା କଂଗ୍ରେସ ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହେବାସହ ବିଜେଡିରୁ ଇସ୍ତଫା ଦେଇଥିବା ଇଂ. ଅଲେଖ ନାଏକ, ଇଂ. ଆକାଶ କୁମାର ଦାସ, ଇଂ. ଜିତୁ ବେହେରା,ଇଂ. ସୁନୀଲ ମହାକୁଳ, ଦେବେନ୍ଦ୍ର ପ୍ରଧାନ, ଅର୍ଜୁନ ଯାଦବ, ମୁକେଶ ସାମଲ, ମହେନ୍ଦ୍ର ସାଏ, ଭଗବାନ ଗଡନାୟକ, ସୁରେନ ବେହେରା, ମୁକ୍ତେଶ୍ୱର ଭଇଁଷା ଓ ପ୍ରବୋଧ କୁଜୁରଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ଯୁବକ ଆନୁଷ୍ଠାନିକ ଭାବେ ଦଳରେ ସାମିଲ ହୋଇଥିଲେ। ମଞ୍ଚାସୀନ କଂଗ୍ରେସ ନେତୃବୃନ୍ଦ ସେମାନଙ୍କୁ ଦଳୀୟ ଟୋପି ଓ ଉତ୍ତରୀୟ ପ୍ରଦାନ ପୂର୍ବକ ଦଳକୁ ସ୍ୱାଗତ କରିଥିଲେ ।



## ଏ ସପ୍ତାହର ପ୍ରଶ୍ନ

୧– ଫୁଟ୍ ଆଣ୍ଡ ମାଉଥ୍ ଡିଜିଜ୍ ଏକ .......... ଜନିତ ରୋଗ ?
୨– ସିନ୍ଦ୍ରି ଫର୍ଟିଲାଇଜର୍ ପ୍ଲାଣ୍ଟ ............ ରାଜ୍ୟରେ ଅବସ୍ଥିତ ?
୩– ଲିଟୋରିଆ ଗ୍ରାସିଲି ଏକ ପ୍ରକାରର ............. ପ୍ରଜାତି ?
୪– ଫ୍ରାଙ୍କ୍ ରୁବିଓ ଜଣେ .............. ?
୫– ଗୀତା ରହସ୍ୟ ପୁସ୍ତକର ଲେଖକ ............ ?

## ଗତ ଥରର ଉତ୍ତର

୧ ଶେୟାର୍ ୟୋର୍ କଲର୍ସ
୨ ନ୍ୟୁୟର୍କ ସିଟି
୩ ସିଂହ
୪ ମାଣ୍ଡାରିନ୍
୫ ୱିଲିୟମ୍ ସେକ୍ସପିୟର

## ଉତ୍ତରଦାତା


ଶେଖ୍ ୟାକୁବ୍, ଗୋପ


ନିର୍ବିକଳ୍ପ ନାଥ, ଘଣ୍ଟେଶ୍ୱର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ପୃଥିବୀର ସର୍ବାଧିକ ସେଓ ଉତ୍ପାଦନକାରୀ ଦେଶ



୧. ଚାଇନା ........ ୪୫,୯୮୩ ମିଲିଅନ୍ ଟନ୍
୨ . ତୁର୍କୀ........ ୪,୪୯୩ ମିଲିଅନ୍ ଟନ୍
୩. ଆମେରିକା........ ୪,୪୬୭ ମିଲିଅନ୍ ଟନ୍
୪. ପୋଲାଣ୍ଡ........ ୪,୦୬୭ ମିଲିଅନ୍ ଟନ୍
୫. ଭାରତ........ ୨, ୨୭୬ ମିଲିଅନ୍ ଟନ୍
୬. ଇରାନ୍ ........ ୨,୨୪୧ ମିଲିଅନ୍ ଟନ୍
୭. ରୁଷିଆ ........ ୨,୨୧୬ ମିଲିଅନ୍ ଟନ୍
୮. ଇଟାଲୀ ........ ୨,୨୧୨ ମିଲିଅନ୍ ଟନ୍
୯. ଫ୍ରାନ୍ସ ........ ୧,୬୩୩ ମିଲିଅନ୍ ଟନ୍
୧୦. ଚିଲ୍ଲୀ ........ ୧,୫୫୭ ମିଲିଅନ୍ ଟନ୍

## ଜାଣନ୍ତୁ ଦୁନିଆ

# ସାପଙ୍କ ଶତ୍ରୁ

**ସାପ ଦେଖିଲେ କାହା ମନରେ ବା ଛନକା ପଶି ନ ଯାଏ। ହେଲେ ଏମିତି କେତେକ ପ୍ରାଣୀ ଅଛନ୍ତି, ଯାହାଙ୍କୁ ସାପର ପ୍ରାଣ ଭୟ। କାରଣ ସେମାନେ ସାପକୁ ମାରି ଖାଦ୍ୟ ଭାବେ ଗ୍ରହଣ କରିଥାନ୍ତି। ଜାଣିବା ଏଭଳି କେତେକ ପ୍ରାଣୀଙ୍କ ସମ୍ପର୍କରେ...**

ନେଉଳ: ଏହା ସାପର ଏକ ବଡ଼ ଶତ୍ରୁ ବୋଲି ପ୍ରାୟ ସମସ୍ତେ ଜାଣନ୍ତି। ଏସିଆ, ୟୁରୋପ ଏବଂ ଆଫ୍ରିକାରେ ଅଧିକ ସଂଖ୍ୟାରେ ଏମାନେ ଦେଖାଯାଆନ୍ତି। ସାପ ବିଷକୁ ପ୍ରତିରୋଧକ କରିବାର ଶକ୍ତି ନେଉଳ ଶରୀରରେ ରହିଥିବାରୁ ଏମାନେ ସହଜରେ ସାପକୁ ମାରି ଖାଦ୍ୟ ଭାବେ ଗ୍ରହଣ କରିଥାନ୍ତି।

କୁମ୍ଭୀର: ଏମାନଙ୍କର ମୋଟା ଏବଂ ଟାଣ ଚମଡ଼ାରେ ସାପ କାମୁଡ଼ିବା ଦ୍ୱାରା ନା ବଡ଼ କ୍ଷତ ସୃଷ୍ଟି ହୋଇଥାଏ ନା ବିଷ ଏମାନଙ୍କୁ ପ୍ରଭାବିତ କରିଥାଏ। ସେମାନେ ସାପକୁ ଗିଳି ଦେଇପାରନ୍ତି। ବଡ଼ ବଡ଼ ସାପକୁ ମାଡ଼ିରେ ଦାବି ଖଣ୍ଡ ଖଣ୍ଡ କରି ଖାଇଦିଅନ୍ତି।

ବାଜପକ୍ଷୀ ଓ ଚିଲ: ଏମାନେ ମଧ ସାପଙ୍କର ଅନ୍ୟତମ ବଡ଼ ଶତ୍ରୁ। ଏମାନେ ନିଜ ପଞ୍ଝାରେ ସାପକୁ ଝାମ୍ପି ନେଇ ଶକ୍ତ ଓ ମୁନିଆ ଥଣ୍ଟରେ ଖୁମ୍ପି ଖୁମ୍ପି ଖାଇଥାନ୍ତି।

ଗିନି ଫାଉଲ୍: କୁକୁଡ଼ା କିମ୍ବା ଟର୍କି ପ୍ରଜାତିର ଏହି ପକ୍ଷୀଗୁଡ଼ିକ ସାପକୁ ମଧ ମାରିଦିଅନ୍ତି। ଏହି ପକ୍ଷୀଙ୍କୁ କୁକୁଡ଼ା ଭଳି ପାଳନ କରାଯାଏ। ଅନେକ ସମୟରେ ସାପ ଏମାନଙ୍କର ଅଣ୍ଡା ଏବଂ ଛୋଟ ଛୁଆଙ୍କୁ ଚୋରି କରି ଖାଇ ଦେଇଥାନ୍ତି। ନିଜ ଅଣ୍ଡା ଓ ଛୁଆଙ୍କ ସୁରକ୍ଷା ଲାଗି ଏମାନେ ସାପଙ୍କୁ ମାରି ଦେଇଥାନ୍ତି।



# ଇ-ଶପିଂ ଅଫର

**ବର୍ତ୍ତମାନ ଇ–ମେଲ୍ ହେଉ କି ସୋସିଆଲ୍ ସାଇଟ୍ ଖୋଲିବା ମାତ୍ରେ ଆସିଯାଉଛି ବିଭିନ୍ନ ଶପିଂ ସାଇଟ୍‌ର ଡିସ୍‌କାଉଣ୍ଟ ଅଫର ପପ୍‌ଅପ୍। ଭଳିକିଭଳି ପୋଷାକ, ଜୋତା, କସ୍‌ମେଟିକ୍ସଠାରୁ ଆରମ୍ଭ କରି ଇଲେକ୍‌ଟ୍ରୋନିକ୍ସ ସାମଗ୍ରୀ ପର୍ଯ୍ୟନ୍ତ ସବୁଥିରେ ସ୍ପେଶାଲ୍ ଡିସ୍‌କାଉଣ୍ଟ ଅଫର ସଭିଙ୍କୁ ବିଶେଷକରି ଯୁବପିଢ଼ିଙ୍କୁ କରୁଛି କିମିଆ...**



ଗ୍ରାହକଙ୍କୁ ଆକୃଷ୍ଟ କରିବା ଲାଗି ବର୍ତ୍ତମାନ ବିଭିନ୍ନ ଇ– ଶପିଂ ସାଇଟ୍‌ଗୁଡିକ ସେଲ୍ କିମ୍ବା କୌଣସି ସାମଗ୍ରୀ ଉପରେ ସ୍ପେଶାଲ୍ ଡିସ୍‌କାଉଣ୍ଟ, ଅନ୍ୟାନ୍ୟ ଆକର୍ଷଣୀୟ ଅଫର ଦେଉଛନ୍ତି। ଯାହାକି ସମସ୍ତଙ୍କୁ ବିଶେଷ କରି ଶପିଂପ୍ରେମୀ ଯୁବପିଢ଼ିଙ୍କୁ ବେଶି ଆକୃଷ୍ଟ କରେ। ହେଲେ କେବେ କେବେ ଏହି ଅଫର ପାଇବା ଆଳରେ କେହି କେହି ଠକାମିର ଶିକାର ହେଉଥିବାର ଦେଖିବାକୁ ମିଳିଥାଏ। ତେଣୁ ଅଫର ନିଶାରେ ଯେପରି ଶସ୍ତାରୁ ହିନସ୍ତା ହେବାକୁ ନ ପଡେ ତେଣୁ ଅନ୍‌ଲାଇନ୍ ଶପିଂ କରୁଥିଲେ କେତେକ ଦିଗ ପ୍ରତି ସଜାଗ ରହିବା ନିହାତି ଆବଶ୍ୟକ...

**ଟର୍ମ ଆଣ୍ଡ କଣ୍ଡିଶନ୍ସ ଚେକ୍ କରନ୍ତୁ** : ଅଫଲାଇନ୍ ଶପିଂ କରିବା ବେଳେ ଅନେକେ ଟ୍ୟାଗ୍‌ରେ ଲେଖାଥିବା ଟର୍ମ ଆଣ୍ଡ କଣ୍ଡିଶନ୍ସ ପଢୁଥିବା ବେଳେ ଅନ୍‌ଲାଇନ୍ ଶପିଂରେ ସାଧାରଣତଃ ଏଥିପ୍ରତି ଧ୍ୟାନ ଦେବାକୁ ଭୁଲିଯାଆନ୍ତି। ବିଭିନ୍ନ ସାମଗ୍ରୀ ଉପରେ କିଛି ନିର୍ଦ୍ଦିଷ୍ଟ ପ୍ରତିଶତ ରିହାତି, ବାଏ ୱାନ୍ ଗେଟ୍ ୱାନ୍ ଫ୍ରି, ଲକି ଡ୍ର କୁପନ୍, କ୍ୟାଶ୍ ବ୍ୟାକ୍ ଅଫର୍ ଆଦି ଦେଖିବା ମାତ୍ରେ ଅନେକ ଯୁବତୀଯୁବକ ଲୋଭରେ ଆଗ ପଛ ବିଚାର ନ କରି ଅର୍ଡର କରିନିଅନ୍ତି। ହେଲେ ପରବର୍ତ୍ତୀ ସମୟରେ ଏଥିରେ ଥିବା ବିଭିନ୍ନ ସର୍ତ୍ତାବଳୀ ସମ୍ପର୍କରେ ଜାଣିବାକୁ ପାଇଥାଆନ୍ତି ଏବଂ ଅସୁବିଧାର ସମ୍ମୁଖୀନ ହୋଇଥାଆନ୍ତି। ତେଣୁ ସେଲ୍‌ରେ କିଛି ବି ସାମଗ୍ରୀ କିଣିବା ବେଳେ ପ୍ରଥମେ ଟର୍ମ ଆଣ୍ଡ କଣ୍ଡିଶନ୍ ସମ୍ପର୍କରେ ପ୍ରଥମେ ଭଲ ଭାବେ ବୁଝିନିଅନ୍ତୁ। ବିଶେଷ କରି ଡିସ୍କାଉଣ୍ଟେଡ୍ ଆଇଟମ୍‌ରେ ରିପ୍ଲେସ୍, ରିଟର୍ନ, ମନି ରିଫଣ୍ଡ ଆଦି ଅପ୍ସନ ନ ଥାଏ। ତେଣୁ ଏ ସମ୍ପର୍କରେ ମଧ ଭଲ ଭାବେ ପଢିବା ପରେ ଅର୍ଡର କରନ୍ତୁ।

**ସଠିକ୍ ଦାମ୍ ଜାଣନ୍ତୁ:** ଅଫରର ଅର୍ଥ ହେଉଛି ଗ୍ରାହକଙ୍କ ଦୃଷ୍ଟି ଆକର୍ଷଣ କରିବା। ଆଉ ବିଭିନ୍ନ ସାମଗ୍ରୀରେ ଲାଷ୍ଟ ଡେଟ୍, ଲିମିଟେଡ୍ ଡିସ୍‌କାଉଣ୍ଟ ଅଫର, ରିହାତି, ମାଗଣା ଉପହାର ଆଦି ଭଳି ବିଭିନ୍ନ ଅଫର ଦେଖିବାମାତ୍ରେ ହିଁ ଅନେକେ ଅଫର ହାତଛଡ଼ା ନ ହୋଇଯିବା ଲୋଭରେ କାଳ ବିଳମ୍ବ ନ କରି ଶୀଘ୍ର କିଣିନିଅନ୍ତି। ଫଳରେ ସେମାନେ ଅଫର୍‌ରେ ଶସ୍ତାରେ ପାଇଯିବା ଆଳରେ ଠକାମୀର ଶିକାର ହୋଇଥାନ୍ତି। ତେଣୁ ଠକାମୀର ଶିକାର ନ ହେବା ଲାଗି ଅନ୍ୟ ଦୋକାନ କିମ୍ବା ଅନ୍‌ଲାଇନ୍ ସାଇଟ୍‌ରେ ଏହାର ମୂଲ୍ୟ କେତେ ରହିଛି ଦେଖିବା ପରେ ହିଁ କିଣନ୍ତୁ। କାରଣ ବେଳେ ବେଳେ ଅଫର ଦାମ୍ ହିଁ ଉକ୍ତ ସାମଗ୍ରୀର ପ୍ରକୃତ ଦାମ୍ ହୋଇଥାଏ।

**କ୍ୱାଲିଟି ଯାଞ୍ଚ କରନ୍ତୁ:** ଅଧିକାଂଶ ଯୁବପିଢ଼ି ନୂଆ ନୂଆ ପୋଷାକ, ଜୋତା ହେଉ କିମ୍ବା ଆସେସରିଜ୍ ଓ ଇଲେକ୍ଟ୍ରୋନିକ୍ସ ସମାଗ୍ରୀ କିଣିବା ପ୍ରତି ବେଶି ଆଗ୍ରହୀ। ଯାହାକୁ ଦୃଷ୍ଟିରେ ରଖି ଅନ୍ ଲାଇନ୍ ଶପିଂ ସାଇଟ୍‌ଗୁଡିକ ମଧ୍ୟ ଅନ୍ୟ ସାମଗ୍ରୀ ତୁଳନାରେ ଏହି ସବୁ ସାମଗ୍ରୀରେ ଅଧିକ ଡିସ୍‌କାଉଣ୍ଟ କିମ୍ବା ବାଏ ୱାନ୍ ଗେଟ୍ ୱାନ୍ ଫ୍ରି ଭଳି ବିଭିନ୍ନ ଆକର୍ଷଣୀୟ ଅଫର ଦେଉଛନ୍ତି, ଯାହାକୁ ଦେଖି ଅନେକେ ଆବଶ୍ୟକତାଠାରୁ ଅଧିକ ଶପିଂ କରି ପରବର୍ତ୍ତୀ ସମୟରେ ଠକାମିର ଶିକାର ହୋଇଥାନ୍ତି। କାରଣ ବେଳେବେଳେ ଷ୍ଟକ୍ ମାଲ୍‌ଗୁଡ଼ିକୁ ଶୀଘ୍ର ବିକ୍ରି ହେବା ଲାଗି ଏଭଳି ଅଫର ଦିଆଯାଇଥାଏ। ତେଣୁ କିଣିବା ପୂର୍ବରୁ ଏହାର ଫେବ୍ରିକ୍ ବା ମ୍ୟାଟେରିଆଲ୍ କ୍ୱାଲିଟି ସମ୍ପର୍କରେ ଅନ୍ୟମାନଙ୍କ ରିଭ୍ୟୁ କ'ଣ ରହିଛି, ରେଟିଂ କେତେ ପଢିବା ସହ ଏହାକୁ ରିଟର୍ନ କରି ହେବ କି ନାହିଁ ଯାଞ୍ଚ କରିବାକୁ ଭୁଲନ୍ତୁ ନାହିଁ।

### ସତର୍କ ରହିବା ଜରୁରୀ

ଯଦିଓ ବର୍ତ୍ତମାନ ଘରେ ଅନ୍‌ଲାଇନ୍ ଶପିଂ କରିବା ଦ୍ୱାରା ମାର୍କେଟ୍‌ରେ ଏଣେତେଣେ ବୁଲି ସମୟ ନଷ୍ଟ ହେବାର ଟେନ୍‌ଶନ୍ ନ ଥିବାରୁ ଯୁବପିଢି ଏହାକୁ ବହୁତ ପସନ୍ଦ କରୁଛନ୍ତି। ତଥାପି ଇ–ଶପିଂ ସାଇଟ୍‌ଗୁଡ଼ିକରେ ବିଭିନ୍ନ ଡିସ୍‌କାଉଣ୍ଟ ଅଫର୍ ଥିଲେ ବିଶେଷକରି ସେଲ୍‌ରେ କିଛି ଜିନିଷ କିଣିବା ବେଳେ ଠକାମିର ଶିକାର ନ ହେବା ଲାଗି ବିଶେଷ ସତର୍କତା ଅବଲମ୍ବନ କରିବା ନିହାତି ଆବଶ୍ୟକ। ପ୍ରଥମେ କିଛି ଟର୍ମ ଆଣ୍ଡ କଣ୍ଡିସନ୍ ଅଛି କି ନାହିଁ ଦେଖନ୍ତୁ, କିଣୁଥିବା ଜିନିଷ ପସନ୍ଦ ନ ହେଲେ ବଦଳାଇବାର ସୁବିଧା ଅଛି କି ନାହିଁ ଜାଣନ୍ତୁ। ତେବେ ଅନ୍‌ଲାଇନ୍ ଶପିଂ କରୁଥିଲେ ଜିନିଷ ଦେଖିବା ପରେ ପେମେଣ୍ଟ କରିବା ବା କ୍ୟାଶ୍ ଅନ୍ ଡେଲିଭରର ସୁବିଧା ଅଛି କି ନାହିଁ ଜାଣିବା ପରେ ଅର୍ଡର କରନ୍ତୁ। ନଚେତ୍ ଥରେ କିଣିବା ପରେ ସାମଗ୍ରୀ ପସନ୍ଦ ନ ହେଲେ ନା ଆପଣ ଏହାକୁ ବଦଳାଇପାରିବେ ନା ଟଙ୍କା ଫେରସ୍ତ ପାଇପାରିବେ।










## ୟୁଥ୍ ଆଲର୍ଟ

# ସୁରକ୍ଷିତ ରଙ୍ଗ ଖେଳ

**ପାଖେଇ ଆସିଲା ହୋଲି, ଯାହାକୁ ନେଇ ସଭିଏଁ ବେଶ୍ ଉତ୍କଣ୍ଠିତ। ଏହି ଆନନ୍ଦ ଉଲ୍ଲାସ ଯେପରି ଆମର, ଅନ୍ୟ କୌଣସି ବ୍ୟକ୍ତିର ଅଥବା ଆମ ପରିବେଶର କ୍ଷତି ନ କରେ, ସେଥିପାଇଁ କେତେକ ଦିଗ ପ୍ରତି ସତର୍କ ରହିବା ଆବଶ୍ୟକ...**



⏭ଆଗରୁ ହୋଲି ରଙ୍ଗ ଆମ ପାଇଁ ଆନନ୍ଦ ଆଣିବା ସହିତ ଶରୀରକୁ ସୁସ୍ଥ ରଖିବାରେ ଅଳ୍ପବହୁତ ସାହାଯ୍ୟ କରୁଥିଲା। କାହିଁକି ନା, ସେତେବେଳେ ଲୋକମାନେ ବିଭିନ୍ନ ଗଛଲତାର କାଣ୍ଡ, ପତ୍ର, ଚେର, ଫୁଲ ଓ ଫଳରୁ ହୋଲି ରଙ୍ଗ ପ୍ରସ୍ତୁତ କରୁଥିଲେ। ସେହି ପ୍ରାକୃତିକ ରଙ୍ଗ ବ୍ୟବହାର କଲେ ଆମ ଶରୀର ଉପରେ କୁପ୍ରଭାବ ପଡୁ ନ ଥିଲା। ହେଲେ ବର୍ତ୍ତମାନ ମାର୍କେଟ୍‌ରେ ମିଳୁଥିବା ହାନିକାରକ କେମିକାଲଯୁକ୍ତ ରଙ୍ଗ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। ତେଣୁ ରଙ୍ଗ ଖେଳିବା ଲାଗି ପ୍ରାକୃତିକ ରଙ୍ଗ, ଅର୍ଗାନିକ୍ ଅବିର, ଫଗୁ ଆଦି ବ୍ୟବହାର କରନ୍ତୁ।

⏭ରଙ୍ଗ ଖେଳିବା ପୂର୍ବରୁ ଦେହ, ହାତ, ମୁହଁ, କେଶ ଆଦିରେ ଭଲଭାବେ ତେଲ ଲଗାନ୍ତୁ। ହୋଲି ଖେଳ ସମୟରେ ଆମର ଚର୍ମ ଉପରେ ତେଲର ଏକ ସ୍ତର ରହିଲେ, ଖେଳ ସାରି ଗାଧୋଇବା ବେଳେ ସହଜରେ ଶରୀରରୁ ରଙ୍ଗସବୁ ଛାଡ଼ିଯିବ। ଫୁଲ୍ ପ୍ୟାଣ୍ଟ, ଶାର୍ଟ ପିନ୍ଧିଲେ ମଧ ଶରୀରରେ କମ୍ ରଙ୍ଗ ଲାଗିବ।

⏭ମାର୍କେଟ୍‌ରେ ମିଳୁଥିବା ଅଧିକାଂଶ ହୋଲି ରଙ୍ଗରେ ବିଭିନ୍ନ ପ୍ରକାରର ହାନିକାରକ କେମିକାଲ ମିଶିଥାଏ, ଯାହା ତ୍ୱଚା ପାଇଁ କ୍ଷତିକାରକ। ବିଶେଷକରି ଏହା ଆଖିରେ ପଡ଼ିଲେ ଆଖି ଲାଲ ହେବା ସହ କୁଣ୍ଡାଇ ହୋଇ ଲୁହ ବହିଥାଏ ଏବଂ ଝାପ୍‌ସା ଦେଖାଯାଏ। ଆଖିର ସୁରକ୍ଷା ଲାଗି ସନ୍‌ଗ୍ଲାସ୍ ପିନ୍ଧନ୍ତୁ ଏବଂ ମୁହଁରେ ମାସ୍କ ଲଗାନ୍ତୁ। କଣ୍ଟାକ୍ଟ ଲେନ୍ସ ବ୍ୟବହାର କରୁଥିଲେ ରଙ୍ଗ ଖେଳିବା ବେଳେ ଏହାକୁ କାଢ଼ି ରଖିଦିଅନ୍ତୁ। ନଚେତ୍ ଆଲର୍ଜି ହୋଇ କୁଣ୍ଡେଇ ହେବା କିମ୍ବା ଅନ୍ୟାନ୍ୟ ଚକ୍ଷୁ ସମସ୍ୟା ଦେଖାଦେଇପାରେ। ଆଖିରେ ରଙ୍ଗ ପଡ଼ିଲେ ସର୍ବପ୍ରଥମେ ବିଶୁଦ୍ଧ ପାଣିରେ ଆଖିକୁ ଭଲଭାବେ ଧୋଇ ଦିଅନ୍ତୁ। ଅବହେଳା ନ କରି ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେଇ ଆଖିରେ ଡ୍ରପ୍ ପକାନ୍ତୁ।

⏭ସେହିପରି ହୋଲି ଖେଳିବା ପୂର୍ବରୁ କାନ ଭିତରକୁ ରଙ୍ଗ ଯାଇ କୌଣସି ଆଲର୍ଜି କିମ୍ବା ଇନ୍‌ଫେକ୍ସନ ନ ହେବା ଲାଗି କାନ ଭିତରେ ତୁଳା ରଖନ୍ତୁ।

⏭କେଶର ସୁରକ୍ଷା ଲାଗି ରଙ୍ଗ ଖେଳିବା ପୂର୍ବରୁ କେଶରେ ଭଲ ଭାବେ ତେଲ ଲଗାନ୍ତୁ। କେଶକୁ ରଙ୍ଗ ସଂସ୍ପର୍ଶରେ ନ ଆସିବା ଲାଗି କ୍ୟାପ୍ ବ୍ୟବହାର କଲେ ଭଲ। ତଥାପି ହୋଲି ଖେଳିବା ବେଳେ ମୁଣ୍ଡରେ ରଙ୍ଗ ଲାଗିଗଲେ ମାଇଲ୍ଡ ଶାମ୍ପୁ ବ୍ୟବହାର କରି ଧୀରେ ଧୀରେ ଧୁଅନ୍ତୁ, ଏହାକୁ ଆଦୌ ରଗଡ଼ନ୍ତୁ ନାହିଁ। ପରେ ହେୟାର ମାସ୍କ ଲଗାନ୍ତୁ।

⏭ହୋଲି ଖେଳିବାକୁ ବାହାରିବା ସମୟରେ ପକେଟରେ ନୋଟ୍ ରଖନ୍ତୁ ନାହିଁ। ନଚେତ୍ ସେଥିରେ ରଙ୍ଗ ଲାଗି ଅବା ଓଦା ହୋଇ ନଷ୍ଟ ହୋଇଯିବାର ଆଶଙ୍କା ରହିଛି।

⏭ହୋଲି ଖେଳିବାକୁ ବାହାରିବା ସମୟରେ କୌଣସି ନିଶାଦ୍ରବ୍ୟ ସେବନ କରିବା ଅନୁଚିତ୍। କାରଣ ନିଶାଗ୍ରସ୍ତ ବ୍ୟକ୍ତିର ନିଜ କାମ ଉପରେ ନିୟନ୍ତ୍ରଣ ରହେନାହିଁ। ତେଣୁ ନିଶାଗ୍ରସ୍ତ ବ୍ୟକ୍ତି ନିଜର ବନ୍ଧୁ ସହିତ ରଙ୍ଗ ଖେଳିବା ସମୟରେ ନିଜ ନିୟନ୍ତ୍ରଣ ହରାଇ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିପାରେ। ଅନ୍ୟମାନେ ଅବିର ବୋଳିବା କିମ୍ବା ରଙ୍ଗ ଫିଙ୍ଗିବା ସମୟରେ ମଧ ନିଶାଗ୍ରସ୍ତ ବ୍ୟକ୍ତି ପକ୍ଷରେ ଉପଯୁକ୍ତ ସତର୍କତା ଅବଲମ୍ବନ କରିବା ସମ୍ଭବ ହୋଇପାରିବ ନାହିଁ।

⏭କେବଳ ଅତି ଅନ୍ତରଙ୍ଗ ବନ୍ଧୁମାନଙ୍କ ସହିତ ତାଙ୍କ ଅନୁମତି ନେଇ ହୋଲି ଖେଳନ୍ତୁ। ଛୋଟ ପିଲା ବା ବୃଦ୍ଧମାନଙ୍କ ଶାରୀରିକ ଦୁର୍ବଳତାର ସୁଯୋଗ ନେଇ ହୋଲି ଖେଳିବା ଠିକ୍ ନୁହେଁ।



**– କମଳାକାନ୍ତ ଜେନା,**
ପ୍ରାଧ୍ୟାପକ, ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ, ଭଦ୍ରକ

# ପ୍ରଥମ ଟାଇଟଲ ଲକ୍ଷ୍ୟରେ ଓଏଫ୍‌ସି

ଭୁବନେଶ୍ୱର,୨୩।୩
(ସରୋଜ ଜେନା)



ମୁଖ୍ୟ କୋଚ୍ କ୍ରିସ୍ପିନ୍ ଛେତ୍ରୀ ଓ କାର୍ତ୍ତିକ ଅଙ୍ଗମୁଥୁ।

ଇଣ୍ଡିଆନ୍ ଓମେନ୍ସ ଲିଗ୍(ଆଇଡବ୍ଲ୍ୟୁଏଲ୍)ର ଅନ୍ତିମ ଲିଗ୍ ମ୍ୟାଚ୍ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ରବିବାର ଖେଳାଯିବ। ଏହି ମ୍ୟାଚ୍ ଜିତିବା ସହିତ ଆଇଡବ୍ଲ୍ୟୁଏଲ୍ ଇତିହାସରେ ପ୍ରଥମ ଟାଇଟଲ ଲକ୍ଷ୍ୟରେ ରହିଛି ଓଡ଼ିଶା ଏଫ୍‌ସି(ଓଏଫ୍‌ସି)। ଓଏଫ୍‌ସି ଏହାର ଅନ୍ତିମ ଲିଗ୍ ମ୍ୟାଚରେ କର୍ଣ୍ଣାଟକର କିକ୍‌ଷ୍ଟାର୍ଟ ଏଫ୍‌ସି ବିପକ୍ଷରେ ଖେଳିବ। ଏହି ମ୍ୟାଚ୍‌ରେ ବିଜୟୀ ହେଲେ ପଏଣ୍ଟ ଟେବୁଲ ଶୀର୍ଷରେ ରହି ଟାଇଟଲ ହାସଲ କରିପାରିବ। ଶନିବାର ଡିଫେଣ୍ଡିଂ ଚାମ୍ପିୟନ ଗୋକୁଲମ କେରଳର ମ୍ୟାଚ୍ ଇଷ୍ଟ ବେଙ୍ଗଲ ଏଫ୍‌ସି ସହିତ ରହିଛି। କେରଳ ଏହି ମ୍ୟାଚ୍‌ରେ ବିଜୟୀ ହେଲେ ଓଏଫ୍‌ସିକୁ ବିଜୟ ନିହାତି ଆବଶ୍ୟକ। ତେବେ ଯଦି ଗୋକୁଲମ ପରାଜିତ ହୁଏ କିମ୍ବା ମ୍ୟାଚ୍ ଡ୍ର ରୁହେ ତା' ହେଲେ ଓଏଫ୍‌ସି ପାଇଁ ଏହି ମ୍ୟାଚ୍ ଗୁରୁତ୍ୱହୀନ ହୋଇଯିବ।

ରବିବାର ମ୍ୟାଚ୍ ପୂର୍ବରୁ ଏକ ଖବରଦାତା ସମ୍ମିଳନୀରେ ଓଏଫ୍‌ସି ମୁଖ୍ୟ କୋଚ୍ କ୍ରିସ୍ପିନ୍ ଛେତ୍ରୀ ଓ ଖେଳାଳି କାର୍ତ୍ତିକା ଅଙ୍ଗମୁଥୁ ଯୋଗଦେଇଥିଲେ। ଏହି ମ୍ୟାଚ୍ ଦଳ ପାଇଁ ଫାଇନାଲ ପରି ଗୁରୁତ୍ୱପୂର୍ଣ୍ଣ। ତେବେ ଦଳର ସମସ୍ତ ଖେଳାଳି ଏକ ସକାରାତ୍ମକ ମାନସିକତାରେ ରହିଥିବା ବେଳେ ଚାପମୁକ୍ତ ହୋଇ ଖେଳିବ ବୋଲି କହିଛନ୍ତି କ୍ରିସ୍ପିନ ଛେତ୍ରୀ। ଚଳିତ ସିଜନରେ ଓଏଫ୍‌ସି ଚମତ୍କାର ପ୍ରଦର୍ଶନ କରିଥିବା ବେଳେ ଅନ୍ତିମ ଲିଗ୍ ମ୍ୟାଚ୍‌ରେ ଏହା ବଜାୟ ରଖିବାକୁ ଦଳ ଚେଷ୍ଟା କରିବ ବୋଲି ମୁଖ୍ୟ କୋଚ୍ କହିଛନ୍ତି। ଅନ୍ୟପକ୍ଷରେ କାର୍ତ୍ତିକା ଓଏଫ୍‌ସିର ମାହୋଲକୁ ପ୍ରଶଂସା କରିଛନ୍ତି। ଚଳିତ ସିଜନରେ ଏହା ଦଳର ଅନ୍ତିମ ମ୍ୟାଚ୍ ହୋଇଥିବାରୁ ଫ୍ୟାନ୍‌ମାନେ ଯୋଗ ଦେବା ପାଇଁ କାର୍ତ୍ତିକା ଅନୁରୋଧ କରିଛନ୍ତି।

## ଇଣ୍ଡିଆନ୍ ଓମେନ୍ସ ଲିଗ୍


ଶନିବାର କଳିଙ୍ଗ ଷ୍ଟାଡିୟମରେ ଓଏଫ୍‌ସି ମହିଳା ଦଳର ଅଭ୍ୟାସ।

# ସ୍ପୋର୍ଟ୍ସ ଓଡ଼ିଶାର ବିପୁଳ ବିଜୟ

## ଖେଲୋ ଇଣ୍ଡିଆ ଓମେନ୍ସ ଫୁଟ୍‌ବଲ ଲିଗ୍


ବଲ୍ ପାଇଁ ସଂଘର୍ଷ କରୁଛନ୍ତି ଦୁଇ ଖେଳାଳି।

ଭୁବନେଶ୍ୱର, ୨୩।୩ (ବିଜୟ ରଣା)

୧୫ ବର୍ଷରୁ କମ୍ ଖେଲୋ ଇଣ୍ଡିଆ ମହିଳା ଫୁଟ୍‌ବଲ ଲିଗ୍ ୨୦୨୩-୨୪ରେ ଶନିବାର ଖେଳାଯାଇଥିବା ମ୍ୟାଚଗୁଡ଼ିକରେ ସ୍ପୋର୍ଟ୍ସ ଓଡ଼ିଶା, ୟୁନିଟ୍-୬ ଆଥଲେଟିକ୍ ଆସୋସିଏଶନ ଏବଂ ଓଡ଼ିଶା ଏକାଦଶ ସେମାନଙ୍କ ମ୍ୟାଚରେ ବିଜୟ ଲାଭ କରିଛନ୍ତି। ପ୍ରଥମ ମ୍ୟାଚରେ ସ୍ପୋର୍ଟ୍ସ ଓଡ଼ିଶା ୨୩-୦ ଗୋଲ୍‌ରେ ଯୋବ୍ରା ଗର୍ଲସ ହାଇସ୍କୁଲକୁ ୨୩-୦ ଗୋଲ୍‌ରେ ପରାସ୍ତ କରିଛି। ଦଳ ପକ୍ଷରୁ ରୂପଶ୍ରୀ ମୁଣ୍ଡା ୫, ଲିଜା ମଲିକ ୩ ଗୋଲ ସ୍କୋର କରିଥିବା ବେଳେ ଅନୀତା କୁମ୍ଭାର, ଆକାଶୀ ନାୟକ, ରଶ୍ମିତା ନାଏକ ଓ ଭାରତୀ କିସ୍କୁ ୨ଟି ଲେଖାଏଁ ଏବଂ ଅଞ୍ଜଳ ସିଂ, ବାନୋନା ନାଏକ, ପିଙ୍କି ମୁର୍ମୁ, ଲଲି ହରିଜନ, ପରିତା ନାଏକ, ବନ୍ଦନା ନାଏକ ଓ ସମରନିକା ନାଏକ ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। ଦ୍ୱିତୀୟ ମ୍ୟାଚଟିରେ ଓଡ଼ିଶା ଏକାଦଶ ୭-୦ ଗୋଲ୍‌ରେ ଫାଓ ଏକାଡେମୀକୁ ପରାସ୍ତ କରିଛି। ଦଳ ପକ୍ଷରୁ ଥଣ୍ଡାମଣି ବାସ୍କେ ୪ଟି ଗୋଲ ଦେଇଥିବା ବେଳେ ସାଧାନାଇ ରାଣୀ ବାର୍, ଜ୍ୟୋତି ମାଝି ଓ ଇଶା ମାନିକୀ ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ। ତୃତୀୟ ମ୍ୟାଚରେ ୟୁନିଟ୍-୬ ଆଥଲେଟିକ୍ ଆସୋସିଏଶନ ୪-୨ ଗୋଲ୍‌ରେ କାଜିବଜାର ସରକାରୀ ଗର୍ଲସ ହାଇସ୍କୁଲକୁ ପରାଜିତ କରିଛି। ବିଜୟୀ ଦଳ ପକ୍ଷରୁ ଆୟୁଷା ପ୍ରିୟଦର୍ଶନୀ ଦୁଇ ଗୋଲ ଦେଇଥିବା ବେଳେ ଆୟୁଷୀ ଜେନା ଓ ମାନି କେରାଇ ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ।

## ରାଜ୍ୟସ୍ତରୀୟ ସ୍କୁଲ ଚେସ୍

# ଅଂଶଗ୍ରହଣ କରିଛନ୍ତି ୧୬୦ ପ୍ରତିଯୋଗୀ

କଟକ,୨୩।୩ (କାର୍ତ୍ତିକ ସାହୁ)

ଆଇଏସ୍ ଚେସ୍ ସେଣ୍ଟର ଓ କେ.ଟି. ଗ୍ଲୋବାଲ୍ ସ୍କୁଲର ମିଳିତ ଆନୁକୂଲ୍ୟରେ ମହାନଦୀ ବିହାରସ୍ଥିତ ରିଦ୍ଧିସିଦ୍ଧି ସିଡିଏ କଲ୍ୟାଣମଣ୍ଡପଠାରେ ଦୁଇଦିନିଆ ରାଜ୍ୟସ୍ତରୀୟ ସ୍କୁଲ୍ ଚେସ୍ ଚାମ୍ପିୟନ୍‌ଶିପ୍ ଶନିବାର ଆରମ୍ଭ ହୋଇଛି। ଏଥିରେ ୧୬୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଶନିବାର ଖେଳାଯାଇଥିବା ୫ ରାଉଣ୍ଡରୁ ଶ୍ରୀୟମ ସତ୍ୟାଂଶ, ଆଦିତ୍ୟ ବିକ୍ରମ ମିଶ୍ର, ପ୍ରତ୍ୟାଶା ଜେନା, ଆର୍ୟ୍ୟନ ବେହେରା ପ୍ରମୁଖ ୫ ପଏଣ୍ଟ ସହ ଅଗ୍ରଣୀ ଅଛନ୍ତି। ଆଇଏସ୍ ଚେସ୍ ସେଣ୍ଟରର ନିର୍ଦ୍ଦେଶକ ମାନସ ପାଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଗୋପାଳକୃଷ୍ଣ ବେହେରା ଓ ସମ୍ମାନିତ ଅତିଥି ଅଧ୍ୟାପକ ଅସିତ୍ ମୁଖାର୍ଜୀ, ସାମାଜିକକର୍ମୀ ସଞ୍ଜୟ ଜେନା ପ୍ରମୁଖ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ତର୍ଜାତୀୟ ଆର୍ବିଟର ଜ୍ୟୋତି ଶଙ୍କର ନନ୍ଦ, ତାପସ ମହାନ୍ତି ଓ ଅଭିଶେଷ ଆଚାର୍ଯ୍ୟ ପ୍ରତିଯୋଗିତାକୁ ପରିଚାଳନା କରୁଛନ୍ତି। ଶଙ୍କର ରାଓ, ରୁଦ୍ରାଶିଷ ମଣ୍ଡଳ, ଯୁଧିଷ୍ଠିର ସେଠୀ, ସୁଜିତ୍ ବାନାର୍ଜୀ ପ୍ରମୁଖ ସହଯୋଗ କରୁଛନ୍ତି। ରବିବାର ସନ୍ଧ୍ୟାରେ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହେବ।

# ତୃତୀୟ ଦିନରେ ଓଡ଼ିଶାକୁ ୧୦ ପଦକ

## ଜାତୀୟ ହୁଇଲ୍ ଚେୟାର ଫେନ୍‌ସିଂ


ପୂଜାସିନୀ ନାୟକ



ଭି ରମେଶ ରାଓ

ଭୁବନେଶ୍ୱର,୨୩।୩
(ସରୋଜ ଜେନା)

ତାମିଲନାଡୁରେ ଅନୁଷ୍ଠିତ ଜାତୀୟ ହୁଇଲ୍ ଚେୟାର ଫେନ୍‌ସିଂର ତୃତୀୟ ଦିନରେ ଓଡ଼ିଶା ଖେଳାଳି ୧୦ ପଦକ ଜିତିଛନ୍ତି। ଭି ରମେଶ ରାଓ, ପୂଜାସିନୀ ନାୟକ, ମାଳତୀ ପାନୁରେ ଓ ଶିଳା ମନ୍ତ୍ରୀ ବ୍ୟକ୍ତିଗତ ଇଭେଣ୍ଟରେ ୪ ସ୍ୱର୍ଣ୍ଣ ଜିତିଥିବା ବେଳେ ୩ଟି ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଛନ୍ତି ଖେଳାଳି। ବ୍ୟକ୍ତିଗତ ମହିଳା ଇପି ବିଭାଗରେ ମାଳତୀ ପାନୁରେ ୧୫-୦୯ରେ ଶୀଲା ମନ୍ତ୍ରୀଙ୍କୁ ହରାଇ ସ୍ୱର୍ଣ୍ଣ ପଦକ ଜିତିଥିଲେ। ତେବେ ବ୍ୟକ୍ତିଗତ ମହିଳା ଫଏଲ ବିଭାଗରେ ଶୀଳା ମନ୍ତ୍ରୀ ୧୫-୦୯ରେ ମାଳତୀ ପାନୁରେଙ୍କୁ ହରାଇ ସ୍ୱର୍ଣ୍ଣ ପଦକ ଜିତିଥିଲେ। ବ୍ୟକ୍ତିଗତ ମହିଳା ଇପି ବିଭାଗ- ବି'ରେ ପୂଜାସ୍ୱିନୀ ନାୟକ ୧୫-୭ରେ ଛତିଶଗଡର ରୋହିନୀ ସାହୁଙ୍କୁ ହରାଇ ସ୍ୱର୍ଣ୍ଣ ପଦକ ହାତେଇ ଥିଲେ। ସମାନ ବିଭାଗରେ ଓଡ଼ିଶାର ଆଶା ସିଂ ଏକ ବ୍ରୋଞ୍ଜ ପଦକ ହାସଲ କରିଥିଲେ।

ବ୍ୟକ୍ତିଗତ ପୁରୁଷ ଫଏଲ ବିଭାଗ- ଏ'ରେ ଭି. ରମେଶ ରାଓ ୧୫-୧୩ରେ ହରିୟାଣାର ସୁଧୀର ସିଂଙ୍କୁ ହରାଇ ସ୍ୱର୍ଣ୍ଣ ପଦକ ଜିତିଥିଲେ। ରାଖାଲ କୁମାର ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ରହିଥିଲେ। ବ୍ୟକ୍ତିଗତ ପୁରୁଷ ଫଏଲ ବିଭାଗ- ବି'ରେ ହରିୟାଣାର ସୁନୀଲ ଫୋଗଟଙ୍କ ଠାରୁ ୯-୧୫ରେ ପରାଜିତ ହୋଇ ପ୍ରଫୁଲ୍ଲ କୁମାର ଖଣ୍ଡାୟତରାୟ ରୌପ୍ୟ ପଦକ ହାସଲ କରିଥିଲେ। ଓମ୍ ପ୍ରକାଶ ବେହେରା ବ୍ରୋଞ୍ଜ ପଦକ ହାସଲ କରିଥିଲେ।

# ଗ୍ରାମାଞ୍ଚଳ ଜେଲରେ ରହିବେ ରବିନୋ

ସାଓ ପାଓଲୋ,୨୩।୩(ପି.ଟି.)

ପ୍ରସିଦ୍ଧ ବ୍ରାଜିଲ ଫୁଟବଲର ରବିନୋଙ୍କୁ ଏକ ଗ୍ରାମାଞ୍ଚଳ ଜେଲକୁ ସ୍ଥାନାନ୍ତର କରାଯାଇଛି। ବଳାତ୍କାର ମାମଲାରେ ତାଙ୍କୁ ୯ ବର୍ଷର ଦଣ୍ଡାଦେଶ ମିଳିଛି। ତେବେ ବିଭିନ୍ନ ଜେଲରେ ଥିବା କୁଖ୍ୟାତ ଅପରାଧୀଙ୍କଠାରୁ ତାଙ୍କୁ ସୁରକ୍ଷିତ ରଖିବା ଲାଗି ଏଭଳି ନିଷ୍ପତ୍ତି ନିଆଯାଇଛି। ଏହା ସହ ଆସନ୍ତା ୧୦ ଦିନ ପର୍ଯ୍ୟନ୍ତ ତାଙ୍କୁ ନିଜ ସେଲ୍‌ରେ ଏକା ରଖିବା ଲାଗି ନିଷ୍ପତ୍ତି ନିଆଯାଇଛି। ବଳାତ୍କାର ଅପରାଧୀଙ୍କୁ ବ୍ରାଜିଲରେ ପ୍ରଥମ ୧୦ ଦିନ ଏଭଳି ରଖା ଯାଇଥାଏ। ୪୦ ବର୍ଷୀୟ ରବିନୋଙ୍କୁ ସାଓ ପାଓଲୋରୁ ୧୫୦ କିମି ଦୂରସ୍ଥିତ ଟ୍ରେମେମ୍ବେ ଜେଲରେ ରଖାଯିବ। ଏହା ଏକ ଛୋଟ ଜେଲ ହୋଇଥିବା ବେଳେ ଏଠାରେ ମାତ୍ର ୪୩୦ କଏଦୀ ରହିଛନ୍ତି। ହାଇ ପ୍ରୋଫାଇଲ କଏଦୀଙ୍କ ପାଇଁ ଏହି ଜେଲଟି ତିଆରି ହୋଇଛି। ପ୍ରଥମ ୧୦ ଦିନରେ ରବିନୋ କେବଳ ଖାଇବା ସମୟକୁ ଛାଡ଼ି ଅନ୍ୟ କୌଣସି ସମୟରେ ଅନ୍ୟ କଏଦୀଙ୍କ ସହ ମିଶିପାରିବେ ନାହିଁ। ଏଠାରେ ପ୍ରତି ସେଲ୍‌ର ଆକାର ୮୬-୧୬୦ ବର୍ଗଫୁଟ ମଧ୍ୟରେ ରହିଥାଏ। ପ୍ରତି ସେଲ୍‌ରେ ସର୍ବାଧିକ ୬ କଏଦୀଙ୍କୁ ରଖିବାର ବ୍ୟବସ୍ଥା ରହିଛି। ଉଲ୍ଲେଖଯୋଗ୍ୟ, ରବିନୋଙ୍କ ଦଣ୍ଡର ଅନ୍ୟୂନ ୪୦ ପ୍ରତିଶତ ସମୟ ସେ ଏହି ଜେଲରେ ବିତାଇବାକୁ ବାଧ୍ୟ। ସେହିପରି ୪ ବର୍ଷ ଜେଲରେ ବିତାଇବା ପରେ ଭଲ ବ୍ୟବହାରକୁ ଦୃଷ୍ଟିରେ ରଖି ଆବେଦନ କରିପାରିବେ। ସୂଚନାଯୋଗ୍ୟ, ୨୦୧୩ରେ ଏକ ବଳାତ୍କାର ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିଲେ ରବିନୋ। ଇଟାଲୀ କ୍ଲବ୍ ଏସି ମିଲାନ ପାଇଁ ଖେଳୁଥିବା ସମୟରେ ଏହି ଘଟଣା ଘଟିଥିଲା। ତେବେ ୨୦୧୭ରେ ଏହି ମାମଲାର ରାୟ ଆସିବା ବେଳକୁ ରବିନୋ ବ୍ରାଜିଲରେ ଥିଲେ। ତେଣୁ ୯ ବର୍ଷର ଜେଲ ଦଣ୍ଡାଦେଶ ପାଇଁ ବ୍ରାଜିଲ ସରକାରଙ୍କୁ ଇଟାଲୀ ପକ୍ଷରୁ ଅନୁରୋଧ କରାଯାଇଥିଲା।




# ମହାପ୍ରଭୁଙ୍କୁ ଦର୍ଶନ କଲା ଭାରତୀୟ ହକି ଦଳ

ପୁରୀ,୨୩।୩(ଅଜିତ୍ ମହାନ୍ତି)

ପ୍ୟାରିସରେ ଚଳିତବର୍ଷ ଜୁଲାଇ ଓ ଅଗଷ୍ଟରେ ଅଲିମ୍ପିକ୍ସ ଅନୁଷ୍ଠିତ ହେବାକୁ ଯାଉଛି। ଏଥିରେ ଭାଗନେବା ପାଇଁ ଭାରତୀୟ ପୁରୁଷ ହକି ଦଳ ଯୋଗ୍ୟତା ଅର୍ଜନ କରିସାରିଛି। ଚଳିତ ମାସ ୨୯ରୁ ଦ୍ୱିପାକ୍ଷିକ ଟେଷ୍ଟ ସିରିଜ ଖେଳିବାକୁ ଭାରତୀୟ ଦଳ ଅଷ୍ଟ୍ରେଲିଆ ଯିବ। ଏଥିଲାଗି ଖେଳାଳିମାନେ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ଅଭ୍ୟାସ ଜାରି ରଖିଛନ୍ତି। ଏହି ଗସ୍ତ ପୂର୍ବରୁ ଭାରତୀୟ ହକି ଦଳର ଖେଳାଳିମାନେ ଶନିବାର ପୁରୀ ଆସି ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ଅପରାହ୍ନ ପ୍ରାୟ ୨ଟା ୩୦ରେ ଖେଳାଳିମାନେ ମାର୍କେଟ ଛକଠାରେ ପହଞ୍ଚିବା ପରେ ସେମାନଙ୍କୁ ସ୍ୱାଗତ କରାଯାଇ ବ୍ୟାଟେରି ଗାଡ଼ିରେ ଶ୍ରୀମନ୍ଦିର ପର୍ଯ୍ୟନ୍ତ ଅଣାଯାଇଥିଲା। ସେମାନେ ସିଂହଦ୍ୱାରଠାରେ ପହଞ୍ଚି ବାଇଶପାହାଚ ଦେଇ ଶ୍ରୀମନ୍ଦିରକୁ ଯାଇ ଚତୁର୍ଦ୍ଧା ବିଗ୍ରହଙ୍କ ଦର୍ଶନ କରି ଖେଳରେ ସଫଳତା ପାଇଁ ପ୍ରାର୍ଥନା କରିଥିଲେ। ପରେ ଭିତରବେଢ଼ା ବୁଲି ପାର୍ଶ୍ୱ ଦେବଦେବୀଙ୍କ ଦର୍ଶନ କରିବା ସହ କିଛି ସମୟ ଅତିବାହିତ କରି ଫେରିଥିଲେ। ସେମାନେ ପରିକ୍ରମା ପ୍ରକଳ୍ପ ବୁଲିବା ସହ ମହାପ୍ରଭୁଙ୍କ ଖେଚୁଡ଼ି ଖାଇ ଆନନ୍ଦ ପ୍ରକାଶ କରିଥିଲେ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ଖେଳାଳିଙ୍କୁ ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ଖଣ୍ଡୁଆ ପ୍ରଦାନ କରାଯାଇଥିଲା। ଏହି ଅବସରରେ ସେବାୟତ, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଓ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ। ପରେ ଖେଳାଳିମାନେ ବ୍ଲୁ ଫ୍ଲାଗ୍ ବିଚ୍ ବୁଲି ମଜା ଉଠାଇଥିଲେ। ହକି ଇଣ୍ଡିଆ ସଭାପତି ତଥା ଓଡ଼ିଶା ହକି ପ୍ରମୋଶନ କାଉନସିଲ୍ ଅଧ୍ୟକ୍ଷ ଦିଲୀପ ତିର୍କୀ, ଭାରତୀୟ ପୁରୁଷ ସିନିୟର ହକି ଦଳର ମୁଖ୍ୟ କୋଚ୍ କ୍ରେଗ୍ ଫୁଲଟନ ଏବଂ କ୍ୟାପଟେନ ହରମନପ୍ରୀତ୍ ସିଂଙ୍କ ସମେତ ୩୫ ଜଣ ସଦସ୍ୟ ଏହି ଗସ୍ତରେ ସାମିଲ ଥିଲେ। ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ ଓ ଅନ୍ୟମାନେ ହକି ଦଳକୁ ସହଯୋଗ କରିଥିଲେ।


ଶ୍ରୀମନ୍ଦିର ସମ୍ମୁଖରେ ଭାରତୀୟ ହକି ଦଳର ଖେଳାଳି ଓ କର୍ମକର୍ତ୍ତା।

# ଭର୍ଷ୍ଟାପେନ୍‌ଙ୍କୁ ପୋଲ୍ ପୋଜିଶନ

ମେଲବୋର୍ନ (ଅଷ୍ଟ୍ରେଲିଆ), ୨୩।୩ (ଏପି)

ରେଡ୍ ବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍ ଅଷ୍ଟ୍ରେଲିଆନ ଓପନ ଫର୍ମୁଲା ୱାନ ଗ୍ରାଁପ୍ରି ମୋଟର ରେସିଂ କ୍ୱାଲିଫାଇଙ୍ଗ ରେସ୍‌ରେ ପୋଲ ପୋଜିଶନ ହାସଲ କରିଛନ୍ତି। ଆଶ୍ଚର୍ଯ୍ୟର କଥା ଶନିବାର ଅନୁଷ୍ଠିତ ଏହି ରେସ୍‌ରେ ୮ଥର ଅଷ୍ଟ୍ରେଲିଆନ ପୋଲ୍ ବିଜେତା ଲୁଇସ୍ ହାମିଲଟନ ଫାଇନାଲ ରାଉଣ୍ଡକୁ ଉନ୍ନୀତ ହୋଇପାରି ନ ଥିଲେ। ବାହାରିନ ଓ ସାଉଦି ଆରବରେ ସିଜନ ଆରମ୍ଭରୁ ଦୁଇ ରେସ୍ ଜିତିଥିବା ଭର୍ଷ୍ଟାପେନ୍ ରବିବାର ଆଲବର୍ଟ ପାର୍କ ଷ୍ଟ୍ରିଟ୍ ସର୍କିଟରେ ଅନୁଷ୍ଠିତ ହେବାକୁଥିବା ୫୮ ଲାପ୍ ବିଶିଷ୍ଟ ଫାଇନାଲ ରେସ୍‌ରେ ପ୍ରଥମ ସ୍ଥାନରୁ ଆରମ୍ଭ କରିବେ। ତାଙ୍କ ରେଡ୍‌ବୁଲ ଟିମ୍‌ମେଟ୍ ସର୍ଗିଓ ପେରେଜ ଏହି ଦୁଇଟି ରେସ୍‌ରେ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଫର୍ମୁଲା ୱାନ କ୍ୟାରିୟରରେ ଭର୍ଷ୍ଟାପେନ୍‌ଙ୍କର ଏହା ହେଉଛି ୩୫ତମ ପୋଲ୍ ପୋଜିଶନ। ଆପେଣ୍ଡିକ୍ସ ଅସ୍ତ୍ରୋପଚାର ପରେ ରେସ୍‌କୁ ଫେରିଥିବା କାର୍ଲୋସ ସେଞ୍ଜ କ୍ୱାଲିଫାଇଙ୍ଗରେ ଦ୍ୱିତୀୟ ଦ୍ରୁତତମ ହୋଇଥିବା ବେଳେ ପେରେଜ ତୃତୀୟ ସ୍ଥାନରେ ରହିଥିଲେ।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

# କୁଚିଣ୍ଡାରେ ଗୁରୁ-ଶିଷ୍ୟ ଲଢ଼େଇ ସମ୍ଭାବନା

ସମ୍ବଲପୁର,୨୩।୩ (ଭବାନୀ ଶଙ୍କର ଭୋଇ)

ବିଜେଡି-ଭାଜପା ମେଣ୍ଟ ଚର୍ଚ୍ଚା ହୋଇଆସୁଥିବାରୁ କାହାର ଟିକେଟ କଟିବ ଓ କେଉଁଠି କାହାକୁ ଟିକେଟ ମିଳିବ, ସେ ନେଇ ଆଶାୟୀମାନେ ଚିନ୍ତାରେ ରହିଥିଲେ। ଶୁକ୍ରବାର ମେଣ୍ଟ ଆଲୋଚନାରେ ବିରାମ ଲାଗିବା ପରେ ଏବେ ଦୁଇ ଦଳର କର୍ମୀ ପୁଣି ଉତ୍ସାହିତ ହୋଇପଡ଼ିଛନ୍ତି । ଏହି ପରିପ୍ରେକ୍ଷୀରେ ସମ୍ବଲପୁର ଜିଲା କୁଚିଣ୍ଡା ବିଧାନସଭା କ୍ଷେତ୍ରକୁ ଦେଖିଲେ ରାଜନୀତି ଏବେ ପୁଣି କଡ଼ ଲେଉଟାଇବା ଆରମ୍ଭ କରିଛି। ୨୦୧୯ ନିର୍ବାଚନରେ କିଶୋର ନାଏକ ଭାଜପାରୁ ବିଜେଡିକୁ ଆସି ଟିକେଟ ହାତେଇବା ସହ ଏହି ଆସନରୁ ବିଜୟୀ ହୋଇଥିଲେ।ଆଗରୁ ସେ ପୂର୍ବତନ ବିଧାୟକ ତଥା ଭାଜପାର ରାଜ୍ୟ ଉପସଭାପତି ରବି ନାଏକଙ୍କ ବିଶେଷ ଅନୁଗତ ଭାବେ ଦୀର୍ଘବର୍ଷ କାର୍ଯ୍ୟ କରିଥିଲେ । ରବି ନାଏକଙ୍କ ସଙ୍ଗଠନ ଦାୟିତ୍ୱ ମଧ୍ୟ ଖୋଦ୍ କିଶୋର ଦେଖୁଥିଲେ। ଉଭୟ ରବି ଏବଂ କିଶୋର ଗଣ୍ଡ ଆଦିବାସୀ ସମ୍ପ୍ରଦାୟର ହୋଇଥିବା ବେଳେ ଅଞ୍ଚଳରେ ଗଣ୍ଡ ସମାଜର ଭୋଟ ଅନେକ ସମୟରେ ହାରଜିତ୍ ଫଇସଲା କରିଥାଏ । ଏହାକୁ ଦୃଷ୍ଟିରେ ରଖି ୨୦୧୯ରେ ବିଜେଡି ଗଣ୍ଡ ସମ୍ପ୍ରଦାୟ କିଶୋରଙ୍କୁ ସୁଯୋଗ ଦେଇଥିଲା। ଗୁରୁଙ୍କୁ ଚକ୍‌ମା ଦେଇ କିଶୋର ମଧ୍ୟ ବିଜେଡିରୁ ବିଧାୟକ ହେବା ପରେ ଏବେ ସ୍ଥିତିରେ ଅନେକ ପରିବର୍ତ୍ତନ ହୋଇସାରିଛି । ବିଗତ ୫ ବର୍ଷ ଭିତରେ ରବି ନାଏକ ପରିଶ୍ରମ କରି ଭାଜପା ସଙ୍ଗଠନକୁ ସୁଦୃଢ଼ କରିପାରିଥିବା କୁହାଯାଉଛି। ତେବେ ମେଣ୍ଟ କଥା ଉଠିବା ବେଳେ କୁଚିଣ୍ଡା ସିଟ୍ ବିଜେଡି ହାତକୁ ଚାଲିଯିବା ସମ୍ଭାବନା ରହିଥିବାରୁ ରବିଙ୍କୁ ପୁଣି ଥରେ ନିରାଶହେବାକୁ ପଡ଼ିବ ବୋଲି ସ୍ଥାନୀୟ ମହଲରେ ଚର୍ଚ୍ଚା ହେଉଥିଲା। ଏବେ ମେଣ୍ଟ ସମ୍ଭାବନା ନୀରବି ଯିବା ପରେ ରବି ନାଏକ ପୁଣିଥରେ ଲଢ଼େଇ ପାଇଁ ସଜବାଜ ଆରମ୍ଭ କରିଦେଇଛନ୍ତି।


ରବି ନାଏକ


କିଶୋର ନାଏକ

ଅନ୍ୟପକ୍ଷରେ ମେଣ୍ଟ ହେଲେ ବିଜେଡିରୁ କିଶୋରଙ୍କୁ ପୁଣିଥରେ ସୁଯୋଗ ମିଳିବା ନେଇ ଚର୍ଚ୍ଚା ଜୋର ଧରିଥିଲା। ଏବେ ବିଜେଡି ଏକାକୀ ଲଢ଼େଇ କରିବା ପାଇଁ ଯୋଜନା କରିବା ପରେ କିଶୋରଙ୍କୁ ଟିକେଟ ମିଳିବ ନା ନାହିଁ ତାହାକୁ ନେଇ ପୁଣିଥରେ ଭିନ୍ନ ମତ ପ୍ରକାଶ ପାଉଛି । ତେବେ କିଶୋରଙ୍କୁ ଟିକେଟ ମିଳିଲେ ଗୁରୁ ଶିଷ୍ୟଙ୍କ ଭିତରେ ପୁଣିଥରେ ଲଢ଼େଇ ହେବା ସମ୍ଭାବନା ରହିଛି। ହେଲେ ବିଜେଡିର ଅନେକ ପୁରୁଖା କର୍ମୀ ଏପର୍ଯ୍ୟନ୍ତ କିଶୋରଙ୍କୁ ଗ୍ରହଣ କରିପାରି ନ ଥିବା ବେଳେ ତାଙ୍କର ସାଙ୍ଗଠନିକ ଦୁର୍ବଳତା ଯୋଗୁ ଅନେକ ବିଜେଡି କର୍ମୀ ଅସନ୍ତୁଷ୍ଟ ରହିଛନ୍ତ। ଅନେକ ସ୍ଥାନୀୟ ବିଜେଡି ନେତା କିଶୋର ନାଏକଙ୍କୁ ବିରୋଧକରି ବରିଷ୍ଠ ନେତାଙ୍କୁ ଜଣାଇଥିବା ନେଇ ଆଲୋଚନା ହେଉଛି । ଏଭଳି ସ୍ଥିତିରେ ନୂଆ ଚେହେରାକୁ ବିଜେଡି ଟିକେଟ ଦେଇପାରେ ବୋଲି ଚର୍ଚ୍ଚା ହେଉଛି । ପୂର୍ବତନ ବିଜେଡି ପ୍ରାର୍ଥୀ ତଥା ବର୍ତ୍ତମାନ କୁଚିଣ୍ଡା ବ୍ଲକ୍ ଅଧକ୍ଷ ଭୁବନେଶ୍ୱର କିଷାନ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଶୋଭାରାମ ପଧାନ, ବାମରା ବ୍ଲକର ପୂର୍ବତନ ଅଧ୍ୟକ୍ଷ ସଦାନନ୍ଦ କୁଜୁର ଓ ଯୁବନେତା ମହେନ୍ଦ୍ର ବାଗ ବିଜେଡିର ଟିକେଟ ଦୌଡ଼ରେ ଅଛନ୍ତି ।

ସେହିପରି କଂଗ୍ରେସ ଦଳ ମଧ୍ୟ କୁଚିଣ୍ଡା ଦଖଲ କରିବାକୁ ଉଦ୍ୟମ ଆରମ୍ଭ କରିଛ। ପୂର୍ବତନ ବିଧାୟକ ତଥା ପୂର୍ବତନ ଜିଲା କଂଗ୍ରେସ ସଭାପତି ରାଜେନ୍ଦ୍ର ଛତ୍ରିଆ ଏବଂ ଜମନକିରା ବ୍ଲକର ପୂର୍ବତନ ଅଧ୍ୟକ୍ଷ କେଦାର ବରିହା କଂଗ୍ରେସ ପକ୍ଷରୁ ଆଶାୟୀ ପ୍ରାର୍ଥୀ ରହିଛନ୍ତି । ତେବେ ଆଗାମୀ ନିର୍ବାଚନରେ କୁଚିଣ୍ଡାରେ ବିଜେଡି ଏବଂ ଭାଜପା ମଧ୍ୟରେ ଲଢ଼େଇ ହେବା ସମ୍ଭାବନା ଅଧିକ ରହିଥିବା ବେଳେ କଂଗ୍ରେସ କାହାର ଭୋଟ କାଟିବ, ତାକୁ ନେଇ ଜିତ ହାରର ଫଳାଫଳ ନିର୍ଭର କରିବ ବୋଲି କୁହାଯାଉଛି ।

# ବିଜେଡି-ଭାଜପା ପ୍ରାର୍ଥୀ ଘୋଷଣାକୁ ନଜର

ଭୁବନେଶ୍ୱର,୨୩।୩(ସୁନିତ୍ ମିଶ୍ର)

- ସିଇସି ବୈଠକ ପରେ ଓଡ଼ିଶା ପ୍ରାର୍ଥୀ ତାଲିକା ପ୍ରକାଶ କରିପାରେ ଭାଜପା
- ସମୀକ୍ଷାକରି ପ୍ରାର୍ଥୀଙ୍କୁ ଗ୍ରୀନ୍ ସିଗ୍‌ନାଲ ଦେବା ଆରମ୍ଭ କଲାଣି ବିଜେଡି
- ଭାଜପା, ବିଜେଡି ପ୍ରାର୍ଥୀ ତାଲିକାକୁ ଅପେକ୍ଷା କରିଛି କଂଗ୍ରେସ

ରାଜ୍ୟରେ ବିଜେଡି-ଭାଜପା ମଧ୍ୟରେ ଆସନ୍ତା ନିର୍ବାଚନ ପୂର୍ବରୁ ଯେଉଁ ମେଣ୍ଟ ହେବାର ଥିଲା ତାହା ଆଉ ହେବ ନାହିଁ। ଏନେଇ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଏବଂ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଶୁକ୍ରବାର ନିଜ 'ଏକ୍ସ' ଆକାଉଣ୍ଟରେ ପୋଷ୍ଟକରି ସୂଚନା ଦେଇସାରିଛନ୍ତି। ସେହି କ୍ରମରେ ଭାଜପା ଏବଂ ବିଜେଡି ଉଭୟ ୧୪୭ ବିଧାନସଭା ଏବଂ ୨୧ ଲୋକ ସଭା ଆସନରେ ଅଲଗା ଲଢ଼ିବେ ବୋଲି ମଧ୍ୟ କହିସାରିଛନ୍ତି। ତେବେ ଉଭୟ ଦଳର ପ୍ରାର୍ଥୀ ଘୋଷଣା ଉପରେ ସମସ୍ତଙ୍କ ନଜର ରହିଛି। ବିଜେଡି ପର୍ଯ୍ୟାୟକ୍ରମେ ପ୍ରତ୍ୟେକ ଦିନ ୨ଟି ଏବଂ ୩ଟି ଲେଖାଏ ଲୋକ ସଭା ନିର୍ବାଚନମଣ୍ଡଳୀ ଓ ଏହାର ଅନ୍ତର୍ଗତ ବିଧାନସଭା କ୍ଷେତ୍ରର ନେତାମାନଙ୍କୁ ଡାକି ନିର୍ବାଚନ ଲଢ଼ିବା ନେଇ ଗ୍ରୀନ୍ ସିଗ୍‌ନାଲ ଦେବା ଆରମ୍ଭ କରିଦେଲାଣି। ଭାଜପା ମଧ୍ୟ ତା'ର ରାଜ୍ୟ ନିର୍ବାଚନ କମିଟି ବୈଠକ ଶେଷ କରିସାରିଥିବା ବେଳେ ଶନିବାର ଦିଲ୍ଲୀରେ ଦଳର କେନ୍ଦ୍ରୀୟ ନିର୍ବାଚନ କମିଟି(ସିଇସି) ବୈଠକ ବସିଛି। ଓଡ଼ିଶା ସମେତ ଏହି ବୈଠକରେ ୯ଟି ରାଜ୍ୟର ପ୍ରାର୍ଥୀ ଚୂଡ଼ାନ୍ତ ନେଇ ଆଲୋଚନା ହୋଇଥିବା ଜଣାପଡ଼ିଛି। ଗତ ୩ଟି ପର୍ଯ୍ୟାୟରେ ଭାଜପା ନିଜର ପ୍ରାର୍ଥୀ ତାଲିକା ପ୍ରକାଶ କରିସାରିଥିବା ବେଳେ ସେଥିରେ ଓଡ଼ିଶା ନ ଥିଲା। ହେଲେ ୪ର୍ଥ ପର୍ଯ୍ୟାୟ ପ୍ରାର୍ଥୀ ତାଲିକାରେ ଓଡ଼ିଶାରୁ କେତେକ ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା ହୋଇପାରେ ବୋଲି ଚର୍ଚ୍ଚା ଚାଲିଛି। ଏହି ବୈଠକରେ ଯୋଗଦେବା ଲାଗି ଓଡ଼ିଶାରୁ ଦଳର ରାଜ୍ୟ ସଭାପତି ମନମୋହନ ସାମଲ ଏବଂ ଦଳର ସଙ୍ଗଠନ ମନ୍ତ୍ରୀ ମାନସ ମହାନ୍ତି ଦିଲ୍ଲୀ ଗସ୍ତ କରିଛନ୍ତି।

କେନ୍ଦ୍ରୀୟ ନିର୍ବାଚନ କମିଟି ବୈଠକ ପରେ ଶନିବାର ବିଳମ୍ବିତ ରାତି ପର୍ଯ୍ୟନ୍ତ କୌଣସି ପ୍ରାର୍ଥୀ ତାଲିକା ପ୍ରକାଶ କରାଯାଇ ନ ଥିବାବେଳେ ରବିବାର ସୁଦ୍ଧା ତାହା ପ୍ରକାଶ ପାଇବ ବୋଲି ଦଳୀୟ ମହଲରୁ ସୂଚନା ମିଳିଛି। ତେବେ ଭାଜପା ଓଡ଼ିଶା ପାଇଁ ଯଦି ତାଲିକା ପ୍ରକାଶ କରେ ସେଥିରେ କେତୋଟି ଲୋକ ସଭା ଏବଂ ବିଧାନସଭା ଆସନ ରହିବ, ତା' ଉପରେ ମଧ୍ୟ ଅନେକଙ୍କ ନଜର ରହିଛି। ଏହାସହ କେଉଁସବୁ ଆସନକୁ ପ୍ରଥମ ପର୍ଯ୍ୟାୟରେ ଘୋଷଣା କରୁଛି ସେକଥା ମଧ୍ୟ ବହୁ ଗୁରୁତ୍ୱ ବହନ କରୁଛି। କାରଣ ଏହା ଭିତରେ ବିଜେଡି ପୁରୀ, କେନ୍ଦ୍ରାପଡ଼ା, ନବରଙ୍ଗପୁର, କୋରାପୁଟ, ଆସ୍କା, ବ୍ରହ୍ମପୁର, ଭୁବନେଶ୍ୱର, ଗଜପତି, ବରଗଡ଼, ବଲାଙ୍ଗୀର ଏବଂ କଳାହାଣ୍ଡି ଲୋକ ସଭା ନିର୍ବାଚନମଣ୍ଡଳୀ ଏବଂ ଏହା ଅନ୍ତର୍ଗତ ବିଧାନସଭା କ୍ଷେତ୍ରକୁ ନେଇ ଦଳ ପକ୍ଷରୁ ନିର୍ବାଚନୀ ପ୍ରସ୍ତୁତି କରିବାକୁ ନିର୍ଦ୍ଦେଶ ଦିଆଯାଇସାରିଲାଣି। ଏହିସବୁ ଲୋକ ସଭା ଆସନରେ ଯେଉଁମାନେ ପ୍ରାର୍ଥୀ ହେବେ ସେମାନଙ୍କୁ ମଧ୍ୟ କ୍ଷେତ୍ର ଉପରକୁ ଓହ୍ଲାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ତେଣୁ ଭାଜପା କେଉଁ ଆସନରେ କାହାକୁ ଚୂଡ଼ାନ୍ତ ଭାବେ ପ୍ରାର୍ଥୀ କରୁଛି ତା' ଉପରେ ସମସ୍ତଙ୍କ ନଜର ଥିବାବେଳେ କଂଗ୍ରେସ ମଧ୍ୟ ଜାଣିଶୁଣି ବିଳମ୍ବ କରୁଥିବା ଚର୍ଚ୍ଚା ହେଉଛି।

ବିଜେଡି ଏବଂ ଭାଜପା ମଧ୍ୟରେ ମେଣ୍ଟ ହେବା ନେଇ ଅତିମାତ୍ରାରେ ଚର୍ଚ୍ଚା ଚାଲିବା କାରଣରୁ ୨ଥର କଂଗ୍ରେସର ଦିଲ୍ଲୀରେ ବୈଠକ ହେବା ସତ୍ତ୍ୱେ ପ୍ରାର୍ଥୀ ତାଲିକା ପ୍ରକାଶ କରାଗଲା ନାହିଁ। କଂଗ୍ରେସ ନେତାମାନେ ମଧ୍ୟ ମେଣ୍ଟ ହେବା ନେଇ ଅପେକ୍ଷା କରି ରହିଲେ। ହେଲେ ଭାଜପା ଏବଂ ବିଜେଡି ଏକାକୀ ଲଢ଼ିବେ ବୋଲି ସୂଚନା ଦେବାପରେ କଂଗ୍ରେସର ପ୍ରାର୍ଥୀ ତାଲିକା ପ୍ରକାଶ ଉପରେ ନଜର ରହିଛି। ୧୯ ତାରିଖରେ କଂଗ୍ରେସର ତୃତୀୟ ପର୍ଯ୍ୟାୟ ସ୍କ୍ରିନିଂ କମିଟି ବୈଠକ ବସିବାର ଥିଲା। ପିସିସି ସଭାପତି ଶରତ ପଟ୍ଟନାୟକ ଏବଂ ପ୍ରଭାରୀ ଅଜୟ କୁମାର ମଧ୍ୟ ଦିଲ୍ଲୀ ଗସ୍ତ କରିଥିଲେ। ମାତ୍ର ଶେଷ ସମୟରେ ସ୍କ୍ରିନିଂ କମିଟି ବୈଠକ ହେଲା ନାହିଁ। ହୋଲି ପରେ ସ୍କ୍ରିନିଂ କମିଟି କରିବାକୁ ଦଳ ନିଷ୍ପତ୍ତି ନେଇଥିବା ପିସିସି ସଭାପତି ସୂଚନା ଦେଇଥିଲେ। ତେଣୁ ମେଣ୍ଟ ନେଇ ବିଜେଡି-ଭାଜପା ଦୀର୍ଘଦିନ ବିଳମ୍ବ କରିବା ଏବଂ ଏବେ ଏକାକୀ ଲଢ଼ିବା କଥା କହୁଥିବା ବେଳେ ଏ ପର୍ଯ୍ୟନ୍ତ କଂଗ୍ରେସ ଏହାକୁ ଭରସା କରୁନାହିଁ। ଯେପର୍ଯ୍ୟନ୍ତ ଉଭୟ ଦଳଙ୍କ ପ୍ରାର୍ଥୀ ଘୋଷଣା ନ ହେଉଛି ସେପର୍ଯ୍ୟନ୍ତ କଂଗ୍ରେସ ନିଜର ପ୍ରାର୍ଥୀ ତାଲିକା ଘୋଷଣା କରି ନ ପାରେ ବୋଲି ସେମାନଙ୍କ ଦଳର ବହୁ ନେତା ଯୁକ୍ତି ରଖୁଛନ୍ତି। ଯଦି ମେଣ୍ଟ ହୁଏ ତେବେ ଉଭୟ ଦଳର ଅସନ୍ତୁଷ୍ଟଙ୍କୁ ନିଜ ସପକ୍ଷରେ ନେବାରେ କଂଗ୍ରେସ ସକ୍ଷମ ହେବ ବୋଲି ଚିନ୍ତାକରି ପ୍ରାର୍ଥୀ ଘୋଷଣାରେ ବିଳମ୍ବ କରିଚାଲିଥିବା, ଯାହା ଚର୍ଚ୍ଚାର ବିଷୟବସ୍ତୁ ପାଲଟିଛି।

# ପୁଅ ପାଇଁ ଅଣ୍ଟା ଭିଡ଼ିଲେ ସୁର


ସଭାରେ ବରିଷ୍ଠ କଂଗ୍ରେସ ନେତା ସୁରେଶ କୁମାର ରାଉତରାୟ ଉଦ୍‌ବୋଧନ ଦେଉଛନ୍ତି।

ଖୋର୍ଦ୍ଧା,୨୩।୩(ପ୍ରଭାତ ପାଣିଗ୍ରାହୀ)

ନିର୍ବାଚନ ବିଗୁଲ ବାଜି ସାରିଛି। ଏବେ ଭୋଟରମୁହାଁ ହେଲେଣି ନେତା। ଜନତାଙ୍କ ନିକଟତର ହେବାଲାଗି ଅଙ୍କକଷା ଆରମ୍ଭ ହୋଇଗଲାଣି। ପ୍ରଚାର ମଇଦାନରେ ନେତା। ନିର୍ବାଚନ ଦୌଡ଼ରେ ପରିବାର ସଦସ୍ୟଙ୍କୁ ଥଇଥାନ ଲାଗି ଚାଲିଛି ଛକାପଞ୍ଝା।

ରାଜ୍ୟ ରାଜନୀତିର ଜଣେ ଚର୍ଚ୍ଚିତ ଚେହେରା ହେଉଛନ୍ତି ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ। ଏବେ ବଡ଼ ପୁଅ ସିଦ୍ଧାର୍ଥ ଓ ସାନପୁଅ ମନ୍ମଥଙ୍କୁ ବିଧାୟକ କରାଇବା ପାଇଁ ସେ ଅଣ୍ଟା ଭିଡ଼ିଛନ୍ତି। ବୟସାଧିକ କାରଣରୁ ବିଧାନସଭାକୁ ବିଦାୟ କହିଥିବା ସୁରେଶ ସମ୍ପ୍ରତି ଦୁଇ ପୁଅଙ୍କ ପାଇଁ ସାରଥି ସାଜିଛନ୍ତି। ସାନପୁଅ ମନ୍ମଥ କଂଗ୍ରେସରୁ ଲଢିବେ ବୋଲି ପୂର୍ବରୁ କହି ବୁଲୁଥିବା ସୁରେଶ ଏବେ ୟୁ ଟର୍ନ ନେଇଛନ୍ତି। 'ମୁଁ କଂଗ୍ରେସରେ ରହିବି, ପୁଅ ଯେଉଁ ଦଳରୁ ଠିଆହେବ ତାଙ୍କୁ ସମର୍ଥନ ଦେବି' ବୋଲି ସୁରେଶ କହିଛନ୍ତି।

ଶନିବାର ଜଟଣୀ ନାଗରିକ କମିଟି ଏବଂ ଜଟଣୀ ନିର୍ବାଚନମଣ୍ଡଳୀର ଜନସାଧାରଣଙ୍କ ପକ୍ଷରୁ ଗଙ୍ଗପଡ଼ା ପଞ୍ଚାୟତର ମା' ଭୁଆସୁଣୀ ପୀଠରେ ସୁରେଶ କୁମାର ରାଉତରାୟଙ୍କ ଉଦ୍ଦେଶ୍ୟରେ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଅବସରରେ ସୁରେଶ ତାଙ୍କ ଉତ୍ତରାଧିକାରୀ ଭାବେ ସାନ ପୁଅ ମନ୍ମଥ ରାଉତରାୟଙ୍କ ନାମ ଘୋଷଣା କରିଥିବା ବେଳେ ଆଜିଠାରୁ ସେ ମୋ' ସ୍ଥାନରେ କାମ କରିବେ ଓ ସେ ଯେଉଁ ଦଳରୁ ଟିକେଟ ପାଇ ଲଢିବେ ମୁଁ ତାଙ୍କୁ ସମର୍ଥନ କରିବି ବୋଲି କହିଛନ୍ତି। ମୁଁ ମୃତ୍ୟୁ ପର୍ଯ୍ୟନ୍ତ କଂଗ୍ରେସ ପାଇଁ କାମ କରିବି ବୋଲି ସୁର ପ୍ରକାଶ କରିଛନ୍ତି। ଏହି ସମାବେଶରେ ପ୍ରାୟ ୧୦ ହଜାର ଲୋକଙ୍କ ସମାଗମ ହୋଇଥିବାବେଳେ ବରିଷ୍ଠ କଂଗ୍ରେସ ନେତା ସୁରେଶ କୁମାର ରାଉତରାୟଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ତେବେ ନିର୍ବାଚନ ପୂର୍ବରୁ ଅନେକ ହଜାର କର୍ମୀଙ୍କୁ ଏକାଠି କରି ସେ ତାଙ୍କ ପୁଅ ପାଇଁ ନୂଆ ରଣନୀତି ଆରମ୍ଭ କରିଛନ୍ତି। ତାଙ୍କ ପୁଅକୁ ସମସ୍ତେ ଗ୍ରହଣ କରିବେ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ମନ୍ମଥ କେଉଁ ଦଳରୁ ଲଢ଼ିବେ ସେ ତାହା ପ୍ରକାଶ କରି ନ ଥିଲେ ମଧ୍ୟ ମୁଁ ଲୋକଙ୍କ ସହ ଅଛି ଏବଂ ସମୟ ଆସିଲେ ସବୁ ସ୍ପଷ୍ଟ ହେବ ବୋଲି ସୁରେଶ କହିଛନ୍ତି। ତେବେ ସମାବେଶରେ

### ସବୁଜ ରଙ୍ଗର ଟେଣ୍ଟକୁ ନେଇ ଚର୍ଚ୍ଚା

ସବୁଜ ରଙ୍ଗର ଟେଣ୍ଟ ବନ୍ଧାଯାଇଥିଲା, ଯାହାକୁ ନେଇ ଚର୍ଚ୍ଚା ଜୋର ଧରିଛି। ଏହି ସମାବେଶ ବିଜେଡିର କୌଣସି ଦଳୀୟ କାର୍ଯ୍ୟକ୍ରମ ପରି ମନେ ହେଉଥିଲା। ବିଜେଡି ସଭାକୁ ଯେମିତି ସବୁଜ ରଙ୍ଗର କପଡ଼ାରେ ସଜାଯାଏ ଠିକ୍ ସେହିପରି ସଭାସ୍ଥଳକୁ ସଜାଯାଇଥିଲା। ତେବେ ମନ୍ମଥ କହିଛନ୍ତି, ରଙ୍ଗ କୌଣସି ବ୍ୟକ୍ତି ବିଶେଷ ଅଥବା ଦଳର ନ ଥାଏ। ବିଜେଡି ଅଥବା ଅନ୍ୟ କେଉଁ ଦଳରୁ ସେ ଛିଡ଼ା ହେବେ ତାହା ସମୟ ଆସିଲେ କହିବେ କହି ସେ ଏ ସଂକ୍ରାନ୍ତ ପ୍ରଶ୍ନକୁ ଏଡାଇ ଯାଇଥିଲେ। 'ଦୀର୍ଘବର୍ଷ ଧରି ମୋ' ବାପା ରାଜନୀତିରେ ସକ୍ରିୟ ରହିଛନ୍ତି। ସମାଜ ପ୍ରତି ରହିଥିବା ତାଙ୍କ ସେବା ଓ ସମର୍ପଣ ସ୍ୱରୂପ ଏହି ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା ବୋଲି ମନ୍ମଥ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ନିର୍ବାଚନ ତାରିଖ ଘୋଷଣା ପରେ ସୁରେଶ ସମ୍ବର୍ଦ୍ଧନା ଆଳରେ ପୁଅ ପାଇଁ ଶକ୍ତି ପ୍ରଦର୍ଶନ କରିଛନ୍ତି ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି।

# ମୋଦି ଗ୍ୟାରେଣ୍ଟିର ବାଧକ ସାଜିଛନ୍ତି ରାଜ୍ୟ ସରକାର: ଭାଜପା

ଭୁବନେଶ୍ୱର, ୨୩।୩(ସୁନିତ୍ ମିଶ୍ର)

ଓଡ଼ିଶାର ଜଳ ସମ୍ପଦ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ସମଗ୍ର ରାଜ୍ୟବାସୀଙ୍କୁ ଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ ମୋଦି ସରକାର ସଂକଳ୍ପବଦ୍ଧ। ୨୦୧୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶାସନ କ୍ଷମତାକୁ ଆସିବା ପରେ ଏଥିପାଇଁ ଅନେକ ହଜାର କୋଟି ଟଙ୍କାର ଆର୍ଥିକ ଅନୁଦାନ ଓ ସହାୟତା ପ୍ରଦାନ କରିଛନ୍ତି। 'ପ୍ରଧାନମନ୍ତ୍ରୀ ଜଳ ଜୀବନ ମିଶନ' ମାଧ୍ୟମରେ ଗତ ୧୦ ବର୍ଷରେ ଓଡ଼ିଶାର ୭୧.୦୨ ପ୍ରତିଶତ ଘରେ ଟ୍ୟାପ୍ ଯୋଗେ ଜଳ ଯୋଗାଇ ଦିଆଯାଇଛି। ୨୦୧୯-୨୪ ଭିତରେ ୧୦,୨୧୭ କୋଟି ଟଙ୍କା ବ୍ୟୟ କରାଯାଇ ରାଜ୍ୟର ୬୦,୭୫,୧୫୧ଟି ଟ୍ୟାପ୍ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯାଇଛି। ପୁରୀ ବେଳାଭୂମିକୁ 'ବ୍ଲୁ ଫ୍ଲାଗ୍ ବିଚ୍' ଭାବେ ମୋଦି ସରକାରରେ ମାନ୍ୟତା ମିଳିଛି। ମାତ୍ର ଓଡ଼ିଶା ସରକାର ରାଜ୍ୟରେ ମୋଦି ଗ୍ୟାରେଣ୍ଟିର ବାଧକ ସାଜିଛନ୍ତି ବୋଲି ଭାଜପା ବିଧାୟକ ମୁକେଶ ମହାଲିଙ୍ଗ କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ମୁକେଶ କହିଛନ୍ତି, ଏକଦା ଜଳବହୁଳ ରାଜ୍ୟ ଭାବେ ପରିଗଣିତ ଓଡ଼ିଶା ରାଜ୍ୟରେ ବର୍ତ୍ତମାନ ଜଳସଙ୍କଟ ଅତ୍ୟନ୍ତ ଚିନ୍ତାଜନକ। ଦୀର୍ଘ ୨୪ ବର୍ଷ ଧରି ଶାସନରେ ରହି ସୁଦ୍ଧା ଓଡ଼ିଶା ସରକାର ରାଜ୍ୟରେ ଗୋଟିଏ ହେଲେ ବନ୍ଧ କିମ୍ବା ବ୍ୟାରେଜ ନିର୍ମାଣ କରିପାରିଲେ ନାହିଁ। ରାଜ୍ୟର 'ଏଣ୍ଟ୍ରି ପଏଣ୍ଟ' ଭୁବନେଶ୍ୱରର ପରିବେଶ ଅସ୍ୱାସ୍ଥ୍ୟକର ଓ ବିପଦ ସ୍ଥିତିରେ ପହଞ୍ଚିସାରିଛି । ଓଡ଼ିଶାର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ କେବଳ 'ମୋଦି ଗ୍ୟାରେଣ୍ଟି'ର ଆବଶ୍ୟକତା ରହିଛି ବୋଲି ମୁକେଶ କହିଛନ୍ତି ।

### ମେଣ୍ଟ ଚର୍ଚ୍ଚା ଥମିବା ପରେ

# ଭାଜପା ଉତ୍ସାହିତ, ତ୍ରିମୁଖୀ ଲଢ଼େଇ ସମ୍ଭାବନା


କନକବର୍ଦ୍ଧନ ସିଂଦେଓ


ମୁକେଶ ମହାଲିଙ୍ଗ


ଲକ୍ଷ୍ମଣ ବାଗ


ନବୀନ ଜୈନ


ଗୋପାଲଜୀ ପାଣିଗ୍ରାହୀ

ବଲାଙ୍ଗୀର,୨୩।୩ (ବୀରେନ୍ଦ୍ର କୁମାର ଝାଙ୍କର)

ବିଜେଡି-ଭାଜପା ମେଣ୍ଟ କଳ୍ପନାଜଳ୍ପନାର ଅବସାନ ପରେ ବଲାଙ୍ଗୀର ଜିଲାରେ ଭାଜପା କର୍ମୀ ଓ ନେତାଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି। କୁହାଯାଉଥିଲା ମେଣ୍ଟ ଚର୍ଚ୍ଚା ଯୋଗୁ ବିଶେଷକରି ଭାଜପା ଆଶାୟୀ ପ୍ରାର୍ଥୀ ଓ ସେମାନଙ୍କ ସମର୍ଥକ ହତାଶା ଭିତରକୁ ଠେଲି ହୋଇଯାଇଥିଲେ। ଯେଉଁ ଆଶାୟୀମାନେ ଚଳିତ ନିର୍ବାଚନରେ ଦଳୀୟ ଟିକେଟ ପାଇବେ ଭାବିଥିଲେ, ସେମାନେ ୩/୪ ମାସ ପୂର୍ବରୁ ଜନସମ୍ପର୍କ ଅଭିଯାନ ଆରମ୍ଭ କରିଦେଇଥିଲେ। ଏ ବାବଦରେ କେତେଜଣ ଆଶାୟୀ ବେଶ୍ କିଛି ଟଙ୍କା ଖର୍ଚ୍ଚ ବି କରିଥିଲେ। ତେଣୁ କିଛିଦିନର ମେଣ୍ଟ ଚର୍ଚ୍ଚା ସେମାନଙ୍କୁ ଅଡୁଆରେ ପକାଇଥିଲା। ଏବେ ଉଭୟ ଭାଜପା ଓ ବିଜେଡି ବିଧାନସଭାର ୧୪୭ ଓ ଲୋକ ସଭାର ୨୧ ସିଟ୍‌ରେ ଏକାକୀ ଲଢ଼ିବେ ବୋଲି ଘୋଷଣା କରିବା ପରେ ବିଜେଡି, ଭାଜପା ଓ କଂଗ୍ରେସ ତ୍ରିମୁଖୀ ଲଢ଼େଇ ସମ୍ଭାବନା ଦେଖାଦେଲାଣି।

ବଲାଙ୍ଗୀର ଲୋକ ସଭା ସିଟ୍ ଓ ବଲାଙ୍ଗୀର ଜିଲାର ୫ ବିଧାନସଭା ଆସନ ସ୍ଥିତି ଆକଳନ କଲେ ଭାଜପାର ଶକ୍ତି ଅପେକ୍ଷାକୃତ ବୃଦ୍ଧି ପାଉଥିବା ଚର୍ଚ୍ଚା ହେଉଛି। ୨୦୧୯ ନିର୍ବାଚନରେ ଲୋକ ସଭା ଆସନରୁ ସଙ୍ଗୀତା କୁମାରୀ ସିଂହଦେଓ ଏବଂ ୫ ବିଧାନସଭା ଆସନ ମଧ୍ୟରୁ ଲୋଇସିଂହା ବିଧାନସଭା ଆସନରେ ଭାଜପା ଜିତିଥିଲା। ଲୋଇସିଂହାରୁ ମୁକେଶ ମହାଲିଙ୍ଗ ବିଜୟୀ ହୋଇଥିଲେ। କଣ୍ଟାବାଞ୍ଜି ଆସନରେ ମାତ୍ର ୧୨୮ ଭୋଟ୍‌ରେ ଭାଜପା ପ୍ରାର୍ଥୀ ଲକ୍ଷ୍ମଣ ବାଗ ପରାଜିତ ହୋଇଥିଲେ। ପାଟଣାଗଡ଼ ଆସନରେ ଭାଜପାର ବରିଷ୍ଠ ନେତା କନକବର୍ଦ୍ଧନ ସିଂଦେଓ, ବଲାଙ୍ଗୀରରେ ଯୁବ ସଙ୍ଗଠକ ଅନନ୍ତ ଦାଶ ଓ ଟିଟିଲାଗଡ଼ରେ ଭାଜପା ପ୍ରାର୍ଥୀ ଅଶୋକ ଦୋରା ପରାଜିତ ହୋଇଥିଲେ ମଧ୍ୟ ଦଳ ଏହିସବୁ ଆସନରେ ସଙ୍ଗଠନକୁ ସୁଦୃଢ଼ କରିବା ଲକ୍ଷ୍ୟରେ କାର୍ଯ୍ୟ କରୁଛି। ୨୦୨୪ ନିର୍ବାଚନ ପାଇଁ ଟିଟିଲାଗଡ଼ ବିଧାନସଭାରେ ବିଜେଡି ପ୍ରାର୍ଥୀଙ୍କୁ ଭାଜପାର ଟିକେଟ ଆଶାୟୀ ନବୀନ ଜୈନ କଡ଼ା ଟକ୍କର ଦେବେ ବୋଲି ଆଲୋଚନା ଜୋର ଧରିଛି। ଏଭଳି ସ୍ଥିତି ଟିଟିଲାଗଡ଼ର ବିଧାୟିକା ଟୁକୁନୀ ସାହୁ ଓ କଂଗ୍ରେସର ସୁରେନ୍ଦ୍ର ସିଂଭୋଇଙ୍କ ଚିନ୍ତା ବଢ଼ାଇଛି। ଅନ୍ୟପକ୍ଷେ କଣ୍ଟାବାଞ୍ଜି ଆସନରେ ଗତ ନିର୍ବାଚନରେ ଅଳ୍ପ ଭୋଟରେ ପରାଜିତ ଲକ୍ଷ୍ମଣ ବାଗ ଏଥର ପୁଣି ଥରେ ଟିକେଟ ଆଶାୟୀ ରହିଛନ୍ତି। ତାଙ୍କୁ ଟିକେଟ ମିଳିଲେ ଏଥର ବାଜିମାତ୍ କରିବେ ବୋଲି ତାଙ୍କ ସମର୍ଥକମାନେ କହୁଛନ୍ତି। ପାଟଣାଗଡ଼ରେ କନକବର୍ଦ୍ଧନ ସିଂଦେଓ, ଲୋଇସିଂହାରେ ମୁକେଶ ମହାଲିଙ୍ଗ ଏବଂ ବଲାଙ୍ଗୀର ବିଧାନସଭା ଆସନରେ ଭାଜପା ଟିକେଟ ଆଶାୟୀ ଦୌଡ଼ରେ ସଙ୍ଗଠକ ଗୋପାଲଜୀ ପାଣିଗ୍ରାହୀ ଏବଂ ଶିବଦତ୍ତ ମିଶ୍ର ଆଗୁଆ ଥିବା ଚର୍ଚ୍ଚା ଧରିଛି।

ମେଣ୍ଟ ସମ୍ଭାବନା ମଉଳିବା ପରେ ବିଜେଡି, ଭାଜପା ଓ କଂଗ୍ରେସ ପ୍ରାର୍ଥୀଙ୍କ ମଧ୍ୟରେ ତ୍ରିମୁଖୀ ଲଢ଼େଇ ହେବ ବୋଲି କୁହାଯାଉଛି। ତେବେ ପ୍ରତିପକ୍ଷ ବିଜେଡି ଏବଂ କଂଗ୍ରେସ ମଧ୍ୟ ବିଜୟୀ ହେବାର ଯଥେଷ୍ଟ ସମ୍ଭାବନା ଥିବା ପ୍ରାର୍ଥୀଙ୍କୁ ଟିକେଟ ଦେବେ ବୋଲି କସରତ କରୁଛନ୍ତି। ପ୍ରାର୍ଥୀ ତାଲିକା ଘୋଷଣା କରାଯାଇନାହିଁ। ଏଭଳି ସ୍ଥିତିରେ କେଉଁ ଦଳର ପ୍ରାର୍ଥୀଙ୍କୁ ଟିକେଟ ମିଳିବ ଏବଂ କିଏ ଫାଇଦା ନେଇ ବିଜୟୀ ହୋଇପାରିବେ ତାହା ଏବେ ସର୍ବତ୍ର ଆଲୋଚନାର ବିଷୟ ହୋଇଛି।

# ନିର୍ବାଚନ ପାଇଁ ଗ୍ୟାରେଣ୍ଟି କାର୍ଡ ଉନ୍ମୋଚନକଲା କଂଗ୍ରେସ

ଭୁବନେଶ୍ୱର, ୨୩।୩(ସୁନିତ୍ ମିଶ୍ର)

ଭୁବନେଶ୍ୱର ଜିଲା କଂଗ୍ରେସ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଗ୍ୟାରେଣ୍ଟି କାର୍ଡକୁ ଶନିବାର କଂଗ୍ରେସ ଭବନଠାରେ ଉନ୍ମୋଚନ କରାଯାଇଛି। ଏହି ଅବସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପିସିସିର ପୂର୍ବତନ ସଭାପତି ପ୍ରସାଦ ହରିଚନ୍ଦନ କହିଛନ୍ତି, ରାଜ୍ୟରେ କଂଗ୍ରେସ ଶାସନକୁ ଫେରିଲେ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଦିଆଯାଇଥିବା ୫ଟି ମୁଖ୍ୟ ଗ୍ୟାରେଣ୍ଟିକୁ ସରକାର ପାଳନ କରିବେ। ଗୃହଜ୍ୟୋତି ଯୋଜନାରେ ପ୍ରତ୍ୟେକ ଘରୋଇ ଉପଭୋକ୍ତାଙ୍କୁ ୨୦୦ ୟୁନିଟ୍ ବିଦ୍ୟୁତ୍ ଦେୟ ସମ୍ପୂର୍ଣ୍ଣ ଛାଡ଼ କରାଯିବା ସହ ଯୁବ ବିକାଶ ଗ୍ୟାରେଣ୍ଟିରେ ୫ ଲକ୍ଷ ଯୁବତୀଯୁବକଙ୍କ ପାଇଁ ନିଯୁକ୍ତି ବ୍ୟବସ୍ଥା କରାଯିବ। ବେକାର ଯୁବତୀଯୁବକଙ୍କୁ ମାସକୁ ୩ ହଜାର ଟଙ୍କାର ବେକାରି ଭତ୍ତା ପ୍ରଦାନ, ରାଜ୍ୟରେ ଠିକା ନିଯୁକ୍ତିକୁ ସମ୍ପୂର୍ଣ୍ଣ ବନ୍ଦ କରାଯିବ, କୃଷକ ବନ୍ଧୁ ଯୋଜନାରେ ବୋନସ ଆକାରରେ କୁଇଣ୍ଟାଲ ପ୍ରତି ୩ ହଜାର ଟଙ୍କାରେ ଧାନ କ୍ରୟ କରାଯିବା ସହ ମଣ୍ଡିରେ ଥିବା କଟ୍‌ନି ଛଟ୍‌ନିକୁ ସମ୍ପୂର୍ଣ୍ଣ ବନ୍ଦ କରାଯିବ। ଏହାସହ କୃଷିଋଣ ଛାଡ଼, କୃଷକଙ୍କ ପାଇଁ ମାସିକ ୨ ହଜାର ଟଙ୍କା ପେନସନ ରାଶି ପ୍ରଦାନ କରାଯିବ। ଏହାଦ୍ୱାରା ରାଜ୍ୟରେ ସିଂହଭାଗ ଜନସାଧାରଣ ଯେଉଁମାନେ କୃଷି ଓ କୃଷିକ୍ଷେତ୍ର ସହ ସମ୍ପୃକ୍ତ ସେମାନଙ୍କ ଆର୍ଥିକ ସ୍ୱଚ୍ଛଳତା ଆସିବ। ଗୃହଲକ୍ଷ୍ମୀ ଯୋଜନାରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ବ୍ୟାଙ୍କ ଋଣ ଛାଡ଼ କରାଯିବା ସହ ମହିଳାଙ୍କୁ ମାସିକ ଭତ୍ତା ୨ ହଜାର ଟଙ୍କା ଏବଂ ଆଦିବାସୀ ଓ ଦଳିତ ବର୍ଗର ମହିଳାଙ୍କୁ ମାସିକ ୩ ହଜାର ଟଙ୍କା ଭତ୍ତା ପ୍ରଦାନ କରାଯିବ। ମହିଳାଙ୍କୁ ୫ ଶହ ଟଙ୍କାରେ ରୋଷେଇ ଗ୍ୟାସ୍ ସିଲିଣ୍ଡର ଯୋଗାଇ ଦିଆଯିବ। ଜନକଲ୍ୟାଣ ଗ୍ୟାରେଣ୍ଟି ଯୋଜନାରେ ରାଜ୍ୟର ସମସ୍ତ ଜନସାଧାରଣଙ୍କୁ ୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ନିଶ୍ଚିତ ସ୍ୱାସ୍ଥ୍ୟବୀମା ଯୋଜନା ଦ୍ୱାରା ଚିକିତ୍ସା ବ୍ୟବସ୍ଥାର ସୁବିଧା ଯୋଗାଇ ଦିଆଯିବ ବୋଲି ପ୍ରସାଦ କହିଛନ୍ତି।

# ବିଜେଡିରେ ମିଶିଲେ ସତ୍ୟବାଦୀର ଶତାଧିକ ଭାଜପା, କଂଗ୍ରେସ କର୍ମୀ

ଭୁବନେଶ୍ୱର,୨୩।୩(ଅନିଲ ଦାସ)

ପୁରୀ ଜିଲା ସତ୍ୟବାଦୀ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କଣାସ ବ୍ଲକ ଅଧକ୍ଷା ପ୍ରଭାତୀ ରାଉତଙ୍କ ସମେତ କଣାସ ଏବଂ ସତ୍ୟବାଦୀ ବ୍ଲକର ୨୫ ସରପଞ୍ଚ ଓ ୧୪ ସମିତି ସଭ୍ୟଙ୍କ ସହ ଶତାଧିକ ଭାଜପା ଓ କଂଗ୍ରେସ କର୍ମୀ ଶନିବାର ଶଙ୍ଖଭବନଠାରେ ବିଜେଡିରେ ଯୋଗ ଦେଇଛନ୍ତି। ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର, ଭଦ୍ରକ ଜିଲା ପର୍ଯ୍ୟବେକ୍ଷକ ସଞ୍ଜୟ ଦାସବର୍ମାଙ୍କ ଉପସ୍ଥିତିରେ ଏମାନେ ଶାସକ ଦଳରେ ଯୋଗଦେଇଛନ୍ତି। ସେମାନଙ୍କୁ ଉପଢୌକନ ଦିଆଯାଇ ଦଳକୁ ସ୍ୱାଗତ କରାଯାଇଥିଲା। ଭାଜପା ଓ କଂଗ୍ରେସ କର୍ମୀଙ୍କ ଯୋଗଦାନ ଫଳରେ ବିଶେଷକରି ସତ୍ୟବାଦୀ ନିର୍ବାଚନମଣ୍ଡଳୀରେ ଦଳୀୟ ସଙ୍ଗଠନ ଆହୁରି ମଜଭୁତ ହେବ ବୋଲି ବିଜେଡି ନେତାମାନେ କହିଛନ୍ତି ।

ଏହି ଅବସରରେ ବିଜେଡିରେ ସାମିଲ ହୋଇଥିବା କଣାସ ବ୍ଲକ ଅଧକ୍ଷା ପ୍ରଭାତୀ ରାଉତ କହିଛନ୍ତି ଯେ,



ଶଙ୍ଖ ଭବନରେ ସତ୍ୟବାଦୀ ଅଞ୍ଚଳର ଶତାଧିକ ଭାଜପା, କଂଗ୍ରେସ ନେତା ଓ କର୍ମୀ ବିଜେଡିରେ ଯୋଗ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନରେ ଅନୁପ୍ରାଣିତ ହୋଇ ସେ ବିଜେଡିରେ ଯୋଗଦେଇଛନ୍ତି । ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ଯାହା ଦାୟିତ୍ୱ ଦେବେ ତାହାକୁ ସୂଚାରୁ ରୂପେ ତୁଲାଇବେ । ଦଳରେ ତାଙ୍କୁ ଏବଂ ତାଙ୍କ ସହ ଯୋଗଦେଇଥିବା ସମସ୍ତ ଭାଜପା ଓ କଂଗ୍ରେସ କର୍ମୀଙ୍କୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଙ୍ଗଠନିକ ସମ୍ପାଦକ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି ମିଶ୍ରଣ ପର୍ବରେ ସତ୍ୟବାଦୀର ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ବେହେରା, କଣାସ ବ୍ଲକ ଭାଜପା ମହିଳା ମୋର୍ଚ୍ଚା ସଭାପତି କବିତା ବୈରୀଗଞ୍ଜନ, ପୂର୍ବତନ କଣାସ ବ୍ଲକ ଅଧ୍ୟକ୍ଷ ସୁଶୀଲ ରାଉତ, ବରିଷ୍ଠ ଭାଜପା ନେତା ପ୍ରସନ୍ନ କୁମାର ପଟ୍ଟନାୟକ, ସରପଞ୍ଚ ଦୁଃଶାସନ ସ୍ୱାଇଁ, ହରଧନ ପ୍ରଧାନ, ବରିଷ୍ଠ କଂଗ୍ରେସ ନେତା ରାଜେନ୍ଦ୍ର କୁମାର ଛୋଟରାୟ, ସମବାୟ ସମିତି ସଭ୍ୟ ଦୁଷ୍ମନ୍ତ ପାଲଟା ସିଂହ, ବରିଷ୍ଠ ଭାଜପା ନେତା ରଣକାନିଧି ବେହେରା, ନାଏବ ସରପଞ୍ଚ କେଶବ ବଳିଆରସିଂହଙ୍କ ସମେତ ଶତାଧିକ ଭାଜପା ଓ କଂଗ୍ରେସ କର୍ମୀ ବିଜେଡ଼ିରେ ସାମିଲ ହୋଇଛନ୍ତି । ଏହି ମିଶ୍ରଣ ପର୍ବରେ ଅନ୍ୟମାନଙ୍କ ମଧ୍ୟରେ ପୁରୀ ଜିଲା ବିଜେଡି ସଭାପତି ଦିବାକର ପାତ୍ର ଉପସ୍ଥିତ ଥିଲେ ।

# ବିଜୟରୁ ପଞ୍ଜାବ କିଙ୍ଗ୍ସର ଅଭିଯାନ

**ଚଣ୍ଡିଗଡ, ୨୩।୩**

ଆଇପିଏଲ୍‌ର ୧୭ତମ ସଂସ୍କରଣରେ ବିଜୟରୁ ଅଭିଯାନ ଆରମ୍ଭ କରିଛି ପଞ୍ଜାବ କିଙ୍ଗ୍ସ। ଶନିବାର ଡବଲ ହେଡରର ପ୍ରଥମ ମ୍ୟାଚରେ ଦିଲ୍ଲୀ କ୍ୟାପିଟାଲ୍ସକୁ ୪ ଉଇକେଟରେ ପରାସ୍ତ କରିଛି ପଞ୍ଜାବ କିଙ୍ଗ୍ସ। ପ୍ରଥମେ ବ୍ୟାଟିଂ କରି ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୯ ଉଇକେଟ ହରାଇ ୧୭୪ ରନ୍ କରିଥିଲା। ଜବାବରେ ୪ ବଲ୍ ବାକି ଥାଇ ୬ ଉଇକେଟ ହରାଇ ବିଜୟ ହାସଲ କରି ନେଇଥିଲା। ଚଣ୍ଡିଗଡର ମୁଲ୍ଲାନପୁରରେ ଖେଳା ଯାଇଥିବା ମ୍ୟାଚ୍‌ରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିଲା ଦିଲ୍ଲୀ କ୍ୟାପିଟାଲ୍ସ। ଡେଭିଡ୍ ୱାର୍ନର(୨୯) ଓ ମିଚେଲ୍ ମାର୍ଶ(୨୦) ପ୍ରଥମ ଉଇକେଟରେ ୩୯ ରନ୍ ଯୋଡିଥିଲେ। ପରବର୍ତ୍ତୀ ବ୍ୟାଟର ଶାଇ ହୋପ୍ ମଧ୍ୟ ୩୩ ରନ୍ ସ୍କୋର କରିଥିଲେ। ପ୍ରତ୍ୟାବର୍ତ୍ତନ କରିଥିବା ରିଷଭ ପନ୍ତ ଭଲ ଆରମ୍ଭ ପାଇ ୧୮ ରନ୍ କରିଥିଲେ ମଧ୍ୟ ହର୍ଷଲ ପଟେଲଙ୍କ ବଲରେ ଆଉଟ ହୋଇଥିଲେ। ତେବେ ରିକି ଭୁଇ(୩), ଟ୍ରିଷ୍ଟାନ ଷ୍ଟବ୍ସ(୫) ଓ ସୁମିତ କୁମାର(୨) ବିଫଳ ହୋଇଥିଲେ। ଦଳର ସ୍କୋର ୧୩୮ ଥିବା ବେଳେ ୧୮ ନମ୍ବର ଓଭରରେ ୨୧ ରନ୍ କରି ଆଉଟ ହୋଇଥିଲେ। ରିକି ଭୁଇଙ୍କ ସ୍ଥାନରେ ଅଭିଷେକ ପୋରେଲ ଇମ୍ପାକ୍ଟ ପ୍ଲେୟର ଭାବରେ ଆସିଥିଲେ। ଅଭିଷେକ ମାତ୍ର ୧୦ ବଲ୍ ଖେଳି ୪ ଚୌକା ଓ ୨ ଛକା ସହ ୩୨ ରନ୍ କରିଥିଲେ। ପଞ୍ଜାବ ପକ୍ଷରୁ ହର୍ଷଲ ପଟେଲ ଓ ଅର୍ଶଦୀପ ସିଂ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। କାଗିସୋ ରାବାଡା, ହରପ୍ରୀତ୍ ବ୍ରାର ଓ ରାହୁଲ ଚହର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

୧୭୫ ରନ୍ ଲକ୍ଷ୍ୟ ନେଇ ଆରମ୍ଭ କରିଥିବା ପଞ୍ଜାବ କିଙ୍ଗ୍ସ ପକ୍ଷରୁ ଶିଖର ଧାୱନ(୨୨) ଓ ଜନି ବେୟାରଷ୍ଟୋ(୯)ପ୍ରଥମ ଉଇକେଟରେ ୩୪ ରନ୍ ଯୋଡିଥିଲେ। ତେବେ ଇଶାନ୍ତ ଶର୍ମା ଚମତ୍କାର ବୋଲିଂ କରି ଚତୁର୍ଥ ଓଭରରେ ଧାୱନଙ୍କୁ ବୋଲ୍ଡ କରିଥିବା ବେଳେ ବେୟାରଷ୍ଟୋଙ୍କୁ ରନ୍ ଆଉଟ କରିଥିଲେ। ପଞ୍ଜାବ କିଙ୍ଗ୍ସର ଇମ୍ପାକ୍ଟ ପ୍ଲେୟର ପ୍ରଭସିମରନ୍ ସିଂ(୨୬) ଓ ସାମ୍ କୁରାନ(୬୩) ତୃତୀୟ ଉଇକେଟରେ ୪୨ ରନ୍ ଯୋଡିଥିଲେ। ପରବର୍ତ୍ତୀ ବ୍ୟାଟର ଜୀତେଶ ଶର୍ମା ୯ ରନ୍ କରି ଆଉଟ ହୋଇଥିଲେ। ପ୍ରଭସିମରନ୍ ଓ ଜୀତେଶଙ୍କୁ ଆଉଟ କରି ମ୍ୟାଚ୍‌କୁ ଦିଲ୍ଲୀ ଆଡକୁ ଆଣିଥିଲେ କୁଲଦୀପ ଯାଦବ। ତେବେ ଲିଆମ ଲିଭିଙ୍ଗଷ୍ଟୋନ ୩୮ ରନ୍‌ରେ ଅପରାଜିତ ରହି ଦଳକୁ ବିଜୟୀ କରିଥିଲେ। କୁରାନ୍ ୪୭ ବଲ୍ ଖେଳି ୬ ଚୌକା ଓ ୧ ଛକା ମାରିଥିଲେ। ଲିଭିଙ୍ଗଷ୍ଟୋନ ୨୧ ବଲ୍ ଖେଳି ୨ ଚୌକା ଓ ୩ ଛକା ମାରିଥିଲେ। ଇଶାନ୍ତ ଶର୍ମାଙ୍କ ଗୋଇଠି ମକଚି ହୋଇଯିବା କାରଣରୁ ସେ ବୋଲିଂ କରି ପାରି ନ ଥିଲେ, ଯାହାର ଫାଇଦା ଉଠାଇଥିଲା ପଞ୍ଜାବ। ତେବେ ୧୯ତମ ଓଭରରେ ଖଲିଲ ଅହମଦ ସାମ୍ କୁରାନ ଓ ଶଶାଙ୍କ ସିଂଙ୍କୁ ଆଉଟ କରିଥିଲେ। ତେବେ ସମାନ ଓଭରର ଅନ୍ତିମ ବଲ୍‌ରେ ଏକ କ୍ୟାଚ୍ ହାତଛଡା କରିଥିଲେ ଡେଭିଡ୍ ୱାର୍ନର। ସୁମିତ କୁମାର ଅନ୍ତିମ ଓଭର ବୋଲିଂ କରିଥିବା ବେଳେ ଦ୍ୱିତୀୟ ବଲରେ ଛକା ମାରି ମ୍ୟାଚ୍ ଶେଷ କରିଥିଲେ ଲିଭିଙ୍ଗଷ୍ଟୋନ। କ୍ୟାପିଟାଲ୍ସ ପକ୍ଷରୁ କୁଲଦୀପ ଯାଦବ ଓ ଖଲିଲ ଅହମଦ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ଇଶାନ୍ତ ଶର୍ମା ଅନ୍ୟ ଉଇକେଟଟି ନେଇଥିଲେ। ସାମ କୁରାନଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ ଘୋଷଣା କରାଯାଇଥିଲା।



ପ୍ଲେୟର ଅଫ୍ ଦ ମ୍ୟାଚ୍ ସାମ କୁରାନ୍।

**ଆଇପିଏଲ୍-୧୭**

**ସଂକ୍ଷିପ୍ତ ସ୍କୋର**

ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୧୭୪/୯(ଶାଇ ହୋପ୍-୩୩, ଅଭିଷେକ ପୋରେଲ-୩୨*, ଡେଭିଡ୍ ୱାର୍ନର-୨୯, ହର୍ଷଲ ପଟେଲ-୨/୪୩, ଅର୍ଶଦୀପ ସିଂ-୨/୨୮, ହରପ୍ରୀତ ବ୍ରାର-୧/୧୪)।

ପଞ୍ଜାବ କିଙ୍ଗ୍ସ ୧୯.୨ ଓଭରରେ ୧୭୭/୬(ସାମ କୁରାନ-୬୩, ଲିଆମ୍ ଲିଭିଙ୍ଗଷ୍ଟୋନ-୩୮*, ପ୍ରଭସିମରନ୍ ସିଂ-୨୬, କୁଲଦୀପ ଯାଦବ-୨/୨୦, ଖଲିଲ ଅହମଦ-୨/୪୩, ଇଶାନ୍ତ ଶର୍ମା-୧/୧୬)।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

**ରାଜସ୍ଥାନ ବନାମ ଲକ୍ଷ୍ନୌ**
ସ୍ଥାନ: ଜୟପୁର
ସମୟ: ଅପରାହ୍ନ ୩.୩୦

**ମୁମ୍ବାଇ ବନାମ ଗୁଜରାଟ**
ସ୍ଥାନ: ଅହମଦାବାଦ
ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ୪୫୩ ଦିନ ପରେ ଫେରିଲେ ପନ୍ତ

ଭାରତୀୟ ଦଳର ଷ୍ଟାର ଉଇକେଟକିପର ରିଷଭ ପନ୍ତ ଆଇପିଏଲ୍‌ର ୧୭ତମ ସଂସ୍କରଣରେ ପ୍ରଫେଶନାଲ କ୍ରିକେଟକୁ ଫେରିଛନ୍ତି। ୨୦୨୨ରେ ଦୁର୍ଘଟଣାରେ ଗୁରୁତର ଭାବେ ଆହତ ହେବା ସହ ଦୀର୍ଘ ୪୫୩ ଦିନ କ୍ରିକେଟ ପଡିଆରୁ ଦୂରେଇ ରହିଥିଲେ ପନ୍ତ। ତେବେ ପ୍ରତ୍ୟାବର୍ତ୍ତନରେ ଉଇକେଟ କିପିଂ କରିବା ସହ ଫିଟନେସର ପ୍ରମାଣ ଦେଇଥିଲେ ପନ୍ତ। ବ୍ୟାଟିଂରେ ଭଲ ଆରମ୍ଭ ପାଇଥିବା ବେଳେ ୧୩ ବଲ୍ ଖେଳି ୨ ଚୌକା ସହ ୧୮ ରନ୍ କରିଥିଲେ। ସେହିପରି ଚମତ୍କାର ଉଇକେଟ କିପିଂ କରି ସେ ଗୋଟିଏ ଷ୍ଟମ୍ପିଂ ଓ ଗୋଟିଏ କ୍ୟାଚ ନେଇଥିଲେ।

# କେକେଆର୍‌ର ବିଶାଳ ସ୍କୋର

**କୋଲକାତା, ୨୩।୩**

ଆନ୍ଦ୍ରେ ରସେଲ୍‌ଙ୍କ ଧୂଆଁଧାର ବ୍ୟାଟିଂ ଓ ଓପନର ଫିଲ ସଲ୍ଟଙ୍କ ଅର୍ଦ୍ଧଶତକ ବଳରେ ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷରେ ୨୦୮ ରନ୍‌ର ବିଶାଳ ସ୍କୋର କରିଛି କୋଲକାତା ନାଇଟ ରାଇଡର୍ସ(କେକେଆର୍)। ୩୨ ରନ୍‌ରେ ୩ ଉଇକେଟ ହରାଇଥିଲେ ମଧ୍ୟ ଦୁଇ ଅର୍ଦ୍ଧଶତକ ବଳରେ କେକେଆର ଚଳିତ ସଂସ୍କରଣର ପ୍ରଥମ ଦ୍ୱିଶତକୀୟ

### ରସେଲ୍, ସଲ୍ଟଙ୍କ ଅର୍ଦ୍ଧଶତକ

ସ୍କୋର ରେକର୍ଡ କରିଛି। ଜବାବରେ ଖବର ପ୍ରସ୍ତୁତ ସୁଦ୍ଧା ୯ ଓଭରରେ ୨ ଉଇକେଟରେ ୮୪ ରନ୍ ସଂଗ୍ରହ କରିଛି।

ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା କେକେଆର୍ ୩୨ ରନ୍ ୩ ଓ ୫୧ ରନ୍‌ରେ ୪ ଟପ୍ ଅର୍ଡର ଖେଳାଳିଙ୍କୁ ହରାଇଥିଲା। ତେବେ ଓପନର ଫିଲ୍ ସଲ୍ଟ ଚମତ୍କାର ବ୍ୟାଟିଂ କରି ୫୪ ରନ୍ କରିଥିଲେ। ଗୋଟିଏ ପଟରୁ ଇନିଂସ ସମ୍ଭାଳିଥିବା ସଲ୍ଟ ୪୦ ବଲ୍ ଖେଳି ୩ଟି ଲେଖାଏ ଛକା ଓ ଚୌକା ମାରିଥିଲେ। ରମଣଦୀପ ସିଂ ୩୫ ରନ୍ କରିଥିବା ବେଳେ ସଲ୍ଟଙ୍କ ୫୪ ରନ୍ ଯୋଡିଥିଲେ। ୧୭ ବଲ୍‌ର ଧୂଆଁଧାର ଇନିଂସରେ ସେ ଗୋଟିଏ ଚୌକା ଓ ୪ ଛକା ମାରିଥିଲେ। ମାତ୍ର ୧୧ ବଲ୍ ବ୍ୟବଧାନରେ ରମଣଦୀପ ଓ ସଲ୍ଟ ଆଉଟ ହେବା ସହ କେକେଆର ସଙ୍କଟରେ ପଡିଥିଲା। ତେବେ ଅଭିଜ୍ଞ ଆନ୍ଦ୍ରେ ରସେଲ୍ ଅପରାଜିତ ୬୪ ରନ୍ ସ୍କୋର କରିଥିଲେ। ମାତ୍ର ୨୫ ବଲ ଖେଳି ସେ ୩ ଚୌକା ଓ ୭ ଛକା ମାରିଥିଲେ। ନିର୍ଭର ଯୋଗ୍ୟ ରିଙ୍କୁ ସିଂଙ୍କ ସହ ସେ ଦ୍ରୁତ ୭୧ ରନ୍ ଯୋଡିଥିଲେ। ରିଙ୍କୁ ୧୫ ବଲ୍‌ରୁ ୨୩ ରନ୍ କରି ଶେଷ ଓଭରରେ ଆଉଟ ହୋଇଥିଲେ। ଟି ନଟରାଜନ ୩ ଉଇକେଟ ନେଇଥିବା ବେଳେ ମୟଙ୍କ ମାର୍କଣ୍ଡେ୨ ଓ ପ୍ୟାଟ୍ କମିନ୍ସ ଗୋଟିଏ ଉଇକେଟ ନେଇଥିଲେ। ଜବାବରେ ଖବର ପ୍ରସ୍ତୁତି ବେଳକୁ ସନରାଇଜର୍ସ ୯ ଓଭରରେ ୮୪ ରନ୍ ସ୍କୋର କରିଛି। ମୟଙ୍କ ଅଗ୍ରୱାଲ ଓ ଅଭିଷେକ ଶର୍ମା ୩୨ ରନ୍ ଲେଖାଏ କରିଛନ୍ତି। କେକେଆର ପକ୍ଷରୁ ହର୍ଷିତ୍ ରାଣା ଓ ଆନ୍ଦ୍ରେ ରସେଲ ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି।



ଏକ ଶଟ୍ ଖେଳିବା ଅବସରରେ ଆନ୍ଦ୍ରେ ରସେଲ।

**ସଂକ୍ଷିପ୍ତ ସ୍କୋର**

କୋଲକାତା ନାଇଟ ରାଇଡର୍ସ ୨୦ ଓଭରରେ ୨୦୮/୭( ଆନ୍ଦ୍ରେ ରସେଲ-୬୪*, ଫିଲ ସଲ୍ଟ-୫୪, ରମଣଦୀପ ସିଂ-୩୫, ଟି ନଟରାଜନ-୩/୩୨, ମୟଙ୍କ ମାର୍କଣ୍ଡେ-୨/୩୯, ପ୍ୟାଟ୍ କମିନ୍ସ-୧/୩୨)।

# ପାଣ୍ଡ୍ୟାଙ୍କ ଆଗରେ ଗୁଜରାଟ ଚ୍ୟାଲେଞ୍ଜ

### ଡବଲ ହେଡର

**ଅହମଦାବାଦ, ୨୩।୩**

ଇଣ୍ଡିଆନ୍ ପ୍ରିମିୟର ଲିଗ୍‌ରେ ରବିବାର ଆଉ ଏକ ଡବଲ୍ ହେଡର ଦେଖିବାକୁ ମିଳିବ। ପ୍ରଥମ ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସ ଓ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ସାମ୍ନାସାମ୍ନି ହେବେ। ଅନ୍ୟପକ୍ଷରେ ଦ୍ୱିତୀୟ ମ୍ୟାଚରେ ଗୁଜରାଟ ଟାଇଟନ୍ସ ଓ ମୁମ୍ବାଇ ଇଣ୍ଡିଆନ୍ସ ଖେଳିବେ। ଦ୍ୱିତୀୟ ମ୍ୟାଚ୍‌କୁ ନେଇ ଫ୍ୟାନଙ୍କ ମଧ୍ୟରେ ପ୍ରବଳ ଉତ୍ସୁକତା ଦେଖିବାକୁ ମିଳିବ। ହାର୍ଦ୍ଦିକ ପାଣ୍ଡ୍ୟା ଗତ ସିଜନରେ ଗୁଜରାଟର ଅଧିନାୟକ ରହିଥିଲେ। ପ୍ରଥମ ସିଜନରେ ଦଳକୁ ଚାମ୍ପିୟନ କରିଥିବା ବେଳେ ବିଗତ ସିଜନରେ ରନର ଅପ୍ ରହିଥିଲା ଟାଇଟନ୍ସ। ତେବେ ପାଣ୍ଡ୍ୟା ବର୍ତ୍ତମାନ ମୁମ୍ବାଇ ଦଳର ଅଧିନାୟକ ରହିଛନ୍ତି। ତେଣୁ ଉଭୟ ଦଳ ପାଇଁ ଏହି ମ୍ୟାଚଟି ଗୁରୁତ୍ୱପୂର୍ଣ୍ଣ ରହିବ। ପ୍ରଥମ ଥର ପାଇଁ ଶୁବମନ ଗିଲ୍ ଅଧିନାୟକ ଦାୟିତ୍ୱ ନେଇଥିବା ବେଳେ ରୋହିତ ଶର୍ମାଙ୍କୁ ରିପ୍ଲେସ୍ କରିଛନ୍ତି ହାର୍ଦ୍ଦିକ ପାଣ୍ଡ୍ୟା। ତେବେ ଗୁଜରାଟ ନିକଟରେ ଅଧିକ ସମସ୍ୟା ରହିବ। ନିୟମିତ ଅଧିନାୟକ ପାଣ୍ଡ୍ୟାଙ୍କୁ ଦଳ ଟ୍ରେଡ କରିଥିବା ବେଳେ ଷ୍ଟ୍ରାଇକ୍ ବୋଲର ମହମ୍ମଦ ଶାମି ବାଦ ପଡିଥିଲେ। ବିଶ୍ୱକପ ସମୟରେ ଗୋଇଠି ଆଘାତ କାରଣରୁ ଅସ୍ତ୍ରୋପଚାର କାରଣରୁ ଶାମି ପୂରା ଟୁର୍ନାମେଣ୍ଟରୁ ବାଦ୍ ପଡିଛନ୍ତି। ଗୁଜରାଟର ପେସ୍ ବୋଲିଂ ଆକ୍ରମଣ ସାମାନ୍ୟ ଦୁର୍ବଳ ମନେହେଉଥିବା ବେଳେ ମୁମ୍ବାଇର ସ୍ପିନ୍ ବିଭାଗ ସାମାନ୍ୟ ଦୁର୍ବଳ ମନେହେଉଛି। ତେବେ ଅଧିନାୟକତ୍ୱ ଚାପରେ ଗତ ସଂସ୍କରଣର ଅରେଞ୍ଜ କ୍ୟାପ ୱିନର ଶୁବମନ ଗିଲ୍ କିଭଳି ପ୍ରଦର୍ଶନ କରୁଛନ୍ତି ତା' ଉପରେ ସଭିଙ୍କ ନଜର ରହିବ।



ହାର୍ଦ୍ଦିକ ପାଣ୍ଡ୍ୟା

## ଭାରତୀୟ ଦଳରେ କାର୍ତ୍ତିକ, ଗୁଲ୍‌ବୀର

**ନୂଆଦିଲ୍ଲୀ, ୨୩।୩ (ପି.ଟି.)**

ସର୍ବିଆର ବେଲ୍‌ଗ୍ରେଡ୍‌ଠାରେ ମାର୍ଚ୍ଚ ୩୦ରୁ ଆରମ୍ଭ ହେବାକୁଥିବା ମର୍ଯ୍ୟାଦାପୂର୍ଣ୍ଣ ୱାର୍ଲ୍ଡ କ୍ରସ୍ କଣ୍ଟ୍ରି ଚାମ୍ପିୟନଶିପ୍ ଲାଗି ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ୬ ଜଣିଆ ଦଳ ଘୋଷଣା କରିଛି। ଏଥିରେ ଏସିଆନ ଗେମ୍ସ ପଦକ ବିଜେତା ଓ ଜାତୀୟ ଚାମ୍ପିୟନଙ୍କୁ ନିଆଯାଇଛି। ଏସିଆନ ଗେମ୍ସ ରୌପ୍ୟ ବିଜେତା କାର୍ତ୍ତିକ କୁମାରଙ୍କୁ ଏଥିରେ ସ୍ଥାନ ମିଳିଛି। ପୁରୁଷ ବିଭାଗରେ ଏସିଆନ ଗେମ୍ସ ୧୦,୦୦୦ ମିଟର ରୌପ୍ୟ ବିଜେତା, ବ୍ରୋଞ୍ଜ ବିଜେତା ଗୁଲବୀର ସିଂ ଏବଂ ଜାତୀୟ ଚାମ୍ପିୟନ ହେମରାଜ ଗୁଜ୍ଜରଙ୍କୁ ନିଆଯାଇଛି।

## ଶ୍ରୀକାନ୍ତ ସେମିଫାଇନାଲରେ

**ସୁଇସ୍ ଓପନ ବ୍ୟାଡ୍‌ମିଣ୍ଟନ**

**ବାସେଲ, ୨୩।୩ (ପି.ଟି)**

ଷ୍ଟାର ବ୍ୟାଡ୍‌ମିଣ୍ଟନ ଖେଳାଳି କିଡାମ୍ବି ଶ୍ରୀକାନ୍ତ ଏଠାରେ ଚାଲିଥିବା ସୁଇସ୍ ଓପନ ସୁପର ୩୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ୧୬ ମାସରେ ପ୍ରଥମ ଥର ସେ ଏକ ପ୍ରତିଯୋଗିତାର ସେମିଫାଇନାଲରେ ପ୍ରବେଶ କରିପାରିଛନ୍ତି। ଶୁକ୍ରବାର ରାତିରେ ଚାଇନିଜ ତାଇପେଇର ଚିଆ ହାଓ ଲିଙ୍କୁ ୨୧-୧୦, ୨୧-୧୪ରେ ହରାଇ ଦେଇଛନ୍ତି। ଗତଥର ୨୦୨୨ ନଭେମ୍ବର ହାଇଲୋ ଓପନରେ ଏକ ସେମିଫାଇନାଲ ମ୍ୟାଚ ଖେଳିଥିଲେ। ୨୦୨୧ ବିଶ୍ୱ ଚାମ୍ପିୟନଶିପ୍ ରୌପ୍ୟ ବିଜେତା ଶ୍ରୀକାନ୍ତ ବର୍ତ୍ତମାନ ବିଶ୍ୱର ୨୨ ନମ୍ବର ମାନ୍ୟତାପ୍ରାପ୍ତ ତଥା ଚାଇନିଜ ତାଇପେଇର ଲିନ୍ ଚୁନ୍-ୟିଙ୍କୁ ଭେଟିବେ। ଶ୍ରୀକାନ୍ତ ବର୍ତ୍ତମାନ ଏକମାତ୍ର ଭାରତୀୟ ଖେଳାଳି ଭାବେ ଟୁର୍ନାମେଣ୍ଟରେ ତିଷ୍ଠି ରହିଛନ୍ତି। ଅନ୍ୟ ଏକ କ୍ୱାର୍ଟରଫାଇନାଲରେ କିରଣ ଜର୍ଜ ଲଢୁଆ ପ୍ରଦର୍ଶନ ସତ୍ତ୍ୱେ ଡେନମାର୍କର ରାସମସ ଜେମ୍‌କିଙ୍କଠାରୁ ୨୩-୨୧, ୧୭-୨୧, ୧୫-୨୧ରେ ହାରିଯାଇଛନ୍ତି। ଭାରତର ଅନ୍ୟ ଜଣେ ଉଦୀୟମାନ ଖେଳାଳି ପ୍ରିୟାଂଶୁ ରାଜାୱତ ଏକ ସଂଘର୍ଷପୂର୍ଣ୍ଣ କ୍ୱାର୍ଟର ଫାଇନାଲରେ ଚୋ ତିନ୍ ଚେନ୍‌ଙ୍କଠାରୁ ହାରିଯାଇଛନ୍ତି।

## ଅବସରରୁ ଫେରିଲେ ଇମାଦ୍

**ଲାହୋର, ୨୩।୩ (ପି.ଟି.)**

ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ସହିତ ଏକ ବୈଠକ ପରେ ଅଲରାଉଣ୍ଡର ଇମାଦ ୱାସିମ ଶନିବାର ଅବସରରୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଆଗାମୀ ଟି୨୦ ବିଶ୍ୱକପ୍ ପାଇଁ ସିଲେକ୍ସନ ଲାଗି ସେ ଉପଲବ୍ଧ ହେବେ। ୱାସିମ୍ ଗତବର୍ଷ ନଭେମ୍ବରରେ ଅନ୍ତର୍ଜାତୀୟ କ୍ରିକେଟରୁ ତାଙ୍କର ଅବସର ଘୋଷଣା କରିଥିଲେ। ପିସିବି ତାଙ୍କ ପରେ ଭରସା କରିଥିବାରୁ ସେ ଧନ୍ୟବାଦ ଅର୍ପଣ କରିଛନ୍ତି। ପାକିସ୍ତାନ ସୁପର ଲିଗ୍ (ପିଏସ୍‌ଏଲ୍) ଶେଷରେ ଅବସରରୁ ପ୍ରତ୍ୟାବର୍ତ୍ତନ କରିବା ଲାଗି ମୁଖ୍ୟ ଚୟନକର୍ତ୍ତା ୱାହାବ ରିଆଜ ଓ ଜାତୀୟ ଅନ୍ତର୍ଜାତୀୟ ଟି୨୦ ଅଧିନାୟକ ଶାହିନଶାହ ଆଫ୍ରିଦୀ କହିବା ପରେ ୱାସିମଙ୍କୁ ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। ପିଏସ୍‌ଏଲ୍‌ରେ ଏହି ଅଲରାଉଣ୍ଡରଙ୍କ ପ୍ରଦର୍ଶନ ବେଶ୍ ପ୍ରଭାବୀ ରହିଥିଲା। ଇସ୍‌ଲାମାବାଦକୁ ଟାଇଟଲ ବିଜୟୀ କରାଇବାରେ ତାଙ୍କର ବଡ଼ ଭୂମିକା ରହିଥିଲା। ୩୫ବର୍ଷୀୟ ଏହି କ୍ରିକେଟର ପାକିସ୍ତାନ ପାଇଁ ୫୫ଅନ୍ତର୍ଜାତୀୟ ଦିନିକିଆ, ୬୬ ଅନ୍ତର୍ଜାତୀୟ ଟି୨୦ ଖେଳି ତାଙ୍କ ବାମହାତୀ ସ୍ପିନରେ ଯଥାକ୍ରମେ ୪୪ ଓ ୬୫ ଉଇକେଟ ଅକ୍ତିଆର କରିଛନ୍ତି।

## ପୂର୍ବତନ ପିସିବି ଚେୟାରମ୍ୟାନ ଶାହାରିୟର ଖାନ୍‌ଙ୍କ ପରଲୋକ

**ଲାହୋର, ୨୩।୩ (ପି.ଟି.)**

ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି)ର ପୂର୍ବତନ ଚେୟାରମ୍ୟାନ ତଥା କୂଟନୀତିଜ୍ଞ ଶାହାରିୟର ଖାନ୍‌ଙ୍କର ୮୯ ବର୍ଷ ବୟସରେ ପରଲୋକ ହୋଇଯାଇଛି। ୨୦୦୦ ଦଶକ ପ୍ରାରମ୍ଭରେ ଭାରତ ଓ ପାକିସ୍ତାନ ଦ୍ୱିପାକ୍ଷିକ କ୍ରିକେଟ ସମ୍ପର୍କ ସ୍ଥାପନ କରିବାରେ ତାଙ୍କର ବଡ଼ ଭୂମିକା ରହିଥିଲା। ଭୋପାଳରେ ଜନ୍ମିତ ପାକିସ୍ତାନ କୂଟନୀତିଜ୍ଞ ହେଉଛନ୍ତି ଭାରତର ପୂର୍ବତନ ଅଧିନାୟକ ମନସୁର ଅଲି ଖାନ୍ ପଟୌଡିଙ୍କ ସମ୍ପର୍କୀୟ ଭାଇ। ଦୀର୍ଘଦିନ ଧରି ଅସୁସ୍ଥ ରହିବା ପରେ ତାଙ୍କର ଶୁକ୍ରବାର ଦେହାନ୍ତ ହୋଇଛି। ଶାହାରିୟର ୧୯୯୦ରୁ୯୪ ମଧ୍ୟରେ ପାକିସ୍ତାନର ବୈଦେଶିକ ସଚିବ ରହିଥିଲେ। ସେ ନୂଆଦିଲ୍ଲୀ ଓ ୟୁନାଇଟେଡ୍ କିଙ୍ଗଡମ୍‌ରେ ହାଇକମିଶନର ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି। ଶାହାରିୟର ୨୦୦୩ରୁ ୨୦୦୬ ପର୍ଯ୍ୟନ୍ତ ପିସିବିର ମୁଖ୍ୟ ଥିଲେ। ତାଙ୍କ ସମୟରେ ପାକିସ୍ତାନ ୨୦୧୪ରୁ ୨୦୧୭ ମଧ୍ୟରେ ଦୁଇଥର ଭାରତ ଗସ୍ତରେ ଆସିଥିଲେ।

## ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ
# ଦୀପରଞ୍ଜନଙ୍କୁ ରୌପ୍ୟ ପଦକ

**ଭୁବନେଶ୍ୱର, ୨୩।୩(ସରୋଜ ଜେନା)**

ଜାମସେଦପୁରର ଟାଟା ନଗରରେ ଅନୁଷ୍ଠିତ ଷଷ୍ଠ ଜାତୀୟ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଛି। ପୁରୁଷ ଡବଲ୍ସ ଇଭେଣ୍ଟରେ ଓଡ଼ିଶାର ଦୀପ ରଞ୍ଜନ ବିଶୋଇ ଏକ ରୌପ୍ୟ ପଦକ ଜିତିଛନ୍ତି। ଉତ୍ତରାଖଣ୍ଡର ମନୋଜ ସରକାରଙ୍କ ସହ ଦୀପରଞ୍ଜନ ଫାଇନାଲରେ ପ୍ରବେଶ କରିଥିଲେ। ତେବେ ଫାଇନାଲ ମ୍ୟାଚ୍ ପୂର୍ବରୁ ମନୋଜ ଆହତ ହେବାରୁ ଉଭୟ ଖେଳାଳି ଏହି ମ୍ୟାଚ ଖେଳି ନ ପାରି ରୌପ୍ୟ ପଦକରେ ସନ୍ତୁଷ୍ଟ ରହିଥିଲେ। ହରିୟାଣାର ତରୁଣ ଓ ନୀତେଶ କୁମାରଙ୍କ ଯୋଡି ଫାଇନାଲରେ ବିଜୟୀ ହୋଇଥିଲେ। ପୂର୍ବରୁ ମନୋଜ ସରକାର ଓ ଦୀପରଞ୍ଜନଙ୍କ ଯୋଡି ସେମିଫାଇନାଲ ମ୍ୟାଚ୍‌ରେ ୧୭-୨୧, ୨୧-୧୫ ଓ ୨୧-୧୭ରେ ଉତ୍ତର ପ୍ରଦେଶର ନିତୀନ ଗୁପ୍ତା ଓ ତାମିଲନାଡୁର ନବୀନ ଶିବକୁମାରଙ୍କୁ ପରାସ୍ତ କରିଥିଲେ। ଓଡ଼ିଶାରୁ ୧୨ ଖେଳାଳି ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ।



ରୌପ୍ୟ ପଦକ ବିଜୟୀ ଦୀପରଞ୍ଜନ ବିଶୋଇ(ବାମ) ଓ ମନୋଜ ସରକାର।

# ଶ୍ରୀଲଙ୍କା ୨୧୧ ରନ୍‌ରେ ଅଗ୍ରଣୀ

**ସିଲ୍‌ହେଟ୍ (ବାଂଲାଦେଶ), ୨୩।୩ (ପି.ଟି.)**

ସ୍ଥାନୀୟ ସିଲ୍‌ହେଟ୍‌ଠାରେ ଚାଲିଥିବା ବାଂଲାଦେଶ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟ ମ୍ୟାଚରେ ବିଶ୍ୱ ଫର୍ନାଣ୍ଡୋ (୪/୪୮), ଲାହିରୁ କୁମାରା (୩/୩୧) ଓ କସୁନ ରଜିଥା (୩/୫୬)ଙ୍କ ଚମତ୍କାର ବୋଲିଂ ଯୋଗୁ ଦ୍ୱିତୀୟ ଦିବସରେ ମଧ୍ୟ ଶ୍ରୀଲଙ୍କା ଏହାର ଆଧିପତ୍ୟ ବଜାୟ ରଖିଛି। ପୂର୍ବଦିନର ଅସମାପ୍ତ ସ୍କୋର ୩୨/୩ରୁ ଖେଳ ଆରମ୍ଭ କରିଥିବା ବାଂଲାଦେଶ ନିୟମିତ ବ୍ୟବଧାନରେ ଉଇକେଟମାନ ହରାଇଥିଲା। ଶୁକ୍ରବାର ପ୍ରଥମ ଦିବସରେ ନାଇଟ ୱାଚମ୍ୟାନ ଭାବେ ଖେଳିବାକୁ ଆସିଥିବା ତାଇଜୁଲ ଇସ୍‌ଲାମ ଟପ୍ ସ୍କୋରର ଭାବେ ୪୭ ରନ ସଂଗ୍ରହ କରିଥିଲେ। ଶନିବାର ସକାଳେ କୁମାରା ମହମୁଦୁଲ ହସନଙ୍କ ଉଇକେଟ ନେଇ ଘରୋଇ ଦଳର ବିପର୍ଯ୍ୟୟ ଆରମ୍ଭ କରିଥିଲେ। ଶାହାଦତ ହୋସେନ ଓ ଲିଟନ ଦାସ ଦଳର ସ୍କୋରକୁ ଆଗେଇ ନେବାରେ ବିଫଳ ରହିଥିଲେ। ଉଭୟେ କୁମାରାଙ୍କ ବୋଲିଂର ଶିକାର ହୋଇଥିଲେ। ବିଶ୍ୱ ଓ ରଜିଥା ଟେଲ୍ ଏଣ୍ଡରରେ ବିପର୍ଯ୍ୟୟ ଘଟାଇ ବାଂଲାଦେଶ ଇନିଂସକୁ ୧୮୮ ରନରେ ସୀମିତ କରିଦେଇଥିଲେ। ପ୍ରଥମ ଇନିଂସରେ ୯୨ରନରେ ଅଗ୍ରଣୀ ଲାଭ କରିଥିବା ଶ୍ରୀଲଙ୍କା ଏହାର ଦ୍ୱିତୀୟ ଇନିଂସ ଖେଳିବାକୁ ଯାଇ ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ୫ଉଇକେଟ ବିନିମୟରେ ୧୧୯ ରନ କରିଛି। ଦିମୁଥ କରୁଣାରତ୍ନେ ୫୨ ରନ କରି ଆଉଟ ହୋଇଯାଇଥିବା ବେଳେ ପ୍ରଥମ ଇନିଂସରେ ଶତକ ହାସଲକାରୀ ତଥା ଅଧିନାୟକ ଧନଞ୍ଜୟ ଡି' ସିଲ୍‌ଭା ୨୩ ରନ ଏବଂ ବିଶ୍ୱ ଫର୍ନାଣ୍ଡୋ ୨ ରନ କରି ଅପରାଜିତ ରହିଛନ୍ତି। ବାଂଲାଦେଶ ତରଫରୁ ସଫଳ ବୋଲର ଭାବେ ନାହିଦ ରାଣା ୪୨ ରନରେ ୨ଟି ଉଇକେଟ ନେଇଛନ୍ତି। ଶ୍ରୀଲଙ୍କା ୨୧୧ ରନରେ ଅଗ୍ରଣୀ ହାସଲ କରିଛି।



ଲାହିରୁ କୁମାରା

**ସଂକ୍ଷିପ୍ତ ସ୍କୋର**

ଶ୍ରୀଲଙ୍କା ପ୍ରଥମ ଇନିଂସ : ୨୮୦

ବାଂଲାଦେଶ ପ୍ରଥମ ଇନିଂସ: ୧୮୮/ଅଲଆଉଟ (ତାଇଜୁଲ ଇସ୍‌ଲାମ-୪୭ ; ବିଶ୍ୱ ଫର୍ନାଣ୍ଡୋ-୪/୪୮, ଲାହିରୁ କୁମାରା-୩/୩୧, କାସୁନ ରଜିଥା-୩/୫୬)।

ଶ୍ରୀଲଙ୍କା ଦ୍ୱିତୀୟ ଇନିଂସ: ୧୧୯/୫ (ଦ୍ମୁଥ କରୁଣାରତ୍ନେ-୫୨ ; ନାହିଦ-୨/୪୨)।